# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅଗଷ୍ଟ ୨୩/୨୦୨୧ (୧୨ ପୃଷ୍ଠା) | Bhubaneswar, Monday, August 23/2021 | ★★★★★★

୪୭ଶ ଭାଗ ୨୬୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ହେରା ୧୦୦ ମିଟରରେ ଦ୍ୱିତୀୟ ଦ୍ରୁତତମ**

ଜାମାଇକାର ଇଲେନ୍ ଥମ୍ପସନ-ହେରା ମହିଳା ୧୦୦ମିଟର ରେସ୍‌ରେ ସର୍ବକାଳୀନ ଦ୍ୱିତୀୟ ଦ୍ରୁତତମ ବିବେଚିତ ହୋଇଛନ୍ତି।

୧୦

୦୮

**ଭଡ଼ାଘରେ ରହୁଛନ୍ତି ଜ୍ୟାକ୍‌ଲିନ୍**

ନିକଟରେ ମୁମ୍ବାଇର ଜୁହୁ ଅଞ୍ଚଳକୁ ଶିଫ୍ଟ ହୋଇଥିବା ଅଭିନେତ୍ରୀ ଜ୍ୟାକଲିନ ଫର୍ନାଡିଜ୍ ଏକ ଘର ଭଡ଼ା ନେଇ ସେଠାରେ ରହୁଛନ୍ତି।








## ଆଜିଠୁ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ

**ପୁରୀ ଅଫିସ,୨୨।୮**

ପ୍ରାୟ ୪ ମାସର ବ୍ୟବଧାନ ପରେ ସୋମବାରଠାରୁ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହେବାକୁ ଯାଉଛି। ରାଜ୍ୟ ଓ ବାହାର ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିରରେ ପ୍ରବେଶ କରି ଦାରୁଦିଅଁଙ୍କ ଦର୍ଶନ କରିବେ। ସକାଳ ୭ରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଦର୍ଶନ ସମୟ ଧାର୍ଯ୍ୟ ହୋଇଛି। ଏଥିଲାଗି ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ସରିଥିବାବେଳେ ରବିବାର ଶ୍ରୀମନ୍ଦିର ବାହାର ଓ ଚତୁଃପାର୍ଶ୍ୱ ଅଞ୍ଚଳକୁ ସାନିଟାଇଜ କରାଯାଇଛି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଭାରତର ଚିନ୍ତା

# ଜଳ ପରିଚାଳନାରେ ଓଡ଼ିଶା ପଛୁଆ

**ସମସ୍ତଙ୍କୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇବାକୁ ରାଜ୍ୟ ସରକାର ବହୁ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ନିକଟରେ ସରକାର ଐତିହ୍ୟ ସହର ପୁରୀରେ 'ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍' ବ୍ୟବସ୍ଥା କରିଛନ୍ତି। ଲୋକେ ସିଧାସଳଖ ଟ୍ୟାପ୍‌ରୁ ସ୍ୱଚ୍ଛ ପାଣି ପିଇପାରିବେ। ଏଥିଲାଗି ସମସ୍ତ ସହରାଞ୍ଚଳକୁ ୧୦୦% ପାନୀୟ ଜଳ ଯୋଗାଇ ଦେବାକୁ ଘୋଷଣା କରାଯାଇଛି। ତେବେ ବାସ୍ତବ କ୍ଷେତ୍ରରେ ତାହା ପ୍ରତିଫଳିତ ହେଉନାହିଁ। ନିକଟରେ ନୀତି ଆୟୋଗ ପକ୍ଷରୁ ପ୍ରସ୍ତୁତ କମ୍ପୋଜିଟ ୱାଟର ମ୍ୟାନେଜମେଣ୍ଟ ଇଣ୍ଡେକ୍ସ (ଯୌଗିକ ଜଳ ପରିଚାଳନା ସୂଚକାଙ୍କ) ରାଜ୍ୟ ସରକାରଙ୍କ ପାନୀୟ ଜଳ ପରିଚାଳନା ସାମର୍ଥ୍ୟକୁ ପଦାରେ ପକାଇଛି। ଏହି ଇଣ୍ଡେକ୍ସରେ ୧୭ ରାଜ୍ୟ ମଧ୍ୟରୁ ଓଡ଼ିଶାର ପ୍ରଦର୍ଶନ ଅତ୍ୟନ୍ତ ଖରାପ ଥିବା ଦର୍ଶାଯାଇଛି।**

**ନୀତି ଆୟୋଗ ୱାଟର ଇଣ୍ଡେକ୍ସ**



**ଓଡ଼ିଶା(ଗ୍ରାମୀଣ)ରେ ଟ୍ୟାପ୍ ଯୋଗେ ପାନୀୟ ଜଳ ଯୋଗାଣ ସ୍ଥିତି** (ତଥ୍ୟ: ଜଳଜୀବନ ମିଶନ)

| | |
|---|---|
| ମୋଟ ଘର | ୮୫,୬୬,୫୧୩ |
| ଟ୍ୟାପ୍ ଜଳ ସଂଯୋଗ ଥିବା ଘର (୨୨.୮.୨୦୨୧ ସୁଦ୍ଧା) | ୨୮,୮୫,୮୬୯ (୩୩.୬୯%) |
| ମୋଟ ଗ୍ରାମ | ୪୭,୪୧୨ |
| ୧୦୦% ଘରକୁ ଟ୍ୟାପ୍ ସଂଯୋଗ ଥିବା ଗ୍ରାମ | ୪,୨୬୫ |

**ଭୁବନେଶ୍ୱର,୨୨।୮(ବ୍ୟୁରୋ)**

ପାନୀୟ ଜଳ ଯୋଗାଣରେ ସମ୍ପୃକ୍ତ ଥିବା ବିଭିନ୍ନ ଜାତୀୟ ଓ ରାଜ୍ୟ ସଂସ୍ଥା, କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ତଥ୍ୟକୁ ଆଧାର କରି ନୀତି ଆୟୋଗଙ୍କ ଦ୍ୱାରା ଜଳ ଯୋଗାଣ ଇଣ୍ଡେକ୍ସ ପ୍ରସ୍ତୁତ କରାଯାଇଛି। କେବଳ ପାନୀୟ ଜଳ ନୁହେଁ, ଜମିକୁ ଜଳସେଚନ ସୁବିଧା ଯୋଗାଇବାରେ ମଧ୍ୟ ଓଡ଼ିଶା ବିଫଳ ହୋଇଛି। କେନାଲ ଲାଇନିଂ ଲକ୍ଷ୍ୟ ମଧ୍ୟ ପୂରଣ ହୋଇ ନ ଥିବା ଆୟୋଗ ଉକ୍ତ ସୂଚକାଙ୍କରେ ଉଲ୍ଲେଖ କରିଛନ୍ତି। ଏଥିସହିତ ଆୟୋଗ ଗ୍ରାମ୍ୟ ଜଳ ଯୋଗାଣର ମାନରେ ଉନ୍ନତିକୁ ନେଇ ଓଡ଼ିଶାକୁ ସମାଲୋଚନା କରିଛନ୍ତି। ଭୂତଳ ଜଳ ବିଷାକ୍ତ ହେବାରେ ଲାଗିଥିବାବେଳେ ପାନୀୟ ଜଳ ଯୋଗାଣରେ ଶିଥିଳତା ଯୋଗୁ ଲୋକେ ସମାନ ଜଳ ନ୍ୟାୟ ପାଇ ପାରୁ ନ ଥିବା ଆୟୋଗ କହିଛନ୍ତି। ☞ପୃଷ୍ଠା-୪

## ୨୭ ଜିଲାରେ ମରୁଡ଼ି ଆଶଙ୍କା

*ସ୍ୱାଭାବିକ ବର୍ଷା ହେଉ ନ ଥିବାରୁ ନଦୀନାଳରେ ଭରପୂର ଓଡ଼ିଶାରେ ପାଣି ପାଇଁ ଚାଷୀ ହାହାକାର ହେଉଛନ୍ତି। ଚାଷ ପାଇଁ ଆବଶ୍ୟକ ପାଣିଠାରୁ କାହିଁ କେତେ ଗୁଣା ଅଧିକ ବୋହିଯାଇ ସମୁଦ୍ରରେ ମିଶିଯାଉଛି। ଆନିକଟ ନିର୍ମାଣ କରି ଏହାକୁ ରୋକିବାରେ ସରକାର ବିଫଳ ହୋଇଛନ୍ତି। ଫଳରେ ପ୍ରତିବର୍ଷ ବର୍ଷାଦିନେ ଚାଷ ସମୟରେ ଚାଷୀ ଆକାଶକୁ ଚାହିଁ ଚାହିଁ ନିରାଶ ହେଉଛନ୍ତି। ଅନାବୃଷ୍ଟି ଯୋଗୁ ରାଜ୍ୟର କୃଷିଜନିତ ଅର୍ଥନୀତି ଭୁଶୁଡ଼ିପଡ଼ିବା ସହ କୃଷକମାନେ ମଧ୍ୟ ଚାଷରୁ ମୁହଁ ଫେରାଇବାକୁ ବାଧ୍ୟ ହେଉଛନ୍ତି।*



- ଦାଉ ସାଧିଲା ମୌସୁମୀ
- ଶ୍ରାବଣରେ ବିଲ ଫାଟି ଆଁ

**ଭୁବନେଶ୍ୱର,୨୨।୮(ବ୍ୟୁରୋ)**

କରୋନା ମହାମାରୀରୁ ମୁକୁଳି ନ ଥିବା ବେଳେ ଓଡ଼ିଶାକୁ ମାଡ଼ିଆସୁଛି ଆଉ ଏକ ବିପଦ। ଅନାବୃଷ୍ଟି ଯୋଗୁ ରାଜ୍ୟ ଏବେ ଘୋର ସଙ୍କଟ ଭିତରକୁ ଟାଣିହୋଇ ଯାଇଛି। ଦକ୍ଷିଣ ପଶ୍ଚିମ ମୌସୁମୀ ଧୋକା ଦେଇଛି। ଆଷାଢ଼ ଯାଇ ଶ୍ରାବଣ ଶେଷ ହେଲାଣି। ☞ପୃଷ୍ଠା-୪




**୨୬ରୁ ମାଲାବାର ସମରାଭ୍ୟାସ**

ଭାରତ-ପ୍ରଶାନ୍ତ ମହାସାଗର ଅଞ୍ଚଳରେ ଚାଇନାର ବର୍ଦ୍ଧିତ ସାମରିକ ପ୍ରଭାବର ମୁକାବିଲା ପାଇଁ ଆସନ୍ତା ୨୬ରୁ ଭାରତ, ଆମେରିକା, ଅଷ୍ଟ୍ରେଲିଆ ଏବଂ ଜାପାନ ମଧ୍ୟରେ ମାଲାବାର ମେଗା ସମରାଭ୍ୟାସର ପରବର୍ତ୍ତୀ ସଂସ୍କରଣ ଆରମ୍ଭ ହେବାକୁ ଯାଉଛି। ୪ ଦିନ ଧରି ଚାଲିବାକୁ ଥିବା ଏହି ଯୁଦ୍ଧାଭ୍ୟାସରେ ସାମିଲ ହେବା ପାଇଁ ଭାରତୀୟ ନୌସେନାର ଯୁଦ୍ଧଜାହାଜ ଆଇଏନ୍ଏସ୍ ଶିଭାଲିକ ଏବଂ ଆଇଏନ୍ଏସ୍ କାଡମାଟ୍ଟ ଆମେରିକାର ଗୁଆମ୍ ଦ୍ୱୀପାଞ୍ଚଳ ଗୁଆମ୍‌ରେ ପହଞ୍ଚିଛି।

## ସଂକ୍ଷେପରେ

### ଲା ଗଣେଶନ୍ ମଣିପୁର ରାଜ୍ୟପାଳ



**ନୂଆଦିଲ୍ଲୀ, ୨୨।୮:** ବରିଷ୍ଠ ଭାଜପା ନେତା ତଥା ତାମିଲନାଡୁର ପୂର୍ବତନ ଆର୍ଏସ୍ଏସ୍ ପ୍ରଚାରକ ଲା ଗଣେଶନ୍‌ଙ୍କୁ ରବିବାର ମଣିପୁର ରାଜ୍ୟପାଳ ଭାବେ ନିଯୁକ୍ତ କରାଯାଇଛି। ଏ ନେଇ ରାଷ୍ଟ୍ରପତି ଭବନ ପକ୍ଷରୁ ଏକ ବିବୃତି ପ୍ରକାଶ ପାଇଛି। ଗତ ୧୦ ତାରିଖରେ ନଜ୍‌ମା ହେପ୍‌ତୁଲ୍ଲା ଅବସର ନେବା ପରେ ଏହି ପଦବୀ ଖାଲି ରହିଥିଲା। ପୂର୍ବରୁ ଗଣେଶନ୍ ଭାଜପା ତାମିଲନାଡୁ ୟୁନିଟ୍‌ର ସାଧାରଣ ସମ୍ପାଦକ ରହିଥିଲେ। ଏବେ ସେ ଭାଜପା ଜାତୀୟ କାଉନ୍‌ସିଲର ସଦସ୍ୟ ଅଛନ୍ତି।

### ଟିକା ନେଇଥିବା ଶିଖ୍‌ଙ୍କୁ କର୍‌ତାରପୁର ସାହିବ ଯିବାକୁ ଅନୁମତି

**ଇସ୍‌ଲାମାବାଦ, ୨୨।୮(ପି.ଟି.):** କୋଭିଡ୍ ଟିକାର ଦୁଇଟି ଡୋଜ୍ ନେଇଥିବା ଶିଖ୍ ତୀର୍ଥଯାତ୍ରୀମାନଙ୍କୁ ଆସନ୍ତା ମାସରୁ କର୍‌ତାରପୁରର ଗୁରୁଦ୍ୱାର ଦର୍‌ବାର ସାହିବକୁ ଯିବା ଲାଗି ଅନୁମତି ଦେବାକୁ ପାକିସ୍ତାନ ସରକାର ନିଷ୍ପତ୍ତି ନେଇଛନ୍ତି। କରୋନା ମହାମାରୀ ଯୋଗୁ ଗତବର୍ଷ ମାର୍ଚ୍ଚରୁ କର୍‌ତାରପୁର ସାହିବ ଗୁରୁଦ୍ୱାର ତୀର୍ଥଯାତ୍ରୀମାନଙ୍କ ପାଇଁ ବନ୍ଦ ରହିଥିଲା। ସେପ୍ଟେମ୍ବର ୨୨ରେ ଶିଖ୍ ଧର୍ମର ପ୍ରତିଷ୍ଠାତା ଗୁରୁ ନାନକ ଦେବଙ୍କ ୪୮୨ତମ ଶ୍ରାଦ୍ଧବାର୍ଷିକୀ ଥିବାରୁ ଏହା ପୂର୍ବରୁ ସେଠାକୁ ତୀର୍ଥଯାତ୍ରୀମାନଙ୍କୁ କୋଭିଡ୍-୧୯ କଟକଣା ମଧ୍ୟରେ ଛାଡ଼ିବା ପାଇଁ ସ୍ଥିର ହୋଇଛି। ୧୫୩୯ ସେପ୍ଟେମ୍ବର ୨୨ରେ କର୍‌ତାରପୁରରେ ଗୁରୁ ନାନକଙ୍କର ତିରୋଧାନ ହୋଇଥିଲା।

### ଜାଲ୍ ମୃତ୍ୟୁ ପ୍ରମାଣପତ୍ର ବିକିଛନ୍ତି ହ୍ୟାକର୍ସ

**ନୂଆଦିଲ୍ଲୀ, ୨୨।୮:** ଉତ୍ତରପ୍ରଦେଶର ଲକ୍ଷ୍ନୌସ୍ଥିତ ବଲରାମପୁର ହସ୍ପିଟାଲ ସର୍ଭର ହ୍ୟାକ୍ କରି ସାଇବର ଅପରାଧୀମାନେ ବହୁ ସଂଖ୍ୟାରେ ଜାଲ୍ ଜନ୍ମମୃତ୍ୟୁ ପ୍ରମାଣପତ୍ର ବିକ୍ରି କରିଛନ୍ତି। କିଛି ମାସ ଭିତରେ ଏହି ନକଲି ପ୍ରମାଣପତ୍ର ଲୋକଙ୍କୁ ପ୍ରଦାନ କରାଯାଇଥିବା ହସ୍ପିଟାଲ ପ୍ରଶାସନ ପକ୍ଷରୁ ଶନିବାର ୱାଜିରଗଞ୍ଜ ଥାନାରେ ଅଭିଯୋଗ କରାଯାଇଛି। ଆଶ୍ଚର୍ଯ୍ୟର କଥା ହେଉଛି ହସ୍ପିଟାଲରେ ସ୍ତ୍ରୀ ରୋଗ ଏବଂ ପ୍ରସୂତି ବିଭାଗ ନ ଥିବାବେଳେ ହ୍ୟାକର୍ସ ଏଠାରୁ ଜନ୍ମ ପ୍ରମାଣପତ୍ର ବାହାର କରିଛନ୍ତି। ଏବେ ସୁଦ୍ଧା ୪୧ଟି ଜାଲ୍ ଜନ୍ମ ସାର୍ଟିଫିକେଟ ମିଳିଥିବା ଡାକ୍ତରଖାନା ପକ୍ଷରୁ କୁହାଯାଇଛି। ଏକ ର୍ୟାକେଟ ବିଭିନ୍ନ ହସ୍ପିଟାଲ ସର୍ଭର ହ୍ୟାକ୍ କରି ଏଭଳି ଜାଲ୍ ସାର୍ଟିଫିକେଟ ଲୋକଙ୍କୁ ବିକ୍ରି କରୁଥିବା ପୋଲିସ ସନ୍ଦେହ କରୁଛି।

### ଗାଜାରେ ଇସ୍ରାଏଲର ଏୟାର ଷ୍ଟ୍ରାଇକ୍

**ନୂଆଦିଲ୍ଲୀ, ୨୨।୮:** ପାଲେଷ୍ଟାଇନ୍ ବିକ୍ଷୋଭକାରୀ ଏବଂ ଇସ୍ରାଏଲ ସୁରକ୍ଷାବଳ ମଧ୍ୟରେ ସୀମାରେ ସଂଘର୍ଷ ଯୋଗୁ ଇସ୍ରାଏଲର ଯୁଦ୍ଧ ବିମାନ ଗାଜାରେ ହମାସ ଆତଙ୍କବାଦୀ ଗୋଷ୍ଠୀର କେତେକ ପୋଷ୍ଟ ଉପରେ ଶନିବାର ଆକ୍ରମଣ କରିଛି। ପାଲଟା ଗୁଳିମାଡ଼ରେ ଇସ୍ରାଏଲର ଜଣେ ସୈନ୍ୟ ଗୁରୁତର ହୋଇଛନ୍ତି। ମଧ୍ୟ ଏବଂ ପଶ୍ଚିମ ଗାଜା ଷ୍ଟ୍ରିପ୍‌ରେ ଅନେକ ହମାସ୍ ପୋଷ୍ଟ ଓ ଭିତ୍ତିଭୂମି ନଷ୍ଟ ହୋଇଛି। ଇସ୍ରାଏଲ ସୈନ୍ୟଙ୍କ ଆକ୍ରମଣରେ ୪୧ ପାଲେଷ୍ଟାଇନ ବାସିନ୍ଦା ଆହତ ହୋଇଥିବା ଗାଜା ହସ୍ପିଟାଲ କର୍ତ୍ତୃପକ୍ଷ କହିଛନ୍ତି।ହମାସ୍ ପକ୍ଷରୁ କୁହାଯାଇଛି, ୨୦୦୭ରୁ ଇଜିପ୍ଟ ସାହାଯ୍ୟରେ ଇସ୍ରାଏଲ ଗାଜା ଓ ଏହାର ଆଖପାଖ ଅଞ୍ଚଳରେ ଲୋକଙ୍କ ସମେତ ବିଭିନ୍ନ ସାମଗ୍ରୀ ପରିବହନ ଉପରେ କଟକଣା ଲଗାଇଛି। ଏହା ତୁରନ୍ତ ଇସ୍ରାଏଲ ହଟାଯାଉ ବୋଲି ହମାସ୍ କହିଛି। ତେବେ ହମାସ୍ ଆତଙ୍କବାଦୀଙ୍କ ନିକଟରେ ଅସ୍ତ୍ରଶସ୍ତ୍ର ପହଞ୍ଚିବା ଉପରେ କଟକଣା ଲଗାଇଥିବା ଇସ୍ରାଏଲ କହିଛି। ଇସ୍ରାଏଲ ବିରୋଧୀ କାର୍ଯ୍ୟକଳାପ ଏବଂ ଏଥିରେ ଜନସାଧାରଣଙ୍କୁ ସାମିଲ କରି ସେମାନଙ୍କୁ ଅସୁବିଧାରେ ପକାଇବା ପାଇଁ ହମାସ୍ ଉଦ୍ୟମ କରୁଥିବା ଇସ୍ରାଏଲ ସେନା ମୁଖପାତ୍ର କହିଛନ୍ତି।

## କାବୁଲ ବିମାନବନ୍ଦର

# ୭ ଦିନରେ ଗଲାଣି ୨୦ ଜୀବନ

କାବୁଲ, ୨୨।୮

ତାଲିବାନ ନିୟନ୍ତ୍ରଣରେ ଥିବା ଆଫଗାନିସ୍ତାନରେ ଭୟର ବାତାବରଣ ସୃଷ୍ଟି ହୋଇଥିବାବେଳେ ବିଦେଶୀମାନଙ୍କୁ ଫେରାଇନେବା ପାଇଁ ବିଭିନ୍ନ ଦେଶ ପକ୍ଷରୁ ଉଦ୍ୟମ ଜାରି ରହିଛି। କାବୁଲ ଅନ୍ତର୍ଜାତୀୟ ବିମାନବନ୍ଦରରେ ପ୍ରବଳ ଭିଡ଼ ଲାଗି ରହିଛି। ସପ୍ତାହେ ମଧ୍ୟରେ ଠେଲାପେଲା ଓ ଦଳାଚକଟାରେ ୨୦ ଜଣଙ୍କ ଜୀବନ ଗଲାଣି ବୋଲି ନାଟୋ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଭିଡ଼ ମଧ୍ୟରେ ୭ ଜଣ ଆଫଗାନ ନାଗରିକଙ୍କ ମୃତ୍ୟୁ ଘଟିଥିବା ରବିବାର ବ୍ରିଟିଶ ସେନା ପକ୍ଷରୁ ସୂଚନା ଦିଆଯାଇଛି। ଇସ୍‌ଲାମିକ ଷ୍ଟେଟ୍ (ଆଇଏସ୍) ଆତଙ୍କବାଦୀମାନେ ବିମାନକୁ କ୍ଷେପଣାସ୍ତ୍ର ମାଡ଼ କରିବା ଆଶଙ୍କା ଥିବାରୁ ଆମେରିକା ସାମରିକ ବିମାନଗୁଡ଼ିକୁ ବହୁ ଉଚ୍ଚରୁ ସିଧା କାବୁଲ ବିମାନବନ୍ଦରରେ ଅବତରଣ କରୁଥିବା ଦେଖାଯାଉଛି। ଆମେରିକା ସରକାରଙ୍କ ପ୍ରତିନିଧିଙ୍କଠାରୁ ବ୍ୟକ୍ତିଗତ ସୂଚନା ନ ପାଇବା ପର୍ଯ୍ୟନ୍ତ କାବୁଲ ବିମାନବନ୍ଦରକୁ ନ ଯିବା ଲାଗି ଶନିବାର ଏହାର ଦୂତାବାସ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଥିଲା।

## ଆତ୍ମସମର୍ପଣ କରିବେନି ମାସୁଦ

ଦୁବାଇ, ୨୨।୮

### ତାଲିବାନ୍‌କୁ ଯୁଦ୍ଧ ଚେତାବନୀ



ଅହମଦ ମାସୁଦ୍

ଅଶୀ ଦଶକରେ ଆଫଗାନିସ୍ତାନର ସୋଭିଏଟ୍ ବିରୋଧୀ ରେଜିଷ୍ଟାଣ୍ଟର ମୁଖ୍ୟ ନେତା ଅହମଦ ଶାହା ମାସୁଦ୍‌ଙ୍କ ପୁଅ ଅହମଦ ମାସୁଦ୍ ତାଲିବାନ ଆଗରେ ଆତ୍ମସମର୍ପଣ କରିବାକୁ ମନା କରିଦେଇଛନ୍ତି। ତାଲିବାନ୍‌ମାନେ ଆଲୋଚନା ପାଇଁ ଯଦି ରାଜି ନ ହୁଅନ୍ତି ତେବେ ଯୁଦ୍ଧକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ସେ କହିଥିବା ଦୁବାଇର ଅଲ୍-ଆରବୀୟ ଟିଭି ଚାନେଲ ପ୍ରକାଶ କରିଛି। କ୍ଷମତା ବିକେନ୍ଦ୍ରୀକରଣ ପାଇଁ ଯଦି ତାଲିବାନ ରାଜି ହୁଏ, ତେବେ ଏହା ସହ ଶାନ୍ତି ଆଲୋଚନା କରାଯିବ ବୋଲି ନ୍ୟାଶନାଲ ରେଜିଷ୍ଟାନ୍ସ ଫ୍ରଣ୍ଟର ମୁଖପାତ୍ର ଅଲି ମୈସମ୍ ନାଜାରୀ କହିଛନ୍ତି। ପଞ୍ଜଶିର୍ ଆତ୍ମସମର୍ପଣ ନ କରି ପ୍ରତିରୋଧ ଜାରି ରଖିବ ବୋଲି ଅଶ୍ରଫ୍ ଗନି ସରକାରରେ ପ୍ରତିରକ୍ଷା ମନ୍ତ୍ରୀ ଥିବା ଜେନେରାଲ ବିସ୍‌ମିଲ୍ଲା ମହମ୍ମଦି ଟୁଇଟ୍ କରିଛନ୍ତି। ପଞ୍ଜଶିର୍‌କୁ ଦଖଲ କରିବା ପାଇଁ ତାଲିବାନ ଯୋଜନା କରୁଥିବା ଖବର ପ୍ରକାଶ ପାଇବା ପରେ ସେ ଏଭଳି ପ୍ରତିକ୍ରିୟା ଦେଇଛନ୍ତି। ତାଲିବାନ ବିରୋଧୀ ପଞ୍ଜଶିର ରେଜିଷ୍ଟାନ୍ସ ତିନୋଟି ଜିଲା ପୁଲ୍-ଇ-ହେସାର, ଦେହ ସଲାହ ଏବଂ ବାନୁ ଦଖଲ କରିଥିବା ଦାବି କରିଆସୁଛି।

## ଭାରତ ଫେରିଲେ ୩୯୨



ନୂଆଦିଲ୍ଲୀ, ୨୨।୮

ଆଫଗାନିସ୍ତାନ ତାଲିବାନ୍ ନିୟନ୍ତ୍ରଣକୁ ଯିବା ପରେ ସେଠାରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। କାବୁଲରେ ସୁରକ୍ଷା ସ୍ଥିତି ବିଗୁଡ଼ୁଥିବାବେଳେ ରବିବାର ଭାରତ ସେଠାରୁ ୩ଟି ବିମାନରେ ୩୯୨ ଜଣଙ୍କୁ ଫେରାଇ ଆଣିଛି। ସେମାନଙ୍କ ମଧ୍ୟରେ ୨ ଜଣ ଆଫଗାନ୍ ଏମ୍‌ପି ଅଛନ୍ତି। ଅନିଶ୍ଚିତତା ଓ ଅସୁରକ୍ଷିତ ବାତାବରଣରୁ ଫେରିଆସିଥିବାରୁ ସେମାନେ ଖୁସି ବ୍ୟକ୍ତ କରିବା ସହ ଭାରତ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଗତ ସୋମବାରଠାରୁ ଇତିମଧ୍ୟରେ ଆଫଗାନିସ୍ତାନରୁ ୫୯୦ ଜଣଙ୍କୁ ଭାରତ ଅଣାଗଲାଣି। ଭାରତୀୟ ବାୟୁସେନାର ସି-୧୭ ପରିବହନ ବିମାନ କାବୁଲରୁ ୧୬୮ ଜଣଙ୍କୁ ଆଣି ଦିଲ୍ଲୀ ନିକଟସ୍ଥ ହିଣ୍ଡନ ଏୟାରବେସ୍‌ରେ ଅବତରଣ କରିଛି। ସେମାନଙ୍କ ମଧ୍ୟରେ ୧୦୭ ଜଣ ହିନ୍ଦୁ ଥିବାବେଳେ ୨୩ଆଫଗାନ୍‌ଶିଖ୍‌ଏବଂହିନ୍ଦୁ ରହିଛନ୍ତି। ଏୟାର ଇଣ୍ଡିଆର ଏକ ସ୍ୱତନ୍ତ୍ର ବିମାନରେ ଦୁଶାନ୍‌ବେରୁ ୮୭ ଭାରତୀୟ ଓ ୨ ଜଣ ନେପାଳୀଙ୍କୁ ଫେରାଇ ଅଣାଯାଇଛି। ଶନିବାର ସେମାନଙ୍କୁ ବାୟୁସେନାର ୧୩୦ଜେ ପରିବହନ ବିମାନରେ କାବୁଲରୁ ତାଜିକିସ୍ତାନ ରାଜଧାନୀକୁ ନିଆଯାଇଥିଲା। ସେହିପରି ଆମେରିକା ଓ ନାଟୋ ବିମାନରେ କାବୁଲରୁ ଦୋହା ନିଆଯାଇଥିବା ୧୩୫ ଜଣ ଭାରତୀୟଙ୍କୁ ରବିବାର ସ୍ୱତନ୍ତ୍ର ବିମାନରେ ସେଠାରୁ ଦିଲ୍ଲୀ ଅଣାଯାଇଛି।

କାବୁଲରୁ ସିଧାସଳଖ ଫେରିଥିବା ୧୬୮ ଜଣଙ୍କ ମଧ୍ୟରେ ଆଫଗାନିସ୍ତାନର ଦୁଇଜଣ ଏମ୍‌ପି ଅନାରକଲି ହୋନାର୍‌ୟାର ଏବଂ ନରେନ୍ଦ୍ର ସିଂ ଖାଲ୍‌ସା ଏବଂ ସେମାନଙ୍କ ପରିବାର ଅଛନ୍ତି। ଆଫଗାନିସ୍ତାନରେ ରହିଲେ ମଧ୍ୟ ଭାରତ ଆମର ଦ୍ୱିତୀୟ ଘର। ହିଣ୍ଡନ ଏୟାରବେସ୍‌ରେ ଖବରଦାତାମାନଙ୍କ ସହ କଥା ହେଲା ବେଳେ ୨୦ ବର୍ଷରେ ଯାହା ସବୁ ହୋଇଥିଲା ତାହା ଶେଷ ହୋଇଗଲା ବୋଲି ଖାଲ୍‌ସା କହିବା ବେଳେ କାନ୍ଦିପକାଇଥିଲେ। ସେହିପରି ହୋନାର୍‌ୟାର ଏକ ଭିଡିଓ ବାର୍ତ୍ତାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ବହିର୍ବ୍ୟାପାର ମନ୍ତ୍ରୀ ଏବଂ ଭାରତୀୟ ବାୟୁସେନାକୁ ଧନ୍ୟବାଦ ଜଣାଇଛନ୍ତି। ହିଣ୍ଡନ ଏବଂ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦରକୁ ଫେରିଥିବା ସମସ୍ତଙ୍କର ଆରଟି-ପିସିଆର୍ ପରୀକ୍ଷା କରାଯାଇଛି। ଆଫଗାନିସ୍ତାନରେ ଏବେ ବି ପୋଲିଓ ସଂକ୍ରମଣ ଥିବାରୁ ସେଠାରୁ ଫେରିଥିବା ଲୋକଙ୍କୁ ପୋଲିଓ ଟିକା ଦିଆଯାଉଛି।

### ଭାରତ ସରକାରଙ୍କୁ ଧନ୍ୟବାଦ ଜଣାଇଲେ ଆଫଗାନ ଏମ୍‌ପି



ନରେନ୍ଦ୍ର ସିଂ ଖାଲ୍‌ସା

## ଆମେରିକା ବିମାନରେ ମହିଳାଙ୍କ ସନ୍ତାନ ପ୍ରସବ

କାବୁଲ, ୨୨।୮

କାବୁଲରୁ ଜର୍ମାନୀର ରାମଷ୍ଟେଇନ୍ ଏୟାରବେସ୍‌କୁ ଫେରୁଥିବା ଆମେରିକା ବାୟୁସେନାର ସି-୧୭ ବିମାନରେ ଜଣେ ଆଫଗାନ ମହିଳା ସନ୍ତାନ ପ୍ରସବ କରିଛନ୍ତି। ବାୟୁସେନାର ଏୟାର ମୋବିଲିଟି କମାଣ୍ଡଙ୍କ ଟୁଇଟ୍ ଅନୁଯାୟୀ ଶନିବାର ମହିଳା ଜଣକ ବିମାନରେ ଯାଉଥିବାବେଳେ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ବିମାନ ମଧ୍ୟରେ ବାୟୁଚାପ ବଢ଼ାଇବା ପାଇଁ କମ୍ ଉଚ୍ଚରେ ଉଡ଼ାଇବାକୁ ବିମାନ କମାଣ୍ଡର ନିଷ୍ପତ୍ତି ନେଇଥିଲେ। ରାମଷ୍ଟେଇନ୍ ଏୟାରବେସ୍‌ରେ ଅବତରଣ କରିବା କ୍ଷଣି ଡାକ୍ତରୀ ଦଳ ବିମାନ ମଧ୍ୟକୁ ଆସି ଶିଶୁଟିକୁ ପ୍ରସବ କରାଇଥିଲେ। ପରେ ଶିଶୁକନ୍ୟା ଓ ମାଆଙ୍କୁ ନିକଟବର୍ତ୍ତୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ସେନା ପକ୍ଷରୁ କୁହାଯାଇଛି।

## ଦସ୍ତାବିଜ ପୋଡୁଛନ୍ତି ବିଦ୍ୟାଳୟ ପ୍ରତିଷ୍ଠାତା

କାବୁଲ, ୨୨।୮

ତାଲିବାନ୍ ଆତଙ୍କବାଦୀଙ୍କଠାରୁ ଛାତ୍ରୀଙ୍କୁ ସୁରକ୍ଷା ଦେବାକୁ ଆଫଗାନିସ୍ତାନର ଏକ ବାଳିକା ବୋର୍ଡିଂ ସ୍କୁଲର ପ୍ରତିଷ୍ଠାତା ସମସ୍ତ ରେକର୍ଡ ଓ ଦସ୍ତାବିଜ୍ ପୋଡ଼ି ନଷ୍ଟ କରୁଛନ୍ତି। ସ୍କୁଲ୍ ଅଫ୍ ଲିଡରଶିପ୍ ଆଫଗାନିସ୍ତାନର ପ୍ରତିଷ୍ଠାତା ଶବାନା ବାସ୍‌ଜି-ରସିଖ୍ ଏକ ଟୁଇଟରେ ଭିଡିଓ ଶେୟାର କରି କହିଛନ୍ତି, ପୂର୍ବ ତାଲିବାନ ଶାସନ ସମୟର ଅଭିଜ୍ଞତା ତାଙ୍କର ରହିଛି। ତେଣୁ ଛାତ୍ରୀ ଓ ଷ୍ଟାଫ୍‌ଙ୍କ ନିରାପତ୍ତା ପାଇଁ ସେ ଏହି ରେକର୍ଡଗୁଡ଼ିକୁ ନଷ୍ଟ କରୁଛନ୍ତି। ପୂର୍ବରୁ ତାଲିବାନ୍ ଛାତ୍ରୀମାନଙ୍କ ଅସ୍ତିତ୍ୱ ଲିଭାଇବା ପାଇଁ ସମସ୍ତ ଛାତ୍ରଙ୍କ ରେକର୍ଡକୁ ଜାଳି ଦେଇଥିଲେ। ୨୦୦୨ରେ ପବ୍ଲିକ୍ ସ୍କୁଲରେ ପଢ଼ିବା ନିମନ୍ତେ ଅନେକ ଛାତ୍ରୀଙ୍କ ସମେତ ସେ ମଧ୍ୟ ଯୋଗ୍ୟ ହୋଇଥିଲେ। କିନ୍ତୁ ତାଲିବାନର ପୁଣି ପ୍ରତ୍ୟାବର୍ତ୍ତନ ଛାତ୍ରୀମାନଙ୍କ ନିକଟରୁ ସେହି ସୁଯୋଗ ଛଡ଼ାଇ ନେଇଛି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଲକ୍ଷ୍ନୌରେ ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ କଲ୍ୟାଣ ସିଂଙ୍କୁ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି। ୮୯ ବର୍ଷୀୟ କଲ୍ୟାଣଙ୍କର ଶନିବାର ରାତିରେ ପରଲୋକ ଘଟିଥିଲା।

## ରାଖୀ ପୂର୍ଣ୍ଣିମାରେ ଭଉଣୀକୁ କିଡ୍‌ନୀ ଦେଲେ ଭାଇ

ନୂଆଦିଲ୍ଲୀ, ୨୨।୮

ରାଖୀ ପୂର୍ଣ୍ଣିମାରେ ଭଉଣୀକୁ ଉପହାରରେ ନୂଆ ଜୀବନ ଦେଇଛନ୍ତି ଭାଇ। କିଡ୍‌ନୀଜନିତ ରୋଗରେ ପୀଡ଼ିତ ଭଉଣୀକୁ ତାଙ୍କ ସାନଭାଇ ନିଜର ଏକ କିଡ୍‌ନୀ ଦାନ କରି ଜୀବନ ରକ୍ଷା କରିଛନ୍ତି। ସୂଚନା ମୁତାବକ, ହରିୟାଣା ରୋହତକ୍‌ର ଜଣେ ୩୧ ବର୍ଷୀୟା ମହିଳା ୫ ବର୍ଷ ହେଲା କିଡ୍‌ନୀ ଜନିତ ରୋଗରେ ପୀଡ଼ିତ ଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। କିଡ୍‌ନୀ ରୋଗ ସମେତ ସେ ଟିବିରେ ଆକ୍ରାନ୍ତ ହେବା ସହ ତାଙ୍କ ହୃତ୍‌ପିଣ୍ଡ ଦୁର୍ବଳ ହେବା ଯୋଗୁ ଫୁସ୍‌ଫୁସ୍‌ରେ ପାଣି ଜମା ହୋଇଯାଇଥିଲା। ଚିକିତ୍ସା ପରେ ସ୍ୱାସ୍ଥ୍ୟାବସ୍ଥା ସାମାନ୍ୟ ସୁଧୁରିବାରୁ ଡାକ୍ତର ତାଙ୍କୁ କିଡ୍‌ନୀ ପ୍ରତିରୋପଣ ପାଇଁ ପରାମର୍ଶ ଦେଇଥିଲେ। ତାଙ୍କ ସ୍ୱାମୀଙ୍କ ସହ ରକ୍ତ ଗ୍ରୁପ୍ ମ୍ୟାଚ୍ ନ କରିବାରୁ ସେ କିଡ୍‌ନୀ ଦେଇପାରି ନ ଥିଲେ। ପରେ ତାଙ୍କ ସାନଭାଇଙ୍କ ବ୍ଲଡ୍‌ଗ୍ରୁପ୍ ମ୍ୟାଚ୍ କରୁଥିବା ଜଣାପଡ଼ିବା ପରେ ସେ ଭଉଣୀକୁ କିଡ୍‌ନୀ ଦେଇଥିଲେ। ଏହି ପ୍ରତିରୋପଣ ସଫଳ ହୋଇଥିବା ଦ୍ୱାରକାସ୍ଥିତ ଆକାଶ ହେଲ୍‌ଥ କେୟାର ଡାକ୍ତର କହିଛନ୍ତି।

## ଚାଷୀ ଗୀତ ଗାଇଲେ ବର୍ଷା ହୁଏ



ଜୟପୁର, ୨୨।୮

ରାଜସ୍ଥାନରେ ବର୍ଷାଭାବ ବେଳେ ଚାଷୀ ହାତରେ ଛତା ଧରି ବିଲକୁ ଯାଇ ରାଗ ମେଘ ମଲ୍ଲାର ଗୀତ ଗାଇଲେ ବର୍ଷା ହୋଇଥାଏ। ଏକଥା ବିଶ୍ୱାସ ନ ହେଲେ ମଧ୍ୟ ସତ୍ୟ। ଏପରିକି କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏହି ଘଟଣାରେ ବିସ୍ମିତ ହୋଇଛନ୍ତି। ରାଜସ୍ଥାନରେ ଏଭଳି ପରମ୍ପରା ୧୦୦୦ ବର୍ଷ ହେଲା ଚଳିଆସୁଛି। ଚାଷୀମାନେ ବୀର ତେଜାଜୀଙ୍କ ଗୌରବ ଗାଥା ଗାନ କରିଥାନ୍ତି। ତେଜାଜୀ ହେଉଛନ୍ତି ଜଣେ ସ୍ଥାନୀୟ ଜନନାୟକ ଯିଏ ଗାଈମାନଙ୍କ ସୁରକ୍ଷା ପାଇଁ ନିଜ ଜୀବନକୁ ବଳି ଦେଇଥିଲେ। ବ୍ରିଟେନର ପିଏଚ୍‌ଡି ଛାତ୍ରୀଛାତ୍ର ଏହି 'ତେଜା ସଙ୍ଗୀତ' ଉପରେ ଖୁବ୍‌ଶୀଘ୍ର ଗବେଷଣା କରିବେ। ତେଜା ସଙ୍ଗୀତର ଲୋକପ୍ରିୟତାକୁ ନେଇ ୧୧ ବର୍ଷ ପୂର୍ବେ ମଦନ ମୀନା ନାମକ ପୂର୍ବ ରାଜସ୍ଥାନର ଜଣେ ବାସିନ୍ଦା କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ ସହାୟତାରେ ୩୦୦ ପୃଷ୍ଠାର ଏକ ପୁସ୍ତକ ଲେଖିଥିଲେ। କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ ୱେବ୍‌ସାଇଟ୍‌ରେ 'ତେଜା ଗାଥା' ନାମରେ ଉକ୍ତ ପୁସ୍ତକ ସମେତ ଅନ୍ୟାନ୍ୟ ସମସ୍ତ ବିବରଣୀ, ଅଡିଓ ଏବଂ ଭିଡିଓ ରେକର୍ଡ ଉପଲବ୍ଧ। ତେଜା ଗୀତ ସହ ବର୍ଷାର ନିବିଡ଼ ସମ୍ପର୍କ ଥିବା ରାଜସ୍ଥାନୀମାନେ କହିଥାନ୍ତି। ଚାଷୀମାନେ ଏହି ଗୀତ ଗାଇଲେ ଇନ୍ଦ୍ରଦେବ ବର୍ଷା ମାଧ୍ୟମରେ ଆଶୀର୍ବାଦ ଦେଇଥାନ୍ତି ବୋଲି କର୍ମାବାଇ ଜାଟ୍ ମହିଳା ଅନୁଷ୍ଠାନର ରାଜ୍ୟ ଅଧ୍ୟକ୍ଷା ଡ. ରଜନୀ ଗାୱ୍‌ଡ଼ିୟା କହିଛନ୍ତି।

### ତେଜା ଗୀତ ଉପରେ ଗବେଷଣା ହେବ

# ୫ ହଜାର ବର୍ଷର ଭାରତ-କାନ୍ଦାହାର ସମ୍ପର୍କ

ନୂଆଦିଲ୍ଲୀ, ୨୨।୮

ଇତିହାସର ଆଫଗାନିସ୍ତାନ ବର୍ତ୍ତମାନଠାରୁ ଥିଲା ସମ୍ପୂର୍ଣ୍ଣ ଅଲଗା। ଦିନେ ଏହା ଗାନ୍ଧାର ଭାବେ ପରିଚିତ ଥିଲା ବୋଲି ଅଧ୍ୟୟନ କୁହେ। ବାସ୍ତବରେ ମଧ୍ୟ ଗାନ୍ଧାରରୁ 'କାନ୍ଦାହାର'ରେ ପରିଣତ ହୋଇଥିବା ସହର ଏବେ ବି ଆଫଗାନିସ୍ତାନରେ ରହିବା ଏହାର ସତ୍ୟତାକୁ ପ୍ରତିପାଦନ କରେ। ବିଶେଷଜ୍ଞଙ୍କ ମତରେ ଗାନ୍ଧାର ରାଜ୍ୟ ଏବେ ଉତ୍ତର ପାକିସ୍ତାନ ଓ ପୂର୍ବ ଆଫଗାନିସ୍ତାନ ସହ ନିଜ ଅଂଶ ବାଣ୍ଟିଛି। ଭାରତର ପୌରାଣିକ ତଥା କିମ୍ବଦନ୍ତୀ ଆଧାରିତ କଥା ଅନୁସାରେ ଗାନ୍ଧାର(ଏବେର କାନ୍ଦାହାର)ର ବିଶେଷ ମହତ୍ତ୍ୱ ରହିଛି। ପୁରାଣର ସବୁଠାରୁ ବଡ଼ ଯୁଦ୍ଧ କୁହାଯାଉଥିବା ମହାଭାରତରେ ବର୍ଣ୍ଣିତ ହୋଇଛି ଗାନ୍ଧାର ବିଷୟରେ। ଅର୍ଥାତ୍ ଆଫଗାନିସ୍ତାନ ସହ ଭାରତ(ସେତେବେଳର ଆର୍ଯ୍ୟାବର୍ତ୍ତ)ର ସମ୍ପର୍କ ହଜାର ହଜାର ବର୍ଷ ପୁରୁଣା। ଏହାବାଦ୍ ରିଗ୍‌ବେଦ, ଉତ୍ତର-ରାମାୟଣରେ ମଧ୍ୟ ଗାନ୍ଧାର ଶବ୍ଦର ବର୍ଣ୍ଣନା ରହିଛି।

ଏକଦା ଉତ୍ତର-ପଶ୍ଚିମ ପଞ୍ଜାବ ଗାନ୍ଧାରର ଅଂଶ ଥିଲା ବୋଲି କୁହାଯାଏ। ପୁରାତନ ଇରାନ, ଭାରତ, କେନ୍ଦ୍ର ଏସିଆ ନିମନ୍ତେ ଏହା ଯାତାୟାତର ସର୍ବୋତ୍ତମ ମାଧ୍ୟମ ମଧ୍ୟରୁ ଅନ୍ୟତମ ଥିଲା। ମହାଭାରତରେ ବର୍ଣ୍ଣିତ କଥା ଅନୁସାରେ, ପ୍ରାୟ ୫,୫୦୦ ବର୍ଷ ପୂର୍ବେ ରାଜା ସୁବଳ ଗାନ୍ଧାରରେ ଶାସନ କରୁଥିଲେ। ପୁରୁଷପୁର (ବର୍ତ୍ତମାନର ପେଶାୱର) ଏହାର ରାଜଧାନୀ ଥିଲା। ହସ୍ତିନାପୁର ସାମ୍ରାଜ୍ୟର ଅନ୍ଧ ରାଜା ଧୃତରାଷ୍ଟ୍ରଙ୍କୁ ଗାନ୍ଧାର ରାଜକୁମାରୀ ଗାନ୍ଧାରୀ ବିବାହ କରିଥିଲେ। ରାଜା ସୁବଳଙ୍କ ମୃତ୍ୟୁ ପରେ ଗାନ୍ଧାରୀଙ୍କ ଭାଇ ଶକୁନି ଗାନ୍ଧାର ରାଜା ହୋଇଥିଲେ। ଶକୁନିଙ୍କ ଚକ୍ରାନ୍ତ ଯୋଗୁ ପାଣ୍ଡବ ଓ ଗାନ୍ଧାରୀଙ୍କ ଶହେ ପୁତ୍ର ବା କୌରବଙ୍କ ମଧ୍ୟରେ ଯୁଦ୍ଧ ହୋଇଥିବା ମହାଭାରତରେ ବର୍ଣ୍ଣିତ ରହିଛି। ପାଣ୍ଡବଙ୍କଠାରୁ ହାରିବା ପରେ କୌରବ ବଂଶଜମାନେ ଗାନ୍ଧାରରେ ଶରଣ ନେଇଥିଲେ। ଏପରି କି ଅନେକେ ବର୍ତ୍ତମାନର ଇରାକ୍, ସାଉଦି ଆରବକୁ ମଧ୍ୟ ପଳାୟନ କରିଥିଲେ। ନିଜ ପୁଅମାନଙ୍କ ପରାଜୟ ଓ ମୃତ୍ୟୁରେ ବିଚଳିତ ହୋଇ ଗାନ୍ଧାରୀ ଭାଇ ଶକୁନିଙ୍କୁ ଅଭିଶାପ ଦେଇଥିଲେ ବୋଲି ପୁରାଣରେ ଲିପିବଦ୍ଧ ହୋଇଛି। ଗାନ୍ଧାର ରାଜ୍ୟରେ କେବେ ଶାନ୍ତି ସ୍ଥାପନା ହୋଇପାରିବନି ବୋଲି ଗାନ୍ଧାରୀ ଶକୁନିଙ୍କୁ କହିଥିବା ସେହି ମହାଭାରତ ବେଳର କଥା ଏବେ ବେଶ୍ ଚର୍ଚ୍ଚାକୁ ଆସିଛି। ତାଲିବାନ ଦଖଲକୁ ଆଫଗାନିସ୍ତାନ ଚାଲିଯିବା ପରେ ସେଠାରେ ଯେଉଁ ଅଶାନ୍ତି ଓ ଆତଙ୍କର ପରିବେଶ ସୃଷ୍ଟି ହୋଇଛି ତାହା ସହ ସେହି ପୁରୁଣା କଥାକୁ ଅନେକେ ସଂଯୋଗ କରୁଛନ୍ତି।

### ଗାନ୍ଧାର ରାଜକୁମାରୀ ଥିଲେ ମହାଭାରତର ଗାନ୍ଧାରୀ

## ଗାନ୍ଧାରରୁ କାନ୍ଦାହାର

ଗାନ୍ଧାର ଶବ୍ଦର ଅର୍ଥ ହେଉଛି ସୁଗନ୍ଧ। ଭଗବାନ ଶିବଙ୍କ ଅନ୍ୟନାମ ଗାନ୍ଧାର ବୋଲି ଶିବ ସହସ୍ରନାମରେ ବର୍ଣ୍ଣନା କରାଯାଇଛି। କିମ୍ବଦନ୍ତୀ ଅନୁଯାୟୀ ଗାନ୍ଧାରରେ ହିନ୍ଦୁ ସଂସ୍କୃତି ପ୍ରଚଳନ ଥିଲା। ମହାଭାରତ ସମୟ ବିତିବା ପରେ ସେଠାରେ ବୌଦ୍ଧଧର୍ମ ପ୍ରଚାର ପ୍ରସାର ବ୍ୟାପକ ହୋଇଥିଲା। ମୁସଲମାନ ଶାସକ ଗାନ୍ଧାରକୁ କବ୍‌ଜା କରିବା ପୂର୍ବରୁ ସେଠାରେ ମୌର୍ଯ୍ୟ ସାମ୍ରାଜ୍ୟ ଗଢ଼ି ଉଠିଥିଲା। ଏକାଦଶ ଶତାବ୍ଦୀ ବେଳକୁ ମେହମୁଦ୍ ଗଜ୍‌ନୀ ଗାନ୍ଧାରରେ ଶାସନ କରିଥିଲେ। ଇସ୍‌ଲାମୀୟ ଶାସନରେ ଗାନ୍ଧାରର ନାମ ଅପଭ୍ରଂଶ ହୋଇ କାନ୍ଦାହାରରେ ପରିଣତ ହୋଇଥିଲା। କଠୋରପନ୍ଥୀ ମୁସଲମାନ ଶାସକଙ୍କ ଦ୍ୱାରା ଆକ୍ରମଣର ଶିକାର ହୋଇଥିଲେ ବୌଦ୍ଧ ଧର୍ମାବଲମ୍ବୀ। ଅନେକ ବୌଦ୍ଧମୂର୍ତ୍ତିକୁ ଟାର୍ଗେଟ କରାଯାଇଥିଲା। ତାଲିବାନ ମଧ୍ୟ ଏହି ଧର୍ମର ଅସ୍ତିତ୍ୱ ହଟାଇବା ପାଇଁ ବାମିୟାନସ୍ଥିତ ଷଷ୍ଠ ଶତାବ୍ଦୀର ବୌଦ୍ଧ ମୂର୍ତ୍ତିକୁ ୨୦୦୧ରେ ଧ୍ୱଂସ କରି ଦେଇଥିଲା। ମୂର୍ତ୍ତି ସମେତ ଅନେକ ସ୍ଥାପତ୍ୟରେ ଝଲସିଥିଲା ଗାନ୍ଧାର କଳା ଯାହା ଏବେ ଅନେକ ଦେଶର ମ୍ୟୁଜିୟମରେ ସ୍ଥାନିତ ହୋଇଛି।



ନ୍ୟୁୟର୍କର ଦି ମେଟ୍ ମ୍ୟୁଜିୟମରେ ଥିବା ଏକ ଗାନ୍ଧାର କଳାକୃତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୧,୨୪,୪୧,୩୯୬ | ୪୪,୪୨,୨୮୨ | ୧୯,୦୦,୭୫,୯୨୯ |
| ଭାରତ | ୩,୨୪,୪୫,୩୫୨ | ୪,୩୪,୭୬୪ | ୩,୧୬,୬୮,୭୧୯ |
| ଓଡ଼ିଶା | ୧୦,୦୦,୯୩୭ | ୭୩୫୮(+୫୩) | ୯,୮୪,୨୨୪ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



## ସଂକ୍ଷେପରେ

### ଏମ୍ସରେ ଆଡ୍‌ଭାନ୍ସଡ୍ ମଲିକ୍ୟୁଲାର ଡାଇଗ୍ନୋଷ୍ଟିକ ସେଣ୍ଟର ଖୋଲିଲା



ଭୁବନେଶ୍ୱର,୨୨।୮(ବ୍ୟୁରୋ): ଭୁବନେଶ୍ୱର ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନ(ଏମ୍ସ)ରେ ଆଡ୍‌ଭାନ୍ସଡ୍ ମଲିକ୍ୟୁଲାର ଡାଇଗ୍ନୋଷ୍ଟିକ ସେଣ୍ଟର ଖୋଲିଛି। ଇଣ୍ଡିଆନ କାଉନସିଲ ଅଫ୍ ମେଡିକାଲ୍ ରିସର୍ଚ୍ଚ (ଆଇସିଏମ୍ଆର୍) ପକ୍ଷରୁ ଏହି କେନ୍ଦ୍ର ଆରମ୍ଭ କରାଯାଇଛି। ଏଠାରେ ବିଭିନ୍ନ ପ୍ରକାର ଫଙ୍ଗସ୍ ଉପରେ ଗବେଷଣା କରାଯିବ। ଗବେଷଣା ପାଇଁ ଆଇସିଏମ୍ଆର୍ ଆସନ୍ତା ୩ ବର୍ଷ ମଧ୍ୟରେ ଅଢ଼େଇ କୋଟି ଟଙ୍କା ଦେବ। ଏହାକୁ ପୂର୍ବ ଭାରତର ରେଫରାଲ ସେଣ୍ଟର ଭାବେ ଉପଯୋଗ କରାଯିବ। ବର୍ତ୍ତମାନ ସମୟରେ ଦେଖାଦେଇଥିବା ବିଭିନ୍ନ ପ୍ରକାରର ନୂଆ ନୂଆ ଫଙ୍ଗସ୍ ସଂକ୍ରାନ୍ତରେ ଅନୁଧ୍ୟାନ କରାଯିବ। ଏଥିସହ ଏହାର ପ୍ରତିକାର ସଂକ୍ରାନ୍ତରେ ମଧ୍ୟ ଏହି ସେଣ୍ଟର ବେଶ୍ ପ୍ରଭାବଶାଳୀ ହେବ ବୋଲି ଏମ୍ସ ନିର୍ଦ୍ଦେଶିକା ଗୀତାଞ୍ଜଳି ବାଟମାନବେନ କହିଛନ୍ତି। ଏହି ସେଣ୍ଟରରେ ଗବେଷକଙ୍କ ସହ ଅନ୍ୟ ଅଧିକାରୀ ଓ କର୍ମଚାରୀଙ୍କ ନିଯୁକ୍ତି ଶେଷ ହୋଇଥିବା ସେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ କିଛିଦିନ ତଳେ ଭୁବନେଶ୍ୱର ଏମ୍ସ ଗବେଷକ ଏକ ନୂଆ ଫଙ୍ଗସ୍‌ର ଆବିଷ୍କାର କରି ଚର୍ଚ୍ଚାକୁ ଆସିଥିଲେ। ଏହାର ନାମ 'ଅରୁଣାଲୋକେ' ରଖାଯାଇଛି। 'ଅରୁଣାଲୋକେ' ବ୍ଲାକ୍ ଫଙ୍ଗସ୍ ବା ମ୍ୟୁକୋରମାଇକୋସିସ୍ ସୃଷ୍ଟି କରୁଥିବା ସୂଚନା ମିଳିଛି।

# ୮ଦିନରେ ୯୪୮ ପିଲା ସଂକ୍ରମିତ

## ରାଜ୍ୟରେ ଆଉ ୮୫୩ ଆକ୍ରାନ୍ତ ଚିହ୍ନଟ, ୬୯ ମୃତ

ଭୁବନେଶ୍ୱର, ୨୨।୮(ବ୍ୟୁରୋ)

ରାଜ୍ୟରେ କରୋନାର କୋପ କମୁଥିଲେ ମଧ୍ୟ ପିଲାଙ୍କ ସଂକ୍ରମଣ ଏବେ ଚିନ୍ତା ବଢ଼ାଇଛି। ଇତିମଧ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ଟପିଥିବାବେଳେ ପ୍ରାୟ ଏକ ଲକ୍ଷ ପିଲା ରହିଛନ୍ତି। ସେହିଭଳି ୩୬ ପିଲାଙ୍କ ମୃତ୍ୟୁ ହୋଇଛି। ଧୀରେ ଧୀରେ ପିଲାଙ୍କ ପ୍ରତି ଏହି ମହାମାରୀ ଅଧିକ ଘାତକ ହେଉଥିବାରୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ସରକାର ମଧ୍ୟ ପ୍ରଥମଥର ପାଇଁ ଗତ ୧୫ ତାରିଖରୁ ଦୈନିକ ଶିଶୁ ଆକ୍ରାନ୍ତଙ୍କ ତଥ୍ୟ ପ୍ରଦାନ କରି ଅଭିଭାବକଙ୍କୁ ସତର୍କ ଓ ସଚେତନ କରୁଛନ୍ତି। ଉକ୍ତଦିନ ଶୂନରୁ ୧୮ ବର୍ଷ ବୟସର ୧୩୮ଜଣ ପିଲା ଚିହ୍ନଟ ହୋଇଥିବାବେଳେ ଦୈନିକ ଶହେ ଉପରେ ଶିଶୁ ଓ କିଶୋର କରୋନାରେ ସଂକ୍ରମିତ ହେଉଛନ୍ତି। ଖାଲି ସେତିକି ନୁହେଁ, ରାଜ୍ୟର ମୋଟ ଦୈନିକ ସଂକ୍ରମିତଙ୍କ ମଧ୍ୟରୁ ୧୦%ରୁ ଅଧିକ ହେଉଛନ୍ତି ପିଲା। ଗତ ୨୪ ଘଣ୍ଟାରେ ରାଜ୍ୟରେ ୮୫୩ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଏମାନଙ୍କ ମଧ୍ୟରୁ ଆକ୍ରାନ୍ତ ପିଲାଙ୍କ ସଂଖ୍ୟା ୧୦୦ ରହିଛି, ଯାହା ମୋଟ ସଂକ୍ରମଣର ପାଖାପାଖି ୧୨% ରହିଛି। ଏହାକୁ ମିଶାଇ ଗତ ୮ ଦିନରେ ରାଜ୍ୟରେ ୯୪୮ଜଣ ପିଲା କରୋନାରେ ସଂକ୍ରମିତ ହୋଇଥିବା ଜଣାପଡ଼ିଛି।

ସେପଟେ ତୃତୀୟ ଲହରରେ ପିଲା ଅଧିକ ସଂକ୍ରମିତ ହେବେ ବୋଲି ଆକଳନ କରାଯାଉଥିବାରୁ ଅଭିଭାବକମାନେ ଆଶଙ୍କାରେ ଅଛନ୍ତି। ଏ ପରିସ୍ଥିତିରେ ରାଜ୍ୟବାସୀଙ୍କୁ ଭୟଭୀତ ନ ହେବାକୁ ପରାମର୍ଶ ଦେଇଛି ସ୍ୱାସ୍ଥ୍ୟ ବିଭାଗ। ତୃତୀୟ ଲହର ଆସିନାହିଁ। ଶିଶୁଙ୍କ ସଂକ୍ରମଣ

### ଚାଇଲ୍ଡ କେୟାର ଅନୁଷ୍ଠାନରେ ୭୨୧ ଶିଶୁ କୋଭିଡ୍ ପଜିଟିଭ

ନୂଆଦିଲ୍ଲୀ, ୨୨।୮

ଦେଶର ୧୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଥିବା ଚାଇଲ୍ଡ କେୟାର ଅନୁଷ୍ଠାନରେ ବର୍ତ୍ତମାନ ସୁଦ୍ଧା ୭୨୦ରୁ ଊର୍ଦ୍ଧ୍ୱ ପିଲା କରୋନା ସଂକ୍ରମିତ ହେଲେଣି। ତେବେ କରୋନାରେ କୌଣସି ଶିଶୁ ପ୍ରାଣ ହରାଇ ନ ଥିବା ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନଙ୍କ ତଥ୍ୟରୁ ଜଣାପଡ଼ିଛି। ସୂଚନା ଅଧିକାର ଆଇନ ବଳରେ ହୋଇଥିବା ଆବେଦନର ଉତ୍ତରରେ କମିଶନ ପକ୍ଷରୁ ଉପରୋକ୍ତ ଉତ୍ତର ଦିଆଯାଇଛି। ଉକ୍ତ ତଥ୍ୟ ଅନୁଯାୟୀ ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ଚାଇଲ୍ଡ କେୟାର ଇନ୍‌ଷ୍ଟିଚ୍ୟୁଶନ (ସିସିଆଇ)ରେ ରହିଥିବା ୬୮୬ ପିଲା କରୋନା ସଂକ୍ରମିତ ହୋଇଛନ୍ତି। ଗତବର୍ଷ କେବଳ ଉତ୍ତରପ୍ରଦେଶରେ ଥିବା ସିସିଆଇରେ ୩୫ ପିଲା ସଂକ୍ରମିତ ହୋଇଥିଲେ। ଚଳିତବର୍ଷ ହରିୟାଣା ସିସିଆଇରେ ସର୍ବାଧିକ ୨୮୮ ପିଲା ସଂକ୍ରମିତ ହୋଇଥିବାବେଳେ ତାମିଲନାଡୁରେ ୧୪୯ ଏବଂ ବିହାରରେ ୧୩୧ ସଂକ୍ରମିତ ହୋଇଛନ୍ତି। ଅନ୍ୟ ରାଜ୍ୟ ମଧ୍ୟରୁ ମିଜୋରାମରେ ୪୬, କର୍ଣ୍ଣାଟକରେ ୩୭, ଦିଲ୍ଲୀରେ ୧୯, ତେଲଙ୍ଗାନାରେ ୭, ଗୁଜରାଟରେ ୬, ଚଣ୍ଡିଗଡ଼ରେ ୩ ଶିଶୁ କରୋନା ଆକ୍ରାନ୍ତ ହୋଇଛନ୍ତି। ୧୧ ରାଜ୍ୟରେ ମୋଟ ୮୫୭ ସିସିଆଇ ରହିଛି, ଯେଉଁଠି ୩୩,୬୯୫ ଶିଶୁ ରହୁଛନ୍ତି।



ବିଶ୍ଳେଷଣ ପାଇଁ ଏପରି ତଥ୍ୟ ଉପରେ ନଜର ରଖାଯାଉଛି। ଏହି ତଥ୍ୟକୁ ନେଇ ଶିଶୁ ଆକ୍ରାନ୍ତ ବଢ଼ିଛି ବୋଲି କୁହାଯାଇପାରିବ ନାହିଁ। କିଛିଦିନର ବିଶ୍ଳେଷଣ ପରେ ଆକ୍ରାନ୍ତ ହାର ଜଣାପଡ଼ିବ। ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁଥିବା ସବୁ ଲକ୍ଷଣଯୁକ୍ତ ପିଲାଙ୍କ କରୋନା ପରୀକ୍ଷା ପାଇଁ କୁହାଯାଇଛି। ପରବର୍ତ୍ତୀ ସମୟରେ ପିଲାଙ୍କ ପଜିଟିଭିଟି ରେଟ୍ କେତେ ଜଣାପଡ଼ିବ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି। ଡିଏମ୍ଇଟି ସିବିକେ ମହାନ୍ତି ମହାନ୍ତି ମଧ୍ୟ ରାଜ୍ୟବାସୀଙ୍କୁ ଆଶ୍ୱସ୍ତି ଦେଇ କହିଛନ୍ତି, ପ୍ରଥମ ଲହରରେ ଶିଶୁ ସଂକ୍ରମଣ ଯେଉଁ ଟ୍ରେଣ୍ଡରେ ଥିଲା ଦ୍ୱିତୀୟ ଲହରରେ ବି ସେହି ଟ୍ରେଣ୍ଡ ରହିଛି। ତେବେ ସଂକ୍ରମଣ ଉପରମୁହାଁ ହେଲେ କୌଣସି ଲହର ଆସିଲା ବୋଲି ଜଣାପଡ଼ିବ। କିନ୍ତୁ ରାଜ୍ୟରେ ଏବେ ସେମିତି ଅବସ୍ଥା ହୋଇନାହିଁ। ତଥାପି ରାଜ୍ୟ ସରକାର ତୃତୀୟ ଲହର ମୁକାବିଲା କରିବା ପାଇଁ ସବୁ ପ୍ରକାର ପ୍ରସ୍ତୁତ ଅଛନ୍ତି ବୋଲି ଡିଏମ୍ଇଟି କହିଛନ୍ତି।

ଅନ୍ୟପକ୍ଷରେ ଗତ ୨୪ଘଣ୍ଟାରେ ୬୭,୮୩୪ ନମୁନା ପରୀକ୍ଷା ହୋଇଥିବା ବେଳେ ୮୫୩ଜଣ ପଜିଟିଭ୍ ବାହାରିଛନ୍ତି। ସଂକ୍ରମଣ ହାର ୧.୨୬%କୁ ଖସିଆସିଛି। ହେଲେ ସର୍ବନିମ୍ନ ଆକ୍ରାନ୍ତ ଚିହ୍ନଟ ହେଉଥିବା ଦେବଗଡ଼ ଜିଲାରେ ହଠାତ୍ ସଂକ୍ରମଣ ବଢ଼ିଯାଇଛି। ଏହି ଜିଲାରେ ୨୫୯ ନମୁନା ପରୀକ୍ଷା ହୋଇଥିବାବେଳେ ଏଠାରେ ୧୩ଜଣ ପଜିଟିଭ୍ ବାହାରିଛନ୍ତି। ସଂକ୍ରମଣ ହାର ୫%କୁ ବଢ଼ିଯାଇଥିବାରୁ ଏହା ଏବେ ରାଜ୍ୟର ସର୍ବାଧିକ ସଂକ୍ରମଣ ହାର ଜିଲା ହୋଇଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୨୮୬ଜଣ ଥିବାବେଳେ କଟକରୁ ୧୪୦ଜଣ ରହିଛନ୍ତି। ଏବେ ରାଜ୍ୟରେ ମୋଟ ସଂକ୍ରମିତ ସଂଖ୍ୟା ୧୦,୦୦,୯୩୭ରେ ପହଞ୍ଚିଛି। ସେହିଭଳି ରାଜ୍ୟରେ ଆଉ ୬୯ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଏମାନଙ୍କୁ ମିଶାଇ ମୋଟ କରୋନା ମୃତ୍ୟୁ ସଂଖ୍ୟା ୭,୩୫୮ରେ ପହଞ୍ଚିଛି। ରବିବାର ଆଉ ୧,୦୭୮ ରୋଗୀ କରୋନାରୁ ସୁସ୍ଥ ହେବାପରେ ଆରୋଗ୍ୟ ସଂଖ୍ୟା ୯,୮୫,୩୦୨କୁ ବୃଦ୍ଧି ପାଇଛି। ବର୍ତ୍ତମାନ ୮,୨୨୪ ଜଣ ସକ୍ରିୟ ରୋଗୀ ରହିଛନ୍ତି।

# ଧର୍ମେନ୍ଦ୍ରଙ୍କୁ ଭେଟିଲେ ୪ କୁଳପତି



ଭୁବନେଶ୍ୱର, ୨୨।୮(ବ୍ୟୁରୋ)

**'ବିଶ୍ୱବିଦ୍ୟାଳୟର ଉନ୍ନତି, ରାଷ୍ଟ୍ରୀୟ ଶିକ୍ଷାନୀତି ଦ୍ୱାରା ଓଡ଼ିଶା ଶିକ୍ଷା ଅର୍ଥନୀତିରେ ପରିଣତ ହେବ'**

ଓଡ଼ିଶା ଗସ୍ତରେ ଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ରବିବାର ୪ ବିଶ୍ୱବିଦ୍ୟାଳୟର କୁଳପତି ସାକ୍ଷାତ କରିଛନ୍ତି। ଏ ନେଇ ସେ ଟୁଇଟ୍ କରି ସୂଚନା ଦେଇଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟଙ୍କ ସହ ସାକ୍ଷାତ ଅବସରରେ କେନ୍ଦ୍ରମନ୍ତ୍ରୀ ବିଶ୍ୱବିଦ୍ୟାଳୟ ସହ ଜଡ଼ିତ ଉନ୍ନୟନମୂଳକ କାର୍ଯ୍ୟ ସମ୍ବନ୍ଧରେ କଥା ହୋଇଥିଲେ। ସେହିପରି ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡା. ସଞ୍ଜୟ ନାୟକ ଏବଂ ବିଶ୍ୱବିଦ୍ୟାଳୟର ଶିକ୍ଷକ ସଂଘର କର୍ମକର୍ତ୍ତା, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର କିଶୋର କୁମାର ବସା ପ୍ରମୁଖ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କୁ ସାକ୍ଷାତ କରି ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ମନ୍ତ୍ରୀ କହିଛନ୍ତି, ବିଶ୍ୱବିଦ୍ୟାଳୟର ଉନ୍ନତି ଓ ରାଷ୍ଟ୍ରୀୟ ଶିକ୍ଷା ନୀତି ଜରିଆରେ ଓଡ଼ିଶାକୁ ଏକବିଂଶ ଶତାବ୍ଦୀରେ ଶିକ୍ଷା ଅର୍ଥନୀତିରେ ପରିଣତ ହେବ। ଭାରତ ସରକାରଙ୍କ ଏପରି ପ୍ରୟାସ ଉପରେ ଆଲୋଚନା ହୋଇଛି। ପରେ ସେ ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ ତ୍ରିପାଠୀଙ୍କ ସହ ଓଡ଼ିଶାରେ ଗବେଷଣା ଓ ଶିକ୍ଷା ଭିତ୍ତିଭୂମିକୁ ମଜବୁତ କରିବା ସହ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ସମ୍ବନ୍ଧରେ ଆଲୋଚନା କରିଛନ୍ତି।

ଏଥିସହ କେନ୍ଦ୍ରମନ୍ତ୍ରୀଙ୍କୁ ରାଜ୍ୟର କେତେଜଣ ଜଣାଶୁଣା ସାହିତ୍ୟିକ ଭେଟି ଶୁଭେଚ୍ଛା ଜଣାଇଛନ୍ତି। ବିଶିଷ୍ଟ ଲେଖିକା ତଥା ପଦ୍ମଶ୍ରୀ ପ୍ରତିଭା ରାୟ, ବିଶିଷ୍ଟ ସାହିତ୍ୟିକ ତଥା ସ୍ତମ୍ଭକାର ହରପ୍ରସାଦ ଦାସଙ୍କ ସହ ଆଲୋଚନାବେଳେ ଓଡ଼ିଶା ଜାତି, ଭାଷା ଓ ସାହିତ୍ୟ ଉପରେ ଗୁରୁତ୍ୱ ଦେଇଛନ୍ତି। ଏହି ଅବସରରେ ସାହିତ୍ୟିକ ଦାସ ଓଡ଼ିଆ ଜାତିର ଇତିହାସ ଉପରେ ଲେଖିଥିବା ଅନ୍ତିମ ଖଣ୍ଡ 'ଓଡ଼ିଆ ଜାତିର ଜୀବନଗାଥା'କୁ କେନ୍ଦ୍ରମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ପୂର୍ବରୁ ଦାସଙ୍କ ଲିଖିତ 'ଓଡ଼ିଆ ଜାତିର ଜୀବନକଥା' ଏବଂ 'ଓଡ଼ିଆ ଜାତିର ଜୀବନଚିନ୍ତା' ପୁସ୍ତକ ଆଦୃତ ହୋଇପାରିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ୨୦ ପଇସା କମିଲା ପେଟ୍ରୋଲ, ଡିଜେଲ

ଭୁବନେଶ୍ୱର,୨୨।୮

ଦୀର୍ଘ ଏକ ମାସରୁ ଊର୍ଦ୍ଧ୍ୱ ସମୟ ପରେ ପ୍ରଥମ ଥର ପାଇଁ ପେଟ୍ରୋଲ ମୂଲ୍ୟରେ ପରିବର୍ତ୍ତନ ହୋଇଛି। ସେହିଭଳି ଦିନକର ବିରତି ପରେ ୪ର୍ଥ ଥର ଲାଗି ସାରା ଦେଶରେ ଡିଜେଲ ଦର ମଧ୍ୟ ହ୍ରାସ ପାଇଛି। ପ୍ରମୁଖ ତୈଳ ବିପଣନ କମ୍ପାନୀ ଭାରତୀୟ ତୈଳ ନିଗମ (ଆଇଓସିଏଲ୍)ର ସୂଚନା ଅନୁସାରେ ରବିବାର ଭୁବନେଶ୍ୱରରେ ପେଟ୍ରୋଲ ଉପରେ ୨୦ ପଇସା ଏବଂ ଡିଜେଲରେ ୧୯ ପଇସା କମିଛି। ଫଳରେ ଏଠାରେ ପେଟ୍ରୋଲ ଲିଟର ପିଛା ୧୦୨.୪୬ ଟଙ୍କା ଓ ଡିଜେଲ ୯୭.୦୮ ଟଙ୍କାରେ ବିକ୍ରି ହେଉଛି। ସେହିପରି କଟକ ସହରରେ ପେଟ୍ରୋଲ ଲିଟର ପିଛା ଦର ୧୦୨.୮୧ ଟଙ୍କା ଏବଂ ଡିଜେଲ ୯୭.୪୨ ଟଙ୍କା ରହିଛି। ବହୁ ପ୍ରତିବାଦ ଓ ବିରୋଧ ପରେ ତୈଳ ଦର ସାମାନ୍ୟ ହ୍ରାସ ହୋଇଥିଲେ ମଧ୍ୟ ଏହା କୋଭିଡ୍ ସମୟରେ ପରିବହନଠାରୁ ଆରମ୍ଭକରି ପରିବା ହାଟ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିଛି। ଇତିମଧ୍ୟରେ ଡିଜେଲ ଦର ପ୍ରାୟ ୧ଟଙ୍କା କମିଥିଲେ ମଧ୍ୟ ଡିଜେଲର ସର୍ବକାଳୀନ ରେକର୍ଡ ଯୋଗୁ ଖାଉଟିଙ୍କ ଉପରେ ଏହାର ବ୍ୟାପକ ପ୍ରଭାବ ପଡୁଛି ବୋଲି ବଜାର ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।



# ଗଛରେ ବାନ୍ଧିଲେ ୧୪ ଫୁଟ୍ ରାଖୀ



ବୌଦ୍ଧ,୨୨।୮(ସ୍ୱ.ପ୍ର.): ରାଖୀ ପୂର୍ଣ୍ଣିମା ଅବସରରେ ରବିବାର ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟରେ ଥିବା ଏକ ଗଛରେ ୧୪ ଫୁଟର ରାଖୀ ବନ୍ଧାଯାଇଛି। ଯୁବ ରେଡ୍‌କ୍ରସ, ଇକୋ କ୍ଲବ ଓ ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ଏହାକୁ ତିଆରି କରାଯାଇଛି। ଆୟୋଜକମାନେ ବିଶ୍ୱ ରେକର୍ଡ ମାନ୍ୟତା ପାଇବା ଆଶା ରଖି ଏହାକୁ ପ୍ରସ୍ତୁତ କରିଛନ୍ତି। ଅଧ୍ୟାପକ ପ୍ରବୀର ଦାସ ଏହାର ପରିକଳ୍ପନା କରିଥିବା ବେଳେ ୫୦ ଛାତ୍ରୀଛାତ୍ର ଏବଂ ପୁରାତନ ଛାତ୍ର ସହଯୋଗ କରିଥିଲେ। ରାଖୀ ପ୍ରସ୍ତୁତିରେ ୯୦ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଏଥିରେ ବାଉଁଶ, ୧୭ ଗୋଟି ବଡ଼ କାଗଜ ପେଟି, ୧ କେଜି ସୁତୁଲି, ୪୫ ଗୋଟି ଡ୍ରଇଁଶିଟ୍, ରଙ୍ଗ, ମଇଦା ଅଠା ଏବଂ କଦମ୍ବ ଗଛର ପତ୍ର ବ୍ୟବହାର କରାଯାଇଛି।

# କାରୁକଳାରେ ଆଫଗାନ କୋହ

**ରୂଢ଼ିବାଦୀ ସଂସ୍କୃତିକୁ ପଛରେ ଛାଡ଼ି ଟ୍ରିପ୍‌ଡ୍ ଜିନ୍ସ ଆଡ଼କୁ ପାଦ ବଢ଼ାଇବା ବେଳକୁ ପୁଣି ଫେରିଛି ବୁର୍ଖା, ହିଜାବ ଯୁଗ। ଶେଷ ହୋଇଯାଇଛି ଆଫଗାନ ମହିଳାଙ୍କ ସ୍ୱାଧୀନତା। ପୋଷାକ ପରିଧାନ, ଖାଦ୍ୟପେୟ, ଚାଲିଚଳଣି ଏପରି କି କଥା କହିବାର ଅଧିକାର ସଙ୍କୁଚିତ ହୋଇଯାଇଛି। ଏଭଳି ସମୟରେ ଆଫଗାନିସ୍ତାନ ମାଟିରେ ବର୍ବର ତାଲିବାନୀ ଶାସନର ଦୁଃଖ, ଦୈନ୍ୟ, ଯନ୍ତ୍ରଣାର ବିଭୀଷିକାକୁ କାରୁକଳାରେ ସ୍ଥାନିତ କରିଛନ୍ତି ଦେଶର ପ୍ରଥମ ମହିଳା ଗ୍ରାଫିଟି ଓ ଷ୍ଟ୍ରିଟ୍ ଆର୍ଟିଷ୍ଟ ଶମ୍‌ସିଆ ହସାନୀ।**

କାବୁଲ୍, ୨୨।୮



ଆଫଗାନିସ୍ତାନରେ ପ୍ରଥମ ମହିଳା ଗ୍ରାଫିଟି ଏବଂ ଷ୍ଟ୍ରିଟ୍ ଆର୍ଟିଷ୍ଟ ଶମ୍‌ସିଆ ହସାନୀ ହିଂସାଗ୍ରସ୍ତ ଆଫଗାନ୍‌ର ନାରୀ ଅଧିକାର ବିଷୟରେ ସ୍ୱର ଉତ୍ତୋଳନ କରି ଚର୍ଚ୍ଚା ସାଉଁଟୁଛନ୍ତି। ତାଲିବାନୀ ଶାସନ ଆରମ୍ଭ ହେବାପରେ ଦେଶର କଳାକାର, ମହିଳା, ନାବାଳିକାଙ୍କ ସାଂଘାତିକ ଯନ୍ତ୍ରଣାର ଚିତ୍ରକୁ ସେ ତୋଳି ଧରିଛନ୍ତି କାନ୍‌ଭାସ୍‌ରେ। ଏହି ପ୍ରାଚୀର ଚିତ୍ରକଳା (ଗ୍ରାଫିଟି)ଗୁଡ଼ିକ ବିଶ୍ୱବ୍ୟାପୀ ଦୃଷ୍ଟି ଆକର୍ଷଣ କରିଥିବାବେଳେ ନିର୍ଯାତିତ ଆଫଗାନ୍ ମହିଳାଙ୍କ ପାଇଁ ଚିନ୍ତାବ୍ୟକ୍ତ କରିଛନ୍ତି ବିଭିନ୍ନ ଦେଶର ବୁଦ୍ଧିଜୀବୀ।

ସୋସିଆଲ ମିଡିଆରେ ଶମ୍‌ସିଆ ଜଣେ ଚର୍ଚ୍ଚିତ ଚେହେରା। ଏସିଆ, ୟୁରୋପ, ଆମେରିକା ସମେତ ମଧ୍ୟପ୍ରାଚ୍ୟରେ ଆୟୋଜିତ ଅନ୍ତର୍ଜାତୀୟ ପ୍ରଦର୍ଶନୀରେ ତାଙ୍କର ଚିତ୍ରକଳା ସ୍ଥାନିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି। ସେ ଅନେକ ମଞ୍ଚରେ ବିଚାରକ ଦାୟିତ୍ୱ ମଧ୍ୟ ତୁଲାଇଛନ୍ତି। ୨୦୧୪ରେ ବୈଦେଶିକ ନୀତି ଅନୁଯାୟୀ ତାଙ୍କୁ ବିଶ୍ୱର ଶ୍ରେଷ୍ଠ ୧୦୦ ବିଚାରକ ତାଲିକାରେ ସ୍ଥାନ ଦିଆଯାଇଥିଲା। 'ଗୁଡ୍‌ନାଇଟ୍ ଷ୍ଟୋରିଜ୍ ଫର୍ ରିବେଲ ଗର୍ଲସ୍'ର ଦ୍ୱିତୀୟ ଭଲ୍ୟୁମ୍‌ରେ ତାଙ୍କୁ ସ୍ଥାନିତ କରାଯାଇଥିଲା। ତେବେ ଶମସିଆଙ୍କ ସଦ୍ୟତମ ଚିତ୍ରରେ ଫୁଟିଛି ତାଲିବାନ ଶାସନ ପ୍ରତି ଆଫଗାନ୍ କଳାକାରଙ୍କ କ୍ଷୋଭ, ଦମ୍ଭ ଏବଂ ଯାତନାର କରୁଣ ଚିତ୍ର।

ଶମ୍‌ସିଆଙ୍କ ଭିନ୍ନ ଚିତ୍ରକଳା ସାରା ପୃଥିବୀର କଳାକାର, ନିର୍ଯାତିତା ମହିଳାଙ୍କ ସ୍ୱର ପାଲଟିଛି। ପୁରୁଷ ପ୍ରଧାନ ସମାଜର ନାରୀ ବିରୋଧୀ ମାନସିକତା, ସଙ୍କୁଚିତ ରୂଢ଼ିବାଦୀ ଚିନ୍ତାଧାରା,



ଶମ୍‌ସିଆ ହସାନୀ

ଘୃଣ୍ୟ ଭାବନା ଫୁଟି ଉଠିଛି ତାଙ୍କ ତୂଳୀରେ, ଯାହା ଆଫଗାନବାସୀଙ୍କ ମଧ୍ୟରେ ବିଦ୍ରୋହର ବହ୍ନିକୁ ତେଜିଛି। ଶମ୍‌ସିଆଙ୍କ ବର୍ତ୍ତମାନର ସବୁଠାରୁ ଚର୍ଚ୍ଚିତ କଳା ମଧ୍ୟରୁ ଗୋଟିଏ 'ପିଆନୋର ଦୁଃଖ'। ଏହି ଚିତ୍ରରେ ନୀଳରଙ୍ଗର ବୁର୍ଖା ପରିହିତା ଜଣେ ଆଫ୍‌ଗାନ ମହିଳା ଏକ ପିଆନୋକୁ ନିଜ ଛାତିରେ ଜାବୁଡ଼ି ଧରିଛନ୍ତି। ମହିଳାଙ୍କ ପଛପାର୍ଶ୍ୱରେ କଳା ରଙ୍ଗ ଭିତରେ ଉକୁଟି ଉଠିଛି ବନ୍ଧୁକଧାରୀ ତାଲିବାନୀଙ୍କ ସାଙ୍କେତିକ ଚିତ୍ର। ଏଭଳି ଚିତ୍ର ତାଲିବାନୀ ଶାସନରେ ଜଣେ ପିଆନୋ ଆର୍ଟିଷ୍ଟଙ୍କ ବାସ୍ତବ ସ୍ଥିତିକୁ ଦର୍ଶାଇଛି।

ଅନ୍ୟ ଏକ ଚିତ୍ରରେ ଜଣେ ବାଳିକା ହାତରେ ଫୁଲକୁଣ୍ଡ ଧରିଥିବାବେଳେ ସେଥିରେ ଚମକୁଛି ଏକ ଫୁଲ, ଯାହା ଭବିଷ୍ୟତ ପିଢ଼ି ପାଇଁ ଆଶା ଓ ଆକାଂକ୍ଷାର ପ୍ରତୀକ। ବାଳିକାଙ୍କ ଆଖିରୁ ଲୁହ ନିଗିଡ଼ି ପଡୁଥିବାବେଳେ ତାଙ୍କ ସାମ୍ନାରେ ଛିଡ଼ା ହୋଇଛନ୍ତି ଜଣେ ବନ୍ଧୁକଧାରୀ। ହେଲେ ବାଳିକା ଜଣକ ନିର୍ବିକାର। ସେ ଶଙ୍କି ନ ଯାଇ ବନ୍ଧୁକଧାରୀଙ୍କ ଆଖିରେ ଆଖି ମିଳାଇ ଦମ୍ଭୋକ୍ତି ଦେଖାଉଛନ୍ତି। 'ତାଲିବାନୀ ଆମର ଭବିଷ୍ୟତ ନିୟନ୍ତା ନୁହନ୍ତି, କୌଣସି ପରିସ୍ଥିତିରେ ଆତଙ୍କବାଦୀଙ୍କ ଆଗରେ ମୁଣ୍ଡ ନୁଆଁଇବୁ ନାହିଁ' ବୋଲି ଚିତ୍ରରେ ବୀରତ୍ୱର ବାର୍ତ୍ତା ଦିଆଯାଇଛି। ତେବେ ଏଭଳି ଏକ ଫଟୋ ପୋଷ୍ଟ କରାଯିବା ପରେ ଶମ୍‌ସିଆଙ୍କ ଇନ୍‌ଷ୍ଟାଗ୍ରାମ ସାଇଟ୍ ନିଷ୍କ୍ରିୟ ହୋଇଯାଇଥିଲା। ଏହାପରେ ତାଙ୍କୁ ନେଇ ଅନେକେ ଚିନ୍ତାରେ ପଡ଼ିଥିଲେ। ଗତ ଅଗଷ୍ଟ ୧୭ରେ ତାଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟ ସକ୍ରିୟ ହୋଇଥିଲା। ଶମ୍‌ସିଆ ପୁଣି ଥରେ ଏକ ଚିତ୍ର ପୋଷ୍ଟ କରିଥିଲେ। ଏଥିରେ ପୂର୍ବ ଫଟୋର ଫୁଲକୁଣ୍ଡଧାରୀ ବାଳିକା ଜଣକ ତାଲିବାନୀ ବନ୍ଧୁକଧାରୀ ଆତଙ୍କବାଦୀଙ୍କ ସମ୍ମୁଖରେ ଆଣ୍ଠୁମାଡ଼ି ବସିଛନ୍ତି। ତାଙ୍କ ହାତରେ ଥିବା ଫୁଲକୁଣ୍ଡ ଭାଙ୍ଗିଯାଇଛି, ଯାହା ଆଫଗାନିସ୍ତାନର ସାମ୍ପ୍ରତିକ କରୁଣ ଚିତ୍ରକୁ ବୟାନ କରିବାକୁ ଯଥେଷ୍ଟ। ଏଭଳି ସମୟରେ ଦୁନିଆ ଆଗରେ ଆଫଗାନ୍ ବେଦନାକୁ ଉପସ୍ଥାପନ କରୁଥିବା କଳାନୁରାଗୀ ଶମ୍‌ସିଆ ଏବେ ଅଜ୍ଞାତ ବାସରେ।




**ଆଜିର ମନ୍ତବ୍ୟ**

"ଅସ୍ଥିର ପଡ଼ୋଶୀ ଦେଶରେ ଶିଖ୍ ଏବଂ ହିନ୍ଦୁମାନେ କଷ୍ଟକର ସମୟ ଦେଇ ଗତି କରୁଛନ୍ତି। ଏହି କାରଣରୁ ନାଗରିକତ୍ୱ ସଂଶୋଧନ ଆଇନ ପ୍ରଣୟନ ଆବଶ୍ୟକ ଥିଲା। **–ହରଦୀପ ସିଂ ପୁରୀ, କେନ୍ଦ୍ର ମନ୍ତ୍ରୀ**


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ସର୍ବରିଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଶବାଗାରରେ ଗୁଣିଆ, ମୃତ ମହିଳାଙ୍କୁ ଝଡ଼ାଫୁଙ୍କା

**ଅନୁଗୋଳ ଅଫିସ, ୨୨।୮**

ସାପ କାମୁଡ଼ାରେ ମରିସାରିଥିଲେ ମହିଳା। ଏକଥା ସ୍ପଷ୍ଟ କରିସାରିଥିଲେ ଡାକ୍ତର। ନିୟମ ଅନୁଯାୟୀ ମୃତଦେହ ବ୍ୟବଚ୍ଛେଦ ଲାଗି ପହଞ୍ଚିଥିଲା ଶବାଗାରରେ। ହେଲେ ବ୍ୟବଚ୍ଛେଦ ପୂର୍ବରୁ ମୃତ ମହିଳାଙ୍କୁ ବଞ୍ଚାଇବା ଲାଗି ଚାଲିଲା ଅନ୍ଧବିଶ୍ୱାସର ଖେଳ। ପରିବାର ଲୋକଙ୍କ ଆମନ୍ତ୍ରଣରେ ପହଞ୍ଚିଲେ ଗୁଣିଆ। ମୃତଦେହକୁ ଝଡ଼ାଫୁଙ୍କା ବି କଲେ। କୌଣସି ଉପାନ୍ତ ଅଞ୍ଚଳ ନୁହେଁ, ଶିଳ୍ପ ସମୃଦ୍ଧ ଅନୁଗୋଳ ଜିଲା ସ୍ୱାସ୍ଥ୍ୟସେବାର ପ୍ରାଣକେନ୍ଦ୍ର କୁହାଯାଉଥିବା ମୁଖ୍ୟ ଚିକିତ୍ସାଳୟରେ ରବିବାର ଅଧଘଣ୍ଟା ଧରି ଚାଲିଥିବା ଏଭଳି ଅନ୍ଧବିଶ୍ୱାସ କାର୍ଯ୍ୟକୁ କୌଣସି ସ୍ୱାସ୍ଥ୍ୟକର୍ମୀ ରୋକିଲେ ନା ପ୍ରତିବାଦ କଲେ, ଯାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ବନ୍ତଲା ଥାନା ଅନ୍ତର୍ଗତ ଖିଣ୍ଡା ଗ୍ରାମର ଜଣେ ୪୫ ବର୍ଷୀୟା ମହିଳା ଶନିବାର ରାତିରେ ଶୋଇଥିବା ବେଳେ ସାପ କାମୁଡ଼ାର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ନିୟମ ଅନୁଯାୟୀ ବ୍ୟବଚ୍ଛେଦ କରାଇବାକୁ ମୃତଦେହ ଶବାଗାରକୁ ପଠାଇ ଦିଆଯାଇଥିଲା। ହେଲେ ପରିବାର ଲୋକେ ମହିଳାଙ୍କୁ ବଞ୍ଚାଇବାକୁ ଉଦ୍ୟମ ଆରମ୍ଭ କରିଥିଲେ। ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ରବିବାର ସକାଳେ ଜରପଡ଼ା ଅଞ୍ଚଳର ଜଣେ ଗୁଣିଆଙ୍କୁ ଡାକି ଶବାଗାର କବାଟ ଖୋଲି ମୃତଦେହକୁ ଝଡ଼ାଫୁଙ୍କା କରିଥିଲେ। ପୋଲିସ ପହଞ୍ଚି ମୃତକଙ୍କ ପରିବାରକୁ ବୁଝାଶୁଝା କରିବା ସହ ଗୁଣିଆଙ୍କୁ ତାଗିଦ୍ କରିଥିଲା। ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ତେବେ ହସ୍ପିଟାଲର କଡ଼ା ସୁରକ୍ଷା ବଳୟ ଭେଦ କରି ଗୁଣିଆ ଶବାଗାରରେ ପହଞ୍ଚିବା, ସେଠାରେ ଝଡ଼ାଫୁଙ୍କା କରିବା ଡାକ୍ତରଖାନାର ଢିଲା ସୁରକ୍ଷା ବ୍ୟବସ୍ଥାକୁ ପଦାରେ ପକାଇଛି। ସ୍ୱାସ୍ଥ୍ୟସେବାରେ ଅବ୍ୟବସ୍ଥା, ଟେଣ୍ଡର ଦୁର୍ନୀତିକୁ ନେଇ ଚର୍ଚ୍ଚା ସାଉଁଟୁଥିବା ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୁଣିଆ ପଶିବା ଆଲୋଡ଼ନ ସୃଷ୍ଟି କରିଛି।

**ଚର୍ଚ୍ଚାରେ ଅନୁଗୋଳ ଜିଲା ଚିକିତ୍ସାଳୟ**

ଘଟଣା ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଳୟର ଜଣେ ବରିଷ୍ଠ ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଡାକ୍ତରଖାନାରେ ଗୁଣିଗାରେଡ଼ିକୁ ପ୍ରଶ୍ରୟ ନ ଦେବାକୁ ତାଗିଦ୍ କରାଯାଉଛି। ପୂର୍ବରୁ ଅନେକ ଗୁଣିଆ ମେଡିକାଲକୁ ଆସୁଥିଲେ। ଏହା ବନ୍ଦ ଥିଲା। ଏବେ ପୁଣି ସେମାନଙ୍କ ଉପସ୍ଥିତି ଦେଖିବାକୁ ମିଳିଛି। ଏଥିପ୍ରତି ଦୃଷ୍ଟି ଦିଆଯିବା ସହ ରୋଗୀ ସମ୍ପର୍କୀୟଙ୍କୁ ସଚେତନ କରାଯିବ ବୋଲି ଅଧିକାରୀଜଣକ କହିଛନ୍ତି।




# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**କାମ ପୀଡ଼ାକୁ ଦଣ୍ଡ**
**ଦୋଷୀ ଲୋକକୁ ଦଣ୍ଡ**
**ବୃଦ୍ଧ ଲୋକକୁ ଦଣ୍ଡା।**

ଦେହ ଅସୁସ୍ଥ ଥିଲେ କାମ କରିବାକୁ ଆଗ୍ରହ କମିଯାଏ, କାମ କରିବା କଷ୍ଟକର ହୋଇଯାଏ। ଦୋଷୀ ବ୍ୟକ୍ତିଙ୍କୁ ଦଣ୍ଡ ବା ଶାସ୍ତି ରୂପେ କଠିନ କାମ କରିବାକୁ ପଡ଼ିଥାଏ। ସେହିପରି ବୃଦ୍ଧ ହୋଇଗଲେ ଶାରୀରିକ ଦକ୍ଷତା ବା ଶକ୍ତିରେ ହ୍ରାସ ଘଟେ, ସେତେବେଳେ କୌଣସି କାର୍ଯ୍ୟ କରିବା ତାଙ୍କ ପାଇଁ ସହଜସାଧ ହୋଇପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କିଣିଲି ଯେତେ ବିକିଲି ସେତେ**
**ନାମକୁ ଫେରିଲି ଖଣ୍ଡିଆ ହାତେ।**

ଜୀବନର ଏହାହିଁ ଏକ ଧାରା। ଲାଭ ବା କ୍ଷତି କାହାକୁ ନ ଛୁଇଁ ଜୀବନ ତା' ବାଟରେ ଗଡ଼ିଚାଲେ। ଜୀବନ ଏକ ହାଟ ସଉଦା। ହାଟ ସରିଗଲେ ଯେଝା ବାଟରେ ଯିଏ ଚାଲିଗଲା ପରି ଜୀବନ ପରପାରିକୁ ଚାଲିଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଚନ୍ଦାହାଣ୍ଡି ଘାଟିରେ ମାଓବାଦୀ ବ୍ୟାନର

**ଝରିଗାଁ, ୨୨।୮ (ସ୍ୱ.ପ୍ର.)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ସିଙ୍ଗାଡ଼ି ଘାଟି ନିକଟରୁ ରବିବାର ମାଓବାଦୀ ପୋଷ୍ଟର ମିଳିଛି। ଘାଟି ନିକଟରେ ଗଛ କାଟି ରାସ୍ତା ଅବରୋଧ କରାଯିବା ସହ ବ୍ୟାନର ଏବଂ ପୋଷ୍ଟର ଲାଗିଥିବା ଦେଖିବାକୁ ମିଳିଛି। ବ୍ୟାନରରେ ତେଲନଦୀ ଉପରେ ପ୍ରସ୍ତାବିତ ବିଲେଇଲାଟି ଜଳବିଦ୍ୟୁତ୍ ପ୍ରକଳ୍ପ ନିର୍ମାଣକୁ ବିରୋଧ କରାଯାଇଛି। ଏହି ପ୍ରକଳ୍ପ ଦ୍ୱାରା ଜିଲାର ଝରିଗାଁ, ଉମରକୋଟ ଏବଂ ରାଇଘର ବ୍ଲକର ପ୍ରାୟ ୧୦ହଜାର ପରିବାର ବିସ୍ଥାପିତ ହେବେ। ତେଣୁ ଏହି ପ୍ରକଳ୍ପକୁ ବିରୋଧ କରାଯାଉଛି ବୋଲି ସେଥିରେ ଉଲ୍ଲେଖ ରହିଛି। ଏଥିସହ ସାଧାରଣ ଲୋକେ ଏହି ବ୍ୟାନର ଏବଂ ପୋଷ୍ଟରକୁ ନ ହଟାଇବାକୁ ଏକ ଧଳା କାଗଜରେ ଓଡ଼ିଆ ଏବଂ ହିନ୍ଦୀ ଭାଷାରେ ଲେଖାଯାଇଛି। ଅନ୍ୟ କେତୋଟି ପୋଷ୍ଟରରେ କ୍ରାନ୍ତିକାରୀ ଅଭିବାଦନ ସହ ଭାରତର କମ୍ୟୁନିଷ୍ଟ ପାର୍ଟି(ମାଓବାଦୀ) ମେଇନପୁର, ନୂଆପଡ଼ା ଡିଭିଜନାଲ କମିଟି ଉଲ୍ଲେଖ ରହିଥିବା ନଜରକୁ ଆସିଛି। ଖବରପାଇ ଚନ୍ଦାହାଣ୍ଡି ଥାନାଧିକାରୀ ପରମାନନ୍ଦ ସୁନାନୀ ଏବଂ ପୋଲିସ ଟିମ୍ ପହଞ୍ଚି ରାସ୍ତା ଉପରୁ ଗଛ ହଟାଇବା ସହ ବ୍ୟାନର ଏବଂ ସମସ୍ତ ପୋଷ୍ଟର ଜବତ କରିଛନ୍ତି। ପରେ ସିଆର୍‌ପିଏଫ୍ ଏବଂ ପୋଲିସ ପକ୍ଷରୁ ସର୍ଚ୍ଚ ଅପରେଶନ ବେଳେ ରାସ୍ତା ପାର୍ଶ୍ୱରେ ତାର ସଂଯୋଗ ହୋଇଥିବା ଏକ ଟିଫିନ୍ ମିଳିଥିଲା। ବୋମା ନିଷ୍କ୍ରିୟକାରୀ ଦଳ ପହଞ୍ଚି ଯାଞ୍ଚ କରିଥିବାବେଳେ ଟିଫିନ୍‌ଟି ଖାଲିଥିଲା।



**ତେଲନଦୀ ଉପରେ ଜଳବିଦ୍ୟୁତ୍ ପ୍ରକଳ୍ପକୁ ବିରୋଧ**

## ପ୍ରଥମ ପୃଷ୍ଠାରୁ...

### ଜଳ ପରିଚାଳନାରେ ...

କେବଳ ସେତିକି ନୁହେଁ, ୨୦୨୧ ଜୁଲାଇ ୨୬ ତାରିଖରେ ଲୋକ ସଭାରେ ଉପସ୍ଥାପିତ କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ ଓଡ଼ିଶାର ୩,୪୬୫ ଜନବସତିରେ ପାନୀୟ ଜଳ ଉତ୍ସ ରାସାୟନିକ ଉପାଦାନ ଫ୍ଲୋରାଇଡ, ଆର୍ସେନିକ, ଲୌହ, ଲବଣ, ନାଇଟ୍ରେଟ୍ ଏବଂ ହେଭି ମେଟାଲ ଦ୍ୱାରା ପ୍ରଦୂଷିତ ହେଉଛି। ଆସାମ, ବିହାର ଓ ରାଜସ୍ଥାନ ପରେ ଜଳ ପ୍ରଦୂଷଣରେ ଓଡ଼ିଶା ହେଉଛି ଚତୁର୍ଥ ରାଜ୍ୟ। ଲୋକମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ସକାଶେ ବିଭିନ୍ନ କେନ୍ଦ୍ରୀୟ ଯୋଜନାରେ ରାଜ୍ୟକୁ କେନ୍ଦ୍ର ସରକାର ଅନୁଦାନ ଦେଉଛନ୍ତି । ୨୦୨୧-୨୨ରେ ଜଳଶକ୍ତି ମିଶନ ଜରିଆରେ ଓଡ଼ିଶାକୁ ୩,୩୨୩.୪୨ କୋଟି ପ୍ରଦାନ କରାଯାଇଛି। ଅନ୍ୟ କେତେକ ରାଜ୍ୟ ତୁଳନାରେ ଓଡ଼ିଶାକୁ ପାନୀୟ ଜଳ ପାଇଁ ଅଧିକ ଅନୁଦାନ ଦିଆଯାଇଛି। ଜଳଶକ୍ତି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ୬୮.୪୦ ପ୍ରତିଶତ ଲୋକଙ୍କୁ ଟ୍ୟାପ୍ ଯୋଗେ ଓଡ଼ିଶା ସରକାର ପାନୀୟ ଜଳ ଯୋଗାଇପାରି ନାହାନ୍ତି। ରାଜ୍ୟ ସରକାର କୌଣସି ଗୋଟିଏ ଜିଲାର ୧୦୦ ପ୍ରତିଶତ ଗୃହକୁ ଟ୍ୟାପ୍ ଯୋଗେ ପାନୀୟ ଜଳ ଯୋଗାଇ ଦେଇ ପାରିନାହାନ୍ତି। ନୂଆପଡ଼ା ଜିଲାରେ ପିଇବା ପାଣିରେ ଫ୍ଲୋରାଇଡ ଏବଂ ଖଣି ପ୍ରଭାବିତ ଅଞ୍ଚଳ ମଧ୍ୟ ଚିନ୍ତାର ବିଷୟ ବୋଲି ନୀତି ଆୟୋଗ ଦର୍ଶାଇଛନ୍ତି।

**ଜଳଜୀବନ ମିଶନ ଅଧୀନରେ ଓଡ଼ିଶାକୁ ମିଳିଥିବା କେନ୍ଦ୍ରୀୟ ପାଣ୍ଠି**

| ବର୍ଷ | ମିଳିଥିବା ଟଙ୍କା |
|---|---|
| ୨୦୧୯-୨୦ | ୩୬୪.୭୪ କୋଟି |
| ୨୦୨୦-୨୧ | ୮୧୨.୧୫ କୋଟି |
| ୨୦୨୧-୨୨ | ୩,୩୨୩.୪୨ କୋଟି |

ତଥ୍ୟ: ଲୋକ ସଭା

**ପାନୀୟ ଜଳ ପ୍ରଦୂଷଣର କାରଣ**

| ପ୍ରଦୂଷକ | ପ୍ରଭାବିତ ଘର |
|---|---|
| ଫ୍ଲୋରାଇଡ୍ | ୬୯ |
| ଆର୍ସେନିକ | - |
| ଆଇରନ | ୩୩୩୮ |
| ସାଲିନିଟି | ୩୩ |
| ନାଇଟ୍ରେଟ | ୨୫ |
| **ମୋଟ** | **୩୪୬୫** |

ତଥ୍ୟ: ଲୋକ ସଭା

### ୨୭ ଜିଲାରେ ମରୁଡ଼ି ...

ବିଲ ଫାଟି ଆଁ କରିଛି। ଜୁଲାଇରେ କମ୍ ବର୍ଷା ହୋଇଥିବାବେଳେ ଅଗଷ୍ଟରେ ତାହା ଭରଣା ହୋଇଯିବ ବୋଲି ଆଶା କରାଯାଉଥିଲା। ମାତ୍ର ବିଡ଼ମ୍ବନା ଯେ ଅଗଷ୍ଟ ମାସ ସରିବାକୁ ବସିଲାଣି ହେଲେ ବିଲରେ ବେଉଷଣ ପାଇଁ ପାଣି ମୁନ୍ଦାଏ ନାହିଁ। ରୁଆ ବେଉଷଣ କରି ନ ପାରି ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଚଳିତ ବର୍ଷ ସ୍ୱାଭାବିକ ବର୍ଷା ହେବ ବୋଲି ଭାରତର ପାଣିପାଗ ବିଭାଗ (ଆଇଏମ୍‌ଡି) ପୂର୍ବାନୁମାନ କରିଥିଲା। ସବୁ ଆକଳନ ଭୁଲ ପ୍ରମାଣିତ ହେବାକୁ ଯାଉଛି। ଯାଜପୁର ଜିଲାର ଚାଷୀ ଜଗନ୍ନାଥ ମଲ୍ଲିକ କହିଛନ୍ତି, ଗତ ମାସେ ହେବ ବର୍ଷା ନାହିଁ। ଧାନ ରୋଇଥିଲି। ବିଲ ଶୁଖି ଗଲାଣି। ଏବର୍ଷ କ'ଣ କରିବୁ କିଛି ବୁଦ୍ଧିବାଟ ଦିଶୁନାହିଁ।

ଓଡ଼ିଶାର ୨୭ ଜିଲାରେ ଭୟଙ୍କର ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି। ରାଜ୍ୟରେ ସ୍ୱାଭାବିକଠାରୁ ୩୦ ପ୍ରତିଶତ କମ୍ ବର୍ଷା ହୋଇଛି। ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଜୁନ୍ ପହିଲାରୁ ଏ ପର୍ଯ୍ୟନ୍ତ ରାଜ୍ୟରେ ୮୩୬.୨ ମିଲିମିଟର ବର୍ଷା ହେବା କଥା। କିନ୍ତୁ ଅଗଷ୍ଟ ୨୨ ତାରିଖ ସୁଦ୍ଧା ହୋଇଛି ମାତ୍ର ୫୮୩.୭ ମିଲିମିଟର । ଏଥିଯୋଗୁ ୨୭ ଜିଲାର ପ୍ରାୟ ୨୯୦ ବ୍ଲକରେ ଭୟଙ୍କର ମରୁଡ଼ି ଦେଖାଦେଲାଣି। ଯାଜପୁରରେ ସ୍ୱାଭାବିକଠାରୁ ୫୪ ପ୍ରତିଶତ କମ୍ ବର୍ଷା ହୋଇଥିବାବେଳେ ଭଦ୍ରକ ୫୦, ବଲାଙ୍ଗୀର ୪୩, ଗଜପତି ୩୯, କଳାହାଣ୍ଡି ୩୮, କନ୍ଧମାଳ ୩୩, ସମ୍ବଲପୁର ୩୭, ସୁବର୍ଣ୍ଣପୁର ୩୦, ଝାରସୁଗୁଡ଼ା ୩୯, ଅନୁଗୋଳ ୪୦, ବାଲେଶ୍ୱର ୨୩, ବରଗଡ଼ ୨୮, ବୌଦ୍ଧ ୩୨, ଦେବଗଡ଼ ୩୫, ଢେଙ୍କାନାଳରେ ୩୯% କମ୍ ବର୍ଷା ହୋଇଛି। ଏହାଛଡ଼ା ଅନ୍ୟ ଜିଲାଗୁଡ଼ିକରେ ୩୫ ପ୍ରତିଶତରୁ କମ୍ ବର୍ଷା ରେକର୍ଡ ହୋଇଛି।

ରାଜ୍ୟରେ ମୌସୁମୀ ସମ୍ପୂର୍ଣ୍ଣ ଦୁର୍ବଳ ରହିଛି। ମୌସୁମୀକୁ ସକ୍ରିୟ କରିବା ପାଇଁ ଲଘୁଚାପ ସୃଷ୍ଟି ହୋଇଥାଏ। ମାତ୍ର ଚଳିତ ବର୍ଷ ଓଡ଼ିଶା ଉପକୂଳରେ କୌଣସି ଲଘୁଚାପ ହୋଇନାହିଁ। ପ୍ରତ୍ୟେକ ବର୍ଷ ଅଗଷ୍ଟ ସୁଦ୍ଧା ୮ଟି ଲଘୁଚାପ ସୃଷ୍ଟି ହୋଇଥାଏ। ଯଦିଓ ଜୁନ୍ ୧୧ରେ ଗୋଟିଏ, ଜୁଲାଇରେ ୩ଟି ଏବଂ ଅଗଷ୍ଟ ୧ରେ ଗୋଟିଏ ଲଘୁଚାପ ସୃଷ୍ଟି ହୋଇଛି, ତେବେ ସେସବୁ ଲଘୁଚାପ ଆନ୍ଧ୍ର, ପଶ୍ଚିମବଙ୍ଗ ଏବଂ ବାଲାଂଦେଶ ଉପକୂଳରେ ହୋଇଛି। ରାଜସ୍ଥାନ ଆଡୁ ରାଜ୍ୟକୁ ପୂର୍ବ ଦିଗରୁ ପବନ ବହିଥାଏ। ଏହାର ପ୍ରଭାବରେ ଓଡ଼ିଶା ଉପକୂଳରେ ଲଘୁଚାପ ସୃଷ୍ଟି ହୋଇଥାଏ। ମାତ୍ର ଚଳିତ ବର୍ଷ ଏହି ବାୟୁପ୍ରବାହ ନ ହେବାରୁ ଲଘୁଚାପ ଅଧିକ ସୃଷ୍ଟି ହେଲା ନାହିଁ। ଫଳରେ ଜୁଲାଇ ଓ ଅଗଷ୍ଟରେ ଯେତିକି ବର୍ଷା ହେବା କଥା ତାହା ହେଲା ନାହିଁ ବୋଲି ପାଣିପାଗ ବିଶେଷଜ୍ଞ ଶରତ ସାହୁ କହିଛନ୍ତି। ବର୍ଷା ଅଭାବରୁ ରାଜ୍ୟରେ ଖରିଫ ଉତ୍ପାଦନ ମଧ୍ୟ ହ୍ରାସ ପାଇବା ଆଶଙ୍କା ସୃଷ୍ଟି ହୋଇଛି। ତେବେ ସେପ୍ଟେମ୍ବର ପ୍ରଥମ ସପ୍ତାହ ବେଳକୁ ଦକ୍ଷିଣ ଓଡ଼ିଶା, ଆନ୍ଧ୍ର ଉପକୂଳ ଏବଂ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଉପକୂଳ ଏବଂ ଦକ୍ଷିଣ ଓଡ଼ିଶାରେ କିଛି ମାତ୍ରାରେ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ କହିଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ବର୍ଷା ହ୍ରାସ ପାଇବାରେ ଲାଗିଛି। ଆଗାମୀ ଦିନରେ ପରିବର୍ତ୍ତିତ ଜଳବାୟୁ ସହ ଖାପଖୁଆଇ ଚାଷ କାର୍ଯ୍ୟ ନ କଲେ ମରୁଡ଼ିର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି କୃଷି ବିଶେଷଜ୍ଞ ଚେତାଇ ଦେଇଛନ୍ତି।

ଅନ୍ୟପକ୍ଷରେ ରାଜ୍ୟ ସରକାର ମଧ୍ୟ ଅଣଧାନ ଫସଲ ଉପରେ ଗୁରୁତ୍ୱ ଦେବା ଆରମ୍ଭ କରିଛନ୍ତି। ଆସନ୍ତା ୫ ବର୍ଷ ମଧ୍ୟରେ ରାଜ୍ୟରେ ୧.୫ ଲକ୍ଷ ହେକ୍ଟର ଜମିରେ ଅଣଧାନ ଫସଲ ଚାଷ ପାଇଁ ସୁଯୋଗ ସୃଷ୍ଟି କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ରାଜ୍ୟ ସରକାର ନିଜ ଯୋଜନାରୁ ୬୦୦ କୋଟି ଟଙ୍କା ବ୍ୟୟବରାଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୪ ଜିଲା କଳାହାଣ୍ଡି, ମାଲକାନଗିରି, ନବରଙ୍ଗପୁର ଓ କୋରାପୁଟରେ ଏହା ପାଇଲଟ ପ୍ରକଳ୍ପ ଭାବେ କାର୍ଯ୍ୟକାରୀ କରାଯିବ। ୪ଟି ଜିଲାର ୭ଟି ବ୍ଲକର ୨୭ଟି ପଞ୍ଚାୟତର ୧୦୧ଟି ଗ୍ରାମରେ ଚକଭିତ୍ତିରେ ଏହା କାର୍ଯ୍ୟକାରୀ ହେବ। ୧୮ଟି ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ଅନ୍ତର୍ଗତ ୧୨,୨୦୭ ହେକ୍ଟର ଜମିରେ ଅଣଧାନ ଫସଲ ଚାଷ କରାଯିବ। ସେଥିରୁ ୩୩୪୩ ହେକ୍ଟର ଜମିରେ ଡାଲିଜାତୀୟ, ୩୭୪୫ ହେକ୍ଟର ଜମିରେ କପା, ୯୨୮ ହେକ୍ଟର ଜମିରେ ତୈଳବୀଜ, ୨୪୫୧ ହେକ୍ଟର ଜମିରେ ମକା, ୧୩୨୨ ହେକ୍ଟର ଜମିରେ ମାଣ୍ଡିଆ ଏବଂ ୪୧୮ ହେକ୍ଟର ଜମିରେ ପନିପରିବା ଚାଷ କରିବା ଲାଗି ଯୋଜନା କରାଯାଇଛି। ଏଥିପାଇଁ ୧୬.୭୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ୩ ବର୍ଷ ମଧ୍ୟରେ ଉକ୍ତ ୪ ଜିଲାର ୧୬୮୯୮.୩୮ ହେକ୍ଟର ଜମିରେ ଅଣଧାନ ଫସଲ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ଆଜିଠୁ ଶ୍ରୀମନ୍ଦିରରେ ...

- **ଆର୍‌ଟି-ପିସିଆର୍ ରିପୋର୍ଟ କିମ୍ବା ଡବଲ୍ ଡୋଜ୍ ଟିକା ପ୍ରମାଣପତ୍ର ବାଧ୍ୟତାମୂଳକ**
- **ଶ୍ରଦ୍ଧାଳୁଙ୍କୁ ଦେଖାଇବାକୁ ପଡ଼ିବ ପରିଚୟପତ୍ର**
- **କ୍ୟୁଆର୍ କୋଡ୍ ସ୍କାନ କରି ଫିଡ୍‌ବ୍ୟାକ୍ ଦେଇପାରିବେ**
- **ମୁତୟନ ହେବେ ୧୦ ପ୍ଲାଟୁନ୍ ଫୋର୍ସ**

୮ଟି କିଓସ୍କୋ ମାଧ୍ୟମରେ ଦର୍ଶନ ବ୍ୟବସ୍ଥା ପରିଚାଳିତ ହେବ। ଧାଡ଼ି ଦର୍ଶନ ପାଇଁ ଲୌହ ଶେଡ୍ ଓ ବ୍ୟାରିକେଡିଂ ବ୍ୟବସ୍ଥା କରାଯାଇଛି। ଶ୍ରଦ୍ଧାଳୁଙ୍କ ନିମନ୍ତେ ୯୬ ଘଣ୍ଟା ପୂର୍ବର ଆର୍‌ଟି-ପିସିଆର୍ ନେଗେଟିଭ୍ ରିପୋର୍ଟ କିମ୍ବା ଡବଲ୍ ଡୋଜ୍ ଟିକା ନେଇଥିବା ପ୍ରମାଣପତ୍ର ସମେତ ଆଧାରକାର୍ଡ ଭଳି ପରିଚୟପତ୍ର ଦେଖାଇବା ବାଧ୍ୟତାମୂଳକ। ମାସ୍କ, ସାନିଟାଇଜେଶନ ଓ ସାମାଜିକ ଦୂରତା ରକ୍ଷା ପ୍ରତି ବିଶେଷ ଧ୍ୟାନ ଦିଆଯିବ। ଶ୍ରୀମନ୍ଦିର ପରିସରକୁ ପୂଜା ସାମଗ୍ରୀ ନିଆଯାଇପାରିବ ନାହିଁ। ପରିସରରେ ମହାପ୍ରସାଦ ସେବନ ଉପରେ କଟକଣା ରହିବ, ମାତ୍ର ଭକ୍ତ କିଣି ନେଇପାରିବେ ବୋଲି ଶ୍ରୀମନ୍ଦିର ପ୍ରଶାସନ ସ୍ପଷ୍ଟ କରିଛି। ସେହିପରି ପୁରୀ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି। କିଓସ୍କୋ ସହାୟତାରେ ଶ୍ରଦ୍ଧାଳୁଙ୍କ ପରିଚୟ ସମ୍ପର୍କିତ ତଥ୍ୟ ରଖାଯିବ। ଭକ୍ତଙ୍କ ଗହଳିକୁ ଦେଖି ମହାପ୍ରସାଦ ବ୍ୟବସ୍ଥା କରାଯିବ ବୋଲି ସୁଆର ମହାସୁଆର ନିଯୋଗର ସମ୍ପାଦକ କୃଷ୍ଣଚନ୍ଦ୍ର ପଢ଼ିହାରୀ କହିଛନ୍ତି। ଶ୍ରୀମନ୍ଦିର ପରିସରରେ ଯେଉଁଭଳି ଭାବେ ଅବଢ଼ା ସେବନ ନ ହୁଏ ସେନେଇ ନଜର ରଖିବା ପାଇଁ ଶ୍ରୀମନ୍ଦିର ପୋଲିସ ଉପରେ ଦାୟିତ୍ୱ ରହିବ। ଶ୍ରଦ୍ଧାଳୁମାନେ କୋଭିଡ୍ କଟକଣା ପାଳନ କରୁଥିବା ଉପରେ ଶ୍ରୀମନ୍ଦିର ପୋଲିସ ନଜର ରଖିବ। ଶ୍ରଦ୍ଧାଳୁଙ୍କ ସୁବିଧାକୁ ଦୃଷ୍ଟିରେ ରଖାଯାଇ ପୁରୀ ପୋଲିସ ମଧ୍ୟ ଏକ କ୍ୟୁଆର୍ ସ୍କାନର ବ୍ୟବସ୍ଥା ଲଞ୍ଚ କରିଛି। ଶ୍ରୀମନ୍ଦିର ପାଖରେ ଫିଡ୍‌ବ୍ୟାକ୍ ସେଣ୍ଟର ନାମକ ଅସ୍ଥାୟୀ କ୍ୟାମ୍ପ ଖୋଲାଯାଇଛି। କୌଣସି ବ୍ୟକ୍ତି ଶ୍ରୀମନ୍ଦିର ଦର୍ଶନ ବ୍ୟବସ୍ଥାକୁ ନେଇ ମତ ଦେବାକୁ ଚାହୁଁଥିଲେ ନିଜ ମୋବାଇଲ ସ୍କାନର ସହାୟତାରେ ପୁରୀ ପୋଲିସ ପ୍ରଦତ୍ତ କୋଡ୍‌ରେ ସ୍କାନ୍ କରି ଫିଡ୍‌ବ୍ୟାକ୍ ଦେଇପାରିବେ। ସ୍କାନ୍ ପରେ ଏକ ଫିଡ୍‌ବ୍ୟାକ୍ ଫର୍ମ ଦେଖିବାକୁ ମିଳିବ। ଏହି ଫର୍ମକୁ ପୂରଣ କରି ଶ୍ରଦ୍ଧାଳୁମାନେ ଫିଡ୍‌ବ୍ୟାକ୍ ଦେବେ। ପ୍ରତି ଦିନର ଦର୍ଶନ ଶେଷ ହେବା ପରେ ସଂପୃକ୍ତ ଫିଡ୍‌ବ୍ୟାକ୍‌ଗୁଡ଼ିକ ତର୍ଜମା କରାଯାଇ ବ୍ୟବସ୍ଥାରେ ସୁଧାର ଅଣାଯିବ ବୋଲି ସିଟି ଡିଏସ୍‌ପି ଜନାର୍ଦ୍ଦନ ପାଢ଼ୀ କହିଛନ୍ତି। ପାର୍କିଂସ୍ଥଳୀ ଓ କିଛି ନିର୍ଦ୍ଦିଷ୍ଟ ସ୍ଥାନରେ ସ୍କାନ୍ ନିମନ୍ତେ କୋଡ୍ ରଖାଯାଇଥିବ। ସ୍ମାର୍ଟଫୋନ୍ ନ ଥିବା ବ୍ୟକ୍ତିଙ୍କ ପାଇଁ ଉତ୍ତରଦ୍ୱାରରେ ଫିଡ୍‌ବ୍ୟାକ୍ ବକ୍ସ ରହିବ। ସେଠାରେ ଅଭିଯୋଗ ଦାଖଲ କରାଯାଇପାରିବ। ରିଜର୍ଭ ଇନ୍ସପେକ୍ଟର ସି.ଏସ୍.ଦାଶ ଫିଡ୍‌ବ୍ୟାକ୍ ବ୍ୟବସ୍ଥାର ନୋଡାଲ୍ ଅଫିସର ରହିବେ। ଦର୍ଶନ ସମୟ ମଧ୍ୟରେ ଫିଡ୍‌ବ୍ୟାକ୍ ଗ୍ରହଣ କରାଯିବ। ଶ୍ରୀଜଗନ୍ନାଥ ବଲ୍ଲଭ ପାର୍କିଂ ସେଣ୍ଟରରେ ଚାରିଚକିଆ ଯାନ ପାର୍କିଂ କରାଯିବ। ପୁରୀ ପୋଲିସ ପକ୍ଷରୁ ୧୦ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବା ସହ ଜଣେ ଅତିରିକ୍ତ ଏସ୍‌ପି, ୨୦ଜଣ ପୋଲିସ ଅଧିକାରୀ, ୩ଜଣ ଆସିଷ୍ଟାଣ୍ଟ କମାଣ୍ଡର ର୍ୟାଙ୍କର ଅଧିକାରୀ ଦାୟିତ୍ୱରେ ରହିବେ। ଅନ୍ୟପକ୍ଷରେ ରବିବାର ଶଟଡାଉନ୍ ସତ୍ତ୍ୱେ ପୁରୀ ସହରକୁ ଯାତ୍ରୀଙ୍କ ଆଗମନ ଦେଖିବାକୁ ମିଳିଛି। ଇସ୍କନପ୍ରେମୀଙ୍କଠାରୁ ଆରମ୍ଭ କରି ରାଜ୍ୟର ବିଭିନ୍ନ ସ୍ଥାନରୁ ଲୋକେ ଆସି ବେଳାଭୂମି ଓ ବଡଦାଣ୍ଡରେ ବୁଲୁଥିବା ଦେଖିବାକୁ ମିଳିଛି। ପୁରୀ ଆସିଥିବା ବାଲେଶ୍ୱରର ମମତା ଜେନା କହିଛନ୍ତି, ସୋମବାର ଗହଳି ହେବାକୁ ଥିବାରୁ ପୂର୍ବରୁ ଚାଲି ଆସିଛୁ। କୋଭିଡ୍ ନେଗେଟିଭ୍ ରିପୋର୍ଟ ପାଖରେ ଅଛି, ତେଣୁ ସୁରୁଖୁରୁରେ ମହାପ୍ରଭୁଙ୍କୁ ଦର୍ଶନ କରି ଫେରିବୁ ବୋଲି ଆଶା ରଖିଛୁ।

## ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ** ସାମାନ୍ୟ ଡିପ୍ରେସନ ଲାଗି ରହିଲେ ମଧ୍ୟ କୌଣସି କାମ ଅସମ୍ପୂର୍ଣ୍ଣ ରହିବ ନାହିଁ। କର୍ମକ୍ଷେତ୍ରରେ କିଛି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବେ। ବାହାର ଜାଗାରେ ସତର୍କତାର ସହ କାମ କରିବା ଭଲ ହେବ ଅନ୍ୟଥା ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି।

**ବୃଷ** ଆଜି ଏକ ଭିନ୍ନ ପରିବେଶରେ କର୍ମକ୍ଷେତ୍ରରୁ ଆପଣଙ୍କୁ ଅର୍ଥ ଓ ସମ୍ମାନ ମିଳିବ। ମୃଗଶିରା ନକ୍ଷତ୍ର ଆଲୋଚନା କାଳରେ ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇ ରହିବା ଭଲ ହେବ। ସାଂସ୍କୃତିକ କାର୍ଯ୍ୟ ଯଥାବିଧି ସମ୍ପନ୍ନ ସକାଶେ ତତ୍ପରତା ବଢ଼ିପାରେ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ।

**ମିଥୁନ** ଆର୍ଦ୍ରା ନକ୍ଷତ୍ର ସକାଶେ ଆତ୍ମୀୟମାନେ ଦୂରଭିସନ୍ଧି ପୂରଣ କରିବା ସକାଶେ ଆପଣଙ୍କର ପ୍ରଶଂସା ଗାଇ ବୁଲିପାରନ୍ତି। କଳା, ସାହିତ୍ୟ ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ବିବାଦୀୟ ଘଟଣାରେ ଜାଣିଶୁଣି ସୁଦ୍ଧା ଚୁପ୍ ରହିବାକୁ ବାଧ୍ୟ ହେବେ। ଯାହା କରୁଛନ୍ତି କରନ୍ତୁ, କିନ୍ତୁ ପରିବାର ସହମତିରେ କାମ କଲେ ଉପକୃତ ହେବେ।

**କର୍କଟ** ଅଶ୍ଳେଷା ନକ୍ଷତ୍ର ଜାତ ବ୍ୟକ୍ତିମାନେ ଆଜି ଘରେ ହେଉ କିମ୍ବା କର୍ମକ୍ଷେତ୍ରରେ ପୁରୁଣା କଥାକୁ ଦୋହରାଇବା ଠିକ୍ ହେବନି। ଶତ୍ରୁତା କରୁଥିବା ବ୍ୟକ୍ତିଙ୍କ ମିଥ୍ୟା ଅଭିଯୋଗକୁ ନେଇ ଅନ୍ୟ ଉପରେ ବିରକ୍ତ ହୋଇପାରନ୍ତି। ଋଣ ଅର୍ଥ ବାଣିଜ୍ୟରେ ବିନିଯୋଗ କରିବାକୁ ମନ ବଳାଇବେ। ସାମାଜିକ ସ୍ତରରେ ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ସିଂହ** ଈର୍ଷାଳୁ ଆତ୍ମୀୟଙ୍କ ବେଖାତିର ମନୋଭାବରୁ ବ୍ୟଥିତ ହୋଇପାରନ୍ତି। ଅର୍ଥ ସଙ୍କଟରେ ପଡ଼ିଲେ ମଧ୍ୟ ସମସ୍ୟା ସମାଧାନ ହୋଇଯିବ। ଏକ ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ଭଲ କଥା କହିଲେ ମଧ୍ୟ ବନ୍ଧୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିବେ। ପୂର୍ବାଫାଲ୍‌ଗୁନୀ ନକ୍ଷତ୍ରର ସ୍ୱାସ୍ଥ୍ୟରେ ଉନ୍ନତି ହେବାରୁ ସାମୟିକ ଖୁସି ଅନୁଭବ କରିବେ।

**କନ୍ୟା** ଆପଣଙ୍କ ତ୍ୟାଗ ଓ ପରୋପକାର ପ୍ରବୃତ୍ତି ଆଧାରରେ ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ। କର୍ମକ୍ଷେତ୍ରରେ ଭଲ କଲେ ମଧ୍ୟ ସହକର୍ମୀଙ୍କ ପରୋକ୍ଷ ଶତ୍ରୁତା ଯୋଗୁ ବିଚଳିତବୋଧ କରିବେ। ଚିତ୍ରା ନକ୍ଷତ୍ରର ପରିବାରରେ ଭୁଲ୍ ବୁଝାମଣାରୁ ପରିସ୍ଥିତି ଗମ୍ଭୀର ରହିବ। ଶିଳ୍ପ, ବାଣିଜ୍ୟ, ପରିବହନ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ତୁଳା** ସ୍ୱାତୀ ନକ୍ଷତ୍ର ଅସମର୍ଥିତ ସୂତ୍ରରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବ। ଶତ୍ରୁତା କରୁଥିବା ବ୍ୟକ୍ତିବିଶେଷଙ୍କ ସହ ଆଲୋଚନା ମାଧ୍ୟମରେ ସମସ୍ୟା ସମାଧାନର ଆଶା ରହିଛି। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଲାଭ କରିବେ।

**ବିଛା** ଆଜି ଜଣେ ବ୍ୟକ୍ତିଙ୍କ ଅଭିଯୋଗ ଅସାଧାରଣ ପରିସ୍ଥିତି ସୃଷ୍ଟି କରିବ। ଛୋଟବଡ଼ କେତେକ ସମସ୍ୟା ସମାଧାନର ଚିନ୍ତା କରି ମନ ବିଭ୍ରାନ୍ତ ରହିବ। ଜ୍ୟେଷ୍ଠା ନକ୍ଷତ୍ରର ନିଜ କାମକୁ ସୁଚାରୁରୂପେ ସମ୍ପାଦନ କରିବା କ୍ଷେତ୍ରରେ ବନ୍ଧୁଙ୍କ ସହଯୋଗ ଆଶା ନିରର୍ଥକ ହେବନାହିଁ। ପାରିବାରିକ କ୍ଷେତ୍ରରେ ମତାନ୍ତର ସୃଷ୍ଟି ହୋଇପାରେ।

**ଧନୁ** ଆଜିର ପ୍ରତ୍ୟୁଷ ଯାତ୍ରା ଉତ୍ତରାଷାଢ଼ା ନକ୍ଷତ୍ର ସକାଶେ ବେଶ୍ ପ୍ରୀତିପ୍ରଦ ରହିବ। ମାନସିକ ଅସୁସ୍ଥତା କାରଣରୁ କୌଣସି କାମ ସକାଶେ ଉତ୍ସାହିତ ହୋଇପାରିବେ ନାହିଁ। କାର୍ଯ୍ୟ ହାସଲ ସକାଶେ ବନ୍ଧୁଙ୍କ ପ୍ରତିଶ୍ରୁତି ଉପରେ ପୂର୍ଣ୍ଣ ଭରସା କରିପାରିବେ ନାହିଁ। ସରକାରୀ ସ୍ତରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ।

**ମକର** ସହକର୍ମୀଙ୍କ ମାଧ୍ୟମରେ ଦୀର୍ଘ ଦିନର ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଆଜିର ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ। ଧନିଷ୍ଠା ନକ୍ଷତ୍ରର ଆଜି କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ।

**କୁମ୍ଭ** ଶାରୀରିକ ସୁସ୍ଥତା ରହିଥିଲେ ମଧ୍ୟ ମାନସିକ ସ୍ଥିତି ତାହାର ଓଲଟା ରହିବ। ଶିଳ୍ପ, ବ୍ୟବସାୟ, ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ଅନାବଶ୍ୟକ ଭାବରେ ଅନାହୂତ ସ୍ଥାନକୁ ଗସ୍ତ କରି କିଛି କହିବା ଦ୍ୱାରା ଉପହସିତ ହେବାକୁ ପଡ଼ିବ। ଭଲ ସମ୍ପର୍କ ଥିବା ବନ୍ଧୁ ନିଜ ସୁବିଧା ହାସଲକୁ ନେଇ ଅସୁବିଧାରେ ପକାଇପାରନ୍ତି।

**ମୀନ** ବୁଝାମଣା ଠିକ୍ ନ ରହିବା ହେତୁ ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିବ। କୌଣସି କ୍ଷେତ୍ରରେ ଆଜି ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ପୂର୍ବଭାଦ୍ର ନକ୍ଷତ୍ରର ଦୂରଯାତ୍ରାରେ ଭ୍ରମଣ ହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ। ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସନୀୟ କାମ କରିବେ।


# classifieds Everyday
0674-2580101, 2549302




**SALE**

ଭୁବନେଶ୍ୱର ଚନ୍ଦକାରେ **Nalanda** ଓ **BCCST College** ପାଖରେ **road, electricity, water** ସୁବିଧା ଥାଇ ବାସୋପଯୋଗୀ ପ୍ଲଟ୍ **possession** ଥାଇ ମିଳୁଛି। **9348870771, 9090543542.** D-70889

**କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ ଓଡ଼ିଶାର ବୃହତ୍ତମ** Commercial Hub 'Grand Bazar' **ସମ୍ମୁଖରୁ** 1 Km. **ଦୂରତାରେ ଘରବାରି ପ୍ଲଟ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ- 9078699286.** D-70892

ଭୁବନେଶ୍ୱର-ଖୋର୍ଦ୍ଧା ରୋଡ୍ ଜଟଣୀ ଗେଟ୍ ପାଖରେ ଇଲେକ୍ଟ୍ରିଫିକେସନ ଥାଇ ସ୍ଥିତିବାନ demarcated ପ୍ଲଟ୍ କିଣି ଘର କରନ୍ତୁ -9438315973. D-21374

**Bhubaneswar residential plot Pahal NH Back Side of Jagannath Temple, sqft. 1850/-, 2250/-, Balianta 850/- 1250/-, 8249477254, 7978230118.** D-70887

**2/3 BHK flats sale at Mancheswar Railway Station, Bhubaneswar discount upto- 5,00,000/-. 8114982646, 9040744989.** D-70890




**Construct your dream home with branded materials, plan approval, elevation, bank loan with Bastu complaints. Contact- Bhulaxmi Group. 7609931239, 7978230118.** D-70888

**Construct your home with branded material. We provide plan approval, boring, vastu. 7789824989, 9040744989.** D-70891

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Swarna SPA newly open positively health benefits with expert therapist. 9556978408. D-71133

Monalisa massage Club: All types Body massage with hiprofile smart lady rooms service available. 9708545108. D-21391

Newly open SPA center positively health benefits by expert therapist, (home service available). 9439008685. D-71402

Lotus SPA newly open positively health benefits/ expert therapist. 8455987557. D-71403

Newly Open Saikrupa Panchakarma Spa positively health benefits with Expert. 8984068077. D-21326

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

# ଅପହରଣ ନାଟକ ରଚିଥିଲେ ଡ୍ରାଇଭର

ବ୍ରହ୍ମପୁର ଅଫିସ,୨୨।୮





ଗିରଫ ଅଭିଯୁକ୍ତ। ଜବତ ଟଙ୍କା।

■ ଟଙ୍କା ଭ୍ୟାନ୍ ଲୁଟ୍ ଘଟଣାର ପର୍ଦ୍ଦାଫାଶ୍, ୩ କୋର୍ଟ ଚାଲାଣ

■ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ଜେରା କରିବ ପୋଲିସ

ବ୍ରହ୍ମପୁର ବଡବଜାର ଥାନା ଅନ୍ତର୍ଗତ ଆସକାରୋଡରୁ ଏଟିଏମ ଟଙ୍କା ଭର୍ତ୍ତି ଭ୍ୟାନ୍ ଲୁଟ ଘଟଣାର ପର୍ଦ୍ଦାଫାସ କରିଛି ପୋଲିସ। ଭ୍ୟାନ୍‌ର ଡ୍ରାଇଭର ଆଶିଷ କୁମାର ଦିଗାଲଙ୍କୁ କେହି ଅପହରଣ କରି ନ ଥିଲେ। ବରଂ ସେ ନିଜେ ଅପହରଣ ନାଟକ ରଚିଥିଲେ ବୋଲି ରବିବାର ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର କହିଛନ୍ତି। ଖବରଦାତା ସମ୍ମିଳନୀରେ ଏସ୍‌ପି ଆହୁରି କହିଛନ୍ତି, ଡ୍ରାଇଭର ତାଙ୍କର ୨ ସହଯୋଗୀଙ୍କ ସହ ଟଙ୍କା ଲୁଟ୍ କରି ଘଟଣାକୁ ଭିନ୍ନ ରୂପ ଦେବାକୁ ଚେଷ୍ଟା କରିଥିଲେ। ସେ ନିଜେ ନିଶା ଔଷଧ ସ୍ପ୍ରେ କରି ଅଚେତ ହେବା ଅଭିନୟ କରିଥିଲେ। ତାଙ୍କ ବୟାନ ଅଧାରରେ କନ୍ଧମାଳ ଜିଲା କଟ୍ରିଙ୍ଗିଆରେ ମାଟିତଳେ ପୋତାଯାଇଥିବା ୨୦ଲକ୍ଷ ୯୦ ହଜାର ଟଙ୍କା ଶନିବାର ଜବତ କରାଯାଇଥିଲା। ଏଥିସହ ଲୁଟରେ ବ୍ୟବହୃତ ବାଇକ୍ (ନଂ.ଓଡ଼ି ୧୨ ବି ୩୨୦୨) ଓ ୪ଟି ମୋବାଇଲ ଫୋନ୍ ଓ ଅଚେତ ହେବା ପାଇଁ ବ୍ୟବହୃତ ରାସାୟନିକ ଦ୍ରବ୍ୟ ଜବତ ହୋଇଛି। ଆଶିଷ ଓ ତାଙ୍କ ଦୁଇ ସହଯୋଗୀ କଟ୍ରିଙ୍ଗିଆର ମାନ୍ୟବର ନାୟକ ଓ କାର୍ତ୍ତିକ ନାୟକଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କୁ ରିମାଣ୍ଡରେ ଆଣି ଅଧିକ ପଚରାଉଚରା କରାଯିବ ବୋଲି ଏସପି କହିଛନ୍ତି।

ବ୍ୟାଙ୍କରୁ ଟଙ୍କା ନେଇ ଏଟିଏମ୍ କାଉଣ୍ଟରରେ ଭର୍ତ୍ତି କରୁଥିବା ଏଜିଏସ୍ ସିକ୍ୟୋର ସଂସ୍ଥାର ୪ କର୍ମଚାରୀ ୧୮ତାରିଖ ପୂର୍ବାହ୍ନରେ ୨୬ ଲକ୍ଷ ଟଙ୍କା ନେଇ ଭ୍ୟାନ୍‌ରେ ଯାଉଥିଲେ। ସେମାନେ ରଜାସାହିସ୍ଥିତ ଏଟିଏମ୍ କାଉଣ୍ଟରରେ ୨ଲକ୍ଷ ଟଙ୍କା ଭର୍ତ୍ତି କରିବା ପରେ ଆସିକା ରୋଡ୍ ଆକ୍ସିସ୍ ବ୍ୟାଙ୍କ ଏଟିଏମ୍ କାଉଣ୍ଟରକୁ ଯାଇଥିଲେ। ଗନ୍‌ମ୍ୟାନ୍ ଓ ୨ କର୍ମଚାରୀ ଭ୍ୟାନ୍‌ରୁ ଓହ୍ଲାଇ ଏଟିଏମ୍ ଭିତରକୁ ଯାଇ କିଛି ସମୟ ପରେ ଫେରିବାରେ ଡ୍ରାଇଭର ସହ ଭ୍ୟାନ୍‌ଟି ଉଭାନ ହୋଇଯାଇଥିବା ଦେଖିଥିଲେ।

ପରେ ଜିପିଏସ୍ ଲୋକେଶନ୍ ଟ୍ରାକ୍ କରାଯାଇ ଭ୍ୟାନ୍‌କୁ ଗିରିସୋଲା ସୋରଳ ରୋଡ଼ ନିକଟରୁ ଠାବ କରାଯାଇଥିଲା। ଭ୍ୟାନ୍‌ରେ ଡ୍ରାଇଭର ଅଚେତ ଅବସ୍ଥାରେ ଥିବା ବେଳେ ଟଙ୍କା ଗାଏବ ହୋଇଯାଇଥିଲା। ଏ ନେଇ ବଡ଼ବଜାର ଥାନାରେ ଅଭିଯୋଗ କରାଯାଇଥିଲା। ନଂ. ୧୭୨/୨୧ରେ ମାମଲା ରୁଜୁ ହୋଇଥିଲା। ଡ୍ରାଇଭର ଆଶିଷଙ୍କ ଉପରେ ସନ୍ଦେହ କରି ଜେରା କରିବାରୁ ସେ ହିଁ ଲୁଟ ଘଟଣାର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଥିବା ସ୍ୱୀକାର କରିଥିଲେ। ଘଟଣାଦିନ ଦିଗାଲ ଟଙ୍କା ଭର୍ତ୍ତି ଭ୍ୟାନ ଧରି ଫେରାର୍ ହେବା ବେଳେ ରାସ୍ତାରେ ଟାଉନ ଥାନା ନିକଟରୁ ତାଙ୍କ ସହଯୋଗୀ ମାନ୍ୟବରଙ୍କୁ ସାଙ୍ଗରେ ନେଇଥିଲେ। ଚଳନ୍ତା ଭ୍ୟାନ୍‌ରେ ଯୋଜନା ମୁତାବକ ଏକ ନକଲି ଚାବି ସହାୟତାରେ କ୍ୟାସବକ୍ସ ଖୋଲି ସମସ୍ତ ୨୪ ଲକ୍ଷ ଟଙ୍କା ଏକ ଏୟାର ବ୍ୟାଗରେ ଭର୍ତ୍ତି କରିଥିଲେ। ଅନ୍ଧପସରା ଆମ୍ବ ମାର୍କେଟ ଛକରେ ମାନ୍ୟବର ଟଙ୍କା ବ୍ୟାଗ୍ ଧରି ଭ୍ୟାନରୁ ଓହ୍ଲାଇ ପଡିଥିଲେ। ସେଠାରେ ବାଇକ୍ ଧରି ଅପେକ୍ଷା କରିଥିବା ଅନ୍ୟତମ ସହଯୋଗୀ କାର୍ତ୍ତିକଙ୍କ ସହ ପୁରୁଣା ବ୍ରହ୍ମପୁର, ଆସ୍କାରୋଡ ହୋଇ କଟ୍ରିଙ୍ଗିଆ ପଳାଇଥିଲେ। ସେପଟେ ଡ୍ରାଇଭର ଆଶିଷ ପୋଲିସକୁ ବାଟବଣା କରିବା ପାଇଁ ଗିରିସୋଲାରେ ପହଞ୍ଚି ଡିଭାଇନ ସ୍ଲିପ ଲିକ୍ୟୁଇଡ୍ ମୁହଁରେ ସ୍ପ୍ରେ କରି ଚେତାଶୂନ୍ୟ ହୋଇଯିବା ଅଭିନୟ କରିଥିଲେ। ହେଲେ ପୋଲିସ ଆଗରେ ଏହି ଅଭିନୟ ଧରାପଡ଼ି ଯାଇଥିଲା। ପରେ ପୋଲିସ କଟ୍ରିଙ୍ଗିଆ ଯାଇ ମାଟିତଳେ ପୋତାଯାଇଥିବା ଟଙ୍କା ଜବତ କରିବା ସହ ଦୁଇ ଅଭିଯୁକ୍ତ ମାନ୍ୟବର ଓ କାର୍ତ୍ତିକଙ୍କୁ ଗିରଫ କରିଥିଲା।

# ଗୁଜବକୁ ଖାତିର କରେନି

**ପାଠରେ ଶାଠରେ ପ୍ରେମରେ, ଝିଅ ମୁଁ ଏକ ନମ୍ବର...। ବାସ୍ତବରେ ପାଠରେ ଯେମିତି, ନୃତ୍ୟ ଏବଂ ଅଭିନୟରେ ମଧ ସେପରି ଦକ୍ଷତା ରଖୁଥିବା ବ୍ୟକ୍ତିତ୍ୱ ହେଉଛନ୍ତି ଅଭିନେତ୍ରୀ ଲିପି। ପୂରା ନାଁ ସୁଶ୍ରୀ ସଙ୍ଗୀତା ମହାପାତ୍ର, ମାତ୍ର ଦର୍ଶକଙ୍କ ପାଖରେ ସେ ଲିପି ନାମରେ ପରିଚିତ। ପ୍ରାୟ ୮ଶହରୁ ଉର୍ଦ୍ଧ୍ୱ ଆଲବମ୍‌ରେ ନିଜ ନୃତ୍ୟ ଓ ଅଭିନୟର ଯାଦୁ ଦେଖାଇବା ପରେ ସେ କିଛି ଚଳଚ୍ଚିତ୍ରରେ ନଜରକୁ ଆସିଥିଲେ। ଏକଦା ଆଲବମ୍ କୁଇନ୍‌ର ଆଖ୍ୟା ପାଇଥିବା ଲିପି ଏବେ ମେଗା ଧାରାବାହିକରେ ସକ୍ରିୟ ଅଛନ୍ତି। ଖୁବ୍‌ଶୀଘ୍ର ତାଙ୍କର ନୂଆ ଧାରାବାହିକ ମଧ ଲୋକେ ଦେଖିବାକୁ ପାଇବେ। ବ୍ରହ୍ମପୁରରେ ଜନ୍ମଗ୍ରହଣ କରିଥିବା ଲିପି ଏବେ କଟକରେ ରହି ନିଜ କ୍ୟାରିଅରକୁ ଆଗକୁ ନେଉଛନ୍ତି। ଲିପିଙ୍କ ଜୀବନର କିଛି ଜଣା ଅଜଣା କଥାକୁ ନେଇ ତାଙ୍କ ସହ ଧରିତ୍ରୀର ବନ୍ଦନା ସେଠୀଙ୍କ ଆଳାପ।**



ଲିପି

ଧରିତ୍ରୀ ଆଳାପ

**ପ୍ରଶ୍ନ– ଅଭିନୟକୁ କ୍ୟାରିଅର ଭାବେ କାହିଁକି ବାଛିଥିଲେ?**

ଉତ୍ତର– ଗ୍ଲାମର କ୍ଷେତ୍ରକୁ ଆସିବା ପାଇଁ ମୋର କୌଣସି ଇଚ୍ଛା ନ ଥିଲା। ବାପା ଜଣେ ପୋଲିସ ଅଫିସର ଥିଲେ। ତେଣୁ ମୁଁ ବଡ଼ ହୋଇ ଜଣେ ଆଇପିଏସ୍ ଅଫିସର ହେବାକୁ ଲକ୍ଷ୍ୟ ରଖିଥିଲି। ମୋ ବାପାଙ୍କର ବି ଏହି ଇଚ୍ଛା ଥିଲା। ମା' ଜଣେ ଅଭିନେତ୍ରୀ। ତେଣୁ ମୁଁ ଜଣେ ଭଲ ଅଭିନେତ୍ରୀ ହୁଏ ସେଇଟା ମା' ଚାହୁଁଥିଲେ। ମତେ ରାଜି କରାଇବା ପାଇଁ ୨ବର୍ଷ ଲାଗିଯାଇଥିଲା। ମା'ଙ୍କ ଇଚ୍ଛାକୁ ସମ୍ମାନ ଦେବାକୁଯାଇ ମୁଁ ଏଥିରେ ପାଦ ଦେଇଥିଲି।

**ପ୍ରଶ୍ନ– ପ୍ରଥମ ସୁଯୋଗ କିପରି ମିଳିଥିଲା?**

ଉତ୍ତର– ସତ କହିବାକୁ ଗଲେ ମତେ ବେଶି କିଛି ସଂଘର୍ଷ କରିବାକୁ ପଡ଼ି ନ ଥିଲା। ବାଇଚାନ୍ସ ମତେ ଚାନ୍ସ ମିଳିଥିଲା। ମା' ଯେହେତୁ ଜଣେ ଅଭିନେତ୍ରୀ ସେଥିପାଇଁ ଏ କ୍ଷେତ୍ର ସହିତ ଜଡ଼ିତ ଥିବା ବହୁ ଲୋକ ଆମ ପରିବାର ସହ ସମ୍ପୃକ୍ତ ଥିଲେ। ସେମାନେ ବହୁତ ସହଯୋଗ କରିଥିଲେ। ପ୍ରଥମେ ମୁଁ ଏକ ଶୋ'ରେ ଉପସ୍ଥାପିକା ଭାବେ କାମ ଆରମ୍ଭ କରିଥିଲି। ମାତ୍ର ୪ ମାସ କାମ କରିବା ପରେ ଶୋ' ଛାଡି ଦେଇଥିଲି। କିଛି ଦିନର ବ୍ୟବଧାନ ପରେ ଅଭିନୟ ଜଗତକୁ ଆଲବମ୍ ମାଧ୍ୟମରେ ଆସିଲି। 'ମୁଁ ବିନା ଘୁଙ୍ଗୁରରେ ନାଚୁଛି' ଅନୁଭବଙ୍କ ସହ ମୋର ପ୍ରଥମ ରିଲିଜ୍ ହୋଇଥିବା ଆଲବମ୍ ଥିଲା, ଯାହାକି ହିଟ୍ ହୋଇଥିଲା। ଏହାପରେ ସୁଯୋଗ ଆପେ ଆପେ ମିଳିଲା ଓ ଆଲବମ୍ କୁଇନ୍‌ର ଟ୍ୟାଗ୍ ମିଳିଗଲା।

**ପ୍ରଶ୍ନ– ଶ୍ରେଷ୍ଠ ଅଭିନେତ୍ରୀ ଭାବେ ରାଜ୍ୟ ପୁରସ୍କାର ପାଇଛନ୍ତି, ଚଳଚ୍ଚିତ୍ରରେ କାହିଁକି ନଜରକୁ ଆସୁନାହାନ୍ତି?**

ଉତ୍ତର– ମୀମାଂସା ଚଳଚ୍ଚିତ୍ର ପାଇଁ ଏହି ପୁରସ୍କାର ମିଳିଥିଲା। ଚଳଚ୍ଚିତ୍ର ମିଳିବାରେ ମତେ କେବେ କିଛି ଅସୁବିଧା ହୋଇନାହିଁ। ମାତ୍ର ମୁଁ ଲିମିଟେଡ୍ ହୋଇ ରହିବାକୁ ଚାହିଁଛି। ଅନେକ ଥର ମତେ ସୁଯୋଗ ମିଳିଛି। ଏପରିକି ମୁଁ କାମ କରିବା ପାଇଁ ହଁ ମାରିଛି ମାତ୍ର ପରେ ସେ କାମ ଆଉ କେଉଁ ଅଭିନେତ୍ରୀ କରି ଦେଇଛନ୍ତି। ତେଣୁ ଏସବୁ ମତେ ବିରକ୍ତିକର ଲାଗିଥିଲା। ଆଉ ଗୋଟେ କଥା ହେଉଛି ମୁଁ ଉଚ୍ଚାକାଂକ୍ଷୀ ନୁହେଁ। ସେଥିପାଇଁ ଚଳଚ୍ଚିତ୍ରକୁ ନେଇ ବେଶି ଚିନ୍ତା କରିନି। ଯେତେବେଳେ ଯେଉଁ ସ୍ଥିତିରେ ମୋ ପାଖକୁ ଯାହା କାମ ଆସିଛି, ଯଦି ଭଲ ଲାଗିଛି ତେବେ କରିବା ପାଇଁ ରାଜି ହୋଇଛି। ବହୁ ସମୟରେ ଗୁଜବ ଆସେ ଯେ ମୁଁ ଅଧିକାଂଶ କାମ କରିବାକୁ ମନା କରେ, ତାହା ଭୁଲ୍ କଥା।

**ପ୍ରଶ୍ନ– ଗୁଜବକୁ କେମିତି ହ୍ୟାଣ୍ଡେଲ କରନ୍ତି?**

ଉତ୍ତର– ଗ୍ଲାମର ଇଣ୍ଡଷ୍ଟ୍ରିରେ ରହିଲେ ଗୁଜବ ଉଠିବା ସାଧାରଣ କଥା। ଅନ୍ୟପକ୍ଷରେ ଦେଖିଲେ ଗୁଜବ ହେଲେ ହିଁ ଆପଣ ଭଲ କାମ କରୁଛନ୍ତି ବୋଲି ଜାଣିବେ। ଯଦି ଆପଣଙ୍କ ବିଷୟରେ କେହି ଆଲୋଚନା କରୁନାହାନ୍ତି ତେବେ ଆପଣ କୌଣସି କାମକୁ ନୁହନ୍ତି। ମୁଁ ଏସବୁକୁ ଜମା ଖାତିର୍ କରେନି। ଏ କାନରେ ପୂରେଇ ସେ କାନରେ କାଢ଼େ। ଆରମ୍ଭରୁ ମୁଁ ବହୁତ ଚୁପ୍‌ଚାପ୍, ଶାନ୍ତଶିଷ୍ଟ ଥିଲି। ଏଥିପାଇଁ ଅନ୍ୟମାନେ ମତେ ଡୋମିନେଟ୍ କରିବା ଆରମ୍ଭ କରିଥିଲେ। ତେଣୁ ନିଜକୁ ବଦଳାଇବାକୁ ଉଦ୍ୟମ କରିଥିଲି। ଏବେ ମୋ ସହ କେହି ବଦମାସି କରିବାକୁ ସାହସ କରନ୍ତିନି। ମୁଁ ବହୁତ ଆରୋଗାଣ୍ଟ ବୋଲି ସାରା ଇଣ୍ଡଷ୍ଟ୍ରି ଜାଣିଛି।

**ପ୍ରଶ୍ନ– ଏହି ନେଚର ପାଇଁ ଆପଣଙ୍କ କ୍ୟାରିଅର ପ୍ରଭାବିତ ହୋଇନି?**

ଉତ୍ତର– ନା, କେବେବି ପ୍ରଭାବ ପକାଏନି। ମୁଁ ନଡ଼ିଆ ପରି। ବାହାରୁ ଶକ୍ତ, ଭିତରୁ ନରମ। ମୋ ସହ ଯେଉଁମାନେ ମିଶିଛନ୍ତି ସେମାନେ ମତେ ଜାଣିଛନ୍ତି। ମୋ ମତରେ ପ୍ରତ୍ୟେକ ନାରୀ ନିଜର ଆଖପାଖରେ ଏକ ସର୍କଲ ତିଆରି କରିବା ଆବଶ୍ୟକ। ନିଜର ଏକ ନିୟମ କରିବା ଦରକାର। ନାରୀମାନଙ୍କୁ ବାହାରକୁ ବାହାରିବା ସମୟରେ ନିଜର ପ୍ରକୃତ ରୂପକୁ କିଛି ମାତ୍ରାରେ ଲୁଚାଇକି ଚାଲିବାକୁ ପଡ଼େ। ଏହାଦ୍ୱାରା ବାହାର ଲୋକଙ୍କର ସାହସ ହେବ ନାହିଁ ଆପଣଙ୍କ ସହ କିଛି ଦୁର୍ବ୍ୟବହାର କରିବା ପାଇଁ। ସେହି ଦୃଷ୍ଟିକୋଣରୁ ମୁଁ ଜଗିରଖି ଚାଲେ।

**ପ୍ରଶ୍ନ– ଜୀବନସାଥୀଙ୍କ ବିଷୟରେ କିଛି?**

ଉତ୍ତର– ଜୀବନସାଥୀକୁ ନେଇ ଏତେ ବ୍ୟସ୍ତ ନୁହେଁ। ଏବେ ଯଦି ବାହା ହେବି ତେବେ ମତେ କାମ ଛାଡ଼ିବାକୁ ପଡ଼ିବ। କାରଣ ବାହାଘର ପରେ ନିଜ ଇଚ୍ଛାରେ ସବୁକିଛି କରି ହେବନି। ବିବାହ କଥା ଘରେ ବୁଝନ୍ତୁ। ବୁଝିପାରିଲେ ଭଲ କଥା ନ ହେଲେ ଏକୁଟିଆ ଅଛି, ବହୁତ ଖୁସିରେ ଅଛି।

**ପ୍ରଶ୍ନ– କିଛି ଆଗାମୀ ଯୋଜନା?**

ଉତ୍ତର– ସେମିତି କିଛି ଯୋଜନା ନାହିଁ। ଜୀବନକୁ ନେଇ କିଛି ପ୍ଲାନ କରିବା ମତେ ଆସେନି। ବର୍ତ୍ତମାନ ସମୟରେ ଯାହା ମିଳିଛି ଭଲ ମିଳିଛି, ଯାହା ମିଳିବ ଭଲ ମିଳିବ ବୋଲି ମୋର ଆଶା। କୌଣସି କଥାକୁ ନେଇ ମୁଁ ଆଶା କରେ ନାହିଁ, କାରଣ ନ ମିଳିଲେ ମନ ଭାଙ୍ଗିଯିବ। ତେବେ ମୋ ଅଭିନୟକୁ କିପରି ଆହୁରି ନିଖୁଣ କରିବି ସେଥିପ୍ରତି ସଚେତନ ଅଛି।

**ପ୍ରଶ୍ନ– ଫ୍ରି ଟାଇମ୍‌ରେ କ'ଣ କରନ୍ତି?**

ଉତ୍ତର– ମୁଁ ଜଣେ ଅଲଗା ମଣିଷ। ମତେ ଗହଳି, ବୁଲିବାକୁ ଭଲଲାଗେନି। ମୁଁ ଭାରି ବୋରିଂ। ମୋ ରୁମ୍ ଭଲ ତ ମୁଁ ଭଲ। ରୋଷେଇ କରିବାକୁ ଭଲ ଲଗେ। ସମୟ ମିଳିଲେ ମୋ କୁକୁର, ବିଲେଇଙ୍କ ସହ ସମୟ ବିତାଏ। ତେବେ ବାହାରକୁ ଯିବାକୁ ପସନ୍ଦ ନ ଥିବାରୁ ମୁଁ ପ୍ରାୟ ଅନ୍‌ଲାଇନ୍ ଶପିଂ କରେ। ପ୍ରତିଦିନ ମୋ ଘରକୁ କିଛି ନା କିଛି ପାର୍ସଲ ଆସେ। ମତେ ଘରେ ପାର୍ସଲ ରାଣୀ ବୋଲି ମଧ୍ୟ ଡାକନ୍ତି।

**ପ୍ରଶ୍ନ– କ'ଣ ଭଲ ରାନ୍ଧି ପାରନ୍ତି?**

ଉତ୍ତର– ସବୁକିଛି ରୋଷେଇ କରିପାରେ। ସବୁ ପ୍ରକାରର ଡିସ୍ ମତେ ଆସେ। ଏମିତିକି ରୋଷେଇକୁ ନେଇ ବହୁ ସମୟରେ ଏକ୍ସପେରିମେଣ୍ଟ କରେ।

**ପ୍ରଶ୍ନ– ଆପଣଙ୍କ ଫିଟ୍‌ନେସ୍‌ର ମନ୍ତ୍ର କ'ଣ?**

ଉତ୍ତର– ମୋ ହାପିନେସ୍ ହେଉଛି ମୋର ଫିଟ୍‌ନେସ୍‌ର ମନ୍ତ୍ର। ଖୁସିରେ ରହିବାକୁ ମତେ ବହୁତ ଭଲଲାଗେ। ବେଶି ତେଲ ମସଲା ଖାଇବାକୁ ମତେ ଭଲ ଲାଗେନି। ଯଦି ମୁଡ୍ ହେଲା ତେବେ ବ୍ୟାୟାମ କରେ।

## ସଂକ୍ଷେପରେ

### ଡାହାଣୀ ସନ୍ଦେହରେ ଆଦିବାସୀ ମହିଳାଙ୍କୁ ନଜରବନ୍ଦୀ

**ସଜନାଗଡ଼, ୨୨।୮(ଡି.ଏନ.ଏ.):** ଡାହାଣୀ ସନ୍ଦେହରେ ୭ଦିନ ଧରି ଜଣେ ମହିଳାଙ୍କୁ କୁଲଡ଼ିହା ଅଭୟାରଣ୍ୟରେ ନଜରବନ୍ଦୀ କରି ରଖାଯିବା ଘଟଣା ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ନୀଳଗିରି ଏସ୍‌ଡ଼ିପିଓଙ୍କ ହସ୍ତକ୍ଷେପ ପରେ ବରହମ୍‌ପୁର ପୋଲିସ ତାଙ୍କୁ ଉଦ୍ଧାର କରିଛି। କୁଲଡ଼ିହା ଅଭୟାରଣ୍ୟ ନିକଟସ୍ଥ ଚେମଚଟା ଗାଁ ଭିତରେ ଲୋଧା ଶ୍ରେଣୀର ଲୋକେ ରୁହନ୍ତି। ସେହି ଗ୍ରାମର କାନ୍ଦ୍ରା ଭକ୍ତାଙ୍କର ଦେଢ଼ ବର୍ଷର ଶିଶୁକନ୍ୟା ଜ୍ୱରରେ ପୀଡ଼ିତ ହେବାରୁ ତାଙ୍କୁ ଡାହାଣୀ ଲାଗିଥିବା ସନ୍ଦେହରେ ପଦ୍ମପୁର ଗାଁର ଜଣେ ଗୁଣିଆ ଆସି ଝଡ଼ାଫୁଙ୍କା କରିଥିଲେ। ହେଲେ ଶିଶୁ କନ୍ୟାଟିର ମୃତ୍ୟୁ ହୋଇଯାଇଥିଲା। ଗୁଣିଆଜଣକ ସେହି ଗାଁର ତୁଳସୀ ନାଏକ ଗୁଣି କରିଥିବା କହିବା ପରେ ମୃତକଙ୍କ ପରିବାର ଲୋକେ ତାଙ୍କୁ ନଜରବନ୍ଦୀ ରଖିଥିଲେ। ଏ ସମ୍ପର୍କରେ ନୀଳଗିରି ଏସଡ଼ିପିଓ ରିତେଶ କୁମାର ମହାପାତ୍ର ଖବରପାଇ ବରହମପୁର ପୋଲିସକୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ବରହମପୁର ପୋଲିସ ପହଞ୍ଚି ବୃଦ୍ଧାଙ୍କୁ ଉଦ୍ଧାର କରିଥିଲେ। ପରେ ଉକ୍ତ ଅଞ୍ଚଳ ମୟୂରଭଞ୍ଜ ଜିଲା କପ୍ତିପଦା ପୋଲିସ ଅଧୀନରେ ହୋଇଥିବାରୁ ବରହମପୁର ପୋଲିସ ବୃଦ୍ଧାଙ୍କୁ କପ୍ତିପଦା ପୋଲିସକୁ ହସ୍ତାନ୍ତର କରିଥିଲେ। ସମ୍ପୃକ୍ତ ମହିଳାଙ୍କୁ ଉଦଳା ସୁଧାର ଗୃହରେ ରଖାଯାଇଛି।

### ଧରାପଡ଼ିଲେ ୬ ଡକାୟତ

**ବଡ଼ବିଲ,୨୨।୮(ସ୍ୱ.ପ୍ର.):** କେନ୍ଦୁଝର ଜିଲା ବଡ଼ବିଲ ଥାନା ପୋଲିସ ଡକାୟତି ଯୋଜନା କରୁଥିବା ୬ ଅପରାଧୀଙ୍କୁ ଧରିବାରେ ସଫଳ ହୋଇଛି। ସେମାନଙ୍କଠାରୁ ଏକ ସ୍କର୍ପିଓ, ଏକ ବଲେରୋ, ଏକ ବାଇକ, ଗୋଟିଏ ଆମେରିକୀୟ ପିସ୍ତଲ, ଜୀବନ୍ତ ଗୁଳି, ଦୁଇଟି ଖଣ୍ଡା, ଦୁଇଟି କଟୁରି, ୮ଟି ମୋବାଇଲ ଏବଂ ନଗଦ ଟଙ୍କା ପୋଲିସ ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା(ନଂ.୧୩୯/୨୧) ରୁଜୁ ହୋଇଛି। ଗିରଫ ଡକାୟତମାନେ ହେଲେ ସୁନୀଲ ପାତ୍ର ଓରଫ ଟିଟୁ, ପରବିନ ଚୌରାସିୟା, ସମ୍ପଦ କୁମାର କାଳନ୍ଦୀ ଓରଫ ବାବନ, ପ୍ରଶାନ୍ତ ରାଜ ଓରଫ ଭୁଣ୍ଡୁ, ଏମଡି ରାଜା ଏବଂ ବିନ୍ଦା ଖାଲକୋ। ସୂଚନା ଅନୁଯାୟୀ, ଶନିବାର ବିଳମ୍ବିତ ରାତିରେ ୫୨୦ନଂ. ଜାତୀୟ ରାଜପଥ ରଣାଶାଳ ଘାଟି ନିକଟରେ ବନ୍ଦପଡ଼ିଥିବା ଓଏମସି ଖଣିସ୍ଥିତ ଆମ୍ବ ବାଗାନଠାରେ ଡକାୟତି ଯୋଜନା ଚାଲିଥିବା ପୋଲିସ ଖବର ପାଇଥିଲା। ଅତର୍କିତ ଚଢ଼ାଉ କରି ପୋଲିସ ୬ଜଣଙ୍କୁ କାବୁ କରିଥିଲା। ସେମାନେ ଜାତୀୟ ରାଜପଥରେ ଟ୍ରକ୍ ଅଟକାଇ ଡକାୟତି ପାଇଁ ଯୋଜନା କରୁଥିବା ନେଇ ପୋଲିସ ସୂଚନା ଦେଇଛି। ଏହି ଡକାୟତି ଗ୍ୟାଙ୍ଗର ମୁଖ୍ୟ ଅଭିଯୁକ୍ତ ସୁନୀଲ ପାତ୍ର ନାମରେ ବଡ଼ବିଲ ଥାନାରେ ୩୪ରୁ ଉର୍ଦ୍ଧ୍ୱ ଅପରାଧିକ ମାମଲା ରହିଛି। ସେହିପରି ତାଙ୍କ ସହଯୋଗୀମାନଙ୍କ ନାମରେ ମଧ ଏକାଧିକ ମାମଲା ଥିବା ଜଣାପଡ଼ିଛି।

## ଟ୍ରାକ୍ଟରକୁ ପିଟିଲା ଟ୍ରକ୍: ୩ ମୃତ, ୨ ଗୁରୁତର

ମାଲକାନଗିରି,୨୨।୮ (ଡି.ଏନ୍.ଏ.)

ମାଲକାନଗିରି ଆଦର୍ଶ ଥାନା ଅନ୍ତର୍ଗତ ଏମ୍‌ଭି-୧୬ ଗ୍ରାମ ନିକଟରେ ଏକ ଟ୍ରାକ୍ଟରକୁ ଟ୍ରକ୍ ଧକ୍କା ଦେଇଛି। ଫଳରେ ଟ୍ରାକ୍ଟରରେ ଥିବା ୩ ଜଣଙ୍କ ମୃତ୍ୟୁ ଘଟିଛି। ୨ଜଣ ଆହତ ହୋଇଛନ୍ତି। ମୃତକମାନେ ହେଲେ ମାଲକାନଗିରି ଥାନା ଅନ୍ତର୍ଗତ ମୁଣ୍ଡାଗୁଡା ଗ୍ରାମର ରୁ ଦ୍ର ନାୟକ, ଗଉଡଗୁଡା ଗ୍ରାମର କିଶୋର ଗୌଡ ଓ ଲକ୍ଷ୍ମଣ ଗୌଡ। ଖବରରୁ ଜଣାପଡ଼ିଛି ଯେ, କାଲିମେଳାରୁ ଏକ ଚିପ୍ସ ବୋଝେଇ ଟ୍ରାକ୍ଟର ମାଲକାନଗିରି ଆସୁଥିବା ବେଳେ ଶନିବାର ରାତିରେ ଏମ୍‌ଭି-୧୬ ଗ୍ରାମ ନିକଟରେ ଚକ ପ୍ରଙ୍କଚର ହୋଇଯାଇଥିଲା। ଡ୍ରାଇଭର ଟ୍ରାକ୍ଟରକୁ ରାସ୍ତା ପାର୍ଶ୍ୱରେ ରଖିଦେଇ ସମସ୍ତେ ବିଶ୍ରାମ ନେଉଥିଲେ। ଏହି ସମୟରେ ଆନ୍ଧ୍ରରୁ ଆସୁଥିବା ଏକ ଟ୍ରକ୍ ଭାରସାମ୍ୟ ହରାଇ ଟ୍ରାକ୍ଟରକୁ ଧକ୍କା ଦେଇଥିଲା। ଫଳରେ ସମସ୍ତେ ଗୁରୁତର ଆହତ ହୋଇଥିଲେ। ମାଲକାନଗିରି ପୋଲିସ ଆହତମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ରୁଦ୍ର ଓ କିଶୋରଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କୋରାପୁଟ ସ୍ଥାନାନ୍ତର କରାଯାଇଥିଲା। ତେବେ ପାଣ୍ଡିପାଣିଠାରେ କିଶୋରଙ୍କ ମୃତ୍ୟୁ ହୋଇଥିଲା। କୋରାପୁଟରେ ରୁଦ୍ରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ରବିବାର ମାଲକାନଗିରିରେ ଚିକିତ୍ସାଧୀନ ଅବସ୍ଥାରେ ଲକ୍ଷ୍ମଣଙ୍କ ମୃତ୍ୟୁ ହୋଇଛି। କେସ୍ ନଂ.୩୪୫/୨୧ରେ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଜେଲରେ ରହି ସ୍ୱାବଲମ୍ବୀ ଚିତ୍ତରଞ୍ଜନ

**ମାଟିହାଣ୍ଡିରେ ଚିତ୍ର ଆଙ୍କି କରୁଛନ୍ତି ରୋଜଗାର**



ଛତ୍ରପୁର,୨୨।୮(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଛତ୍ରପୁର ଉପକାରାଗାରରେ ଜଣେ ବିଚାରାଧୀନ ବନ୍ଦୀ ମାଟି ହାଣ୍ଡିରେ ଚିତ୍ର ଆଙ୍କି ସ୍ୱାବଲମ୍ବୀ ହୋଇଛନ୍ତି। ପ୍ରଶାସନ ତାଙ୍କୁ ସହଯୋଗର ହାତ ବଢ଼ାଇଛି। ୨୦୧୭ ଜାନୁୟାରୀରେ ଗଞ୍ଜାମ ଥାନା ଅଧୀନ ମଲାଡ଼ ଗ୍ରାମର ଆର.ଚିତ୍ତରଞ୍ଜନ ଏକ ବଳାତ୍କାର ମାମଲାରେ ଗିରଫ ହୋଇ ଛତ୍ରପୁର ଜେଲରେ ଅଛନ୍ତି। କିଛିଦିନ ତଳେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଜେଲକୁ ପରିଦର୍ଶନରେ ଆସିଥିବା ବେଳେ କାନ୍ଥରେ ଭଲ ଚିତ୍ର ଅଙ୍କାଯାଇଥିବା ଓ ତାହାକୁ ଜେଲ ଅନ୍ତେବାସୀ ଚିତ୍ତରଞ୍ଜନ କରିଥିବା ଜାଣିବାକୁ ପାଇଥିଲେ। ଜିଲାରେ ଓର୍ମାସ, ମିଶନ ଶକ୍ତି ଓ ଓଏଲ୍‌ଏମ୍ ପକ୍ଷରୁ ଗଞ୍ଜାମ ହାଟ ଖୋଲାଯାଇଛି। ସେଠାରେ ଗୁଡ଼ହାଣ୍ଡି ବିକ୍ରି ହେଉଥିବା ବେଳେ ଉକ୍ତ ହାଣ୍ଡିରେ ଚିତ୍ର ଆଙ୍କିବାକୁ ଚିତ୍ତରଞ୍ଜନଙ୍କୁ କୁହାଯାଇଥିଲା। ଏଥିପାଇଁ ତାଙ୍କୁ ପ୍ରାପ୍ୟ ପ୍ରଦାନ କରାଯିବ ବୋଲି କୁହାଯାଇଥିଲା। ଜେଲ ଅଧୀକ୍ଷକ ଶୁଭସ୍ମିତା ବିଶ୍ୱାଳ ବିଭିନ୍ନ ପ୍ରକାର ରଙ୍ଗ, ତୂଳୀ ଆଦି ଯୋଗାଇ ଦେଇଥିଲେ। ପରେ ଓର୍ମାସ ପକ୍ଷରୁ ଗଞ୍ଜାମ ବ୍ଲକ ନୀଳାଦ୍ରିପୁର ଗ୍ରାମର ଏକ ମହିଳା ସଂଘଠାରୁ ଜେଲକୁ ମାଟିହାଣ୍ଡି ଅଣାଯାଇ ସେଥିରେ ଚିତ୍ର ଆଙ୍କିବାକୁ ଚିତ୍ତରଞ୍ଜନଙ୍କୁ ଦିଆଯାଇଥିଲା। ହାଣ୍ଡି ପିଛା ତାଙ୍କୁ ୧୫ ଟଙ୍କା ମିଳୁଥିବା ବେଳେ ଦୈନିକ ୬ରୁ ୭ଟି ହାଣ୍ଡିରେ ସେ ଚିତ୍ର ଆଙ୍କୁଛନ୍ତି। ଚିତ୍ତରଞ୍ଜନ ଏଯାବତ ଡିଆରଡିଏ ପକ୍ଷରୁ ଦିଆଯାଇଥିବା ୫ଶହ ହାଣ୍ଡିରେ ଚିତ୍ର ଆଙ୍କିଥିବା ଜେଲ ଅଧୀକ୍ଷକ କହିଛନ୍ତି। ଏଥିସହ ତାଙ୍କ ଚାଲିଚଳନରେ ମଧ ପରିବର୍ତ୍ତନ ହେଉଥିବା ସେ କହିଥିଲେ। ଛତ୍ରପୁର ଉପକାରାଗାରରେ ବର୍ତ୍ତମାନ ୧୬୭ ଜଣ ବିଚାରାଧୀନ ବନ୍ଦୀ ଅଛନ୍ତି। ସେମାନଙ୍କ ମଧ୍ୟରୁ ୧୬୪ ଜଣ ପୁରୁଷ ଓ ୩ଜଣ ମହିଳା। ଆଗାମୀ ଦିନରେ ଅନ୍ତେବାସୀଙ୍କୁ ଜିଲା ପ୍ରଶାସନ ସହଯୋଗରେ ପଣସ ଚିପ୍‌ସ ଓ ଝାଡୁ ତିଆରି ନେଇ ତାଲିମ ଦିଆଯିବା କାର୍ଯ୍ୟକ୍ରମ ରହିଛି। ଯାହାଦ୍ୱାରା ସେମାନେ ସ୍ୱାବଲମ୍ବୀ ହୋଇପାରିବେ।

# ଅସୁରକ୍ଷିତ ରାଜଉଆସ

ବାରିପଦା ଅଫିସ,୨୨।୮

ମୟୂରଭଞ୍ଜ ଗଡ଼ଜାତଶାସନ ସମୟରେ ମହାରାଣୀ ସୁମିତ୍ରା ଭଞ୍ଜଦେଓଙ୍କ ଦ୍ୱାରା ନିର୍ମିତ ରାଜଉଆସ ଏବେ ଅସୁରକ୍ଷିତ। ଏହି ଉଆସରେ ବର୍ତ୍ତମାନ ମହାରାଜା ପୂର୍ଣ୍ଣଚନ୍ଦ୍ର କନିଷ୍ଠ ମହାବିଦ୍ୟାଳୟ ପରିଚାଳିତ ହେଉଛି। ବାହାରକୁ ସୁନ୍ଦର ଦିଶୁଥିବା ମହାବିଦ୍ୟାଳୟଟି ଭିତରୁ ନଷ୍ଟ ହେବାକୁ ବସିଲାଣି । ରକ୍ଷଣାବେକ୍ଷଣ ଅଭାବରୁ ଐତିହ୍ୟ ସମ୍ପନ୍ନ ଏହି କୋଠାର ବିପଦ ସଙ୍କୁଳ ଛାତ ତଳେ ପାଠ ପଢୁଛନ୍ତି ଛାତ୍ରୀଛାତ୍ର।

୧୮୦୪ରେ ଉଆସର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ୪ବର୍ଷ ପରେ ସମାପ୍ତି ହୋଇଥିଲା। ବ୍ରିଟେନ୍‌ର ବକିଂହାମ୍ ପ୍ୟାଲେସ ଆକୃତିରେ ବିଦେଶରୁ ନିର୍ମାଣ ସାମଗ୍ରୀ ଅଣାଯାଇ ଅତ୍ୟାଧୁନିକ ଶୈଳୀରେ ଏହାକୁ ନିର୍ମାଣ କରାଯାଇଥିଲା। ଗ୍ରୀକ୍ ଓ ଭିକ୍ଟୋରିଆ ଇଞ୍ଜିନିୟରଙ୍କ ସ୍ଥାପତ୍ୟ କଳା ଓ କାରିଗରୀରେ ତିଆରି ଏହି ରାଜବାଟୀରେ ୧୨୬ଟି କୋଠରୀ ରହିଛି। ଜିଲାରେ ଶିକ୍ଷାର ବିକାଶ ପାଇଁ ଏହି ପ୍ରାସାଦରେ ଜୁନିୟର କଲେଜ ପରିଚାଳିତ ହେଉଛି। ମରାମତି ଅଭାବରୁ କଲେଜର ପରିସଂଖ୍ୟାନ, ପ୍ରାଣୀ ବିଜ୍ଞାନ, ପଦାର୍ଥ ବିଜ୍ଞାନ ବିଭାଗ, ଷ୍ଟୋର ରୁମ୍, ଅଧ୍ୟାପକ କମନ୍‌ରୁମ୍ ଓ ଛାତ୍ରାବାସର ୫୧, ୫୬ ଓ ୫୭ ନଂ. ରୁମ୍ ଗୁଡ଼ିକ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। କ୍ଲାସରୁମ୍ ଓ ଷ୍ଟାଫରୁମ୍‌ର କାନ୍ଥ ଛାତ ଫାଟି ଯାଇଥିବା ବେଳେ ବାରଣ୍ଡା କାନ୍ଥରୁ ପାଣି ଝରି ଶିଉଳି ଲାଗିଛି। ଏ ସଂକ୍ରାନ୍ତରେ ତତ୍କାଳୀନ କଲେଜ ଅଧ୍ୟକ୍ଷ ଚିଠିନଂ.୫୭୦/ମାର୍ଚ୍ଚ ୨୧୦୭ରେ ରୋଡ୍ ଏବଂ ବିଲ୍ଡିଂ ବିଭାଗକୁ ଅବଗତ କରିଥିଲେ। ବିଭାଗ ପକ୍ଷରୁ ଚିଠିନଂ.୫୦୫୧/ନଭେମ୍ବର୨୦୧୮ରେ କଲେଜର ସେଫ୍ ଷ୍ଟାଟସ୍ ରିପୋର୍ଟ ପ୍ରଦାନ କରିଥିଲେ। ସେଥିରେ ନିର୍ବାହୀଯନ୍ତ୍ରୀ ତଦନ୍ତ କରି ଏହି କୋଠାର ୫ଟି ଅଂଶକୁ ବିପଜ୍ଜନକ ବୋଲି ଦର୍ଶାଇଛନ୍ତି। ଏହାକୁ ହେରିଟେଜ୍ ଷ୍ଟାଟସକୁ ହସ୍ତାନ୍ତର କରିବାକୁ ପରାମର୍ଶ ଦେଇଥିବା କଲେଜ ଅଧ୍ୟକ୍ଷ ଶୁଭଙ୍କର ସାହୁ କହିଛନ୍ତି। କଲେଜ ପକ୍ଷରୁ ଅଭିଯୋଗ ହେବା ପରେ ଅତିରିକ୍ତ ଶାସନ ସଚିବ ଚିଠିନଂ. ୩୩୬୯୫/ଡିସେମ୍ବର ୨୦୧୮ରେ ଉଚ୍ଚ ଶିକ୍ଷା ବିଭାଗକୁ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଅଦ୍ୟାବଧି ସରକାରୀସ୍ତରରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏ ନେଇ ପୁରାତନ ଛାତ୍ର ବିଭୁପ୍ରସାଦ ଦାସ କୁହନ୍ତି, ଜିଲାର ଏହି ଐତିହାସିକ ଅଟ୍ଟାଳିକାକୁ ସୁରକ୍ଷିତ ରଖିବା ଜରୁରୀ। ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ କୁହନ୍ତି, ଏହି କଲେଜକୁ ହେରିଟେଜ କିମ୍ବା ମନୁମେଣ୍ଟ ଘୋଷଣା କରି ଓଡ଼ିଶା ସରକାର ଆର୍କିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ(ଏଏସଆଇ)କୁ ହସ୍ତାନ୍ତର କଲେକଲେଜରସ୍ଥାୟିତ୍ୱବଜାୟରହିପାରନ୍ତା।



ରାଜପ୍ରାସାଦରେ ଥିବା ଏମ୍‌ପିସି ଜୁନିୟର କଲେଜ।

CIME Bhubaneswar
COLLEGE OF IT & MANAGEMENT EDUCATION
(A Constituent College of BPUT, Odisha)
Plot No.4, Sector-A, Zone-B, Mancheswar Indl. Estate, Bhubaneswar-10,
No.KK-61:- Tel: 0674-2582442, www.cime.ac.in
TENDER CALL NOTICE FOR RUNNING OF HOSTEL MESS OF CIME
The last date and time of submission of tender documents is hereby extended upto 07.09.2021 by 2.00 PM and shall be opened on the same day at 3.00 PM. Other terms and conditions shall remain same.
OIPR-44005/11/0001/2122 PRINCIPAL

ନିୟନ୍ତ୍ରିତ ବଜାର କମିଟି, କୋରାପୁଟ
ଏତଦ୍ୱାରା ସମସ୍ତ ଚାଷୀ ଭାଇ ଓ ଭଉଣୀ, ବ୍ୟବସାୟୀ ଓ ଟ୍ରାନ୍ସପୋର୍ଟରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ବିଭାଗ ଦ୍ୱାରା କିଷାନ ରଥ ମୋବାଇଲ ଆପ୍‌ର ସୁବ୍ୟବସ୍ଥା କରାଯାଇଛି। ଏହି ମୋବାଇଲ୍ ଆପ୍‌କୁ ନିଜର ମୋବାଇଲ୍ (Android Set) କିମ୍ବା ଆପଲ୍ ଫୋନ୍‌ରେ ଡାଉନଲୋଡ୍ କରି ଘରେ ବସି କୃଷିଜାତୀୟ ଦ୍ରବ୍ୟର ପରିବହନ କରିବା ପାଇଁ ସୁଯୋଗ ନିଅନ୍ତୁ। ଏହି ଆପ୍‌ରେ ମାଗଣା ପଞ୍ଜୀକରଣ ସୁବିଧା ଉପଲବ୍ଧ। ଏଥିରେ ଚାଷୀ, ବ୍ୟବସାୟୀ ଓ ପରିବହନକାରୀ ଉପକୃତ ହେବେ। ଏଣୁ ବିନମ୍ର ନିବେଦନ ଆପଣମାନେ ନିଜର ମୋବାଇଲରେ ଉକ୍ତ ଆପ୍‌କୁ ଇନ୍‌ଷ୍ଟଲକରି ଏହାର ସୁଯୋଗ ନିଅନ୍ତୁ।
ସ୍ୱା./- ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, କୋରାପୁଟ
ସ୍ୱା./- ଉପଜିଲ୍ଲାପାଳ ତଥା ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, କୋରାପୁଟ

TATA
ଟାଟା କ୍ୟାପିଟାଲ ଫାଇନାନ୍ସିଆଲ ସର୍ଭିସେସ୍ ଲିମିଟେଡ୍
୧୧ତମ ମହଲା, ଟାୱାର ଏ, ପେନିନସୁଲା ବିଜନେସ୍ ପାର୍କ, ଗଣପତରାଓ କଦମ ମାର୍ଗ, ଲୋଅର ପରେଲ୍, ମୁମ୍ବାଇ - ୪୦୦୦୧୩
ଟାଟା କ୍ୟାପିଟାଲ ଫାଇନାନ୍ସିଆଲ ସର୍ଭିସେସ୍ ଲିମିଟେଡ୍
ଡିମାଣ୍ଡ ନୋଟିସ
ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ("ଅଧିନିୟମ")ର ଧାରା ୧୩(୨) ସହିତ ପଠନପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ ("ନିୟମାବଳୀ")ର ନିୟମ ୩ ଅଧୀନରେ।
ପ୍ରାପ୍ତେଷୁ,
୧. ସୁଦୀପ କୁମାର କର
ଫ୍ଲାଟ୍ ନଂ.-୨୩୩, ବ୍ଲକ୍-ବି, ମନୋରମା ଏନ୍‌କ୍ଲେଭ୍, ୨ୟ ମହଲା, ମନୋରମା ଇଷ୍ଟେଟ୍, ରସୁଲଗଡ଼, ଭୁବନେଶ୍ୱର-୭୫୧୦୧୦, ଓଡ଼ିଶା
୨. ସତ୍ୟବତୀ କର
ଫ୍ଲାଟ୍ ନଂ.-୨୩୩, ବ୍ଲକ୍-ବି, ମନୋରମା ଏନ୍‌କ୍ଲେଭ୍, ୨ୟ ମହଲା, ମନୋରମା ଇଷ୍ଟେଟ୍, ରସୁଲଗଡ଼, ଭୁବନେଶ୍ୱର-୭୫୧୦୧୦, ଓଡ଼ିଶା
୩. ମେସର୍ସ ବାବା ମୁକୁନ୍ଦେଶ୍ୱର ଫିଲିଂ ଷ୍ଟେଶନ, ଶ୍ରୀ ସୁଦୀପ କୁମାର କର (ସ୍ୱତ୍ୱାଧିକାରୀ) ଆଙ୍କୁଲା, ଖାତା ନଂ.-୧୫୨, ପ୍ଲଟ୍ ନଂ.-୧୯୨, ଯାଜପୁର-୭୫୫୦୦୧, ଓଡ଼ିଶା।
ପ୍ରିୟ ମହାଶୟ/ମହାଶୟା,
ଟାଟା କ୍ୟାପିଟାଲ ଫାଇନାନ୍ସିଆଲ ସର୍ଭିସେସ୍ ଲିଃ (ଏତଦ୍‌ପଶ୍ଚାତ୍ ଟିସିଏଫ୍‌ଏସ୍‌ଏଲ)ର ଭୁବନେଶ୍ୱର ଶାଖା ଦ୍ୱାରା ଏଲ୍‌ଏଏନ୍ ୨୧୭୮୯୭୦୪ରେ ଆପଣଙ୍କୁ ମଞ୍ଜୁର କରାଯାଇଥିବା ହୋମ୍ ଇକ୍ୱିଟି (ଏଲ୍‌ଏପି) ଋଣ ଅଧୀନରେ ଟିସିଏଫ୍‌ଏସ୍‌ଏଲ୍‌ର ୨୮ ଜୁଲାଇ ୨୦୨୧ ସୁଦ୍ଧା ଟ.୩୪,୫୭,୯୫୦.୨୯/- (ଚଉତିରିଶ ଲକ୍ଷ ସତାବନ ହଜାର ନଅଶହ ପଚାଶ ଟଙ୍କା ଅଣତିରିଶ ପଇସା ମାତ୍ର)ର ଅର୍ଥରାଶି ସମେତ ଭବିଷ୍ୟତ ସୁଧ ବକେୟା ରହିଛି । ଆମ ଦ୍ୱାରା ବାରମ୍ବାର ଅନୁରୋଧ କରାଯିବା ସତ୍ତ୍ୱେ ଆପଣ ନିଜ ଖାତାରେ ବକେୟା ଦେୟ ପରିଶୋଧ ପାଇଁ କୌଣସି ଅର୍ଥରାଶି ପୈଠ କରି ନାହାନ୍ତି । ଟିସିଏଫ୍‌ଏସ୍‌ଏଲ୍‌ର ବକେୟା ରାଶି ପରିଶୋଧରେ ଆପଣ କରିଥିବା ଖିଲାପ କାରଣରୁ ଆର୍‌ବିଆଇ ଦିଗ୍‌ନିର୍ଦ୍ଦେଶାବଳୀ ଅନୁଯାୟୀ ଆପଣଙ୍କ ଖାତାକୁ ମେ ୬, ୨୦୨୧ ଠାରୁ ଏନ୍‌ପିଏ ଖାତା ଭାବେ ଶ୍ରେଣୀଭୁକ୍ତ କରାଯାଇଛି । ମୁଁ, ଟାଟା କ୍ୟାପିଟାଲ ଫାଇନାନ୍ସିଆଲ ସର୍ଭିସେସ୍ ଲିଃର ପ୍ରାଧିକୃତ ଅଧିକାରୀ ଭାବେ କ୍ଷମତାକୁ ପ୍ରୟୋଗ କରି, ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମର ବ୍ୟବସ୍ଥାପନ ଅନୁଯାୟୀ ଉପରୋକ୍ତ ଅଧିନିୟମର ଧାରା ୧୩(୨) ଅଧୀନରେ ୨୮ ଜୁଲାଇ ୨୦୨୧ ଦିନ ଆପଣଙ୍କୁ ଏକ ନୋଟିସ ଜାରି କରି କଥିତ ଋଣ ରାଶି ଅର୍ଥାତ୍ ୨୮ ଜୁଲାଇ ୨୦୨୧ ସୁଦ୍ଧା ରହିଥିବା ୩୪,୫୭,୯୫୦.୨୯/- (ଚଉତିରିଶ ଲକ୍ଷ ସତାବନ ହଜାର ନଅଶହ ପଚାଶ ଟଙ୍କା ଅଣତିରିଶ ପଇସା ମାତ୍ର) ସମେତ ଭବିଷ୍ୟତ ସୁଧ ଓ ଖର୍ଚ୍ଚକୁ ନୋଟିସର ୬୦ ଦିନ ମଧ୍ୟରେ ପରିଶୋଧ କରିବା ଲାଗି ନିର୍ଦ୍ଦେଶ ଦେଇଥିଲି, ଅନ୍ୟଥା ଟିସିଏଫ୍‌ଏସ୍‌ଏଲ୍ ଉପରୋକ୍ତ ଅଧିନିୟମର ଧାରା ୧୩(୪) ଅଧୀନରେ ବର୍ଣ୍ଣିତ ସମସ୍ତ କିମ୍ବା ଯେକୌଣସି ଅଧିକାରକୁ ପ୍ରୟୋଗ କରିବ, ଯାହା ମଧ୍ୟରେ ନିମ୍ନବର୍ଣ୍ଣିତ ସମ୍ପତ୍ତି ଉପରେ ଟିସିଏଫ୍‌ଏସ୍‌ଏଲ୍ ଦ୍ୱାରା ଆପଣଙ୍କ ଦ୍ୱାରା ସୃଷ୍ଟି କରାଯାଇଥିବା ସିକ୍ୟୁରିଟି ଇଣ୍ଟରେଷ୍ଟର ପ୍ରବର୍ତ୍ତନ ଅନ୍ତର୍ଭୁକ୍ତ ।
ଅନୁସୂଚୀ - କ
ମନୋରମା ଏନ୍‌କ୍ଲେଭ୍, ବ୍ଲକ୍-ବି, ଫ୍ଲାଟ୍ ନଂ.-୨୩୩ରେ ଅବସ୍ଥିତ ସମସ୍ତ ଫ୍ଲାଟ୍ ଓ ଗ୍ୟାରେଜ, ପରିମାପ ପାଖାପାଖି ୧୨୦୮ ବର୍ଗ ଫୁଟ ୨ୟ ମହଲା ସମେତ ବେସ୍‌ମେଣ୍ଟରେ ଗ୍ୟାରେଜ୍ ନଂ.-୨୩୩, ଇ-୪ ଓ ୫, ଅବସ୍ଥିତି ସ୍ଥାନ ମୌଜା ବମିଖାଲ, ଜିଲ୍ଲା ଖୋର୍ଦ୍ଧା, ଥାନା - ଶହୀଦନଗର, ଭୁବନେଶ୍ୱର, ଭୁବନେଶ୍ୱର ପୌର ନିଗମ ଅଧୀନରେ, ନିମ୍ନପ୍ରଦତ୍ତ ବିବରଣୀ ଅଧୀନରେ:

| ଖାତା ନଂ. | ହାଲ୍ ଖାତା ନଂ. | ପ୍ଲଟ୍ ନଂ. | ଏରିଆ |
|---|---|---|---|
| ୨୬୭ | ୪୦୭/୩୧୮ | ୩୮୯ | ଏ.୦.୧୬୭ ଡେସିମିଲ |
| ୧୭୫ | ୪୦୭/୨୯୩ | ୩୯୦ | ଏ.୦.୧୬୧ ଡେସିମିଲ ମଧ୍ୟରୁ ଏ.୦.୦୬୯ ଡେସିମିଲ |
| ୧୨୦ | ୪୦୭/୩୩୨ | ୩୮୨ | ଏ.୦.୧୯୫ ଡେସିମିଲ ମଧ୍ୟରୁ ଏ.୦.୦୪୪ ଡେସିମିଲ |

ଯେହେତୁ ଆପଣ ମୂଳତଃ ବାସ କରୁଥିବା / ବ୍ୟବସାୟ ସଞ୍ଚାଳନ କରୁଥିବା / ବ୍ୟକ୍ତିଗତ ଭାବେ ଲାଭ ପାଇଁ କାର୍ଯ୍ୟ କରୁଥିବା ଠିକଣାରେ ଆପଣଙ୍କ ନିକଟକୁ ପଠାଯାଇଥିବା ୨୮ ଜୁଲାଇ ୨୦୨୧ର ନୋଟିସ ଉପଯୁକ୍ତ ଭାବେ ପରିବେଷିତ ହୋଇପାରିନାହିଁ, ତେଣୁ ଆମେ ଏହି ନୋଟିସ ପ୍ରକାଶନ କରିବା ପାଇଁ ବାଧ୍ୟ ହେଉଅଛୁ । ଆପଣଙ୍କୁ ଏତଦ୍ୱାରା ଉପରୋକ୍ତ ଅଧିନିୟମର ଧାରା ୧୩(୨) ଅଧୀନରେ ଉପରଦର୍ଶିତ ଉତ୍ତରଦାୟିତାକୁ ୬୦ ଦିନ ମଧ୍ୟରେ ନିର୍ବାହ କରିବା ପାଇଁ ନିର୍ଦ୍ଦେଶ ଦିଆଯାଉଛି, ଯେଉଁଥିରେ ବିଫଳ ହେଲେ ଟିସିଏଫ୍‌ଏସ୍‌ଏଲ୍ ଉପରୋକ୍ତ ଅଧିନିୟମର ଧାରା ୧୩(୪) ଅଧୀନରେ ସମସ୍ତ କିମ୍ବା ଯେକୌଣସି ଅଧିକାରକୁ ପ୍ରୟୋଗ କରିବ । ଆପଣଙ୍କୁ ଏତଦ୍ୱାରା ଏହି ନୋଟିସ ମଧ୍ୟ ପ୍ରଦାନ କରାଯାଉଛି ଯେ ଉପରୋକ୍ତ ଅଧିନିୟମର ଧାରା ୧୩(୧୩)ର ନିୟମାବଳୀ ଅନୁଯାୟୀ ଆପଣ ଉପରୋକ୍ତ ବନ୍ଧକ ପରିସମ୍ପତ୍ତିଗୁଡ଼ିକୁ ବିକ୍ରୟ, ଲିଜ୍ କିମ୍ବା ଅନ୍ୟ କୌଣସି ଉପାୟରେ ହସ୍ତାନ୍ତରିତ କରିବେ ନାହିଁ ।
ପ୍ରାଧିକୃତ ଅଧିକାରୀ
ସ୍ଥାନ: ଭୁବନେଶ୍ୱର
ଟାଟା କ୍ୟାପିଟାଲ ଫାଇନାନ୍ସିଆଲ ସର୍ଭିସେସ୍ ଲିଃ
ତାରିଖ: ୨୩ ଅଗଷ୍ଟ ୨୦୨୧
୧୧ତମ ମହଲା | ପିଏସ୍ ସ୍ରିଜନ ଟେକ୍ ପାର୍କ | ଡିଏନ୍ ୫୨ ସେକ୍ଟର - V | ସଲ୍ଟ ଲେକ୍ । କୋଲକାତା - ୭୦୦୦୯୧ | ପଶ୍ଚିମବଙ୍ଗ | ମୋ.: ୯୦୭୩୩୫୬୫୬୦

"ଈଶ୍ୱରଙ୍କ ହାତରେ ସବୁତକ ସମୟ ଅଛି – ତେଣୁ ସେ କୌଣସି କାର୍ଯ୍ୟରେ ତରବର ହୁଅନ୍ତି ନାହିଁ। ସେ ମଧ୍ୟ ତାଙ୍କ ଲକ୍ଷ୍ୟ ସମ୍ବନ୍ଧେ ନିଶ୍ଚିତ। ତାଙ୍କର ସଫଳତା ସମ୍ବନ୍ଧେ ବି ନିଶ୍ଚିତ। ତେଣୁ ସେ ସହସ୍ରବାର କାର୍ଯ୍ୟରୁ ବିରତ ହେଲେ ବି, ବ୍ୟସ୍ତ ହୁଅନ୍ତି ନାହିଁ। କାରଣ ତଦ୍ୱାରା ସେ ପୂର୍ଣ୍ଣତାର ନିକଟବର୍ତ୍ତୀ ହୁଅନ୍ତି। –ଶ୍ରୀଅରବିନ୍ଦ



# ଭାରତର ଚିନ୍ତା

ଆଫଗାନିସ୍ତାନରେ ତାଲିବାନ୍ ସରକାର ଗଠନ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଲାଣି। ଶାସନ ଶରିଆତ୍ ଆଇନ ଅନୁସାରେ ହେବ ବୋଲି ତାଲିବାନ ପକ୍ଷରୁ ଘୋଷଣା କରାଯାଇଛି। ତେବେ ଆଫଗାନିସ୍ତାନରୁ ଆମେରିକା ଓ ନାଟୋ ସୈନ୍ୟ ଅପସାରିତିବା ପରେ ଏକ ନୂଆ ସମୀକରଣ ସୃଷ୍ଟି ହୋଇଯାଇଛି। ଚାଇନା, ପାକିସ୍ତାନ, ରୁଷିଆ ଓ ଇରାନ୍ ସେଠାରେ ନିଜର ସ୍ଥିତି ଜାହିର କରିବାକୁ ଆଗେଇ ଆସିଲେଣି। ଏବେ ଅଶାନ୍ତ ସ୍ଥିତିରେ ମଧ୍ୟ କାବୁଲରେ ଏହିସବୁ ଦେଶର ଦୂତାବାସ ଖୋଲା ରହିବା ଏହାର ପ୍ରମାଣ ଦେଉଛି। ତାଲିବାନ୍ କାର୍ଯ୍ୟକଳାପରେ ସୁଧାର ଆସିଲେ ସମ୍ଭବତଃ ନିକଟ ଭବିଷ୍ୟତରେ ଏହି ଦେଶଗୁଡ଼ିକ ତାହାକୁ ଅନ୍ତର୍ଜାତୀୟ ସ୍ତରରେ ମାନ୍ୟତା ଦେବାକୁ କୁଣ୍ଠିତ ହେବେ ନାହିଁ ବୋଲି ପ୍ରକାଶ କଲେଣି। ଏଭଳି ସ୍ଥଳେ ତାଲିବାନ୍‌ଙ୍କ ସହ ଉତ୍ତମ ସମ୍ପର୍କ ରଖି ନ ଥିବା ଭାରତ ପାଇଁ ଏହା ଚ୍ୟାଲେଞ୍ଜ ଭାବେ ଉଭା ହେବ ବୋଲି ବିଶେଷଜ୍ଞମାନେ ମତ ଦେଲେଣି।

ତାଲିବାନ୍‌କୁ ସମର୍ଥନ କରିବା ପଛରେ ଚାଇନାର ସ୍ୱାର୍ଥ ଜଡ଼ିତ ରହିଛି। ଆଫଗାନିସ୍ତାନରେ ଅନେକ ଛୋଟ ଛୋଟ ବିଦ୍ରୋହୀ ଗୋଷ୍ଠୀ ରହିଛନ୍ତି। ସେଥିମଧ୍ୟରୁ ଇଷ୍ଟ ତୁର୍କିସ୍ତାନ ଇସ୍‌ଲାମିକ ମୁଭମେଣ୍ଟ (ଇଟିଆଇଏମ୍) ଆଫଗାନିସ୍ତାନର ଉତ୍ତର ପଶ୍ଚିମାଞ୍ଚଳରେ ସକ୍ରିୟ ରହିଛି। ଚାଇନାର ଜିନ୍‌ଜିଆଙ୍ଗ ପ୍ରଦେଶରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଉଇଗର ମୁସଲମାନଙ୍କୁ ଚୀନ୍ ଦମନ କରି ରଖିଛି। ଇତିମଧ୍ୟରେ ଚାଇନାର ଏଭଳି ପଦକ୍ଷେପକୁ ଇଟିଆଇଏମ୍ ବିରୋଧ କରିଆସିଛି। ତେଣୁ ଉଇଗର ସମସ୍ୟା ଯେଭଳି ବ୍ୟାପକ ରୂପ ଧାରଣ ନ କରିବ ସେଥିଲାଗି ଇଟିଆଇଏମ୍‌କୁ ନିୟନ୍ତ୍ରଣରେ ରଖିବା ଲାଗି ଚାଇନା ତାଲିବାନ୍‌ର ସହାୟତା କାମନା କରିବା ସ୍ୱାଭାବିକ। ଏଥିସହିତ ୱାନ୍ ବେଲ୍ଟ ୱାନ୍ ରୋଡ୍ (ଓବିଓଆର୍) ଏବଂ ଚାଇନା-ପାକିସ୍ତାନ ଅର୍ଥନୈତିକ କରିଡରକୁ ସୁରକ୍ଷିତ ରଖିବା ସକାଶେ ଚାଇନା ତାଲିବାନ୍‌ର ସମର୍ଥନ ଚାହିଁବ। ଏଥିସହିତ ଯେଉଁ ପ୍ରମୁଖ ଉଦ୍ଦେଶ୍ୟ ରଖି ଚାଇନା ତାଲିବାନ୍‌କୁ ସମର୍ଥନ କରିବାକୁ ଆଗେଇ ଆସିଛି, ତା' ପଛରେ ବେଜିଂର ଏକ ବୃହତ୍ ଆର୍ଥିକ ଲାଭ ନିହିତ ରହିଛି। ଆଫଗାନିସ୍ତାନ ମାଟି ତଳେ ପର୍ଯ୍ୟାପ୍ତ ପରିମାଣର ସୁନା, ଲୁହା, ତମ୍ବା, ମାଙ୍ଗାନିଜ୍, ଗ୍ୟାସ୍, କୋବାଲ୍ଟ, ଲିଥିୟମ୍, ଥୋରିୟମ୍ ଭଳି ଅଣରୋଲିକ ଖଣିଜ ପଦାର୍ଥ ମହଜୁଦ ହୋଇ ରହିଛି। ଚାଇନା ମଧ୍ୟ ବହୁ ପୂର୍ବରୁ ଏସବୁ ଜାଣି ତାଲିବାନ୍ ସହ ସ୍ଥିତି ମଜବୁତ କରିଆସିଛି। ଏବେ ସେଠାରେ ଆମେରିକା ଭଳି ସାମରିକ ଶକ୍ତି ନ ଥିବାରୁ କୂଟନୈତିକ ଓ ବ୍ୟବସାୟିକ ଉଦ୍ଦେଶ୍ୟ ରଖି ଚାଇନା ତାଲିବାନ୍‌କୁ ପରିଚାଳନା କରିବାକୁ ଚାହିଁବା ତା' ପାଇଁ ଲାଭଦାୟକ ହେବ ବୋଲି କୁହାଗଲାଣି। ଅନୁରୂପ ଭାବେ ରୁଷିଆ ଏହିଭଳି ଅଣ-ମିଳିତାରି କୌଶଳ ଅନୁସରଣ କରି ତାଲିବାନ୍ ପ୍ରତି ଭଲି ରହିଛି। ଅତୀତରେ ଆଫଗାନିସ୍ତାନରେ ରୁଷିଆର ଉପସ୍ଥିତି ପ୍ରଭାବଶାଳୀ ରହି ଆସିଛି। ବର୍ତ୍ତମାନ ଆମେରିକା ସେଠାରୁ ହଟିଯିବା ପରେ ରୁଷିଆ ପୁନଶ୍ଚ ନିଜ ସ୍ଥିତି ଜାହିର କରିବାକୁ ଉଦ୍ୟମ କଲାଣି। କେନ୍ଦ୍ରୀୟ ଏସିଆ ଅଞ୍ଚଳରେ ଇସ୍‌ଲାମୀୟ ମୌଳବାଦୀମାନେ ଯେଭଳି ସକ୍ରିୟ ନ ରହିବେ ସେହି ଦିଗରେ ସହଯୋଗ କରିବା ସକାଶେ ରୁଷିଆ ତାଲିବାନ୍ ସହ ଭିତିରି ବୁଝାମଣା କରିଥିବା କୁହାଯାଉଛି। ଏଥିସହିତ ଆଫଗାନିସ୍ତାନରେ ଉତ୍ପାଦିତ ହେଉଥିବା ଅଫିମ ଯେଭଳି ରୁଷିଆକୁ ଅଡୁଆରେ ନ ପକାଇବ ସେହି ଦିଗରେ ସଜାଗ ରହିବା ଲାଗି ଏହାର ନେତାମାନେ ତାଲିବାନୀଙ୍କ ସହ କଥା ହୋଇଥିବା କୁହାଯାଉଛି। ଏପଟେ ଚାଇନା ସହ ଉତ୍ତମ ସମ୍ପର୍କ ରଖିଥିବାରୁ ପାକିସ୍ତାନ ତାଲିବାନ୍ ଶାସନକୁ ଅଧିକ ପସନ୍ଦ କରିବା ସ୍ୱାଭାବିକ। ଏମିତି ବି ଦେଖିଲେ ପାକିସ୍ତାନ ସହ ଏପରିକି ତାଲିବାନ୍ ସହିତ ମଧ୍ୟ ବର୍ଷ ବର୍ଷ ହେଲା ସମ୍ପର୍କ ସୁଦୃଢ଼ ରହିଆସିଛି। ଆତଙ୍କବାଦୀ ସଙ୍ଗଠନ ହକାନି ନେଟ୍‌ୱର୍କ ତାଲିବାନ୍ ସହ ମିଶି କରି ରହିଛି ଉଲ୍ଲେଖଯୋଗ୍ୟ, ପାକିସ୍ତାନର ଆଇଏସ୍‌ଆଇଠାରୁ ପ୍ରଶିକ୍ଷଣ ପାଇ ହକାନି ଆତଙ୍କବାଦୀ କାର୍ଯ୍ୟକଳାପ ଜାରି ରଖିଛି। ଆମେରିକା ନୀତିର ଘୋର ବିରୋଧୀ ଇରାନ୍ ମଧ୍ୟ ତାଲିବାନ୍ ଶାସନକୁ ପରୋକ୍ଷରେ ସ୍ୱୀକାର କରି ନେଲା ଭଳି ପ୍ରତୀୟମାନ ହେଉଛି। ଏଭଳି ଏକ ବିପ୍ଳବନ ସମୟରେ ଭାରତର ପରବର୍ତ୍ତୀ ପଦକ୍ଷେପ ଏହି ଅଞ୍ଚଳରେ ତା'ର ଭବିଷ୍ୟତକୁ ନିର୍ଦ୍ଧାରଣ କରିବ। ଏହା ଜଣାଶୁଣା ଯେ, ଆମେରିକା ସେନାର ବଳ ପାଇ ଆଫଗାନିସ୍ତାନରେ ଭାରତ ଭିତ୍ତିଭୂମି ଉନ୍ନୟନରେ ୩୦୦ କୋଟି ଆମେରିକୀୟ ଡଲାର ବିନିଯୋଗ କରିଥିଲା। ବିଶେଷକରି ଶକ୍ତି, ସ୍ୱାସ୍ଥ୍ୟ, ଟେଲିକମ୍, ପରିବହନ, ରାସ୍ତା, ନଦୀବନ୍ଧ, ସ୍କୁଲ ନିର୍ମାଣ ଏପରି କି ଆଫଗାନିସ୍ତାନ ପାର୍ଲାମେଣ୍ଟ ଲାଗି କୋଠା ନିର୍ମାଣରେ ଭାରତ ପର୍ଯ୍ୟାପ୍ତ ଅର୍ଥ ବିନିଯୋଗ କରିଛି। ଏବେ ତାଲିବାନ୍ ସମ୍ପୂର୍ଣ୍ଣ ଦେଶକୁ ଅକ୍ତିଆର କରିନେବା ପରେ ଭାରତ ନିରୁପାୟ ହୋଇପଡ଼ିଛି। ଆମେରିକା ସର୍ବଦା ଆଫଗାନିସ୍ତାନରେ ରହି ଭାରତୀୟ ପ୍ରକଳ୍ପଗୁଡ଼ିକୁ ଜଗି ରହିବ ବୋଲି ଭାରତ ଧରି ନେଇଥିଲା। କିନ୍ତୁ ଏହା ବହୁବାର ଦେଖାଯାଇଛି ଯେ, ଯେଉଁଠାରେ ସ୍ୱାର୍ଥ ରହିଛି ବୋଲି ଆମେରିକା ଅନୁଭବ କରିଥାଏ ସେହିଠାରେ ନିଜର ଉପସ୍ଥିତି ଜାହିର କରେ। ଆଜି ଭାରତ ପାଇଁ ଯେଉଁ ବୃହତ୍ ଆର୍ଥିକ କ୍ଷତି ହେବାକୁ ଯାଉଛି, ଅର୍ଥ ବିନିଯୋଗ ପୂର୍ବରୁ ଯଦି ଚିନ୍ତା କରାଯାଇଥାଆନ୍ତା ହୁଏତ ଏଭଳି ସ୍ଥିତି ଉପୁଜି ନ ଥାଆନ୍ତା। ଅବଶ୍ୟ ଆର୍ଥିକ କ୍ଷତି ଭାରତ ପାଇଁ ଏବେ ସବୁଠାରୁ ବଡ଼ ଚିନ୍ତା ନୁହେଁ। ବଦଳିଥିବା ଭୂରାଜନୈତିକ ସ୍ଥିତିରେ ଭାରତ ସକାଶେ ନିଜ ସୁରକ୍ଷା ସବୁଠୁ ବୃହତ୍ ସମସ୍ୟା ଭାବେ ଉଭା ହୋଇଛି।

## ସାପ୍ତାହିକ ପଞ୍ଜିକା

**ଅଗଷ୍ଟ ୧୭:** ଓଡ଼ିଶା ୨୦୩୩ ଯାଏ ହକି ପ୍ରାୟୋଜକ ରହିବ।
**ଅଗଷ୍ଟ ୧୮:** ରାଜ୍ୟରେ ପିଲାଙ୍କ କୋଭିଡ୍ ସଂକ୍ରମଣ ବଢ଼ିଲା।
**ଅଗଷ୍ଟ ୧୯:** କୋଟିଆରେ ଆନ୍ଧ୍ରର ଜବରଦସ୍ତି କାର୍ଯ୍ୟ।
**ଅଗଷ୍ଟ ୨୦:** ତାଲିବାନର ସବୁଠୁ ଉଚ୍ଚଶିକ୍ଷିତ ନେତା ଶେର ମହମ୍ମଦ ଅବାସ ଷ୍ଟାନିକ୍‌ଜାଇ ଇଣ୍ଡିଆନ୍ ମିଲିଟାରି ଏକାଡେମୀରେ ତାଲିମ ନେଇଥିଲେ।
**ଅଗଷ୍ଟ ୨୧:** ତାଲିବାନ କବଳରୁ ୧୫୦ ଭାରତୀୟ ମୁକ୍ତ।
➢ରାଜ୍ୟରେ ସଂକ୍ରମଣ ୧୦ ଲକ୍ଷ ଟପିଲା।
➢ଗରିବଙ୍କୁ ଏମ୍‌ସରେ ମାଗଣା ଏକ୍‌ମୋ ଚିକିତ୍ସା।

## su | do | ku ସୁ-ଡୋ-କୁ
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 6 | | 9 | | | | |
| | | 7 | | | 1 | | 3 | 4 |
| 4 | 2 | 1 | 7 | | | | | 6 |
| 6 | | | | | | | | 3 |
| | | | 6 | | | | 9 | 1 |
| 1 | 9 | | | | | 4 | | |
| | 5 | | 9 | | 7 | | | |
| 3 | | | | | | | 5 | 2 |
| | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 2 | 3 | 7 | 6 | 8 | 5 | 1 | 9 |
| 9 | 1 | 6 | 5 | 2 | 3 | 8 | 7 | 4 |
| 8 | 7 | 5 | 9 | 4 | 1 | 3 | 2 | 6 |
| 5 | 4 | 9 | 1 | 3 | 7 | 6 | 8 | 2 |
| 1 | 8 | 2 | 4 | 5 | 6 | 7 | 9 | 3 |
| 3 | 6 | 7 | 8 | 9 | 2 | 1 | 4 | 5 |
| 2 | 5 | 1 | 3 | 8 | 4 | 9 | 6 | 7 |
| 6 | 3 | 8 | 2 | 7 | 9 | 4 | 5 | 1 |
| 7 | 9 | 4 | 6 | 1 | 5 | 2 | 3 | 8 |

ଗତକାଲିର ଉତ୍ତର

# ପୁଣି ତାଲିବାନ୍



ଅନିଲ ବିଶ୍ୱାଳ

ଆମେରିକା ଯେତେବେଳେ ତା'ର ସେନାକୁ ଆଫଗାନିସ୍ତାନରୁ ପ୍ରତ୍ୟାହାର କରିବ ବୋଲି ଘୋଷଣା କରିଥିଲା ସେତେବେଳେ ତାଲିବାନ୍‌କୁ ଆଫଗାନିସ୍ତାନର ରାଜଧାନୀ କାବୁଲରେ ପହଞ୍ଚିବା ପାଇଁ ୯୦ ଦିନ ସମୟ ଲାଗିବ ବୋଲି କହିଥିଲା। ହେଲେ ତାଲିବାନ୍ ମାତ୍ର ୭ ଦିନ ଭିତରେ ହିଁ କାବୁଲକୁ ଦଖଲ କରିଲା। ତାଲିବାନ୍‌ର ସଦସ୍ୟ ହେଉଛନ୍ତି ମାତ୍ର ୮୫ ହଜାର କିନ୍ତୁ ଆଫଗାନ୍ ସେନାର ସଂଖ୍ୟା ହେଉଛି ୩ ଲକ୍ଷ ୫୦ ହଜାର। ଆଫଗାନ୍ ସେନା ପାଖରେ ଥିଲା ଆମେରିକା ଦ୍ୱାରା ଦିଆଯାଇଥିବା ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର, ଗୁଳି ଗୋଳା, ଲଢୁଆ ବିମାନ। କିନ୍ତୁ ଆଫଗାନ୍‌ର ସେନା ତାଲିବାନ୍‌ର ପ୍ରତିରୋଧ କରିପାରିଲା ନାହିଁ। ୨୦ ବର୍ଷ ପରେ ଆଫଗାନିସ୍ତାନ ପୁଣି ଥରେ ମାନବିକତା ବିରୋଧୀ ଶକ୍ତିଙ୍କ ହାତକୁ ଚାଲିଯାଇଛି।

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଘୋଷଣା ଯଦି ଖୋଲାଖୋଲି ହୋଇ ନ ଥାନ୍ତା ତା' ହେଲେ ହୁଏତ ପରିସ୍ଥିତି ଏତେ ଶୀଘ୍ର ବିଗିଡ଼ି ନ ଥାନ୍ତା। ଆମେରିକାର ଘୋଷଣା ମନୋବୈଜ୍ଞାନିକ ଦୃଷ୍ଟିକୋଣରୁ ବହୁତ ଗୁରୁତ୍ୱପୂର୍ଣ୍ଣ ଥିଲା। ଅବଶ୍ୟ କାତାର ରାଜଧାନୀ ଦୋହାରେ ତାଲିବାନ୍ ସହିତ ଆମେରିକା ସରକାରଙ୍କର କଥାବାର୍ତ୍ତା ଆଗୁଆ ସନ୍ଦେଶ ଦେଇଥିଲା କି ଭବିଷ୍ୟତରେ ଆମେରିକା ଆଫଗାନିସ୍ତାନ ଛାଡ଼ିବ। ଆମେରିକାର ଏହି ନିଷ୍ପତ୍ତି ପୁଣି ଥରେ ପ୍ରମାଣ କଲା ଯେ କେବଳ ନିଜ ସ୍ୱାର୍ଥ ଛଡ଼ା ଆମେରିକାର ଆଉ କିଛିରେ ଆଗ୍ରହ ନାହିଁ। ମିଳିତ ଜାତିସଂଘ କେବଳ ଏକ କାଗଜପତ୍ରର ସଂଘ ବୋଲି ପ୍ରମାଣିତ ହେଲା।

ଏବେ ଯେଉଁ ପରିସ୍ଥିତି ଆଫଗାନିସ୍ତାନରେ ସୃଷ୍ଟି ହେବ ତାହା ଆଫଗାନ୍‌ର ଲୋକମାନଙ୍କ ସହ ବିଶ୍ୱର ଅନେକ ଦେଶକୁ ପ୍ରଭାବିତ କରିବ। କାରଣ ଏବେବି ଅନେକ ଦେଶରେ ସମଭାବାପନ୍ନ ଜେହାଦି ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ସକ୍ରିୟ ଅଛନ୍ତି। ଯେପରି କି ଅଲକାଏଦା, ବୋକହାରାମ, ଇସ୍‌ଲାମିକ ଷ୍ଟେଟ୍ (ଆଇଏସ୍), ହରକତ ଉଲ୍ ମୁଜାହିଦ୍ଦିନ, ଜାମିଆତ ଉଲ୍ ମୁଜାହିଦ୍ଦିନ, ହରକତ ଉଲ୍ ହେହାଦ ଅଲ୍ ଇସଲାମି ଆଦି ଭଳି କୁଖ୍ୟାତ ସଙ୍ଗଠନ। ତାଲିବାନ୍ ଯଦି ଏହି ସଙ୍ଗଠନଗୁଡ଼ିକର ନେତୃତ୍ୱ ନେବ ବା ବନ୍ଧୁତା ବଢ଼ାଇବ ତା'ହେଲେ ବିଶ୍ୱ ପାଇଁ ନିଶ୍ଚୟ ଏକ ବଡ଼ ବିପଦ ଘନେଇବ। ଭାରତ ପାଇଁ ମଧ୍ୟ ବିପଦ ଆସନ୍ନ ବୋଲି କୁହାଯାଇପାରେ। କାରଣ ଭାରତ ହିଁ ଥିଲା ଆଫଗାନିସ୍ତାନ ନିର୍ମାଣରେ ଏକ ବଡ଼ ସାହାଯ୍ୟକାରୀ ଦେଶ। ଆଫଗାନ୍‌ର ସଂସଦ ଭବନ ନିର୍ମାଣ, ନଦୀ ବନ୍ଧ ନିର୍ମାଣ ଭଳି ଅନେକ ବିକାଶମୂଳକ କାମ ଭାରତ ସେଠାରେ କରିଛି। ବର୍ତ୍ତମାନ ତାଲିବାନ୍ ଆଖିରେ ଭାରତ ହେଉଛି ଆଫଗାନିସ୍ତାନର ପୂର୍ବ ସରକାରଙ୍କ ବନ୍ଧୁ। ଏପଟେ ବିଶ୍ୱରେ ଆତଙ୍କବାଦ ପାଇଁ ସବୁଠାରୁ ବେଶି ବଦ୍‌ନାମ ହୋଇଥିବା ପାକିସ୍ତାନ ହେଉଛି ତାଲିବାନ୍‌ର ପୃଷ୍ଠପୋଷକ। ସମ୍ମୁଖ ଯୁଦ୍ଧରେ ବାରମ୍ବାର ପରାଜିତ ପାକିସ୍ତାନର ଭାରତ ବିରୋଧୀ କାର୍ଯ୍ୟକଳାପ ପାଇଁ ଏବେ ତାଲିବାନ୍ ହେଉଛି ବଡ଼ ଆଶା। ଉଗ୍ର ଆଫଗାନ ଇସ୍‌ଲାମୀୟ ଆତଙ୍କବାଦୀଙ୍କୁ ପାକିସ୍ତାନ ଏବେ ଭାରତ ବିରୋଧରେ ବ୍ୟବହାର କରିପାରେ। ବିଗତ ବର୍ଷଗୁଡ଼ିକରେ ଭାରତରେ ପାକ୍ ସମର୍ଥିତ ଆତଙ୍କୀ କାର୍ଯ୍ୟକଳାପ ପୂରାପୂରି କମିଛି। ସେହିପରି ଜମ୍ମୁ କଶ୍ମୀରରୁ ଧାରା ୩୭୦ ହଟାଇବା ପରେ କଶ୍ମୀରରେ ଏବେ ଶାନ୍ତି ଫେରୁଛି; ଯାହା ପାକିସ୍ତାନକୁ ସୁହାଉନି। ତେଣୁ ନୈରାଶ୍ୟରେ ଥିବା ପାକିସ୍ତାନ ଏବେ ତାଲିବାନ୍‌ର ସାହାଯ୍ୟ ନେବ ଭାରତରେ ଆତଙ୍କବାଦୀ କାର୍ଯ୍ୟକଳାପ କରାଇବା ପାଇଁ।

ଆଗରୁ ଯେବେ ତାଲିବାନ୍‌ମାନେ ଆଫଗାନସ୍ତାନରେ କ୍ଷମତାରେ ଥିଲେ (୧୯୯୬ରୁ ୨୦୦୧) ସେତେବେଳେ ଜମ୍ମୁ କଶ୍ମୀରରେ ବିଶ୍ୱର ବିଭିନ୍ନ ଦେଶର ଆତଙ୍କୀ ସଙ୍ଗଠନମାନଙ୍କର ଗତିବିଧି ଦେଖାଯାଇଥିଲା। ଆଫଗାନିସ୍ତାନ, ପାକିସ୍ତାନ ସମେତ ଚେଚେନିଆ, ସୁଦାନ, ସାଉଦି, ଇରାକ୍ ଭଳି ଦେଶର ସଙ୍ଗଠନମାନଙ୍କ ଲିଙ୍କ୍‌ର ପ୍ରମାଣ ମିଳିଥିଲା। ୧୯୯୯ରେ ଯେବେ ଆତଙ୍କବାଦୀମାନେ କାଠମାଣ୍ଡୁରୁ ଭାରତର ଏକ ବିମାନକୁ ଅପହରଣ କରି ଆତଙ୍କବାଦୀ ମାସୁଦ ଆଝାରର ମୁକ୍ତି ପାଇଁ ସର୍ତ୍ତ ରଖିଥିଲେ ସେତେବେଳେ ସେମାନେ ବିମାନକୁ କାନ୍ଦାହାର ନେଇଯାଇଥିଲେ। ସେତେବେଳେ ତାଲିବାନ୍ ସେମାନଙ୍କୁ ସାହାଯ୍ୟ କରିଥିଲା। ଜମ୍ମୁ କଶ୍ମୀରଠାରୁ ଆଫଗାନ୍‌ର ସୀମା ହେଉଛି ୪୦୦ କିମି ଦୂର। ତେଣୁ ଭାରତକୁ ଏବେ ଆତଙ୍କବାଦ ବିରୋଧୀ ଗତିବିଧିକୁ ଆହୁରି ଜୋରଦାର କରିବାକୁ ପଡ଼ିବ।

ପାକିସ୍ତାନ ଯେ ତାଲିବାନ୍‌ମାନଙ୍କ ପାଇଁ କେବଳ ଲାଭରେ ରହିବ ତାହା ନୁହେଁ, ପାକିସ୍ତାନ ସେନା ତାଲିବାନ୍ ଓ ଅନ୍ୟ କଟ୍ଟର ସଙ୍ଗଠନଗୁଡ଼ିକ ସାହାଯ୍ୟରେ ଇମ୍ରାନ ଖାନ୍‌ଙ୍କ ସରକାରକୁ ବିଦା ନ କରିବ ତାହା ଅସମ୍ଭବ ନୁହେଁ। ରୁଷିଆ, ଇରାନ୍, ତୁର୍କୀ, ଚାଇନା ଆଦି ଦେଶ ପାଇଁ ପ୍ରାଥମିକତା ଥିଲା କି ଆଫଗାନିସ୍ତାନରୁ ପ୍ରଥମେ ଆମେରିକା ବିଦା ହେଉ। ସେଥିପାଇଁ ଏହି ଦେଶଗୁଡ଼ିକ ଚୁପ୍ ରହିଲେ ଯାହା ପରୋକ୍ଷରେ ତାଲିବାନ୍‌କୁ ଲାଭ ଦେଲା। କିନ୍ତୁ ଏବେ ତାଲିବାନ୍ ଆସିବା ପରେ ସେହି ଦେଶଗୁଡ଼ିକର ଅବସ୍ଥା କ'ଣ ହେବ ତାହା କହି ହେବନି। ତାଲିବାନ୍‌ର ଆଫଗାନିସ୍ତାନ ଉପରେ ଅକ୍ତିଆରର ସିଧାସଳଖ ପ୍ରଭାବ ପଡ଼ିବ ଇରାନ ଉପରେ। କାରଣ ଇରାନ୍ ହେଉଛି ସିହା ମୁସଲିମ୍ ଦେଶ ଓ ତାଲିବାନ୍‌ମାନେ ହେଉଛନ୍ତି ସୁନ୍ନି। ତାଲିବାନ୍‌ମାନଙ୍କ ପାଇଁ ସିହାମାନେ ହେଉଛନ୍ତି ସେମାନଙ୍କର ବେଶି ଧାର୍ମିକ ଶତ୍ରୁ। ଚାଇନାରେ ଥିବା ଉଇଗର ମୁସଲମାନମାନେ ଏବେ ତାଲିବାନ୍‌ର ସାହାଯ୍ୟ ଲୋଡ଼ିପାରନ୍ତି। ଯଦି ତାଲିବାନ୍ ସେମାନଙ୍କୁ ଗୁପ୍ତରେ ବି ସାହାଯ୍ୟ କରେ ତା'ହେଲେ ଜିନ୍‌ଜିଆଙ୍ଗ୍ ପ୍ରଦେଶର ଅଶାନ୍ତି ଆହୁରି ବଢ଼ିପାରେ। ତୁର୍କୀ ଓ ବିଭିନ୍ନ ଆରବ ଦେଶରେ ତାଲିବାନ୍‌ର ପ୍ରଭାବ ରହିବ। କାରଣ ସେଠାରେ ଥିବା କଟ୍ଟର ମୌଳବାଦୀ ସଙ୍ଗଠନଗୁଡ଼ିକର ଗୋଟିଏ ଲକ୍ଷ୍ୟ, ତାହା ହେଲା ଖଲିଫେଟର ପ୍ରତିଷ୍ଠା ଯାହା ତାଲିବାନ୍‌ର ଲକ୍ଷ୍ୟ। କାଜାକସ୍ତାନ, ତୁର୍କମେନିସ୍ତାନ, ଉଜ୍‌ବେକିସ୍ତାନ, ତାଜିକସ୍ତାନ ଆଦି ଦେଶ ପାଇଁ ଏବେ ଆତଙ୍କ ବିପଦ ବଢ଼ିବ। କାରଣ ଯେତେବେଳେ ଆମେରିକା ତାଲିବାନ୍ ଉପରେ ଆକ୍ରମଣ କରୁଥିଲା ସେତେବେଳେ ଏହି ଦେଶଗୁଡ଼ିକରେ ତାଲିବାନ୍ ସୈନିକମାନେ ଲୁଚିବା ପାଇଁ ଚାହୁଁଥିଲେ। କିନ୍ତୁ ସେଠିକାର ସରକାରମାନେ ଆମେରିକା ସହିତ ଅପଡ଼ ହେବା ପାଇଁ ଚାହୁଁ ନ ଥିଲେ କି ବିଶ୍ୱରେ ନିଜର ଛବି ମଳିନ କରିବା ପାଇଁ ଚାହୁଁ ନ ଥିଲେ। ସେଥିପାଇଁ ସେମାନେ ତାଲିବାନ୍‌ମାନଙ୍କ ପ୍ରତି କଠୋର ଥିଲେ। ଏପରି ସ୍ଥିତିରେ ସେମାନଙ୍କର ତାଲିବାନ୍ ସରକାର ସହିତ ଭଲ ସମ୍ପର୍କ ରହିବ ନାହିଁ। ଏହି ଦେଶଗୁଡ଼ିକରେ ଅନେକ ମୌଳବାଦୀ ସଙ୍ଗଠନ ଅଛନ୍ତି, ଯେଉଁମାନେ ଏବେ ତାଲିବାନ୍ ଭଳି ସେମାନଙ୍କର ଦେଶକୁ ଦଖଲ କରିବାର ସ୍ୱପ୍ନରେ ରହିବେ, ଯାହା ମଧ୍ୟ ଏସିଆକୁ ଅଶାନ୍ତ କରିବ। ଶ୍ରୀଲଙ୍କାରେ କିଛି ଦିନ ତଳେ ଜେହାଦୀମାନେ ଚର୍ଚ୍ଚରେ ବୋମା ବିସ୍ଫୋରଣ କରାଇଥିଲେ। ମାଳଦ୍ୱୀପ ସେନାର କିଛି ସୈନିକ ମୌଳବାଦୀ ଗତିବିଧି ସହିତ ଜଡ଼ିତ ହୋଇ ସେନାରୁ ବହିଷ୍କାର ହୋଇଛନ୍ତି। ବାଂଲାଦେଶ, ନେପାଳ, ବର୍ମା ଆଦି ଦେଶରେ ମୌଳବାଦୀ ତତ୍ତ୍ୱମାନେ ଆଗରୁ ରହିଛନ୍ତି। ଏମାନେ ଯେତେ ଏକାଠି ହେବେ ସେତେ ଅଶାନ୍ତି ସୃଷ୍ଟି ହେବ।

ଏକଥା ବୁଝିବାକୁ ହେବ ଯେ ଆଫଗାନ୍‌ରେ ଯେଉଁ ତାଲିବାନ୍‌ମାନେ ଗଲା ୨୦ ବର୍ଷ ଧରି ଜେହାଦ ଆତଙ୍କ ନାଁରେ ବନ୍ଧୁକ ଧରି ଆସିଛନ୍ତି, ସେମାନେ ସରକାରକୁ ଆସିଗଲେ ବୋଲି ଯେ ଆଉ ବନ୍ଧୁକ ନ ଧରି କମ୍ପ୍ୟୁଟର କି ହଳ ଧରିବେ ତାହା ଭାବିବା ଭୁଲ୍। ସେମାନେ ଆଉ ଏକ ନୂଆ ଯୁଦ୍ଧସ୍ଥାନ ଖୋଜିବାରେ ରହିବେ। ହୋଇପାରେ ଭାରତର ଜମ୍ମୁ କଶ୍ମୀର ସେମାନଙ୍କର ନୂଆ ପ୍ରୟୋଗସ୍ଥଳୀ। ଯେଉଁ ମୌଳବାଦୀ ସଙ୍ଗଠନର ଆତଙ୍କବାଦ ଉପରେ ବିଶ୍ୱାସ ଅଛି ସେମାନଙ୍କର ସିଦ୍ଧାନ୍ତ ରହିଛି ଯେ ଶେଷରେ ଏକ ଖୁରାସାନ ଯୁଦ୍ଧ ହେବ ଯାହା ଶେଷ ଏବଂ ନିର୍ଣ୍ଣାୟକ ଲଢ଼େଇ ହେବ। ସେହି ଖୁରାସାନର ତାଲିକାରେ ଭାରତ ମଧ୍ୟ ରହିଛି ବୋଲି ଜୈସ ଓ ଅଲକାଏଦା ଭଳି ସଙ୍ଗଠନଗୁଡ଼ିକ ମାନନ୍ତି।

ତାଲିବାନ୍‌ମାନେ କ୍ଷମତାକୁ ଆସୁ ଆସୁ ବର୍ବରତା ଦେଖିବାକୁ ମିଳିଲାଣି। ପୂରା ବିଶ୍ୱରେ ଅନେକ ଶକ୍ତିଶାଳୀ ଦେଶ ଯେଉଁମାନେ ସବୁବେଳେ ମାନବାଧିକାର, ଶାନ୍ତି ପ୍ରତିଷ୍ଠାର ଭାଷଣ ଦେଇଆସୁଥିଲେ ସେମାନେ ସମସ୍ତେ ଏବେ ଚୁପ୍। ବର୍ତ୍ତମାନ ବଡ଼ ଆହ୍ୱାନ ହେଉଛି କିପରି ଆଫଗାନ୍‌ରେ ସାଧାରଣ ନାଗରିକଙ୍କର ଜୀବନ ସୁରକ୍ଷିତ ରହିପାରିବ।

**ହରିରାଜପୁର, ପୁରୀ**
**ମୋ:୮୨୪୯୮୬୮୯୬୧**

# ବିଦେଶ ପ୍ରେମ



ଡ.ଜୟଦେବ ସାହୁ

ବିଦେଶ ଭ୍ରମଣ ହେଉ କି ବିଦେଶରେ ଅଧ୍ୟୟନ ହେଉ, ବିଦେଶର ନାମ ଶୁଣିଲେ ଭାରତୀୟ ନୂତନ ପିଢ଼ି ଖୁସିରେ ବିଭୋର ହୋଇଯାନ୍ତି। ପ୍ରାୟ ମା'ବାପାଙ୍କ ସ୍ୱପ୍ନ ଯେ ତାଙ୍କ ସନ୍ତାନ ବିଦେଶରେ ପଢ଼ୁ, ବିଦେଶରେ ଚାକିରି କରୁ ଓ ବିଦେଶୀ ମୁଦ୍ରା ପଠାଉ। ସତେଯେମିତି ଭାରତରେ ଠିକ୍ ପାଠପଢ଼ା ହେଉନାହିଁ କିମ୍ବା ଦେଶ ଭିତରେ ଚାକିରି କଲେ ବା ବ୍ୟବସାୟ କଲେ ସୁପ୍ରତିଷ୍ଠିତ ହେଇହେବ ନାହିଁ। ବିଦେଶ ତିଆରି ମୋବାଇଲ, ହାତଘଣ୍ଟା, ଜୋତା, ପୋଷାକ ପ୍ରଭୃତିର ଚାହିଦା ନୂଆପିଢ଼ିରେ ବହୁତ ବେଶି। ବିଦେଶରେ ଅଧ୍ୟୟନ କରିବା ପାଇଁ ଛାତ୍ରୀଛାତ୍ରମାନେ ବିକଳ ହେଉଥିବା ଦେଖାଯାଏ। ବିଦେଶରେ ଚାକିରି ଖଣ୍ଡେ ଯୋଗାଡ଼ କରିପାରିଲେ ଚାହିଦା ବହୁତ ବଢ଼ିଯାଏ। ଏବେ ଦେଖାଯାଉଛି ଡାକ୍ତର, ଇଞ୍ଜିନିୟର ଓ ବୈଜ୍ଞାନିକମାନଙ୍କର ଲମ୍ବା ଧାଡ଼ି ଲାଗିଛି ଦେଶ ବାହାରେ ଚାକିରି କରିବା ପାଇଁ। ଭାରତୀୟଙ୍କ ପସନ୍ଦର ଦେଶ ଆମେରିକା, ଇଂଲଣ୍ଡ, କାନାଡ଼ା ଏବଂ ଅଷ୍ଟ୍ରେଲିଆ। ଅନେକ ପ୍ରବାସୀ ଭାରତୀୟ ଏସବୁ ରାଷ୍ଟ୍ରରେ ବସବାସ କରନ୍ତି। ଏସବୁ ଦେଶରେ ଅନେକ କାରଣରୁ ଭାରତୀୟମାନେ ଚାକିରି, ଅଧ୍ୟୟନ ବା ବ୍ୟବସାୟ କରନ୍ତି। ତନ୍ମଧ୍ୟରୁ ମୋଟା ଅଙ୍କର ଦରମା, ବ୍ୟକ୍ତିଗତ ସ୍ୱାଧୀନତା, ସୁଖ ଶାନ୍ତି ଆଦି ପ୍ରଧାନ। ଆମେରିକା ଖୁସି ଦେଶ ତାଲିକାରେ ୧୮ ନମ୍ବରରେ ଥିବାବେଳେ ଭାରତ ୧୩୩ କ୍ରମିକ ସଂଖ୍ୟାରେ ରହିଛି। ଖୁସି ଓ ଚାକଚକ୍ୟ ପାଇଁ ଅନେକ ଭାରତୀୟ ବିଦେଶମୁହାଁ। ୨୦୨୦ର ଏକ ଆକଳନରୁ ଜଣାପଡ଼େ ଯେ, ପ୍ରବାସୀ ଭାରତୀୟଙ୍କ ସଂଖ୍ୟା ୧୮୦ ଲକ୍ଷ। ଏହା ବିଶ୍ୱର ପ୍ରବାସୀ ସଂଖ୍ୟାର ୬.୪ ଶତକଡା। ପ୍ରବାସୀ ଭାରତୀୟଙ୍କ ସଂଖ୍ୟା ସବୁଠୁ ଅଧିକ। ପ୍ରବାସୀ ଭାରତୀୟମାନେ କେବଳ ଭାରତକୁ ବୈଦେଶିକ ମୁଦ୍ରା ପଠାଉ ନାହାନ୍ତି ବରଂ ସେମାନେ ଭାରତର ସମ୍ମାନ ବୃଦ୍ଧି କରୁଛନ୍ତି। ଏବେ ଭାରତୀୟମାନେ ଆମେରିକା ଭଳି ରାଷ୍ଟ୍ରରେ ମଧ୍ୟ ପ୍ରଶାସନରେ ଉଚ୍ଚ ଆସନରେ ଆସୀନ। ଭାରତୀୟ ଡାକ୍ତର, ବୈଜ୍ଞାନିକ ଓ ଆଇଟି ଇଞ୍ଜିନିୟରମାନଙ୍କର କାଟ୍‌ତି ରହିଛି ବିଭିନ୍ନ ରାଷ୍ଟ୍ରରେ। ଏହା ଭାରତ ପାଇଁ ଗର୍ବର ବିଷୟ। ପ୍ରବାସୀ ଭାରତୀୟମାନଙ୍କ ଭାରତୀୟ ଅର୍ଥନୀତି ପ୍ରତି ମଧ୍ୟ ଅବଦାନ କମ୍ ନୁହେଁ। ଜିଡିପିର ୨.୭ ଶତକଡ଼ା ଏମାନଙ୍କଠୁ ଆସେ।

ସ୍ୱାଧୀନତା ପରବର୍ତ୍ତୀ ସମୟରେ ହିଁ ପ୍ରବାସର ଆରମ୍ଭ। ୧୯୬୦-୭୦ରେ ମଧ୍ୟ ପ୍ରାଚ୍ୟ ରାଷ୍ଟ୍ରଗୁଡ଼ିକରେ ତୈଳ ଖଣିରେ କାର୍ଯ୍ୟ କରିବା ପାଇଁ କିଛି ଭାରତୀୟ ଭାରତ ଛାଡ଼ିଲେ। ତା'ପରେ ଡାକ୍ତର ଓ ଇଞ୍ଜିନିୟରମାନେ ଆମେରିକା ଓ ୟୁରୋପୀୟ ରାଷ୍ଟ୍ର ଗୁଡ଼ିକରେ ଚାକିରି କରିବା ପାଇଁ ଦେଶାନ୍ତର ହେଲେ। ସେତେବେଳେ ଭାରତୀୟଙ୍କ ଏଭଳି ସ୍ଥାନାନ୍ତରକୁ ବ୍ରେନ୍ ଡ୍ରେନ୍ ବୋଲି କୁହାଯାଉଥିଲା। ଯେଉଁମାନେ ଭାରତ ଛାଡ଼ି ବିଦେଶରେ କାର୍ଯ୍ୟକଲେ ସେମାନଙ୍କୁ ସ୍ୱାର୍ଥପର ଓ ଦେଶ ବିରୋଧୀ ବୋଲି କୁହାଗଲା। ତେବେ ଏକବିଂଶ ଶତାବ୍ଦୀର ପ୍ରଥମ ଦଶକରେ ବିଦେଶାଗତମାନଙ୍କୁ ଭାରତର ଗର୍ବ ବୋଲି ଚିତ୍ରଣ କରାଗଲା। ଏହା ସତ୍ୟ ଯେ ଭାରତ ତା'ର ଜ୍ଞାନୀ ଓ କୁଶଳୀ ସନ୍ତାନମାନଙ୍କୁ ହରାଉଛି। ଏମାନେ ଯଦି ଭାରତର ସେବା କରନ୍ତେ ତେବେ ଭାରତ ବିଶ୍ୱରେ ତା'ର ସ୍ଥାନ ଆହୁରି ସୁଦୃଢ଼ କରିପାରନ୍ତା।

ପ୍ରବାସୀ ଭାରତୀୟଙ୍କ ଏତେ ଚାହିଦା ଏବେ ବଢ଼ିଯାଇଛି ଯେ, ଭାରତୀୟମାନେ ତାଙ୍କ କନ୍ୟାମାନଙ୍କୁ ପ୍ରବାସୀ ଭାରତୀୟ ଯୁବକଙ୍କ ସହିତ ବିବାହ କରିବା ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହି। ପ୍ରବାସୀ ଭାରତୀୟଙ୍କ ବିବାହ ପ୍ରସ୍ତାବକୁ ଆଖି ବନ୍ଦକରି ଗ୍ରହଣ କରି ନେଉଛନ୍ତି ଅନେକ ଭାରତୀୟ ପରିବାର। କାରଣ ଏପରି ପ୍ରସ୍ତାବ ପରିବାରର ସମ୍ମାନ ବୃଦ୍ଧି କରେ ବୋଲି ଭାବନ୍ତି। ପଞ୍ଜାବ, ହରିୟାଣା, ଗୁଜରାଟ ଏବଂ କେରଳ ଭଳି ରାଜ୍ୟରେ ବର ସମ୍ପର୍କରେ ବିନା ତଦନ୍ତ କରି ବିବାହ ପାଇଁ ରାଜି ହୋଇ ଅପଦସ୍ଥ ହେଉଛନ୍ତି। ଝିଅ ବିଦେଶ ଯିବ, ଆରାମରେ ରହିବ ଏ କଥା କେଉଁ ମାତାପିତା ନ ଚାହେଁ ? କିନ୍ତୁ ଏପରି ଲୋଭ ହିଁ ତାଙ୍କ ପାଇଁ କାଳ ହୁଏ। ପ୍ରବାସୀ ଭାରତୀୟ ବର ପରି ରାଜ୍ୟର ସ୍ୱପ୍ନ କୁମାର ହୋଇଆସେ ଏବଂ ବାସର ରାତି ପରେ ଉଭେଇଯାଏ। ବିଦେଶ ଯିବା ନିଶାରେ ମସଗୁଲ କନ୍ୟା ଓ ପରିବାର କଠୋର ବାସ୍ତବ ଦୁନିଆକୁ ଫେରିଆସନ୍ତି। ବାସର ରାତିର କନ୍ୟାର ଭାଗ୍ୟରେ ବିଦେଶ ରହଣି ସ୍ୱପ୍ନ ହୋଇଯାଏ। ଏକ ଆକଳନରୁ ଜଣାଯାଏ ଯେ, ଏଭଳି କୋଡିଏ ହଜାର ବାସର ରାତିର କନ୍ୟାମାନେ ମଧୁରାତି ପରେ ତାଙ୍କ ସ୍ୱାମୀମାନଙ୍କୁ ଦେଖିନାହାନ୍ତି। ଅନେକ ଭାରତୀୟ ମହିଳା ଯାହାଙ୍କ ଭାଗ୍ୟରେ ବିଦେଶୀ ପତି ସହିତ ବିଦେଶ ଯିବାର ସୌଭାଗ୍ୟ ମିଳେ, ସେମାନେ ମଧ୍ୟ ବେଶି ସମୟ ତିଷ୍ଠିପାରନ୍ତି ନାହିଁ । ଅନେକ ସମୟରେ ଯାନିଯୌତୁକ ପାଇଁ ନବ ବିବାହିତା କନ୍ୟାକୁ ତଡି ଦିଆଯାଏ ତ, ବେଳେ ବେଳେ ବିଦେଶରେ ସ୍ୱାମୀଙ୍କ ବିବାହିତା ପତ୍ନୀଙ୍କୁ ଦେଖି ଭାରତୀୟ ଲଳନାର ହୋସ ଉଡ଼ିଯାଏ ଏବଂ ଛାଡ଼ପତ୍ର ନେବା ଶ୍ରେୟ ମନେ କରେ। ଅନେକ ଆଶା ନେଇ ଯାଇଥିବା କନ୍ୟା ଯେତେବେଳେ ଦେଖେ ତା' ସ୍ୱାମୀ ଆଶା ମୁତାବକ ଚାକିରି ବା ବ୍ୟବସାୟ କରୁନାହିଁ, ତା'ର ସ୍ୱପ୍ନ ଚୂରମାର ହୋଇଯାଏ। ବିଦେଶରେ ଅସହାୟ ମହିଳାର ଭାଗ୍ୟରେ ଜୁଟେ ନିର୍ଯାତନା। ନା ଆଇନ ତାକୁ ରକ୍ଷା କରେ ନା ଭାରତରେ ଥିବା ତା'ର ପରିବାର ତାକୁ ସାହାଯ୍ୟ କରିପାରେ। ଶେଷରେ ସ୍ୱାମୀ ତାକୁ ଅସହାୟ କରି ଛାଡ଼ପତ୍ର ଦିଏ । କେବଳ ପଞ୍ଜାବ ଓ ହରିୟାଣାରେ ୨୫ ରୁ ୩୦ ହଜାର ପ୍ରବାସୀ ସ୍ୱାମୀ ପରିତ୍ୟକ୍ତ ମହିଳା ଥିବା କଥା ଏକ ଆକଳନରୁ ଜଣାପଡ଼େ। ବିଦେଶ ପ୍ରେମ ଭାରତୀୟ ସଂସ୍କୃତିର ପରିପନ୍ଥୀ। ନୂତନ ପିଢ଼ି ମାଧ୍ୟମରେ ଭାରତୀୟ ସଭ୍ୟତାକୁ କବଳିତ କରିବାର ପ୍ରୟାସ ଜାରି ରଖିଛି ପାଶ୍ଚାତ୍ୟ ସଂସ୍କୃତି। ଭାଲେଣ୍ଟାଇନ ଦିବସ ପାଳନ, ଜାନୁୟାରୀ ୧ ନବବର୍ଷ ପାଳନ, ଟ୍ରାଉଜର, ଶର୍ଟ,ପ୍ୟାଣ୍ଟର ଆଦର, ପିଜା, ବର୍ଗର, ନୁଡୁଲ୍‌ସ, ଆଇସକ୍ରିମର ଚାହିଦା ଧୀରେ ଧୀରେ ହଜାର ହଜାର ବର୍ଷର ପରମ୍ପରାକୁ କୁଠାରାଘାତ କରୁଛି । ପାଶ୍ଚାତ୍ୟ ସଙ୍ଗୀତ ଓ ନାଚର ପ୍ରବଳ ସଉକ, ଇଂଲିଶ ଭାଷାର ପ୍ରବଳ ପ୍ରସାର ଓ ଚାଇନାର ଖେଳଣା ପ୍ରତି ଆକର୍ଷଣ ସ୍ୱଦେଶୀ ଆନ୍ଦୋଳନ ପ୍ରତି ଉପହାସ। ଏକାନ୍ନବର୍ତ୍ତୀ ପରିବାରର ବିଭାଜନ ଓ ହତାଦର, ବାକ୍‌ସ୍ୱାଧୀନତାର ଅପବ୍ୟବହାର, ବରିଷ୍ଠ ଓ ଗୁରୁଜନ ପ୍ରତି ଅନାଦର ବିଦେଶୀ ସଂସ୍କୃତିର କୁପ୍ରଭାବ। ତଥାପି ପ୍ରାଚୀନ ସଂସ୍କୃତିସମ୍ପନ୍ନ ଭାରତୀୟ ପରମ୍ପରା ଏ ପର୍ଯ୍ୟନ୍ତ ନିଜର ମୌଳିକତା ହରାଇ ନାହି । ବିଶ୍ୱ ଗୁରୁ ରୂପେ ପରିଚିତ ଭାରତର ସଭ୍ୟତା ଅନନ୍ୟ । ଭାରତୀୟଙ୍କ ସ୍ନେହ, ପ୍ରେମ, ଯୌଥ ପରିବାର, ବିଜ୍ଞାନ ଓ ଦର୍ଶନ ବିଶ୍ୱରେ ନିଆରା । ସେଥିପାଇଁ ହିଁ କୁହାଯାଏ, 'ଯାହା ନାହିଁ ଭାରତେ ତାହା ନାହିଁ ଜଗତେ'। ଭାରତ ହିଁ ବିଶ୍ୱକୁ ଶିଖାଇଛି 'ବସୁଧୈବ କୁଟୁମ୍ବକମ୍ ଓ 'ସର୍ବେ ଭନ୍ତୁ ସୁଖିନଃ'ର ମନ୍ତ୍ର। ଏହି ମନ୍ତ୍ର ଦ୍ୱାରା ଉଦ୍‌ବୁଦ୍ଧ ଅନେକ ପାଶ୍ଚାତ୍ୟ ଦାର୍ଶନିକ ଓ କବି। ବିଶିଷ୍ଟ ଇଂରାଜୀ କବି ଟି. ଏସ. ଇଲିଅଟ ଭାରତୀୟ ଦର୍ଶନ ଦ୍ୱାରା ଅନୁପ୍ରାଣିତ ହୋଇ ତାଙ୍କ ପ୍ରସିଦ୍ଧ କବିତା ୱେଷ୍ଟଲାଣ୍ଡର ଶେଷରେ ଲେଖିଛନ୍ତି 'ଦତ୍ତ, ଦୟାଧବମ, ଦମୟତ, ଶାନ୍ତିଃ, ଶାନ୍ତିଃ, ଶାନ୍ତିଃ'। ଜ୍ଞାନ ବିଜ୍ଞାନର ଭାରତବର୍ଷ କିନ୍ତୁ ନୂତନ ପିଢ଼ି ପାଇଁ 'ଗାଁ କନିଆ ଶିଙ୍ଗାଣି ନାକି' ଭଳି। ପଶ୍ଚିମାଭିମୁଖୀ ଭାରତୀୟଙ୍କ ଜାଣି ରଖିବା ଉଚିତ ଯେ, ଭାରତ ହିଁ ଅନେକ ସମ୍ଭାବନାର ରାଷ୍ଟ୍ର। ବିଦେଶୀ କମ୍ପାନୀ ଓ ବିଦେଶୀ ଜ୍ଞାନୀମାନେ ଭାରତର ଉଜ୍ଜ୍ୱଳ ଭବିଷ୍ୟତକୁ ଉପଲବ୍ଧି କରି ବର୍ତ୍ତମାନ ଭାରତମୁହାଁ। ଭାରତ ଖୁବ୍ ଶୀଘ୍ର ବିଶ୍ୱର ଏକ ଅଗ୍ରଣୀ ରାଷ୍ଟ୍ର ଭାବରେ ପ୍ରତିଷ୍ଠିତ ହେବାକୁ ଯାଉଛି । ଏପରି ସମୟରେ ଭାରତମାତାର ଯୋଗ୍ୟ ସନ୍ତାନମାନଙ୍କ ସେବା ଓ ସାହାଯ୍ୟର ଆବଶ୍ୟକତା ରହିଛି। ସ୍ୱଦେଶୀ ଦ୍ରବ୍ୟ ଓ ଜ୍ଞାନକୌଶଳର ବିକାଶ ପାଇଁ ସବୁ ଭାରତୀୟ ଆଗେଇ ଆସିବାକୁ ପଡ଼ିବ। ତା'ପରେ ହିଁ ଭାରତ ସ୍ୱାବଲମ୍ବୀ ହୋଇପାରିବ।

**କଳାହାଣ୍ଡି ବିଶ୍ୱ ବିଦ୍ୟାଳୟ, ଭବାନୀପାଟଣା**
**ମୋ : ୭୯୭୮୯୯୦୦୧୬**

## ଏଇ ଭାରତରେ

ଶିଳ୍ପ ବିପ୍ଳବ, ସବୁଜ ବିପ୍ଳବ କଥା ଜାଣିଛନ୍ତି, କିନ୍ତୁ ହଳଦୀ ବିପ୍ଳବ ବିଷୟରେ କେବେ ଶୁଣିଛନ୍ତି କି ? ଏମିତି ବିପ୍ଳବ ଆଣିଛନ୍ତି ରାଜସ୍ଥାନର ଦମ୍ପତି ରାମିଲା ଓ ଦେବୀଲାଲ ବ୍ୟାସ। ଏମାନେ ମରୁଡ଼ିପ୍ରବଣ ଡୁଙ୍ଗରପୁର ଜିଲାରେ ହଳଦୀ ଚାଷ ମାଧ୍ୟମରେ ୧୦୨ ଗାଁରେ ଲୋକମାନଙ୍କ ରୋଜଗାର ବଢ଼ାଇ ପାରିଛନ୍ତି। କେବଳ ଏତିକି ନୁହେଁ, ବ୍ୟାସ ଦମ୍ପତି ଡୁଙ୍ଗରପୁର ଜିଲାକୁ ଶିଶୁଶ୍ରମିକ ମୁକ୍ତ କରିବା ସହ କୃଷକ ଆତ୍ମହତ୍ୟା ରୋକିପାରିଛନ୍ତି। କପାଚାଷର କ୍ଷତି ଏଡ଼ାଇବା ପାଇଁ ଏମାନେ ଏହି ଅଭିଯାନ ଚଳାଇ ଏବେ ସୁଦ୍ଧା ହଳଦୀ ଚାଷରେ ୨,୫୦୦ କୃଷକଙ୍କୁ ଯୋଡ଼ି ପାରିଛନ୍ତି। କୃଷକମାନେ ପୂର୍ବାପେକ୍ଷା ଯଥେଷ୍ଟ ବେଶି ରୋଜଗାର କରୁଛନ୍ତି। ସେମାନେ ଏହି ଅଭିଯାନ ୨୦୦୫ରୁ ଜନଶିକ୍ଷା ଏବଂ ବିକାଶ ସଙ୍ଗଠନ ମାଧ୍ୟମରେ ଚଳାଇଛନ୍ତି। କୃଷକମାନଙ୍କ ପାଇଁ ବଜାର ବ୍ୟବସ୍ଥା କରିବା ସହ ସେମାନଙ୍କ ଉତ୍ପାଦକୁ ରାଜସ୍ଥାନର ବିଭିନ୍ନ ସହର ଓ ମହାରାଷ୍ଟ୍ରରେ ବିକ୍ରି କରିବାର ବ୍ୟବସ୍ଥା କରିଛନ୍ତି। ହଳଦୀଗୁଣ୍ଡ ପ୍ରସ୍ତୁତ କରି ୩,୫୦୦ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ମାଧ୍ୟମରେ ବଜାର ବ୍ୟବସ୍ଥାକୁ ବ୍ୟାପକ କରି ସେମାନଙ୍କୁ ରୋଜଗାରକ୍ଷମ କରିଛନ୍ତି ବ୍ୟାସ ଦମ୍ପତି। ହଳଦୀ ଚାଷ ସମ୍ପୂର୍ଣ୍ଣ ଜୈବିକ ପଦ୍ଧତିରେ ହେଉଥିବାରୁ ଏହାର ଚାହିଦା ରହିଛି। ହଳଦୀ ଚାଷକୁ ଗାଁ ଗାଁରେ ପହଞ୍ଚାଇବା ଦ୍ୱାରା ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବା ଲୋକମାନେ ଏହି ଚାଷରେ ଲାଗିପଡ଼ିଛନ୍ତି। ୟୁନିସେଫ୍ ଓ ଜିଲା ପ୍ରଶାସନ ସହାୟତାରେ ବ୍ୟାସ ଦମ୍ପତି ଏବେ ସୁଦ୍ଧା ବାହାରକୁ ଚାଲାଣ ହୋଇଥିବା ପ୍ରାୟ ୪,୦୦୦ ଶିଶୁଙ୍କୁ ଉଦ୍ଧାର କରିସାରିଲେଣି।

## ୨୫ ବର୍ଷ ତଳର ଧରିତ୍ରୀ

**୨୩ ଅଗଷ୍ଟ ୧୯୯୬**

- କାଶ୍ମୀରରେ ଧରପଗଡ଼ ବେଳେ ପାକ ତାଲିମପ୍ରାପ୍ତ ଉଗ୍ରପନ୍ଥୀମାନେ ଗୋଟିଏ ପରିବାରର ୫ ଜଣ ସଦସ୍ୟଙ୍କ ସମେତ ୧୪ ଜଣଙ୍କୁ ହତ୍ୟା କରିଛନ୍ତି।
- ବିଶିଷ୍ଟ ଚଳଚ୍ଚିତ୍ର ନିର୍ମାତା ତଥା ନିର୍ଦ୍ଦେଶକ ଜେ.ଏସ୍. ପ୍ରକାଶଙ୍କ ୮୩ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

''ଅଖିଳ ଜୀବର ବଂଶ
ହେଉ ଧନ୍ୟ ହେଉ ସମୁଜ୍ଜ୍ୱଳ
''ସତ୍ୟ ହେଉ ପୁଣ୍ୟ ହେଉ
ମହୀୟାନ ହେଉ ଚରାଚର।
–(ମହାଦୀପ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଉପେନ୍ଦ୍ର ଭଞ୍ଜ, ବଳଦେବ ରଥଙ୍କ ଯଥାର୍ଥ ସ୍ମାରକୀ ରହିନାହିଁ

ମହାଶୟ,

ଓଡ଼ିଆ ସାହିତ୍ୟର ସାରସ୍ୱତ ରତ୍ନ ରୂପରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, କବି ସୂର୍ଯ୍ୟ ବଳଦେବ ରଥଙ୍କ ରଚିତ ଛାନ୍ଦ, ଚଉପଦୀ ସବୁ ପରିଗଣିତ ନିଶ୍ଚୟ। ଏହି ଦୁଇ ପ୍ରଖ୍ୟାତ କବିଙ୍କ କୃତିଗୁଡ଼ିକ ଓଡ଼ିଆ ଭାଷାପ୍ରେମୀଙ୍କୁ ସୁଲଭ ପ୍ରାପ୍ତି ହେଉନାହିଁ। ସେହି କୃତିଗୁଡ଼ିକ ଗ୍ରନ୍ଥାବଳୀରେ ହିଁ ମୁଦ୍ରିତ ହୋଇ ରହିଅଛି ; ଯାହା କି ସାଧାରଣ

ପାଠିକା/ପାଠକ ଏହା କ୍ରୟ କରିପାରିବାର ସାମର୍ଥ୍ୟ ରଖି ନ ଥାନ୍ତି। କେତେବେଳେ କେଉଁ ଗାୟକ/ଗାୟିକା ପାଲା ଗାୟକଙ୍କଠାରୁ ଶୁଣି ଚିତ୍ତବୋଧ କରିଥାନ୍ତି। ଏହି ଦୁଇ କବିଙ୍କର ପ୍ରତିମୂର୍ତ୍ତି ସମସ୍ତ ଦର୍ଶନୀୟ ସ୍ଥଳ, ମହାବିଦ୍ୟାଳୟ/ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ସମ୍ମୁଖରେ ସ୍ଥାନିତ ହେଉ। ପତ୍ରପତ୍ରିକାରେ ଛାନ୍ଦ ଚଉପଦୀ କ୍ରମିକ କରି ଛପାଇଲେ ତାଙ୍କ ପ୍ରତି ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହୁଅନ୍ତା।

**–ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଲିଗୋରଡ଼ା, ଗବକୁଣ୍ଡ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏନ୍ଏଚ୍ଏଆଇ ଅଧିକାରୀଙ୍କ ସହ କେନ୍ଦ୍ରମନ୍ତ୍ରୀଙ୍କ ସମୀକ୍ଷା

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ଭୁବନେଶ୍ୱରରେ ଭାରତର ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍ଏଚ୍ଏଆଇ) ଅଧିକାରୀଙ୍କ ସହ ରାଜ୍ୟରେ ଚାଲୁ ରହିଥିବା ଜାତୀୟ ରାଜପଥ ପ୍ରକଳ୍ପ ଉପରେ ସମୀକ୍ଷା କରିଛନ୍ତି। ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ କାମ ଶେଷ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ ବିଭାଗୀୟ ଅଧିକାରୀଙ୍କ ସହ ବିଭିନ୍ନ ରାଜପଥ ପ୍ରକଳ୍ପ ଯଥା ଭାରତମାଳା ଯୋଜନାରେ କୋଷ୍ଟାଲ ହାଇୱେ ପ୍ରକଳ୍ପର ଅଗ୍ରଗତି, ଭୁବନେଶ୍ୱର ରିଙ୍ଗରୋଡ୍ ପ୍ରକଳ୍ପ, ପାରାଦୀପଠାରୁ ବଡ଼ବିଲ ମଧ୍ୟରେ ପ୍ରସ୍ତାବିତ ୮ ଲେନ୍ ବିଶିଷ୍ଟ ଅର୍ଥନୈତିକ କରିଡର ଏବଂ ରାଜ୍ୟରେ ନିର୍ମାଣାଧୀନ ବିଭିନ୍ନ ରାଜପଥ ପ୍ରକଳ୍ପ ସହ ଆଗାମୀ ଦିନରେ ହେବାକୁ ଥିବା ପ୍ରକଳ୍ପ ଉପରେ ସମୀକ୍ଷା କରିଛନ୍ତି।

**ସଂକ୍ଷେପରେ**

## ରାଜ୍ୟ ସଭା ପେପର୍ସ ଲିଡ୍ କମିଟି ପ୍ରତିନିଧିଙ୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ



କୋଣାର୍କ,୨୨।୮(ଡି.ଏନ୍.ଏ.): ରାଜ୍ୟ ସଭା ପେପର୍ସ ଲିଡ୍ କମିଟିର ପ୍ରତିନିଧି ମଣ୍ଡଳୀ ରବିବାର ଅପରାହ୍ନରେ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିଛନ୍ତି। କମିଟି ଅଧକ୍ଷ କେ.ସି ରାମାମୂର୍ତ୍ତିଙ୍କ ନେତୃତ୍ୱରେ ଏକ ୬ଜଣିଆ ପ୍ରତିନିଧି ଦଳ ସୂର୍ଯ୍ୟ ମନ୍ଦିର ମୁଖ୍ୟ ଫାଟକ ଆଗରେ ପହଞ୍ଚିବା ପରେ ଏଏସଆଇ ଭୁବନେଶ୍ୱର ସର୍କଲ ସୁପରିଣ୍ଟେଣ୍ଡେଣ୍ଟ ଅରୁଣ କୁମାର ମଲ୍ଲିକ ପ୍ରତିନିଧି ଦଳକୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରିଥିଲେ। ପରେ କମିଟି ଅଧକ୍ଷ ରାମାମୂର୍ତ୍ତିଙ୍କ ସମେତ କମିଟି ସଭ୍ୟ କନକ ମେଦଲା, ରବୀନ୍ଦ୍ର କୁମାର, ସ୍ୱେତ ମଲ୍ଲିକ, ବିକାଶ ରଞ୍ଜନ ଭଟ୍ଟାଚାର୍ଯ୍ୟ, ସମଶେର ସିଂ ଦୁଲୋ, ଜି.କେ ଭାସନ ପ୍ରମୁଖ ମନ୍ଦିର ପରିଦର୍ଶନ କରିବା ସହ କଳାକୃତିକୁ ବୁଲି ଦେଖିଥିଲେ। ସୂର୍ଯ୍ୟ ମନ୍ଦିରର ଐତିହ୍ୟ, ସ୍ଥାପତ୍ୟ, ଭାସ୍କର୍ଯ୍ୟ ଓ ଇତିହାସ ସମ୍ପର୍କରେ ସର୍କଲ ସୁପରିଣ୍ଟେଣ୍ଡେଣ୍ଟ ମଲ୍ଲିକ ପ୍ରତିନିଧି ଦଳଙ୍କୁ ବୁଝାଇଥିଲେ। ଏହି ପରିଦର୍ଶନ ବେଳେ ଏଏସଆଇ ବରିଷ୍ଠ ଅଧିକାରୀ ଚିତ୍ତରଞ୍ଜନ ଦାଶ, କୋଣାର୍କ ମ୍ୟୁଜିୟମ ଅଧିକାରୀ ପ୍ରତାପ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କୋଣାର୍କ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡ଼ି କରାଯାଇଥିଲା।

## ଜଗତ୍ସିଂହପୁରରେ ପୁଣି ୧୩ ଆକ୍ରାନ୍ତଙ୍କ ମୃତ୍ୟୁ

ଜଗତ୍ସିଂହପୁର ଅଫିସ, ୨୨।୮
ଜଗତ୍ସିଂହପୁର ଜିଲାରେ ରବିବାର ପୁଣି ୧୩ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଗତ ୨ ଦିନରେ ଜିଲାରୁ ୨୩ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଏନେଇ ଜିଲାରେ ଭୟରବାତାବରଣ ଖେଳିଯାଇଛି। ରବିବାର ମିଳିଥିବା ତଥ୍ୟ ଅନୁସାରେ, ମୃତକଙ୍କ ମଧ୍ୟରେ ଜଗତ୍ସିଂହପୁର ବ୍ଲକରୁ ୩, ବାଲିକୁଦା, ବିରିଡ଼ି, ନାଉଗାଁ ଓ କୁଜଙ୍ଗ ବ୍ଲକରୁ ୨ ଜଣ ଲେଖାଏ ଆକ୍ରାନ୍ତ ରହିଛନ୍ତି। ସେହିପରି ଏରସମା ଓ ରଘୁନାଥପୁର ବ୍ଲକରୁ ଜଣେ ଲେଖାଏ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ଏନେଇ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି। ଜିଲାରେ ଏପର୍ଯ୍ୟନ୍ତ କରୋନାରେ ୧୮୭ ଜଣଙ୍କ ମୃତ୍ୟୁ ହୋଇଛି। ରବିବାର ଜିଲାରୁ ୩୨ ଜଣ ନୂତନ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ୧୮ରୁ କମ୍ ବୟସର ୪ ଜଣ ରହିଛନ୍ତି।

# ୩ ବର୍ଷରେ ଖର୍ଚ୍ଚ ହେବ ୧୮୦୦ କୋଟି

ଭୁବନେଶ୍ୱର,୨୨।୮(ବ୍ୟୁରୋ)

ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଗ୍ରାମାଞ୍ଚଳ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଏବେ 'ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା'ର ଗାଇଡ୍ଲାଇନରେ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଅର୍ଥ ବିଭାଗର ଅନୁମତି ମିଳିବା ପରେ ଏହି ଯୋଜନାର ସଂଶୋଧିତ ଗାଇଡ୍ଲାଇନ ସହ ୩ ବର୍ଷରେ ୧୮୦୦କୋଟି ଟଙ୍କା ଖର୍ଚ୍ଚ ନିମନ୍ତେ ଅନୁମତି ମିଳିବ। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାର ସର୍ତ୍ତାବଳୀକୁ ସରକାର ଅନେକାଂଶରେ କୋହଳ କରି ଗାଁ ଗହଳିର ସମସ୍ତ ପ୍ରମୁଖ ରାସ୍ତାଗୁଡ଼ିକର ନବୀକରଣ, ମରାମତି, ପୁନରୁଦ୍ଧାର, ସମ୍ପ୍ରସାରଣ ଆଦି କାର୍ଯ୍ୟକୁ ସହଜ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଅର୍ଥ ବିଭାଗର ଅନୁମୋଦନ ପରେ ୨୦୨୧-୨୨ ଅତିରିକ୍ତ ବଜେଟରେ ରାଜ୍ୟ ସରକାର ଏଥିପାଇଁ ବ୍ୟୟବରାଦ କରିବେ ବୋଲି ସୂଚନା ମିଳିଛି।

ସୂଚନା ଅନୁସାରେ, ରାଜ୍ୟ ସରକାର ଏବେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାର ଗାଇଡ୍ଲାଇନରେ ପରିବର୍ତ୍ତନ କରି ଏହାକୁ ଅଧିକ କୋହଳ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଯେଉଁସବୁ ରାସ୍ତା 'ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା'ରେ ସାମିଲ(ଜନସଂଖ୍ୟା ଓ ଅନ୍ୟାନ୍ୟ ମାନଦଣ୍ଡ) ପାଇଁ ଯୋଗ୍ୟ ହେଉ ନ ଥିଲା, ସେଠାରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସବୁଦିନିଆ ନୂଆ ରାସ୍ତା ନିର୍ମାଣ କରାଯାଉଛି। ୨୦୧୪-୧୫ ଆର୍ଥିକ ବର୍ଷରୁ ରାଜ୍ୟ ସରକାର ଏହି ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସବୁଦିନିଆ ରାସ୍ତା ନିର୍ମାଣ କରୁଛନ୍ତି । ମାତ୍ର ଏବେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାର ସଂଶୋଧିତ ଗାଇଡ୍ଲାଇନ ଅନୁସାରେ ନିକଟସ୍ଥ ପଞ୍ଚାୟତ ମୁଖ୍ୟାଳୟ,

**ବଦଳିବ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଗାଇଡ୍ଲାଇନ**



ହସ୍ପିଟାଲ, ବ୍ଲକ କାର୍ଯ୍ୟାଳୟ, ବଜାର, ସ୍କୁଲ, କଲେଜ ଆଦି ସମେତ ଆର୍ଥିକ ଗତିବିଧିର ବିକାଶ ପାଇଁ ସବୁଦିନିଆ ରାସ୍ତା ନିର୍ମାଣ କରାଯାଇପାରିବ । ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାର ସମସ୍ତ ନିୟମକୁ କୋହଳ କରାଯିବା ସହ ପୁରୁଣା ରାସ୍ତାକୁ ଅଧିକ ଚଉଡ଼ା ଓ ସୁଦୃଢ଼, ପୁରୁଣା ପିଚୁ ଓ କଂକ୍ରିଟ୍ ରାସ୍ତାର ମରାମତି, ରାସ୍ତାଗୁଡ଼ିକ ୫.୫ମିଟରରୁ ୯ମିଟର ପର୍ଯ୍ୟନ୍ତ ସମ୍ପ୍ରସାରିତ ହେବ । ଆବଶ୍ୟକ ପଡ଼ିଲେ ରାସ୍ତା ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ହେବ । ଏହି ଜମି ଗ୍ରାମ୍ୟ ଉନ୍ନୟନ ବିଭାଗ ନାଁରେ କିଣାଯିବ । ପ୍ରସ୍ତାବିତ ସଂଶୋଧିତ ଗାଇଡ୍ଲାଇନରେ ଏଣିକି ଗ୍ରାମାଞ୍ଚଳରେ ନୂଆ ରାସ୍ତାର ନିର୍ମାଣ ସହ ପୁରୁଣା ରାସ୍ତାର ମରାମତି, ଉନ୍ନତୀକରଣ ଓ ଚଉଡ଼ା ଆଦି କାର୍ଯ୍ୟ 'ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା'ରେ ହୋଇପାରିବ । ପୂର୍ବରୁ ଏହି ଯୋଜନାରେ କେବଳ ନୂଆ ରାସ୍ତା ନିର୍ମାଣ କରାଯିବାର ବ୍ୟବସ୍ଥା ଥିବାବେଳେ ସରକାର ଏହାର ସର୍ତ୍ତାବଳୀକୁ କୋହଳ କରି ଆଗାମୀ ୨୦୨୪ ମାର୍ଚ୍ଚ ମଧ୍ୟରେ ପ୍ରାୟ ୧୮୦୦କୋଟି ଟଙ୍କା ଏହି ସଡ଼କ ନିର୍ମାଣ ପାଇଁ ଖର୍ଚ୍ଚ କରିବେ ବୋଲି ଜଣାପଡ଼ିଛି ।

# ତ୍ରିରଙ୍ଗା ଉପରେ ଭାଜପା ପତାକାକୁ ନେଇ ବିବାଦ



କଲ୍ୟାଣ ସିଂଙ୍କ ମରଶରୀରରେ ଜାତୀୟ ପତାକା ଉପରେ ଭାଜପା ପତାକା ଘୋଡ଼ାଯାଇଛି।

ନୂଆଦିଲ୍ଲୀ, ୨୨।୮

ଉତ୍ତରପ୍ରଦେଶର ପରଲୋକଗତ ପୂର୍ବତନ ମୁଖ୍ୟମନ୍ତ୍ରୀ କଲ୍ୟାଣ ସିଂଙ୍କୁ ଶ୍ରଦ୍ଧାଞ୍ଜଳି ସମୟର ଫଟୋକୁ ନେଇ ବିବାଦ ଦେଖାଦେଇଛି। ଭାଜପା ପକ୍ଷରୁ ଟ୍ୱିଟ୍ କରାଯାଇଥିବା ଫଟୋରେ କଲ୍ୟାଣଙ୍କ ମୃତଦେହ ଥିବା କଫିନ ଜାତୀୟ ପତାକାରେ ଗୁଡ଼ାଯାଇଥିବାବେଳେ ଏହାର ଅଧା ଅଂଶକୁ ଭାଜପା ପତାକାରେ ଢଙ୍କାଯାଇଛି। ଏହାକୁ ନେଇ ସୋସିଆଲ ମିଡିଆରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ନୂତନ ଭାରତରେ ଜାତୀୟ ପତାକା ଉପରେ ଦଳୀୟ ପତାକା ରଖାଯିବା ଠିକ୍ କି ବୋଲି ଯୁବ କଂଗ୍ରେସ ଅଧ୍ୟକ୍ଷ ଶ୍ରୀନିବାସ ବି.ଭି. ପ୍ରଶ୍ନ କରିଛନ୍ତି। ଜାତୀୟ ପତାକାକୁ ଅସମ୍ମାନ ଘଟଣାକୁ ଭାରତ ବରଦାସ୍ତ କରିବ ନାହିଁ ବୋଲି ଯୁବକଂଗ୍ରେସ ପକ୍ଷରୁ ଟ୍ୱିଟ୍ କରାଯାଇଛି। ରାଷ୍ଟ୍ର ଉପରେ ଦଳ, ତ୍ରିରଙ୍ଗା ଉପରେ ଦଳୀୟ ପତାକା, ଅନୁତାପ ନାହିଁ କି ଦୁଃଖ ପ୍ରକାଶ କରିବାର ନାହିଁ ବୋଲି ସମାଜବାଦୀ ପାର୍ଟି ମୁଖପାତ୍ର ଘନଶ୍ୟାମ ତିୱାରୀ ଟ୍ୱିଟ୍ କରିଛନ୍ତି।

# ମାଞ୍ଚେଷ୍ଟରରେ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ପ୍ରତିଷ୍ଠା



ବିଗ୍ରହ ପ୍ରତିଷ୍ଠା ଅବସରରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରଥରେ ବସାଇ ଶ୍ରଦ୍ଧାଳୁମାନେ ଟାଣି ନେଉଛନ୍ତି।

ଭୁବନେଶ୍ୱର, ୨୨।୮ (ବ୍ୟୁରୋ)

ବ୍ରିଟେନର ମାଞ୍ଚେଷ୍ଟରସ୍ଥିତ ଗୀତା ଭବନରେ ଶ୍ରୀ ଜଗନ୍ନାଥଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ସକାଳୁ ଅଧିବାସ, କଳସ ଯାତ୍ରା, ଅଭିଷେକ, ମୂର୍ତ୍ତି ସ୍ଥାପନା ଓ ପ୍ରାଣ ପ୍ରତିଷ୍ଠା ଆଦି ନୀତି ବିଧି ମୁତାବକ ଭକ୍ତିପୂତ ପରିବେଶରେ ସମାପନ ହୋଇଥିଲା। ପରେ ଦିଅଁଙ୍କ ସାମ୍ନାରେ ନାମଯଜ୍ଞ, ହୋମ, ଭୋଗ, ମହା ଆଳତି ଓ ପୁଷ୍ପାଞ୍ଜଳି ଆଦି ଧାର୍ମିକ କାର୍ଯ୍ୟକ୍ରମ 'ଗ୍ଲାସ୍ ଗୋ' ହିନ୍ଦୁ ମନ୍ଦିରର ମୁଖ୍ୟ ପୂଜାରୀ ଆଚାର୍ଯ୍ୟ ମେଦିନୀ ପତି ମିଶ୍ର ଓ ଗୀତା ଭବନର ମୁଖ୍ୟ ପୂଜାରୀ ଆଚାର୍ଯ୍ୟ ଶ୍ୟାମସୁନ୍ଦର ଶର୍ମାଙ୍କ ତତ୍ତ୍ୱାବଧାନରେ ସମ୍ପନ୍ନ ହୋଇଥିଲା। ଉତ୍ସବରେ ପାଖାପାଖି ୫୦୦ ଓଡ଼ିଆ ଓ ଅଣଓଡ଼ିଆ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସୁସଜ୍ଜିତ ରଥ ଉପରକୁ ନିଆଯାଇଥିଲା। ଡକ୍ଟର ଶିବ ସେନାପତି ଛେରା ପହଁରା କାର୍ଯ୍ୟ ତୁଲାଇ ଥିଲେ। ହରିବୋଲ, ହୁଳହୁଳି, ଜୟ ଜଗନ୍ନାଥ ଧ୍ୱନୀ ସହ ଶଙ୍ଖ, ଘଣ୍ଟ, କର୍ତ୍ତାଳ, ମର୍ଦ୍ଦଳ, ଝାଞ୍ଜ ଓ ମୃଦଙ୍ଗର ତାଳେ ତାଳେ ଶ୍ରଦ୍ଧାଳମାନେ ରଥ ଟାଣିଥିଲେ। ଉଇଦିଂଟନ୍, ଉଇଲ୍ବ୍ରାହାମ୍, ବାର୍ଣ୍ଣିଂହମ୍ ଏବଂ ଆଲେକ୍ଜାଣ୍ଡ୍ରା ସାଉଥ୍ ରାସ୍ତାରେ ରଥକୁ ଆଲେକ୍ଜାଣ୍ଡ୍ରା ପାର୍କ ପର୍ଯ୍ୟନ୍ତ ଟଣାଯାଇ ପୁଣି ମନ୍ଦିର ବେଢାକୁ ଫେରାଇ ଅଣାଯାଇଥିଲା। ଚତୁର୍ଦ୍ଧା ମୂର୍ତ୍ତିକୁ ନିମ କାଠରେ ପୁରୀରେ ତିଆରି କରାଯାଇ କୋରିଅରରେ ମାଞ୍ଚେଷ୍ଟରକୁ ନିଆଯାଇଥିଲା। ଗୀତା ଭବନର ସଂସ୍ଥାପକ ଓ ପରିଚାଳକ ସଂସ୍ଥା ହିନ୍ଦୁ ସାଂସ୍କୃତିକ ସମାଜର ବରିଷ୍ଠ ଟ୍ରଷ୍ଟି ରାଜକୁମାର କୌଶଳ ସହଯୋଗ କରିଥିଲେ।

## ମୁଖ୍ୟ ଶାସନ ସଚିବଙ୍କୁ ଭେଟିଲେ ନବୀନ ଜିନ୍ଦଲ

ଭୁବନେଶ୍ୱର,୨୨।୮

ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍ (ଜେଏସ୍ପିଏଲ୍)ର ଅଧକ୍ଷ ନବୀନ ଜିନ୍ଦଲ ରବିବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ସାକ୍ଷାତ୍କରି କମ୍ପାନୀର ଅନୁଗୋଳ କାରଖାନାର କ୍ଷମତା ୨୦୩୦ ସୁଦ୍ଧା ବାର୍ଷିକ ୨୫.୨ ନିୟୁତ ଟନ୍କୁ ସମ୍ପ୍ରସାରଣ କରିବା ନିମନ୍ତେ ଆବଶ୍ୟକ ଅନୁମୋଦନ ପାଇଁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ ଇସ୍ପାତ ଓ ଖଣି ସଚିବ ଦେଓରଞ୍ଜନ କୁମାର ସିଂଙ୍କୁ ମଧ୍ୟ ସାକ୍ଷାତ କରିଥିଲେ। ଜିନ୍ଦଲ ଅନୁଗୋଳ ଇସ୍ପାତ କାରଖାନା ବାର୍ଷିକ ୬ ନିୟୁତ ଟନରୁ ୨୫.୨ ନିୟୁତ ଟନ୍କୁ ବୃଦ୍ଧି ଯୋଜନା ସମ୍ପର୍କରେ ସିଂଙ୍କୁ ଅବଗତ କରାଇଥିଲେ। କମ୍ପାନୀର ଏହି କ୍ଷମତା ସମ୍ପ୍ରସାରଣ ପରେ ଏହାର ଅନୁଗୋଳ କାରଖାନା ବିଶ୍ୱର ସର୍ବବୃହତ୍ ଇସ୍ପାତ କାରଖାନା ହେବ ବୋଲି ଜଣାପଡ଼ିଛି। ଜିନ୍ଦଲଙ୍କ ସହ ଜେଏସ୍ପିଏଲ୍ର ପରିଚାଳନା ନିର୍ଦ୍ଦେଶକ ଭି.ଆର୍. ଶର୍ମା, ନିର୍ଦ୍ଦେଶକ (ଅର୍ଥ) ଏନ୍.କେ. ମିଶ୍ର, ମନୀଷ ଖରବନ୍ଦା ଉପସ୍ଥିତ ଥିଲେ।

# ଚିତ୍ରଶିଳ୍ପୀଙ୍କ ସହ କଥା ହେଲେ ପ୍ରଧାନମନ୍ତ୍ରୀ

କଟକ ସଦର, ୨୨।୮ (ଡି.ଏନ.ଏ.)

ରାଖୀ ପୂର୍ଣ୍ଣିମା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ରାତି ପ୍ରାୟ ୮ଟାରେ କଟକ ଜିଲା ସଦର ବ୍ଲକ ଅଧୀନ କେଶପୁର ଗ୍ରାମର ଚିତ୍ରଶିଳ୍ପୀ ଚିତ୍ତରଞ୍ଜନ ଭୋଇଙ୍କ ସହ ଫୋନ୍ରେ କଥା ହୋଇଛନ୍ତି। ଚିତ୍ତରଞ୍ଜନ ଘରକାନ୍ଥ ଓ ଶଢ଼େଇରେ ବିଭିନ୍ନ କଳାକୃତି ଅଙ୍କନ କରି ଲୋକଲୋଚନକୁ ଆସିଥିଲେ। ପ୍ରଧାନମନ୍ତ୍ରୀ ପ୍ରାୟ ୨ ମିନିଟ୍ କଥା ହେବା ସମୟରେ କଳାକୃତି ସମ୍ପର୍କରେ ଚିତ୍ତରଞ୍ଜନଙ୍କଠାରୁ ବୁଝିଥିଲେ। ସୂଚନାଯୋଗ୍ୟ, ୫ ଦିନ ତଳେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଭାଜପା ନେତା ଦିଲୀପ ମଲ୍ଲିକ ଭୁବନେଶ୍ୱରରେ ଥିବା ସମୟରେ ଚିତ୍ତରଞ୍ଜନ ଶଢ଼େଇରେ ତିଆରି କରିଥିବା ୨ଟି ଗଣେଶଙ୍କ



କଳାକୃତିକୁ ସେମାନଙ୍କୁ ଉପହାର ଦେଇଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଧାନ ଏହି କଳାକୃତି ଦେଖି ଚିତ୍ତରଞ୍ଜନଙ୍କୁ ପ୍ରଶଂସା କରିଥିଲେ। ପରେ ତାହାକୁ ନେଇ ସେ ପ୍ରଧାନମନ୍ତ୍ରୀଙ୍କୁ ଦେଖାଇଥିଲେ। ଏହାକୁ ଦେଖି ପ୍ରଧାନମନ୍ତ୍ରୀ ଆତ୍ମବିଭୋର ହୋଇ ଚିତ୍ତରଞ୍ଜନଙ୍କ ସହ କଥା ହୋଇଥିଲେ।

# ଶ୍ରୀମନ୍ଦିରରେ ରାଖୀ ପିନ୍ଧିଲେ ଶ୍ରୀଜୀଉ

**ପୁରୀ ଅଫିସ,୨୨।୮:** ଶ୍ରୀମନ୍ଦିରରେ ରବିବାର ରକ୍ଷାବନ୍ଧନ ଉତ୍ସବ ଓ ପ୍ରଭୁ ବଳଭଦ୍ରଙ୍କ ଜନ୍ମ ନୀତି ପାଳିତ ହୋଇଛି। ସ୍ୱତନ୍ତ୍ର ନୀତିକାନ୍ତି ସହ ଶ୍ରୀଜଗନ୍ନାଥ ଓ ବଡ଼ ଠାକୁର ପ୍ରଭୁ ବଳଭଦ୍ର ରାଖୀ ପିନ୍ଧିଛନ୍ତି। ଦୁଇଭାଇ ପାଟରା ବିଶୋଇ ସେବକଙ୍କ ଦ୍ୱାରା ପ୍ରସ୍ତୁତ ୨ଟି ଲେଖାଏ ରାଖୀ ଓ ଗୁଆମାଳ ପରିଧାନ କରିଥିଲେ। ଶ୍ରୀଜଗନ୍ନାଥ ହଳଦିଆ ଓ ନାଲି ରଙ୍ଗର ଏବଂ ବଳଭଦ୍ର ବାଇଗଣି ଓ ନୀଳ ରଙ୍ଗର ଗୁଆମାଳ ପିନ୍ଧିଥିଲେ। କରୋନା କଟକଣା ଯୋଗୁ ଭକ୍ତମାନେ ଏହି ନୀତି ଦର୍ଶନରୁ ବଞ୍ଚିତ ହୋଇଛନ୍ତି। ଭୋଗମଣ୍ଡପ, ମଇଲମ ଓ ମହାସ୍ନାନ ପରେ ସର୍ବାଙ୍ଗ ନୀତି ହୋଇଥିଲା। ଦ୍ୱିପହର ଧୂପବେଶ ବଢ଼ିବା ପରେ ୩ଟି ଆଜ୍ଞାମାଳ ଲାଗି କରାଯାଇଥିଲା। ୪ଟି ରାଖୀ ଓ ୪ଟି ଗୁଆମାଳକୁ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ପ୍ରଭୁ ବଳଭଦ୍ରଙ୍କ ଶ୍ରୀହସ୍ତରେ ପୁଷ୍ପାଳକ ସେବକମାନେ ବାନ୍ଧିଥିଲେ। ବଳଭଦ୍ରଙ୍କ ଜନ୍ମ ନୀତି ପାଇଁ ତାଙ୍କ ସିଂହାସନ ତଳେ ଷଷ୍ଠୀ ମାର୍କଣ୍ଡି ଓ ବରୁଣ ପୂଜା ହୋଇଥିଲା। ମଧ୍ୟାହ୍ନ ଧୂପ, ଯାତ୍ରାଙ୍ଗୀ ଭୋଗ ସରି ମଙ୍ଗଳାର୍ପଣ ଓ ବନ୍ଦାପନା ନୀତି ହୋଇଥିଲା। ରତ୍ନସିଂହାସନକୁ ଶ୍ରୀମଦନମୋହନ ଏବଂ ଝୁଲଣମଣ୍ଡପକୁ ଶ୍ରୀଦେବୀ, ଭୂଦେବୀ ଓ ଶ୍ରୀମଦନମୋହନ ବିଜେ କରିଥିଲେ। ମହାପ୍ରଭୁଙ୍କ ଆଜ୍ଞାମାଳ ଶ୍ରୀସୁଦର୍ଶନଙ୍କୁ ପ୍ରଦାନ ପରେ ଦଇତାପତିମାନେ ଜଗମୋହନସ୍ଥିତ ଚଉଦୋଳକୁ ବିଜେ କରାଇ ଝୁଲଣମଣ୍ଡପ ପାଖରେ ସୁବର୍ଣ୍ଣ ଓଡ଼ିଆଣୀ ଓ ହରଡ଼ମାଳି ଲାଗିକରିଥିଲେ।



ମହାପ୍ରଭୁଙ୍କ ଲାଗି ପାଟରା ବିଶୋଇ ସେବକ ଶ୍ରୀମନ୍ଦିରକୁ ରାଖୀ ନେଉଛନ୍ତି।

ବିମାନବଡୁ ସେବକମାନେ ଶ୍ରୀସୁଦର୍ଶନଙ୍କୁ ମାର୍କଣ୍ଡ ପୁଷ୍କରିଣୀକୁ ବିଜେ କରାଇବା ପରେ କୁମ୍ଭାର ବିଶୋଇ ଦେଇଥିବା ମାଟିରେ ଶୁଦ୍ଧସୁଆର ବଳଭଦ୍ରଙ୍କ ମୂର୍ତ୍ତି ଗଢ଼ିଥିଲେ। ପୂଜାପଣ୍ଡା ସାମନ୍ତ ତାହାକୁ ଜୀବନ୍ୟାସ ଦେଇ ଜାତକର୍ମ ସମ୍ପନ୍ନ କରିଥିଲେ। ପ୍ରସାଦ ଲାଗି, ପଞ୍ଚ ଉପଚାରରେ ଶୀତଳ ଭୋଗ ଓ ବନ୍ଦାପନା ନୀତି ପରେ ପ୍ରତିମୂର୍ତ୍ତିକୁ ବିସର୍ଜନ କରାଯାଇଥିଲା। ଶ୍ରୀସୁଦର୍ଶନ ଚାରି ଆଶ୍ରମ ପରିକ୍ରମା ସାରି ଶ୍ରୀମନ୍ଦିରକୁ ବାହୁଡ଼ି ଥିଲେ।

# ଏମ୍ଟିଭି ରିଆଲିଟି ଶୋ'ରେ ଓଡ଼ିଆ ଝିଅ

ଢେଙ୍କାନାଳ ଅଫିସ, ୨୨।୮

ଏମ୍ଟିଭିର ମଡେଲିଂ ରିଆଲିଟି ଶୋ'ରେ ଚମକିଛନ୍ତି ଢେଙ୍କାନାଳ କୁଞ୍ଜକାନ୍ତ ଅଞ୍ଚଳର ୧୯ ବର୍ଷୀୟା ସ୍ୱପ୍ନା ପ୍ରିୟଦର୍ଶିନୀ। ସୁପର ମଡେଲ ଅଫ୍ ଦି ଇୟର ସିଜନ-୨ରେ ଓଡ଼ିଶାର ଏକମାତ୍ର ପ୍ରତିଯୋଗୀ ଭାବେ ସେ ଅଂଶଗ୍ରହଣ କରିଛନ୍ତି। ପ୍ରସିଦ୍ଧ ସମ୍ବଲପୁରୀ ଗୀତ 'ରଙ୍ଗବତୀ'ର ତାଳେ ତାଳେ ଦମ୍ଦାର ନୃତ୍ୟ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ରବିବାର ସକାଳେ ଟିଭିରେ ଏହାର ପ୍ରସାରଣ ହେବା ପରେ ସ୍ୱପ୍ନା ପାଲଟିଯାଇଛନ୍ତି ନୂଆ ମଡେଲ ସେନ୍ସେଶନ। ଭାଇକମ୍ ୧୮ ପ୍ରଯୋଜନା ସଂସ୍ଥା ଦ୍ୱାରା ଏମ୍. ଟିଭିର 'ସୁପର ମଡେଲ ଅଫ୍ ଦି ଇୟର ସିଜନ-୨' ପ୍ରତିଯୋଗିତା ପାଇଁ ଚୟନ ହୋଇଥିବା ୧୫ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ଏକମାତ୍ର ଓଡ଼ିଆ ଝିଅ ଭାବେ ଅଂଶଗ୍ରହଣ କରିଛନ୍ତି ସ୍ୱପ୍ନା। ମୁମ୍ବାଇରୁ ଫୋନ୍ ଯୋଗେ 'ଧରିତ୍ରୀ'କୁ ସୂଚନା ଦେଇ ସ୍ୱପ୍ନା କହିଛନ୍ତି, ଏକମାତ୍ର ଓଡ଼ିଆ ଝିଅ ଭାବେ ସୁପର ମଡେଲ କ୍ରାଉନ



ସ୍ୱପ୍ନା ପ୍ରିୟଦର୍ଶିନୀ

ପ୍ରତିଯୋଗିତାରେ ଭାଗ ନେଇଥିବାରୁ ସେ ଗର୍ବିତ। ସ୍ୱପ୍ନା ସେ ଏବେ ଆମିଟି ବିଶ୍ୱବିଦ୍ୟାଳୟରେ ବ୍ୟାଚ୍ଲର ଇନ୍ ବିଜନେସ୍ ଆଡମିନିଷ୍ଟ୍ରେଶନ (ବିବିଏ)ରେ ପଢୁଛନ୍ତି। ତାଙ୍କ ବାପା ବିଶ୍ୱଜିତ୍ ରାଉତରାୟ ମୁମ୍ବାଇ ପଶ୍ଚିମ ସର୍କଲ ଅଞ୍ଚଳରେ ଥିବା ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ମୁଖ୍ୟ ପରିଚାଳକ ଅଛନ୍ତି। ସ୍ୱପ୍ନାଙ୍କ ମଡେଲିଂ ସ୍ୱପ୍ନକୁ ସାକାର କରିବାକୁ ମା' ମଧୁମିତା ରାଉତରାୟ ଭରପୂର ସମର୍ଥନ କରି ଆସୁଛନ୍ତି।

# ଓଟିଡିସି ନାଁରେ ଠିକାଦାରଙ୍କଠାରୁ ୩ କୋଟି ଠକେଇ

ଭୁବନେଶ୍ୱର,୨୨।୮(ବ୍ୟୁରୋ)

ଓଡ଼ିଶା ଟୁରିଜମ୍ ଡେଭଲପ୍ମେଣ୍ଟ କର୍ପୋରେଶନ (ଓଟିଡିସି) ନାଁରେ ସ୍ପେଶାଲ କ୍ଲାସ କଣ୍ଟ୍ରାକ୍ଟର କଣ୍ଟ୍ରାକ୍ଟର ଧନୁର୍ଦ୍ଧର ଚମ୍ପତିରାୟଙ୍କୁ ଜାଲ୍ ୱାର୍କ ଅର୍ଡର ଦେଇ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ଅଭିଯୋଗରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ରବିବାର ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କଟକ ସିଡିଏରେ ରହୁଥିବା ଆତ୍ମଘୋଷିତ ବାବା ବିଜୟାନନ୍ଦ ଚୌଧୁରୀ ତଥା ସ୍ୱାମୀ ବିଜୟାନନ୍ଦ ମହାରାଜ ଓ ନୟାପଲ୍ଲୀ ଥାନା ଅଞ୍ଚଳର ଓଟିଡିସିର ପୂର୍ବତନ ଇଞ୍ଜିନିୟର ଚନ୍ଦନ ଆକାଶ ମହାନ୍ତି। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଗତବର୍ଷ କରୋନା ମହାମାରୀ ସମୟରେ କାମଧନ୍ଦା ବନ୍ଦ ହୋଇଯିବାରୁ ଧନୁର୍ଦ୍ଧର ହାତବାନ୍ଧି ବସିଥିଲେ। ମେ' ମାସରେ ଜଣେ ସମ୍ପର୍କୀୟ ତାଙ୍କୁ ବାବା ବିଜୟାନନ୍ଦଙ୍କ ସହିତ ପରିଚୟ କରାଇଥିଲେ। ବିଜୟାନନ୍ଦ ନିଜକୁ ଓଟିଡିସିର ଚେୟାରମ୍ୟାନ ଓ ଆଇଟିଡିସିର ସଦସ୍ୟ କହିବା ସହ ବଡ଼ ବଡ଼ କାମ ଯୋଗାଇ ଦେବାର ଲୋଭ ଦେଖାଇଥିଲେ। ପରେ ଚନ୍ଦନଙ୍କ ସହ ଭେଟ କରାଇ ବିଶ୍ୱାସ ଜନ୍ମାଇଥିଲେ। ଚନ୍ଦନ ନିଜକୁ ଓଟିଡିସିରେ ଆସିଷ୍ଟାଣ୍ଟ ଇଞ୍ଜିନିୟର ଥିବା କହିଥିଲେ। ବିଜୟାନନ୍ଦ ଓ ଚନ୍ଦନ କଣ୍ଟ୍ରାକ୍ଟର ଧନୁର୍ଦ୍ଧରଙ୍କ ସହ କାମ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ପରେ ସେମାନେ ଓଟିଡିସି ନାଁରେ ବହୁ କୋଟି ଟଙ୍କାର ୱାର୍କ ଅର୍ଡର ଦେଇ ତାଙ୍କଠାରୁ ୩ କୋଟି ଟଙ୍କା ନେଇଥିଲେ। ୱାର୍କ ଅର୍ଡର ପାଇଥିଲେ ବି ଧନୁର୍ଦ୍ଧର କୌଣସି କାମ ଆରମ୍ଭ କରିପାରି ନ ଥିଲେ। ଏନେଇ ସେ ଅଭିଯୁକ୍ତ ଦ୍ୱୟଙ୍କୁ କହିବାରୁ ମହାମାରୀ ପାଇଁ କାମ ଅଟକିଛି ବୋଲି ସେମାନେ ସଫେଇ ଦେଇଥିଲେ। ଶେଷରେ ଧନୁର୍ଦ୍ଧର ଓଟିଡିସି କାର୍ଯ୍ୟାଳୟକୁ ଯାଇ ବୁଝାଶୁଝା କରିବା ପରେ ସେପରି କାର୍ଯ୍ୟ କିଛି ନ ଥିବା ଓ କାହାକୁ ୱାର୍କ ଅର୍ଡର ଦିଆଯାଇ ନ ଥିବା ଜାଣିବାକୁ ପାଇଥିଲେ। ସେ ଠକେଇର ଶିକାର ହୋଇଥିବା ସ୍ପଷ୍ଟ ହେବା ପରେ ଓଟିଡିସିର ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଅବଗତ କରାଇଥିଲେ। ଏନେଇ ଓଟିଡିସି ପକ୍ଷରୁ ଅଭିଯୋଗ ହେବାପରେ ଇଓଡବ୍ଲ୍ୟୁ ମାମଲା (ନଂ-୧୦/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

**ଆତ୍ମଘୋଷିତ ବାବାଙ୍କ ସହ ଇଞ୍ଜିନିୟର ଗିରଫ**



ବିଜୟାନନ୍ଦ ମହାରାଜ ଓ ଚନ୍ଦନ ଆକାଶ ମହାନ୍ତି

# ଜମି ଯୋଗାଇଲେ କାମ ଆଗେଇବ

ବଲାଙ୍ଗୀର ଅଫିସ, ୨୨।୮

ରେଳ, ସଞ୍ଚାର ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଜନ ଆଶୀର୍ବାଦ ଯାତ୍ରାରେ ରବିବାର ବଲାଙ୍ଗୀର ଜିଲାର ବିଭିନ୍ନ ସ୍ଥାନ ପରିକ୍ରମା କରିଥିଲେ। ଟିଟିଲାଗଡରୁ କଣ୍ଟାବାଞ୍ଜି, ପାଟଣାଗଡ ଦେଇ ସେ ବଲାଙ୍ଗୀର ପହଞ୍ଚିବା ପରେ ସ୍ଥାନୀୟ ସର୍କିଟ ହାଉସଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଯୋଗଦେଇଥିଲେ। ଅଳ୍ପ ସମୟ ହେଲା ମନ୍ତ୍ରୀ ହୋଇଛି । ଲୋକଙ୍କଠାରୁ ଅନେକ ଦାବି ପାଇଛି। ଦିଲ୍ଲୀ ଗଲା ପରେ ଏସବୁର ଅନୁସନ୍ଧାନ କରିବି ଓ ଶୀଘ୍ର ନିର୍ଣ୍ଣୟ ନେବି ବୋଲି ସେ କହିଥିଲେ। ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ ଉପରେ କିଲୋମିଟର ପିଛା ସମୀକ୍ଷା କରିଛି। କିଛି ଜଙ୍ଗଲ ଜମି ବିଭାଗ ଅନୁମତି ସମସ୍ୟା ରହିଛି। ଏ ନେଇ ରାଜ୍ୟ ସରକାରଙ୍କୁ ବିଶେଷ ଅନୁରୋଧ କରିଛି ଯେ, ଜଙ୍ଗଲ ଜମି ଅନୁମତି ସମ୍ପର୍କରେ ଯାହାବି ସମସ୍ୟା ରହିଛି ସେ ସମ୍ପର୍କରେ କେନ୍ଦ୍ରକୁ ପ୍ରସ୍ତାବ ପଠାନ୍ତୁ । ଦିଲ୍ଲୀର ଉକ୍ତ ପ୍ରକଳ୍ପର ଅନୁମୋଦନ ଦାୟିତ୍ୱ ତାଙ୍କର ବୋଲି କହିଥିଲେ। ସମସ୍ତେ ମିଶି ପ୍ରୟାସ କଲେ ଏହି ପ୍ରକଳ୍ପକୁ ଖୁବ୍ଶୀଘ୍ର ଗତିଶୀଳ ଓ ସମାପ୍ତ କରାଯାଇପାରିବ ବୋଲି କହିଥିଲେ।

ଗଣମାଧ୍ୟମ ପ୍ରତିନିଧିମାନେ ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ କେବେ ସରିବ ସ୍ପଷ୍ଟ କରନ୍ତୁ ବୋଲି ପ୍ରଶ୍ନ କରିଥିଲେ। ଏହି ପ୍ରଶ୍ନ ଉପରେ ମନ୍ତ୍ରୀ ବୈଷ୍ଣବ କିନ୍ତୁ କିଛି ବି ସ୍ପଷ୍ଟ ଉତ୍ତର ରଖି ନ ଥିଲେ। ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ ରାଜିନାମା ଅବଧି ସରିଯାଇଥିବା ଉପରେ ପ୍ରଶ୍ନ କରିବାରୁ ଏହି ପ୍ରକଳ୍ପ ଓଡ଼ିଶା ଏବଂ ଦେଶ ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ପ୍ରକଳ୍ପ। ଏହାପାଇଁ ଯାହା କାମ ଦରକାର ପଡ଼ିବ କରିବା ବୋଲି କହିଥିଲେ। ଆସନ୍ତା ୬ ମାସ ଭିତରେ ଆସି ସେ ରିପୋର୍ଟ କାର୍ଡ ଦେବେ ବୋଲି କହିଥିଲେ। ରାଜ୍ୟ ସରକାର ଯେତେଶୀଘ୍ର ଜମି ଦେବେ ପ୍ରକଳ୍ପ ଆଗେଇବ କହିଥିଲେ। ଖୋର୍ଦ୍ଧା-ବଲାଙ୍ଗୀର ରେଳପ୍ରକଳ୍ପ ଉପରେ ପ୍ରତିଦିନ୍, ପ୍ରତି ସପ୍ତାହ କାମ ହେବ। ଯାହା ଦରକାର ପଡ଼ିବ ସବୁ ଯୋଗାଇଦେବୁ ଓ ସମସ୍ତଙ୍କ ସହଯୋଗ ମାଗିବୁ ବୋଲି କହିଥିଲେ। ଏହି ଖବରଦାତା ସମ୍ମିଳନୀରେ ଏମ୍ପି ସଙ୍ଗୀତା କୁମାରୀ ସିଂଦେଓ, ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଲୋଇସିଂହା ବିଧାୟକ ଡ ମୁକେଶ ମହାଲିଙ୍ଗ, ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତି ଉପସ୍ଥିତ ଥିଲେ।



ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଏମ୍ପି ସଙ୍ଗୀତା ସିଂଦେଓ ଓ ବିଜେପିର ଅନ୍ୟ ନେତୃବୃନ୍ଦ।

**ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପକୁ ନେଇ ପ୍ରତିକ୍ରିୟା ରଖିଲେ ରେଳମନ୍ତ୍ରୀ**

ଧରିତ୍ରୀ
DHARITRI
Bhubaneswar, Monday, 23 August, 2021



## ସୋମବାର ଉଦ୍‌ଘାଟନ ହେବ ଏନ୍‌ଏମ୍‌ପି

ଦେଶର ବିକାଶରେ ଯୋଗଦାନ ପାଇଁ କେନ୍ଦ୍ର ସରକାର ଏକ ବୃହତ୍ ପ୍ରକଳ୍ପ ନିର୍ମାଣ କରୁଛନ୍ତି। ଗତ ୪ ବର୍ଷ ହେବ ନିର୍ମାଣ କରାଯାଉଥିବା ଉକ୍ତ ପ୍ରକଳ୍ପ 'ଜାତୀୟ ମୌଦ୍ରିକ ପାଇପଲାଇନ' (ଏନ୍‌ଏମ୍‌ପି)ର କାର୍ଯ୍ୟ ନିକଟରେ ଶେଷ ହୋଇଛି। ସୋମବାର ଏହାକୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମାନ ଉଦ୍‌ଘାଟନ କରିବେ ବୋଲି ସୂଚନା ମିଳିଛି।

**ସଂକ୍ଷେପରେ**

### ଶ୍ୟାମ୍ ଷ୍ଟିଲ୍‌ର ଆପ୍‌ନା ଘର ଆପ୍

ଭୁବନେଶ୍ୱର,୨୨।୮: ଶ୍ୟାମ ଷ୍ଟିଲ୍ ପକ୍ଷରୁ ଶ୍ୟାମ ଷ୍ଟିଲ୍ ଆପ୍‌ନା ଘର ଆପ୍‌କୁ ଉନ୍ମୋଚନ କରାଯାଇଛି। ଏହି ଆପ୍ ଗ୍ରାହକମାନଙ୍କ ଲାଗି କେବଳ ଟିଏମ୍‌ଟି ବାର୍ କିଣିବା ସହଜ କରିବା ସହ ଶ୍ୟାମ ଷ୍ଟିଲ୍ ଡିଲର ଓ ବିତରକଙ୍କ ବିକ୍ରି ବଢ଼ାଇବ। ପ୍ରଥମ ପର୍ଯ୍ୟାୟରେ ଗ୍ରାହକମାନେ କିଛି କ୍ଲିକ୍‌ରେ ଟିଏମ୍‌ଟି ବାର୍ ବରାଦ କରିପାରିବେ। ଆକର୍ଷଣୀୟ କ୍ୟାଶ୍‌ବ୍ୟାକ୍ ଓ ଉପହାର ପାଇପାରିବେ। ଦ୍ୱିତୀୟ ପର୍ଯ୍ୟାୟରେ ଶ୍ୟାମ ଷ୍ଟିଲ୍ ପକ୍ଷରୁ ଭୂମିପୂଜାରୁ ଗୃହ ପ୍ରବେଶ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଗୃହ ନିର୍ମାଣ ଚକ୍ର ଲାଗି ଗୃହ ନିର୍ମାତାଙ୍କ ପାଇଁ ସମ୍ପୂର୍ଣ୍ଣ ସମାଧାନର ଶୁଭାରମ୍ଭ କରାଯିବ। ଯେକୌଣସି ପ୍ରକାର କୋଠା ନିର୍ମାଣ ଲାଗି ଏହି ଆପ୍ ବିଶେଷଜ୍ଞ ମାର୍ଗଦର୍ଶକ ଭାବେ କାର୍ଯ୍ୟ କରିବ ବୋଲି ଶ୍ୟାମ ଷ୍ଟିଲ୍‌ର ନିର୍ଦ୍ଦେଶକ ଲଳିତ ବେରିୱାଲା କହିଛନ୍ତି।

# ସମାଧାନ ହେବ ଆୟକର ସାଇଟ୍ ସମସ୍ୟା

ନୂଆଦିଲ୍ଲୀ,୨୨।୮

ଚଳିତ ବର୍ଷ ଜୁନ୍‌ରୁ ବ୍ୟବହୃତ ହୋଇ ଆସୁଥିବା ଆୟକର ବିଭାଗର ନୂତନ ଆୟକର 'ଇ-ଫାଇଲିଂ ପୋର୍ଟାଲ'ରେ ଲାଗି ରହିଥିବା ସମସ୍ୟା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ ଦେବା ଲାଗି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଇନ୍‌ଫୋସିସ୍ ସିଇଓ ସଲିଳ ପାରେଖଙ୍କୁ ସୋମବାର ଆସିବାକୁ କୁହାଯାଇଛି। ଏହା ପୂର୍ବରୁ ମଧ୍ୟ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଆୟକର ବିଭାଗର ଉକ୍ତ ସମସ୍ୟା ସମ୍ପର୍କରେ ଅବଗତ ହେବା ସହ ଚିନ୍ତାପ୍ରକଟ କରିଥିଲେ। ବିଭାଗର ଏହି ପୋର୍ଟାଲକୁ ଅଧିକ ବିଶ୍ୱସନୀୟ ଏବଂ ସରଳ କରିବା ଲାଗି ଆବଶ୍ୟକ କାର୍ଯ୍ୟ ଓ ଜ୍ଞାନକୌଶଳକୁ ଠିକ୍ କରିବା ଲାଗି ପାରେଖ ଏବଂ କମ୍ପାନୀର ବରିଷ୍ଠ



ଅଧିକାରୀ ପ୍ରବୀଣ ରାଓଙ୍କୁ କୁହାଯାଇଛି ବୋଲି ଅର୍ଥ ମନ୍ତ୍ରଣାଳୟ କହିଥିଲା।

ଶନିବାର ଭାରତର ଆୟକର ବିଭାଗର ଅଫିସିଆଲ ଟୁଇଟର ହ୍ୟାଣ୍ଡେଲ ପୋଷ୍ଟରେ ଉଲ୍ଲେଖ ରହିଛି ଯେ, ଶୁଭାରମ୍ଭ ହେବାର ଅଢେଇ ମାସ ପରେ ମଧ୍ୟ କାହିଁକି ନୂତନ ଇ-ଫାଇଲିଂ ପୋର୍ଟାଲରେ ଦେଖାଦେଉଥିବା ସମସ୍ୟାର ସମାଧାନ ହୋଇ ପାରିନାହିଁ। ଏ ସମ୍ପର୍କରେ ବିସ୍ତୃତ ଭାବେ ସୂଚନା ପାଇଁ ଅର୍ଥ ମନ୍ତ୍ରଣାଳୟ

**ଇନ୍‌ଫୋସିସ ସିଇଓଙ୍କୁ ଡକାଇଛନ୍ତି ସରକାର**

ଅଗଷ୍ଟ ୨୩ ତାରିଖରେ ପାରେଖଙ୍କୁ ଅବଗତ କରାଇଛନ୍ତି। ବିଭାଗର ନୂତନ ସେବା ଆରମ୍ଭରୁ ହିଁ ଏହି ପୋର୍ଟାଲରେ ଅନେକ ବୈଷୟିକ ସମସ୍ୟା ରହିଥିବା ଜଣାପଡିଥିଲା। ଏହି ନୂତନ ପୋର୍ଟାଲର ଡିଜାଇନ୍ ଇନ୍‌ଫୋସିସ୍ କରିଥିଲା। ବିଭାଗର ସମସ୍ୟା ସମ୍ପର୍କରେ ସବୁବେଳେ 'ସାଇଟ୍'ର ସ୍କ୍ରିନ୍‌ସଟ୍ ସହ ଅର୍ଥମନ୍ତ୍ରୀଙ୍କୁ 'ଟ୍ୟାଗ୍' କରି ବ୍ୟବହାରକାରୀମାନେ ପୋର୍ଟାଲର ସମସ୍ୟା ସଂକ୍ରାନ୍ତରେ ଅବଗତ କରାଇଥିଲେ। ଏହି ପୋର୍ଟାଲ ବିକଶିତ କରିବା ପାଇଁ ୨୦୧୯ ଜାନୁୟାରୀରୁ ୨୦୨୧ ଜୁନ୍ ମଧ୍ୟରେ ସରକାର ଇନ୍‌ଫୋସିସ୍‌କୁ ୧୬୪.୫ କୋଟି ଟଙ୍କା ଦେଇଛନ୍ତି। ଅର୍ଥ ମନ୍ତ୍ରଣାଳୟ କହିଛି , ଆୟକରଦାତାମାନଙ୍କ ଉପରେ ଏହା କୁପ୍ରଭାବ ପକାଉଥିବାରୁ ଆଉ ଅଧିକ ସମୟ ନଷ୍ଟ ନ କରି ସବୁ ସମସ୍ୟାର ସମାଧାନ କରିବା ସହ ସେବା ଯୋଗାଣରେ ଉନ୍ନତି, ପ୍ରାଥମିକତା ଭିତ୍ତିରେ ଆପତ୍ତିର ସମାଧାନ ଆଦି ବ୍ୟବସ୍ଥା କରିବା ଲାଗି ଏହାର ଡିଜାଇନ କମ୍ପାନୀକୁ କୁହାଯାଇଛି। ଏ ସମ୍ପର୍କରେ ଇନ୍‌ଫୋସିସ୍‌ର ଅଣ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ନନ୍ଦନ ନିଲେକାନି ପ୍ରତି ସପ୍ତାହରେ ଅର୍ଥମନ୍ତ୍ରୀ ସୀତାରାମନଙ୍କୁ ରିପୋର୍ଟ ଦେଉଛନ୍ତି। ବିଭାଗର ପୋର୍ଟାଲକୁ ନେଇ ରହିଥିବା ସମସ୍ୟା ଖୁବ୍‌ଶୀଘ୍ର ସମାଧାନ ହୋଇଯିବ ବୋଲି କହି ସେ ଦୁଃଖ ପ୍ରକାଶ କରିବା ସହ ସରକାରଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

# ଇଣ୍ଡିଆନ ଅଏଲ୍‌ର ମେଧା ଛାତ୍ରବୃତ୍ତି ଯୋଜନା




ଭୁବନେଶ୍ୱର,୨୨।୮

ଇଣ୍ଡିଆନ ଅଏଲ ୩୦ଟି ରାଜ୍ୟରେ ଶିକ୍ଷା ବୋର୍ଡ ପରୀକ୍ଷା ଏବଂ କେନ୍ଦ୍ରୀୟ ଶିକ୍ଷା ବୋର୍ଡ ୧୦ମ ଶ୍ରେଣୀ ପରୀକ୍ଷାରେ ଶ୍ରେଷ୍ଠ ସ୍ଥାନ ହାସଲ କରିଥିବା ମେଧାବୀ ଛାତ୍ରୀମାନଙ୍କୁ ବୃତ୍ତି ପ୍ରଦାନ ପାଇଁ 'ମେଧା ଛାତ୍ରବୃତ୍ତି ଯୋଜନା'ର ଆରମ୍ଭ କରିଛି। 'ସ୍ୱାଧୀନତାର ଅମୃତ ମହୋତ୍ସବ' ଭାବେ ପାଳନ ଅବସରରେ ୭୫ ମେଧାବୀ ଛାତ୍ରୀଙ୍କୁ ଏଥିପାଇଁ ଚୟନ କରାଯାଇଛି। କମ୍ପାନୀର ଏହି କର୍ପୋରେଟ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମକୁ ଇଣ୍ଡିଆନ ଅଏଲର ଚେୟାରମ୍ୟାନ ଶ୍ରୀକାନ୍ତ ମାଧବ ବୈଦ୍ୟ ଶୁଭାରମ୍ଭ କରିଛନ୍ତି। ୨୦୨୦-୨୧ ବୋର୍ଡ ପରୀକ୍ଷା ଦେଇଥିବା ୨,୨୫୦ ଛାତ୍ରୀ ଏହାଦ୍ୱାରା ଉପକୃତ ହେବେ। ଏହି ଉପକ୍ରମରେ ମୋଟ ୨.୨୫ କୋଟି ଟଙ୍କା ବୃତ୍ତି ଆକାରରେ ପ୍ରଦାନ କରାଯିବ। ଏହି ବୃତ୍ତି ପାଇଁ ମନୋନୀତ ଛାତ୍ରୀଙ୍କୁ ୧୦,୦୦୦ ଟଙ୍କା ଓ ପ୍ରମାଣପତ୍ର ପ୍ରଦାନ କରାଯିବ। ଏହି ବୃତ୍ତି ମଧ୍ୟ ବୃତ୍ତିଧାରୀଙ୍କୁ ଉଚ୍ଚଶିକ୍ଷା ପାଇଁ ପ୍ରେରଣା ଯୋଗାଇବ। ସମ୍ପୃକ୍ତ ଶିକ୍ଷା ବିଭାଗର ସୁପାରିସ ଆଧାରରେ ଏହି ବୃତ୍ତି ପ୍ରଦାନ କରାଯିବ। ଏହି ବୃତ୍ତି ଛାତ୍ରୀମାନଙ୍କୁ ସେମାନଙ୍କ ଶୈକ୍ଷିକ ଲକ୍ଷ୍ୟ ପରିପୂରଣରେ ତଥା ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ସହାୟକ ହେବ ବୋଲି ବୈଦ୍ୟ ପ୍ରକାଶ କରିଛନ୍ତି।

# ରାଜଧାନୀରେ ୱାନ୍‌ପ୍ଲସ୍ ଏକ୍ସପେରିଏନ୍ସ ଷ୍ଟୋର

ଭୁବନେଶ୍ୱର,୨୨।୮

ଯୁବବର୍ଗଙ୍କର ବହୁ ପ୍ରତୀକ୍ଷିତ ଫୋନ 'ୱାନ୍‌ପ୍ଲସ୍' ମଡେଲର ଏକ୍ସପେରିଏନ୍ସ ଷ୍ଟୋର ପ୍ରଥମ ଥର ପାଇଁ ଭୁବନେଶ୍ୱରରେ ଖୋଲିଛି। କମ୍ପାନୀ ରାଜ୍ୟରେ ତା'ର ବ୍ୟବସାୟ ଆରମ୍ଭ ସହ ସ୍ଥାନୀୟ ରସୁଲଗଡ଼ ସ୍ଥିତ ଏସ୍‌ପ୍ଲାନେଡ୍ ଶୋ'ରୁମ୍‌ର ଗ୍ରାଉଣ୍ଡ ଫ୍ଲୋରରେ ଏହି ନୂତନ ଷ୍ଟୋରର ଶୁଭାରମ୍ଭ କରିଛି। ଶୁକ୍ରବାର ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଷ୍ଟୋରର ଉଦ୍‌ଘାଟନ କରିଥିଲେ। କମ୍ପାନୀ ତା'ର କମ୍ପାନୀର ପ୍ରଥମ ଷ୍ଟୋର ଶୁଭାରମ୍ଭ ଅବସରରେ ଏହି ଫୋନ ଉପରେ ୧୦୦୦ ଟଙ୍କାର କ୍ୟାଶ୍‌ବ୍ୟାକ ସହିତ ଅନେକ ସୁବିଧାଜନକ ଅଫର ମଧ୍ୟ ଦିଆଯାଉଛି। ଏହି ନୂତନ ଏକ୍ସପେରିଏନ୍ସ ଷ୍ଟୋରରେ କମ୍ପାନୀର ବିଭିନ୍ନ ମଡେଲର ଫୋନ ଗ୍ରାହକଙ୍କୁ ଯୋଗାଇଦେବା



ଏହି ଷ୍ଟୋର ଜରିଆରେ ୱାନ୍‌ପ୍ଲସ୍‌ର ସବୁ ବର୍ଗ ଓ ରେଞ୍ଜର ପ୍ରଡକ୍ଟ ଗ୍ରାହକଙ୍କୁ ଯୋଗାଇଦେବ ବୋଲି ଜଣାପଡିଛି। ସେହିଭଳି ଏହାର ଆଇଓଟି ଉତ୍ପାଦର ୩୨ ରୁ ୬୫ ଇଞ୍ଚ ପର୍ଯ୍ୟନ୍ତ ସମସ୍ତ ସ୍ମାର୍ଟ ବୈଶିଷ୍ଟ୍ୟଯୁକ୍ତ ଏଲ୍‌ଇଡି ଟିଭି (ଷ୍ଟକ୍ ଆଣ୍ଡ୍ରଏଡ) ଷ୍ଟୋରରେ ଉପଲବ୍ଧ ରହିଛି। ସହ ୱାନ୍ ପ୍ଲସ୍ ଫୋନ ପାଇଁ ମଧ୍ୟ ଏକ୍ସଚେଞ୍ଜ ଅଫର ରହିଛି। ୱାନ୍ ପ୍ଲସ୍‌ର ପ୍ରଥମ ଷ୍ଟୋର ଗ୍ରାଣ୍ଡ ଲଞ୍ଚିଂ ଅଫର ଏହାର ଫ୍ରାଞ୍ଚାଇଜ ସଂସ୍ଥା ପୁଷ୍ପା ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ପ୍ରଦାନ କରାଯାଉଥିବା ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ଅଭିଷେକ ପୋଦ୍ଦାର କହିଛନ୍ତି।

# ଚାକିରି ହରାଇଥିବା ବ୍ୟକ୍ତିଙ୍କୁ ମିଳିବ ପିଏଫ୍

ନୂଆଦିଲ୍ଲୀ,୨୨।୮

କୋଭିଡ୍‌ସଂକ୍ରମଣ ସାରା ଦେଶକୁ ବିପର୍ଯ୍ୟୟ ମଧ୍ୟକୁ ଠେଲି ଦେଇଛି। ଦେଶ ବିକାଶ ପଥରେ ଅଗ୍ରସର ହେଉଥିବା ସମୟରେ ମହାମାରୀ ଏକ ପ୍ରକାର ବାଧକ ସାଜିଛି। ଫଳରେ ସରକାରଙ୍କଠାରୁ ଆରମ୍ଭକରି ସାଧାରଣ ଜନତାଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ମନରେ ଅନେକ ପ୍ରଶ୍ନ ସୃଷ୍ଟି ହୋଇଛି। ଏହି ସମୟରେ ନିଯୁକ୍ତି ଓ ବେରୋଜଗାର ଏକ ବଡ଼ ସମସ୍ୟା ପାଲଟିଛି। ସେହିଭଳି କୋଭିଡ୍ ଯୋଗୁ ସବୁ କ୍ଷେତ୍ରରେ ମଧ୍ୟ ମାନ୍ଦାବସ୍ଥା ଦେଖାଦେଇଛି। ଏଭଳି ପରିସ୍ଥିତିରେ ଚାକିରି ହରାଇଥିବା ବ୍ୟକ୍ତିଙ୍କ ପାଇଁ ସରକାର ଶନିବାର ଏକ ବଡ଼ ଘୋଷଣା କରିଛନ୍ତି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି, ଯେଉଁମାନେ କୋଭିଡ୍ ମହାମାରୀରେ ଚାକିରି ହରାଇଛନ୍ତି, ସେମାନଙ୍କ ଇପିଏଫ୍‌ଓ ଆକାଉଣ୍ଟକୁ କେନ୍ଦ୍ର ସରକାର ୨୦୨୨ ପର୍ଯ୍ୟନ୍ତ ପିଏଫ୍ ଅଂଶଧନ ଜମା କରିବେ। ଏ ସମ୍ପର୍କରେ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ଯେଉଁ ବ୍ୟକ୍ତିମାନଙ୍କର ଇପିଏଫ୍‌ଓ ଆକାଉଣ୍ଟ ପଞ୍ଜୀକରଣ ହୋଇଥିବ, କେବଳ ସେହି ବ୍ୟକ୍ତମାନଙ୍କୁ ହିଁ ଏହି ସୁବିଧା ଓ ସହାୟତା ସରକାରଙ୍କ ପକ୍ଷରୁ ମିଳିବ।

# ୟୁକୋ ବ୍ୟାଙ୍କ ପକ୍ଷରୁ ଆଲୋଚନାଚକ୍ର

ଭୁବନେଶ୍ୱର,୨୧।୮

ୟୁକୋ ବ୍ୟାଙ୍କର ମହାପ୍ରବନ୍ଧକ ଅରୂପାନନ୍ଦ ଜେନାଙ୍କ ଅଧ୍ୟକ୍ଷତାରେ ଓଡ଼ିଆ ସାହିତ୍ୟିକ ଗୋପୀନାଥ ମହାନ୍ତିଙ୍କ ମହାପ୍ରୟାଣ ଦିବସ ଉପଲକ୍ଷେ 'ଗୋପୀନାଥ ମହାନ୍ତିଙ୍କ ସାହିତ୍ୟ ଓ ସମାଜ ପ୍ରତି ଅବଦାନ'ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର କର୍ମଚାରୀମାନେ ଗୋପୀବାବୁଙ୍କ ସାହିତ୍ୟକୁ ପଢି ତା'ର ସାରାଂଶ ପ୍ରଧାନ କାର୍ଯ୍ୟାଳୟକୁ ହିନ୍ଦୀ ଭାଷାରେ ଦେବେ। ଏହା ବ୍ୟାଙ୍କର ବାର୍ଷିକ ପତ୍ରିକାରେ ପ୍ରକାଶ ପାଇବ ବୋଲି ଜେନା ମତବ୍ୟକ୍ତ କରିଥିଲେ। ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଡ. ଓଁକେଦାରନାଥ ମହାନ୍ତି ଯୋଗ ଦେଇ ଗୋପୀବାବୁଙ୍କ ବିଭିନ୍ନ ପୁସ୍ତକ ସମ୍ପର୍କରେ ସଂକ୍ଷେପରେ ବର୍ଣ୍ଣନା କରିଥିଲେ। ବିଶେଷ କରି ମାଟିମଟାଳ, ପରଜା, ଅମୃତର ସନ୍ତାନ ଆଦି ପୁସ୍ତକ ବିଷୟରେ ସେ ଆଲୋଚନା କରିଥିଲେ। ବିଜେବି କଲେଜର ହିନ୍ଦୀ ବିଭାଗର ପୂର୍ବତନ ରିଡର ଶଙ୍କର ଲାଲ ପୁରୋହିତ ଗୋପୀନାଥ ମହାନ୍ତିଙ୍କ ରଚିତ ସାହିତ୍ୟାବଳୀର ହିନ୍ଦୀ ଅନୁବାଦ କରିଥିଲେ। ୟୁକୋ ବ୍ୟାଙ୍କର ରାଜଭାଷା ମୁଖ୍ୟ ପ୍ରବନ୍ଧକ ଶୈଳେନ୍ଦ୍ର କୁମାର ପାଣ୍ଡେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଓଡ଼ିଶା ୟୁନିଟ କ୍ଷମତା ବଢ଼ାଇଲା ଶ୍ରୀ ମଲାନି ଫୋମ୍ସ

ଭୁବନେଶ୍ୱର,୨୨।୮

ଶ୍ରୀ ମଲାନି ଫୋମ୍ସ ପ୍ରାଇଭେଟ୍ ଲିମିଟେଡ୍ ଓଡ଼ିଶାରେ ଏକ ନୂତନ ଉତ୍ପାଦନ ସୁବିଧା ଆରମ୍ଭ କରିବାକୁ ଯୋଜନା କରିଛି। ଏହାଦ୍ୱାରା କମ୍ପାନୀର ଉତ୍ପାଦନ କ୍ଷମତା ୨ ଗୁଣା ବୃଦ୍ଧି ପାଇ ବାର୍ଷିକ ୨୦,୦୦୦ ଟନ୍‌ରେ ପହଞ୍ଚିବ। ବର୍ତ୍ତମାନ ଓଡ଼ିଶାରେ ଏହାର ଉତ୍ପାଦନ କ୍ଷମତା ୧୦, ୦୦୦ଟନ୍ ରହିଛି। ଗ୍ରୀନ୍ ଫିଲ୍ଡ ୟୁନିଟ ଶ୍ରୀ ମଲାନି ଫୋମ୍ସର ଭିତ୍ତିଭୂମିରେ ୬୦ କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରାଯିବାକୁ ଯୋଜନା କରାଯାଇଛି। ନୂତନ କାରଖାନାରେ ୨୫୦ ଲୋକଙ୍କୁ ନିଯୁକ୍ତି ମିଳିବ ବୋଲି ଶ୍ରୀମଲାନି ଫୋମ୍ସର ନିର୍ଦ୍ଦେଶକ ସିଦ୍ଧାର୍ଥ ମଲାନି କହିଛନ୍ତି। ଓଡ଼ିଶାରେ ୨୦୧୫ରେ ଏହା ସେଞ୍ଚୁରି ମ୍ୟାଟ୍ରେସ୍




ଭାବେ କାରବାର ଆରମ୍ଭ କରିଥିଲା। ଆସନ୍ତା ଦୁଇ ବର୍ଷ ମଧ୍ୟରେ କମ୍ପାନୀ ଏହାର ମୋଟ ଆୟକୁ ୫୦% ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। ଆସନ୍ତା ୨ବର୍ଷ ମଧ୍ୟରେ କମ୍ପାନୀ ପଶ୍ଚିମବଙ୍ଗ, ଉତ୍ତର-ପୂର୍ବ ଭାରତରେ କାରବାର ସମ୍ପ୍ରସାରଣ ଲକ୍ଷ୍ୟ ରଖିଛି। ଏହାଦ୍ୱାରା ବଜାରରେ ୨୫% ମାର୍କେଟ ଶେୟାର ହାସଲ ଲକ୍ଷ୍ୟ ରଖିଛି। ବର୍ତ୍ତମାନ ଓଡ଼ିଶା ବଜାରରେ କମ୍ପାନୀର ୩୦% ବଜାର ଅଂଶ ରହିଥିବା ମଲାନି କହିଛନ୍ତି।

**ଫୁର୍‌ସତ୍**

# ଭୋଗ ହୁଏ ୨୧ ହଜାର ଲଡୁ

**ଭୋପାଳ:** ମଧ୍ୟପ୍ରଦେଶର ଉଜ୍ଜୈନରେ ଥିବା ବିଶ୍ୱ ପ୍ରସିଦ୍ଧ ଜ୍ୟୋତିର୍ଲିଙ୍ଗ ମହାକାଳେଶ୍ୱରଙ୍କ ମନ୍ଦିରରେ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଛି। ରବିବାର ସକାଳୁ ବାବାଙ୍କ ଆରତି ପରେ ପୂଜାରୀମାନେ ମହାକାଳଙ୍କୁ ରାଖୀ ଅର୍ପଣ କରିଥାନ୍ତି। ଏହା ପରେ ଯାଇ ଆଖପାଖରେ ଥିବା ଅନ୍ୟ ମନ୍ଦିରରେ ରକ୍ଷାବନ୍ଧନ ପର୍ବ ପାଳନ କରାଯାଏ। ଏହି ମନ୍ଦିରର ଖାସ କଥା ହେଲା ମହାକାଳଙ୍କ ପାଖରେ ପ୍ରତିବର୍ଷ ୨୧ ହଜାର ଲଡୁ ଭୋଗ ଲାଗିହୁଏ। ଚଳିତବର୍ଷ ମଧ୍ୟ ୨୧ ହଜାର ଲଡୁ ବାବାଙ୍କ ନିକଟରେ ଭୋଗ ଲାଗିଛି। ଏଠାରେ ସବୁ ପର୍ବର ଆରମ୍ଭରେ ମହାକାଳଙ୍କ ପାଖରେ ପ୍ରଥମେ ଭୋଗ ଲାଗେ।



ପୂଜାରୀ ପରିବାରର ମହିଳାମାନେ ପ୍ରଭୁଙ୍କ ହାତରେ ରାଖୀ ବାନ୍ଧନ୍ତି। ସକାଳୁ ମନ୍ଦିରର ପହଡ଼ ଖୋଲିବା ପରେ ପୂଜାରୀ ପରିବାରର ମହିଳାମାନେ ବାବାଙ୍କୁ ଦର୍ଶନଲାଭ କରିଥିଲେ। ପୂଜାର୍ଚ୍ଚନା କରି ମହାକାଳଙ୍କ ହାତରେ ରାଖୀ ବାନ୍ଧିଥିଲେ।

# ଆଫଗାନ୍‌ଙ୍କ ହାତରେ ମମତାଙ୍କ ଫଟୋ ଥିବା ରାଖୀ

**କୋଲକତା:** ଆଫଗାନିସ୍ତାନରେ ତାଲିବାନ ଶାସନର ଆଗମନ ପରେ ସମଗ୍ର ବିଶ୍ୱ ଆଫଗାନିସ୍ତାନ ନାଗରିକଙ୍କୁ ସମବେଦନା ଜଣାଉଛି। ପଶ୍ଚିମବଙ୍ଗ ସରକାର ମଧ୍ୟ ଆଫଗାନିସ୍ତାନ ନାଗରିକଙ୍କୁ ସମ୍ମାନ ଓ ଭଲପାଇବା ଦେବା ପାଇଁ ଏକ ନିଆରା ଉପାୟ ଅବଲମ୍ବନ କରିଛି। ରବିବାର ଭାରତରେ ରାଖୀ ପୂର୍ଣ୍ଣିମା ପାଳନ କରାଯାଉଥିବାବେଳେ ଏହି ଉତ୍ସବକୁ ଏକ ରାଜନୈତିକ ବାର୍ତ୍ତା ଭାବରେ ବ୍ୟବହାର କରିଛି ତୃଣମୂଳ କଂଗ୍ରେସ। ଉତ୍ତର ୨୪ ପ୍ରଗଣା ଜିଲାରେ ରକ୍ଷା ବନ୍ଧନ ଅବସରରେ ଆଫଗାନିସ୍ତାନ ନାଗରିକମାନଙ୍କୁ କେତେଜଣ ମହିଳା ମମତା ବାନାର୍ଜୀଙ୍କ ଫଟୋ ଥିବା ରାଖୀ



ବାନ୍ଧିଥିଲେ। କେବଳ ଏତିକି ନୁହେଁ, ଏହି ରାଖୀରେ 'ଦିଲ୍ଲୀ ଚଲୋ'ର ବାର୍ତ୍ତା ମଧ୍ୟ ଲେଖାଯାଇଥିଲା। ସୂଚନାଯୋଗ୍ୟ, ବଙ୍ଗଳାରେ ବିଧାନସଭା ନିର୍ବାଚନ ଜିତିବା ପରେ ମମତା ବାନାର୍ଜୀ 'ଦିଲ୍ଲୀ ଚାଲୋ' ସ୍ଲୋଗାନ ଦେଉଛନ୍ତି। ଖେଲା ହବେ ସ୍ଲୋଗାନ ପରେ ତୃଣମୂଳ କଂଗ୍ରେସ କର୍ମୀ ମଧ୍ୟ କ୍ରମାଗତ ଭାବରେ 'ଦିଦି ଏବାର ଦିଲୀ ଚଲୋ'ର ସ୍ଲୋଗାନ ଦେଉଛନ୍ତି।

# କଳଙ୍କି ମୁକ୍ତ ୮୦୦ ବର୍ଷର ଲୁହା ଶାର୍ଟ

ସାଧାରଣତଃ ଲୁହା ସାମଗ୍ରୀ କିଛିଦିନ ରହିବା ପରେ ଏଥିରେ କଳଙ୍କ ଲାଗିଯାଇଥାଏ। ହେଲେ ୮୦୦ ବର୍ଷର ଲୁହା ଚେନ୍‌ରେ ତିଆରି ଏକ ଶର୍ଟ କଳଙ୍କି ମୁକ୍ତରହିଛି। ଗତ ସପ୍ତାହରେ ଜଣେ ବ୍ୟକ୍ତି ଏପରି କଥା ସାମ୍ନାକୁ ଆଣିଥିଲେ। ଏହି ଶର୍ଟ ତାଙ୍କ ବଗିଚା ସେଡ୍‌ରେ ଥିଲା। ଏହାକୁ



ନାଇଟ୍‌ସ ଆଣ୍ଡ କନକ୍ୱେଷ୍ଟସ୍ ହେରିଟେଜ ସେଣ୍ଟରକୁ ଦାନ କରିଦିଆଯାଇଛି। ଏପରି ଶର୍ଟକୁ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ ବୋଲି ସେଣ୍ଟରର ମହାପ୍ରବନ୍ଧକ ବର୍ଟଲ ଡି ଆର୍ସି କୁହନ୍ତି।

# ଭଡ଼ାଘରେ ରହୁଛନ୍ତି ଜ୍ୟାକ୍‌ଲିନ୍

**ମୁମ୍ବାଇ:** ବଲିଉଡ୍ ସେଲିବ୍ରିଟିମାନେ ଗୋଟିଏ ଫିଲ୍ମରେ କାମ କରିବା ପାଇଁ କୋଟିକୋଟି ଟଙ୍କା ପାରିଶ୍ରମିକ ନେଇଥାଆନ୍ତି । ଆଉ ଏମାନେ ବେଶ ବିଳାସପୂର୍ଣ୍ଣ ଜୀବନ ବିତାଇଥାନ୍ତି। ଅନେକ ସେଲିବ୍ରିଟିଙ୍କ ବହୁ କୋଟି ଟଙ୍କାର ଫ୍ଲାଟ୍, ଘର ରହିଥିବା ଚର୍ଚ୍ଚାକୁ ଆସିଥାଏ। କିନ୍ତୁ ଏମିତି କେତେଜଣ ନାୟିକା ରହିଛନ୍ତି ଯେଉଁମାନେ ଏବେ ବି ଭଡା ଘରେ ରୁହନ୍ତି । ଦିନେ ବଲିଉଡ୍‌ରେ ଜିରୋରୁ ପାଦ ରଖିଥିବା କ୍ୟାଟ୍ରିନା କୈଫ ଏବେ ଜଣେ ଆଗଧାଡିର ଅଭିନେତ୍ରୀ । କୋଟି କୋଟି ଟଙ୍କା ଆୟ କରୁଥିବା କ୍ୟାଟ୍ରିନାଙ୍କର କିନ୍ତୁ ମୁମ୍ବାଇରେ ନିଜର ଘର ନ ଥିବାରୁ ସେ ଭଡ଼ା ଘରେ ରୁହନ୍ତି । ଆଉ ସେହି ଘର ପାଇଁ ସେ ଲକ୍ଷ ଲକ୍ଷ ଟଙ୍କା ଭଡା ଦିଅନ୍ତି ବୋଲି କୁହାଯାଏ । ସେମତି ଜଣେ ଅଭିନେତ୍ରୀ ହେଉଛନ୍ତି ଜ୍ୟାକଲିନ ଫର୍ନାଡିଜ । ଆଗଧାଡିର ଏହି ନାୟିକାଙ୍କର ବି ମୁମ୍ବାଇରେ ନିଜର ଘର ନାହିଁ । ତେଣୁ ସେ ଭଡ଼ାରେ ରହୁଛନ୍ତି । ବିବାହ ପରେ ବଲିଉଡ ଦେଶୀଗର୍ଲ ପ୍ରିୟଙ୍କା ଚୋପ୍ରା ଆମେରିକାରେ ରହୁଥିବା ବେଳେ ଏବେ ସେ ତାଙ୍କ ଘର ଭଡ଼ାରେ ଲଗାଇଛନ୍ତି । ଆଉ ଜ୍ୟାକଲିନ ପିସିଙ୍କ ଘରକୁ ଭଡାରେ ନେଇଛନ୍ତି। ଯାହାର ମାସିକ ଭଡା ପାଖାପାଖି ୬ ଲକ୍ଷ ଟଙ୍କା ରହିଛି ବୋଲି କୁହାଯାଉଛି। ଜ୍ୟାକଲିନ୍ ନିକଟରେ ଜୁହୁ ଅଞ୍ଚଳକୁ ଶିଫ୍ଟ ହୋଇଥିବାବେଳେ ତାଙ୍କ ୟୁଟ୍ୟୁବ୍ ଆକାଉଣ୍ଟରେ ତାଙ୍କ ନୂତନ ଆପାର୍ଟମେଣ୍ଟର ଏକ ସୁନ୍ଦର ଭିଡିଓ ପୋଷ୍ଟ କରିଛନ୍ତି, ଯେଉଁଠି ପ୍ରିୟଙ୍କା ଚୋପ୍ରା କିଛି ଦିନ ପୂର୍ବରୁ ରହୁଥିଲେ। ରିପୋର୍ଟ ଅନୁସାରେ, ଏହି ଘର କର୍ମୟୋଗ୍ କୋଠାରେ ରହିଛି। ଏହାର ମୂଲ୍ୟ ପ୍ରାୟ ୭ କୋଟି ଟଙ୍କା ବୋଲି କୁହାଯାଉଛି। ଏହାପୂର୍ବରୁ ଜ୍ୟାକଲିନ ବାନ୍ଦ୍ରା ସ୍ଥିତ ଏକ ଆପର୍ଟମେଣ୍ଟରେ ଘର ଭଡ଼ା ନେଇ ରହୁଥିଲେ। ଜ୍ୟାକଲିନ୍ ଶେଷଥର ପାଇଁ ସଲମାନ ଖାନ୍‌ଙ୍କ ରାଧେ ଫିଲ୍ମର ଏକ ଗୀତରେ ଦେଖିବାକୁ ମିଳିଥିଲେ। ତାଙ୍କୁ ଭୂତ ପୋଲିସ୍, ସର୍କସ, ଆଟାକ୍, ବଚ୍ଚନ ପାଣ୍ଡେ, ରାମସେତୁ ଆଦି ଫିଲ୍ମରେ ଦେଖିବାକୁ ମିଳିବ।





# ପାଖାପାଖି ଫ୍ଲାଟ୍ କିଣି ଚର୍ଚ୍ଚାରେ

**ବମ୍ବେ:** ଇଣ୍ଡିଆନ ଆଇଡଲ-୧୨ରେ ଚର୍ଚ୍ଚିତ ଯୋଡ଼ି ପାଲଟିଥିଲେ ଅରୁଣିତା କାଞ୍ଜିଲାଲ ଏବଂ ପୱନଦୀପ ରାଜନ। ଉଭୟଙ୍କ ମଧ୍ୟରେ ପ୍ରେମ ଥିବା ଚର୍ଚ୍ଚା ହେଉଥିଲେ ହେଁ ସେମାନେ ଏହାକୁ ବନ୍ଧୁତାର ନାଁ ଦେଇଥିଲେ। ଏବେ ମୁମ୍ବାଇରେ ଏକ ଆପାର୍ଟମେଣ୍ଟରେ ପୱନଦୀପ ଓ ଅରୁଣିତା ପାଖାପାଖି ଘର କିଣଥିବା ଜଣାପଡ଼ିବା ପରେ ଏହି ଯୋଡ଼ି ପୁଣି ଚର୍ଚ୍ଚାକୁ ଆସିଛନ୍ତି। ଫ୍ଲାଟ୍ କିଣିବା ବାବଦରେ ନିଜର ଆଗାମୀ ଗୀତର ଟିଜର ଲଞ୍ଚ କରିବା ସମୟରେ ପୱନଦୀପ କହିଛନ୍ତି। ପୱନଦୀପ ଇଣ୍ଡିଆନ ଆଇଡଲ-୧୨ର ବିଜେତା ହୋଇଥିବାବେଳେ ଅରୁଣୀତା ଦ୍ୱିତୀୟ ସ୍ଥାନରେ ରହିଥିଲେ।

## ଆଇଗିଣିଆ ପୋଖରୀ ଉଦ୍‌ଘାଟିତ

**ପୁରୁଣା ଭୁବନେଶ୍ୱର,(ଡି.ଏନ୍.ଏ.):** ଏକାମ୍ର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୱାର୍ଡ ନଂ.୫୮ ର ଆଇଗିଣିଆ ପୋଖରୀ ରବିବାର ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କର୍ପୋରେଟର ଅଶ୍ୱିନୀ ସୁନ୍ଦରାୟ, କୈଳାସ ଚନ୍ଦ୍ର ଦାସ, ବେଣୁଧର ସାମନ୍ତରାୟ, ଗୋପବନ୍ଧୁ ଛୁଆଳସିଂହ, ବନମାଳୀ ଛୁଆଳସିଂହ, ପ୍ରବାସ ସୁନ୍ଦରାୟ, ହୃଦାନନ୍ଦ ସୁନ୍ଦରାୟ, ବିଚିତ୍ର ଛୁଆଳସିଂ, ଗିରିଧାରୀ ସାହୁ, ଜୟକୃଷ୍ଣ ତ୍ରିପାଠୀଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

### 'ସୃଜନିକା' ଉନ୍ମୋଚିତ




**ଭୁବନେଶ୍ୱର, ୨୨।୮ (ବ୍ୟୁରୋ):** ବିବେକାନନ୍ଦ ଯୁବ ସଂସଦର ତ୍ରୈମାସିକ ପତ୍ରିକା 'ସୃଜନିକା' ରକ୍ଷାବନ୍ଧନ ଅବସରରେ ଗୁଗଲ୍ ମିଟ୍‌ରେ ଉନ୍ମୋଚିତ ହୋଇଛି। ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ସଭାପତି ସନ୍ତୋଷ କୁମାର ମହାପାତ୍ର ଏହାକୁ ଉନ୍ମୋଚନ କରି ଯୁବପିଢ଼ିକୁ ପ୍ରେରଣା ଯୋଗାଉଥିବା ସାହିତ୍ୟର ପ୍ରସାରରେ ସୃଜନିକା ମାଇଲ୍‌ଖୁଣ୍ଟ ହେଉ ବୋଲି କହିଥିଲେ। ପ୍ରଥମ ସଂଖ୍ୟା ସାମାଜିକ, ଦେଶାତ୍ମବୋଧକ ଓ ଆଧ୍ୟାତ୍ମିକ ମୂଲ୍ୟବୋଧ ବହନ କରୁଥିବା ସୃଜନସମ୍ଭାରରେ ପୁଷ୍ଟ ହୋଇଛି। ପତ୍ରିକାର ମୁଖ୍ୟ ସମ୍ପାଦକ ଗୁପ୍ତେଶ୍ୱର ପଟେଲ ଓ ସମ୍ପାଦକ ରାମଚନ୍ଦ୍ର ମହାନ୍ତି ଏହାର ଆଭିମୁଖ୍ୟ ବଖାଣିଥିଲେ। ଲୋକ ସଂସଦର ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ନାୟକ, ସାହିତ୍ୟ ବିଭାଗର ମୁଖ୍ୟ ଜିତେନ୍ଦ୍ର କୁମାର ନାୟକ ଓ ବିବେକାନନ୍ଦ ଯୁବ ସଂସଦର ଆବାହକ ତଥା ପ୍ରକାଶକ ବିନାୟକ ଘୋଷ ପତ୍ରିକାର ଉନ୍ନତି କାମନା କରିଥିଲେ। ଉପଦେଷ୍ଟା ଅଭୟ ଦ୍ୱିବେଦୀ ସୃଜନିକାର ସମୀକ୍ଷା କରିଥିଲେ। ସହସମ୍ପାଦିକା ସ୍ୱାଗତିକା ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଆଳଙ୍କାରିକ କୈବଲ୍ୟପତି ମିଶ୍ର, ସହସମ୍ପାଦକ କାଳୀ କୁମାର ବେହେରା, ସୁଶ୍ରୀ ସରିତା ନାଏକ, ପରିଚାଳନା ସଦସ୍ୟ ପ୍ରତାପ ଚନ୍ଦ୍ର ସାହୁ ଅଙ୍କିତ ମହାପାତ୍ର ଓ ଦୀପକ କୁମାର ମିଶ୍ର ଉପସ୍ଥିତ ଥିଲେ।

### କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା ବିଏଡ୍ ଶିକ୍ଷକ ମହାସଂଘ

**ଭୁବନେଶ୍ୱର, ୨୨।୮ (ବ୍ୟୁରୋ):** ଓଡ଼ିଶା ପ୍ରାଥମିକ ବିଏଡ୍ ଶିକ୍ଷକ ମହାସଂଘର ଏକ ପ୍ରତିନିଧି ମଣ୍ଡଳୀ ରବିବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛି। ଓଡ଼ିଶାର ଶିକ୍ଷକଙ୍କ ସମସ୍ୟାର ସମାଧାନ ପାଇଁ ସଂଘର କାର୍ଯ୍ୟକାରୀ ସଭାପତି ସରୋଜ ପଣ୍ଡା, ସାଧାରଣ ସମ୍ପାଦକ ଦେବେନ୍ଦ୍ର ନାୟକ ଓ ବନବିହାରୀ ପ୍ରତିହାରୀ ପ୍ରମୁଖ କେନ୍ଦ୍ରମନ୍ତ୍ରୀଙ୍କ ସହ କଥା ହୋଇଛନ୍ତି। ରାଜ୍ୟରେ ତୁରନ୍ତ ଜାତୀୟ ଶିକ୍ଷାନୀତି ୨୦୨୦କୁ କାର୍ଯ୍ୟକାରୀ କରିବାକୁ କହିଥିଲେ। ରାଜ୍ୟ ସରକାର ଓଟିଇଟି ପରୀକ୍ଷା କରାଇ ବିଏଡ୍ ଶିକ୍ଷକଙ୍କୁ ନିଯୁକ୍ତି ଦେଇଥିଲେ ମଧ୍ୟ ସ୍ୱତନ୍ତ୍ର କ୍ୟାଡର ବ୍ୟବସ୍ଥା ନ କରି ସମସ୍ତଙ୍କୁ ଗୋଟିଏ ପ୍ରକାରର ମାଟ୍ରିକ୍ସିଟି ହାରରେ ଦରମା ଦେଉଛନ୍ତି। କେନ୍ଦ୍ର କେନ୍ଦ୍ରୀୟ ଅନୁଦାନ ଅନୁସାରେ ଦରମା ନ ଦେଇ ୬ବର୍ଷ ଖଟାଉଛନ୍ତି। ଏ କ୍ଷେତ୍ରରେ ହସ୍ତକ୍ଷେପ କରିବାକୁ ସେମାନେ କେନ୍ଦ୍ରମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।

# ପେଣ୍ଟାଗନ୍, ନଶା ବାର୍ ସିଲ୍

**ହାଇପ୍ରୋଫାଇଲ ଜୁଆ ଆଡ୍ଡା, ମଦ ଆସର ଘଟଣା**

- ୩ ମହିଳାଙ୍କ ସମେତ ୧୩ ଜେଲ୍ ଗଲେ
- ନେପାଳର ୨ ଓ ପଶ୍ଚିମବଙ୍ଗର ଜଣେ ମହିଳା



ପେଣ୍ଟାଗନ୍ ବାର୍ ଆଣ୍ଡ ହୋଟେଲକୁ ସିଲ୍ କରାଯାଉଛି।

**ଭୁବନେଶ୍ୱର,୨୨।୮(ବ୍ୟୁରୋ)**

ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ କଟକ ରୋଡ୍‌ର ଲକ୍ଷ୍ମୀସାଗର ଛକ ନିକଟରେ ଥିବା ପେଣ୍ଟାଗନ୍ ବାର୍ ଆଣ୍ଡ୍ ହୋଟେଲ ଓ ନଶା ବାର୍‌କୁ ରବିବାର ବିଏମ୍‌ସି ପକ୍ଷରୁ ସିଲ୍ କରାଯାଇଛି। ସପ୍ତାହାନ୍ତ ଶଟ୍‌ଡାଉନ୍‌ରେ ପେଣ୍ଟାଗନ୍ ବାର୍‌ରେ ଜୁଆ ଆଡ୍ଡା ଚାଲିଥିଲା। ସେହିଭଳି ନଶା ବାର୍‌ରେ ମଦ କାରବାର ଚାଲିଥିବାରୁ ଏଭଳି ପଦକ୍ଷେପ ନିଆଯାଇଛି। ସିଲ୍‌ବେଳେ ବିଏମ୍‌ସିର ଆସିଷ୍ଟାଣ୍ଟ କମିଶନର (ଏନ୍‌ଫୋର୍ସମେଣ୍ଟ) ଲିଲନ ପ୍ରସାଦ ସାହୁ, ଜୋନାଲ ଡେପୁଟି କମିଶନର ଅଂଶୁମାନ ରଥ ଓ ଲକ୍ଷ୍ମୀସାଗର ଆଇଆଇସି ଓମ୍ ପ୍ରକାଶ ମହାନ୍ତି ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଶନିବାର ରାତିରେ ପେଣ୍ଟାଗନ୍ ବାର୍‌ରେ ପୋଲିସ ଚଢ଼ାଉବେଳେ ଗିରଫ ହୋଇଥିବା ୩ ଅଣଓଡ଼ିଆ ମହିଳାଙ୍କ ସମେତ ୧୩ଜଣଙ୍କୁ ମଧ୍ୟ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏମାନେ ହେଲେ ଲକ୍ଷ୍ମୀସାଗର ଅଞ୍ଚଳର ବିଭୁଦତ୍ତ ପାତ୍ର, ମଞ୍ଚେଶ୍ୱର ଥାନାଞ୍ଚଳର ମନୋରଞ୍ଜନ ନାୟକ, ପୂର୍ଣ୍ଣଚନ୍ଦ୍ର ସାହୁ, ନୟାପଲ୍ଲୀର ନାରାୟଣ ମହାପାତ୍ର, ବାଲିଅନ୍ତାର ଅରବିନ୍ଦ ମଣ୍ଡ, ଏୟାରପୋର୍ଟ ଥାନାଞ୍ଚଳର ଅଭିରାମ ସୁବୁଦ୍ଧି, କଟକ ଲାଲବାଗ୍ ଅଞ୍ଚଳର ମହମ୍ମଦ ଅବ୍‌ଦୁଲ, କଟକ ସଦରର ସୌମେନ୍ ସାଙ୍ଗାନାରାଇ, ଯାଜପୁର ବଡଚଣା ଥାନାଞ୍ଚଳର ପବିତ୍ର ମୋହନ ବିଶ୍ୱାଳ, ନେପାଳ ଲୁମ୍ବିନୀ ଜିଲାର ଶ୍ରଦ୍ଧା ପତ୍ରୀ, କାଠମାଣ୍ଡୁର ସଞ୍ଜିତା ଲାଇଟେଲ୍ ଓ ପଶ୍ଚିମବଙ୍ଗ ନୋଇଡାର ପିଙ୍କି ଚାଟାର୍ଜି। ଏନେଇ ପୋଲିସ ମାମଲା (ନଂ.୨୬୯/୨୧) ରୁଜୁ କରିଛି। ହୋଟେଲ ମାଲିକଙ୍କ ଜାଣତରେ ଏସବୁ ଚାଲିଥିଲା କି ନାହିଁ ସେନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ପେଣ୍ଟାଗନ ବାର୍ ସମେତ କଟକ ରୋଡ୍‌ରେ ଥିବା ବିଭିନ୍ନ ହୋଟେଲ ଓ ବାର୍‌ରେ ହାଇ ପ୍ରୋଫାଇଲ ଜୁଆ ଖେଳ ଚାଲୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରି ଆସୁଥିଲେ ମଧ୍ୟ ପୋଲିସ ସେପରି ପଦକ୍ଷେପ ନେଇ ନ ଥିଲା। ତେବେ ଶନିବାର ଶଟ୍‌ଡାଉନ୍‌ରେ ସେଠାରେ ସେକ୍ସ ର୍‍ୟାକେଟ ଚାଲିଥିବା ନେଇ ଲକ୍ଷ୍ମୀସାଗର ପୋଲିସକୁ ଖବର ମିଳିବା ପରେ ରାତି ପ୍ରାୟ ୮ଟା ୩୦ରେ ପୋଲିସ ଟିମ୍ ଓ ସ୍ପେଶାଲ ସ୍କ୍ୱାଡ୍ ସେଠାରେ ଅତର୍କିତ ଚଢାଉ କରିଥିଲା। ରୁମ୍ ନଂ.୪୧୦, ୪୧୧ ଓ ୪୧୨କୁ ଭଡ଼ାରେ ନିଆଯାଇ ଜୁଆ ଆଡ୍ଡା ଚାଲିଥିଲା। ଯୁବତୀଙ୍କ ଉପସ୍ଥିତିରେ ମଦର ଆସର ବି ଜମିଥିଲା। ଏହାପରେ ପୋଲିସ ସେଠାରୁ ୧୩ଜଣଙ୍କୁ ଗିରଫ କରିବା ସହ ଘଟଣାସ୍ଥଳରୁ ୨ଲକ୍ଷ ୫୬ ହାଜର ଟଙ୍କା ଓ ଜୁଆ ଖେଳ ସାମଗ୍ରୀ ଜବତ କରିଥିଲା।

## ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଭାଙ୍ଗିଲେ ଦୁର୍ବୃତ୍ତ



**ବାରଙ୍ଗ,୨୨।୮(ଡି.ଏନ୍.ଏ.)**

ଗୋଡ଼ିସାହି ଫାଣ୍ଡି ଅଧୀନ ସାନମୁଣ୍ଡଳି ଗ୍ରାମ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ କେହି ଦୁର୍ବୃତ୍ତ ଭାଙ୍ଗି ଦେଇଥିବା ନେଇ ରବିବାର ଅଭିଯୋଗ ହୋଇଛି। ସୂଚନା ମୁତାବକ, ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ଦ୍ୱାରା ସ୍ୱାଧୀନତା ଦିବସରେ ବିଦ୍ୟାଳୟ ପରିସରରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଅନାବରଣ କରାଯାଇଥିଲା। ଶନିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଏହି ପ୍ରତିମୂର୍ତ୍ତିକୁ ଭାଙ୍ଗି ଦେଇଥିଲେ। ଏହା ଜଣାପଡ଼ିବା ପରେ ପ୍ରାଥମିକ ଉଚ୍ଚ ବିଦ୍ୟାଳୟ ଓ ଗ୍ରାମ କମିଟିର ସଦସ୍ୟଙ୍କ ପକ୍ଷରୁ ଫାଣ୍ଡିରେ ଅଭିଯୋଗ କରାଯାଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଛି।

## 'ନିଜ ଶକ୍ତି, ସାମର୍ଥ୍ୟର ଉପଯୋଗ କର'


ସାମୂହିକ ଜନ୍ମଦିନ ପାଳନ ପର୍ବରେ ରାଜ୍ୟପାଳ କେକ୍ କାଟୁଛନ୍ତି।

**ଭୁବନେଶ୍ୱର, ୨୨।୮ (ବ୍ୟୁରୋ)**

**ରାଜ୍ୟପାଳଙ୍କୁ ରାଖୀ ବାନ୍ଧିଲେ ଶିଶୁସଦନ ଅନ୍ତେବାସୀ**

ସମସ୍ତେ ପରମାତ୍ମାଙ୍କ ଅଂଶବିଶେଷ। ତେଣୁ କେହି ନିଜକୁ ଅସହାୟ ମନେ କରିବାର କୌଣସି କାରଣ ନାହିଁ। ଈଶ୍ୱର ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ଆମକୁ ପୃଥିବୀକୁ ପଠାଇଛନ୍ତି। ସେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ସଦାସର୍ବଦା ପରିଚାଳିତ କରୁଥାଆନ୍ତି। ଇଚ୍ଛା ପୂରଣ ପାଇଁ ସେ ଅନେକ ସମୟରେ ମାଧ୍ୟମ ଉପଲବ୍ଧ କରାନ୍ତି ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ରବିବାର ରାଜ୍ୟପାଳ ଖୋର୍ଦ୍ଧା ଭଗବତୀପୁରସ୍ଥିତ 'ଆଦୃତା ଶିଶୁ ସଦନ' ପରିଦର୍ଶନ କରି ଅନ୍ତେବାସୀଙ୍କ ସହ ଭାବବିନିମୟ କରିଥିଲେ। ନିଜେ ହିଁ ନିଜର ଆଲୋକ। ନିଜର ଶକ୍ତି ଓ ସାମର୍ଥ୍ୟର ଉପଯୋଗ କରିବାକୁ ସେ ପରାମର୍ଶ ଦେଇଥିଲେ। ଆୟୋଜିତ ସାମୂହିକ ଜନ୍ମଦିନ ପାଳନ ପର୍ବରେ ରାଜ୍ୟପାଳ ଯୋଗଦେଇ ସମସ୍ତଙ୍କୁ ଜନ୍ମଦିନର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ପରେ ପିଲାମାନେ ରାଜ୍ୟପାଳଙ୍କ ହାତରେ ରାଖୀ ବାନ୍ଧିଥିଲେ। ଅଧ୍ୟକ୍ଷ ପ୍ରଫେସର ଆଦିତ୍ୟ କୁମାର ମହାନ୍ତି ଶିଶୁ ସଦନ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ତେବାସୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ରାଜ୍ୟପାଳ ଶିଶୁ ସଦନକୁ ୧ ଲକ୍ଷ ଟଙ୍କାର ଉପହାର ରାଶି ପ୍ରଦାନ କରିଥିଲେ।

## ଆସନ୍ତା ୨୯ରେ ଗୀତଗୋବିନ୍ଦ କାର୍ଯ୍ୟକ୍ରମ

**ସମ୍ବର୍ଦ୍ଧିତ ହେବେ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା**

**ଭୁବନେଶ୍ୱର, ୨୨।୮ (ବ୍ୟୁରୋ)**

ଆମେରିକାର କାମ୍ସଚାରିଟି ସଂଗଠନ ପକ୍ଷରୁ ଆସନ୍ତା ୨୯ ତାରିଖରେ ଜୟଦେବଙ୍କ ବିଶ୍ୱ ପ୍ରସିଦ୍ଧ କାବ୍ୟ ଗୀତଗୋବିନ୍ଦକୁ ନେଇ ଏକ ଭବ୍ୟ ଆୟୋଜନ କରାଯିବ। ଭର୍ଚୁଆଲରେ ବିଶ୍ୱବ୍ୟାପୀ ସଙ୍ଗୀତପ୍ରେମୀମାନେ ଯୋଗଦେବେ। ଗୀତଗୋବିନ୍ଦର ଅଷ୍ଟପଦୀ ଗାନ କରାଯିବା ସହ ବିଶିଷ୍ଟ ସଙ୍ଗୀତ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସଂଗଠନର ପ୍ରତିଷ୍ଠାତା ସଞ୍ଜୀବ ସ୍ୱାଇଁ ଏବଂ ଜୁଲି ସ୍ୱାଇଁ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ସଙ୍ଗୀତା ପଣ୍ଡା, ଡ. ମିତାଲି ଚିନ୍ନାରା, ବିନୋଦ ବିହାରୀ ପଣ୍ଡା, ସରିତା ପଣ୍ଡା ଏବଂ ଶ୍ରୁତି ମିଶ୍ର ଗୀତଗୋବିନ୍ଦ ପରିବେଷଣ କରିବେ। ଏଥିସହ କଣ୍ଠଶିଳ୍ପୀ ସୌରଭ ନାୟକ ପାରମ୍ପରିକ ଭଜନ ପରିବେଷଣର କାର୍ଯ୍ୟକ୍ରମ ରହିବ। ଗୁରୁ ଗୋପାଳଚନ୍ଦ୍ର ଗୀତଗୋବିନ୍ଦର ସ୍ୱରଲିପି ପ୍ରସ୍ତୁତ କରିଥିଲେ। ଏହା ୧୯୯୫ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇଥିଲା। ୨୫ ବର୍ଷ ପୂରିଥିବାବେଳେ ଜନ୍ମାଷ୍ଟମୀ ଅବସରରେ ତାଙ୍କୁ ସମ୍ବର୍ଦ୍ଧିତ କରାଯିବ। ୨୯ ତାରିଖ ରାତି ୮ଟାରେ facebook.com/kamscharityboston ମାଧ୍ୟମରେ ଯୋଗଦେବା ସୂଚନା ଦିଆଯାଇଛି।

## ଓଡ଼ିଆ ଭାଷା ବିକାଶରେ ମେହେରଙ୍କ କାବ୍ୟ ଚେତନାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି


କଳିଙ୍ଗ ହସ୍ପିଟାଲ ନିକଟ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଅତିଥି।

**ଭୁବନେଶ୍ୱର, ୨୨।୮ (ବ୍ୟୁରୋ)**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଗଙ୍ଗାଧର ମେହେର ଜୟନ୍ତୀ କମିଟି ଓ ଉତ୍କଳ ସମ୍ମିଳନୀ ପକ୍ଷରୁ ରବିବାର ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ୧୬୦ତମ ଜୟନ୍ତୀ ଭୁବନେଶ୍ୱର କଳିଙ୍ଗ ହସ୍ପିଟାଲ ନିକଟ ପ୍ରତିମୂର୍ତ୍ତି ସ୍ଥଳିରେ ପାଳିତ ହୋଇଯାଇଛି। ଜୟନ୍ତୀ କମିଟିର ଯୁଗ୍ମ ସମ୍ପାଦକ ତଥା ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଦିଲୀପ ଦାଶଶର୍ମା ଏଥିରେ ସଭାପତିତ୍ୱ କରିଥିଲେ। ବିଭାଗୀୟ ଶାସନ ସଚିବ ଡ. ସୁରେଶ ଚନ୍ଦ୍ର ଦଳାଇ ଯୋଗଦେଇ, ମେହେରଙ୍କ କାବ୍ୟ ଚେତନା ଓଡ଼ିଆ ଭାଷାର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସିଛି ବୋଲି ମତ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ପୂର୍ବତନ ପ୍ରଶାସକ ତଥା ଗଙ୍ଗାଧର ମେହେର ଜୟନ୍ତୀ କମିଟି ଅଧ୍ୟକ୍ଷ ସଞ୍ଜୀବ ଚନ୍ଦ୍ର ହୋତା, ନରେନ୍ଦ୍ର କୁମାର ମିଶ୍ର, ଗଙ୍ଗାଧରଙ୍କ ଆତ୍ମୀୟ ମିହିର କୁମାର ମେହେର, ମଣିକର ମେହେର, ଶୁକଦେବ ମେହେର, ଶକ୍ତିମାନ ମେହେର, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ, ବିଜୁ ଜନତାଦଳ ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରବି ନାରାୟଣ ନନ୍ଦ, ଦେବରାଜ ସେନାପତି ପ୍ରମୁଖ ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହି ଅବସରରେ ଗବେଷକ ଡ. ସୁଶୀଲ କୁମାର ବାଗଙ୍କୁ ସ୍ୱଭାବକବି ଗଙ୍ଗାଧର ମେହେର ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ରୁଦ୍ରପ୍ରସାଦ ବେହେରା ସ୍ୱାଗତ ଭାଷଣ ଓ ଭିକାରୀ ଚରଣ ସାହୁ ଧନ୍ୟବାଦ ଦେଇଥିଲେ।

# ସୁରକ୍ଷା ଦେବ ସମ୍ପର୍କର ଡୋରି



ମଧୁରମୟୀ ଆଦର୍ଶ ଶିକ୍ଷା ନିକେତନରେ କଏଦୀଙ୍କ ପିଲାମାନେ ରାଖୀ ବାନ୍ଧୁଛନ୍ତି। ଏବିଭିପିର କର୍ମକର୍ତ୍ତାମାନେ କମିଶନରେଟ୍ ପୋଲିସ କାର୍ଯ୍ୟାଳୟ ପରିସରରେ ପୋଲିସ କର୍ମଚାରୀଙ୍କୁ ରାଖୀ ବାନ୍ଧୁଛନ୍ତି।

**ଭୁବନେଶ୍ୱର, ୨୨।୮ (ବ୍ୟୁରୋ)**

ଖୁବ୍ ଆନନ୍ଦ ଉଲ୍ଲାସରେ ରବିବାର ପାଳିତ ହୋଇଯାଇଛି ରାଖୀ ପୂର୍ଣ୍ଣିମା। ଭାଇ ହାତରେ ଭଉଣୀଟିଏ ସୁରକ୍ଷାର ସମ୍ପର୍କ ଡୋରି 'ରାଖୀ' ବାନ୍ଧିଛି। ଫୁଲ, ଚନ୍ଦନ ଲଗାଇ ଆଳତି କରି ମଙ୍ଗଳ କାମନା କରିଛି। ପିଠା, ମିଠା ଖୁଆଇ ଖୁସି ସାଉଣ୍ଟିଛି। ଭାଇଠାରୁ ରାଖୀ ପାଉଣା ସ୍ୱରୂପ ଆଶୀର୍ବାଦ ସହ ଜୀବନସାରା ଭଲମନ୍ଦରେ ଠିଆ ହେବାକୁ ପ୍ରତିଶ୍ରୁତି ବି ପାଇଛି। ତେବେ ଏଥର ଶଟ୍‌ଡାଉନ୍‌ରେ ରାଖୀ ପୂର୍ଣ୍ଣିମା ପଡିଥିବାରୁ ବାହାରେ କୌଣସି କାର୍ଯ୍ୟକ୍ରମର ଆୟୋଜନ କରାଯାଇ ନ ଥିଲା। ଘରେ ମିଠା ସହ ପିଠାପଣା ଖାଇ ଦିନ କଟିଥିଲା।

### ମଧୁରମୟୀରେ ରକ୍ଷାବନ୍ଧନ

ଓଡ଼ିଶା ପତିତା ଉଦ୍ଧାର ସମିତି ଦ୍ୱାରା ପରିଚାଳିତ ମଧୁରମୟୀ ଆଦର୍ଶ ଶିକ୍ଷା ନିକେତନରେ ଶିକ୍ଷାଗ୍ରହଣ କରୁଥିବା କଏଦୀଙ୍କ ପିଲାଙ୍କୁ ନେଇ ରକ୍ଷାବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଝିଅ ଅନ୍ତେବାସୀ ପୁଅଙ୍କ ହାତରେ ରାଖୀ ବାନ୍ଧି ଭାଇ କରିଥିଲେ। ଉଠା ଦୋକାନୀ ମହାସଂଘର ସଭାପତି ପ୍ରତାପ ସାହୁ, ସମର୍ପିତା ଫାଉଣ୍ଡେଶନ ସଂଗଠନ ମୁଖ୍ୟ ସଦାଶିବ ଜେନା, ୟୋର୍ସ ହୋପ୍‌ର ମୁଖ୍ୟ ରୀନା ରାଣୀ, କଳିଙ୍ଗ ରକ୍ଷକ ଫାଉଣ୍ଡେଶନର କର୍ମକର୍ତ୍ତା ଯୋଗଦେଇ ଆଶୀର୍ବାଦ ଦେଇଥିଲେ। ସମସ୍ତଙ୍କୁ ରନ୍ଧାଖାଦ୍ୟ ବଣ୍ଟନ କରାଯାଇଥିଲା। ଅନୁଷ୍ଠାନ ଅଧ୍ୟକ୍ଷା ନିରୋଜା ଲକ୍ଷ୍ମୀ ମହାପାତ୍ର ପରିଚାଳନା କରିଥିଲେ।

### ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ପଠାଗଲା ରାଖୀ

ଓଡିଶା ରାଜ୍ୟ ଭାରତ ସ୍କାଉଟ୍ ଓ ଗାଇଡ୍ସ ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। କୋଭିଡ୍ କଟକଣା ଯୋଗୁ ସଂସ୍ଥା ତରଫରୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଖକୁ ପିଲାଙ୍କ ଦ୍ୱାରା ପ୍ରସ୍ତୁତ ରାଖୀ ପଠାଯାଇଥିଲା। ଏଥିସହ ସ୍କାଉଟ୍ ଆଣ୍ଡ ଗାଇଡ୍ସ ସଭାପତି ଅତନୁ ସବ୍ୟସାଚୀ ନାୟକଙ୍କୁ ପିଲାମାନେ ରାଖୀ ବାନ୍ଧିଥିଲେ। ସେହିଭଳି ରୋଭର ରେଞ୍ଜର ଓ ସ୍କାଉଟ୍ ଗାଇଡ୍‌ମାନେ କୋଭିଡ୍ ନିୟମ ମାନି ବିଭିନ୍ନ ଛକରେ କୋଭିଡ୍ ଯୋଦ୍ଧା ପୋଲିସ ଓ ଟ୍ରାଫିକ୍ କର୍ମଚାରୀ, ଦେଶବାସୀଙ୍କ ସୁରକ୍ଷାରେ ନିୟୋଜିତ ଯବାନଙ୍କୁ ରାଖୀ ବାନ୍ଧିଥିଲେ। ଅନ୍‌ଲାଇନ୍ ମାଧ୍ୟମରେ ଅଦରକାରୀ ପଦାର୍ଥରେ ରାକ୍ଷୀ ତିଆରି କରିବାର ଏକ ପ୍ରତିଯୋଗିତା ହୋଇଥିଲା। ସମସ୍ତ ଜିଲାରୁ ସ୍କାଉଟ, ଗାଇଡ୍, ରୋଭର, ରେଞ୍ଜର, କବ୍ ଓ ବୁଲ୍‌ବୁଲ୍‌ମାନେ ବିଭିନ୍ନ ପ୍ରକାରର ରାଖୀ ତିଆରି କରି ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟକୁ ପଠାଇଥିଲେ। ଭଲ ରାଖୀ ତିଆରି କରିଥିବା ପିଲାଙ୍କୁ ପୁରସ୍କୃତ କରାଯାଇଥିଲା

### ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ହାତରେ ରାଖୀ

ଏସ୍‌ଓଏସ୍ ଚିଲ୍‌ଡ୍ରେନ୍‌ସ ଭିଲେଜ୍‌ର କର୍ମକର୍ତ୍ତା ନିଜ ହାତରେ ରାଖୀ ଓ କାର୍ଡ଼ ପ୍ରସ୍ତୁତ କରିଥିଲେ। ପରେ କରୋନା ଲଢ଼େଇରେ ଆଗଧାଡ଼ିର ଯୋଦ୍ଧା ସାଜିଥିବା ଏମ୍‌ସ ହସ୍ପିଟାଲ ଡାକ୍ତର, ନର୍ସ ଓ କର୍ମଚାରୀଙ୍କ ହାତରେ ରାଖୀବାନ୍ଧିବା ସହ କାର୍ଡ଼ ପ୍ରଦାନ କରିଥିଲେ। ଏ ଅବସରରେ ଏମ୍‌ସ ସୁପରିଣ୍ଟେଣ୍ଡେଣ୍ଟ ସଚ୍ଚିଦାନନ୍ଦ ମହାନ୍ତି ପିଲାମାନଙ୍କୁ କୃତଜ୍ଞତା ଜଣାଇ ଥିଲେ। ଏପରି କାର୍ଯ୍ୟ ଡାକ୍ତର ଓ ମେଡିକାଲ କର୍ମଚାରୀଙ୍କ ଚାପକୁ କମ୍ କରିବ ବୋଲି ସଚ୍ଚିଦାନନ୍ଦ କହିଥିଲେ।


ଭୁବନେଶ୍ୱରର ଏକ ଘରେ ଭଉଣୀ ତାଙ୍କ ଭାଇ ହାତରେ ରାଖୀ ବାନ୍ଧୁଛି।

## ବଡ଼ ଭାଇ ଆଖିରେ ସାନ ଭାଇଭଉଣୀ


ବଳଭଦ୍ରଙ୍କ ଆଖିରେ ଶୋଭାପାଉଛନ୍ତି ଦେବୀ ସୁଭଦ୍ରା ଓ ପ୍ରଭୂ ଜଗନ୍ନାଥ।

**ଭୁବନେଶ୍ୱର,୨୨।୮**

ପବିତ୍ର ରକ୍ଷାବନ୍ଧନ ଅବସରରେ ଇଂ.ପ୍ରିୟଙ୍କା ସାହାଣୀ ଏକ ଭିନ୍ନ ଚିନ୍ତାଧାରାରେ ଗୋଟିଏ ସୁନ୍ଦର ରାଖୀର ଚିତ୍ରାବଲୋକନ କରିଛନ୍ତି। ଏକ ୪ଫୁଟର କାର୍ଡବୋର୍ଡ ଉପରେ ବଡଭାଇ ବଳଭଦ୍ରଙ୍କ ଆଖିରେ ସାରା ଦୁନିଆକୁ ଦେଖୁଥିବା ଶ୍ରୀଜଗନ୍ନାଥ ମହାପ୍ରଭୁ ଓ ଦେବୀ ସୁଭଦ୍ରାଙ୍କ ସୁନ୍ଦର ପ୍ରତିମୂର୍ତ୍ତି ଆଙ୍କିଛନ୍ତି। ଗୋଟିଏ ପଟରେ ଭଉଣୀ ସୁଭଦ୍ରାର ରକ୍ଷାବନ୍ଧନ ପର୍ବ ହୋଇଥିବା ବେଳେ ଅପରପକ୍ଷରେ ବଡଭାଇ ବଳଭଦ୍ରଙ୍କ ଜନ୍ମ ଉତ୍ସବ (ଗହ୍ମାପୂର୍ଣ୍ଣିମା)ର ପର୍ବକୁ ଏକା ସାଙ୍ଗରେ ଚିତ୍ର ଜରିଆରେ ଶୁଭେଚ୍ଛା ଜଣାଇଛନ୍ତି ଚିତ୍ରଶିଳ୍ପୀ ପ୍ରିୟଙ୍କା।

## କାରାଶ୍ରମରେ ରାଖୀ ବାନ୍ଧିଲେ ଅନ୍ତେବାସୀ

**ବାରଙ୍ଗ,୨୨।୮(ଡି.ଏନ୍.ଏ.)**

ପବିତ୍ର ରାଖୀ ପୂର୍ଣ୍ଣମୀ ଅବସରରେ ରବିବାର ଜାମୁଝରିସ୍ଥିତ ମୁକ୍ତାକାଶ କାରାଶ୍ରମ ପରିସରରେ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାରାମଙ୍ଗଳ ଅଧିକାରୀ ସଂଗ୍ରାମ କେଶରୀ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଖିଳ ଭାରତୀୟ ମାରୱାଡି ମହିଳା ସମ୍ମିଳନୀ, ଭୁବନେଶ୍ୱର ଶାଖାର ସଭ୍ୟମାନେ ଅନ୍ତେବାସୀଙ୍କୁ ରାଖୀ ବାନ୍ଧିବା ସହ ଫଳ ଓ ମିଠା ବଣ୍ଟନ କରିଥିଲେ। ପରେ ଦାତବ୍ୟ ଫାଉଣ୍ଡେଶନର ସଦସ୍ୟମାନେ ଅନ୍ତେବାସୀଙ୍କୁ ଗାମୁଛା ଦେଇ ରାଖୀ ବାନ୍ଧିବା ପରେ ମିଠା ବଣ୍ଟନ କରିଥିଲେ। ପୂଜାରାଣୀ ସାହୁ, ସୌରଭ ସାହୁ, ଶାଶ୍ୱତି ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ରହି ୫୯ ଅନ୍ତେବାସୀଙ୍କୁ ରାଖୀ ବାନ୍ଧିଥିଲେ। ଅଧୀକ୍ଷକ ସ୍ମିତା ମହାନ୍ତି, ଆଇନଜୀବୀ ସୁକାନ୍ତ କୁମାର ସାହୁଙ୍କ ଉପସ୍ଥିତରେ କରୋନା କଟକଣା ମଧ୍ୟରେ ପାଳନ କରାଯାଇଥିଲା।

# ଶୈଳୀ ଅଳ୍ପକେ ସ୍ୱର୍ଣ୍ଣରୁ ବଞ୍ଚିତ

**ନାଇରୋବି, ୨୨।୮ (ପି.ଟି.)**

ଭାରତର ପ୍ରତିଭାସମ୍ପନ୍ନ ଲଙ୍ଗ୍‌ଜମ୍ପର ଶୈଳୀ ସିଂ ମାତ୍ର ୧ ସେଣ୍ଟିମିଟର ବ୍ୟବଧାନରେ ପଛରେ ପଡ଼ି ଏଠାରେ ଚାଲିଥିବା ୨୦ ବର୍ଷରୁ କମ୍ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଅଳ୍ପକେ ସ୍ୱର୍ଣ୍ଣରୁ ବଞ୍ଚିତ ହୋଇ ରୌପ୍ୟ ଜିତିଛନ୍ତି। ୧୭ ବର୍ଷୀୟା ଆଥ୍‌ଲେଟଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଚେଷ୍ଟା ୬.୫୯ ମିଟର ସ୍ୱର୍ଣ୍ଣ ପାଇଁ ଯଥେଷ୍ଟ ନ ଥିଲା। ଚାମ୍ପିୟନଶିପ୍‌ର ଅନ୍ତିମ ଦିବସରେ ୟୁରୋପିଆନ ଜୁନିୟର ଚାମ୍ପିୟନ ତଥା ସୁଇଡେନର ମାଜା ଆସ୍କାଜ୍ ୬.୬୦ମିଟର ଜମ୍ପ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ୟୁକ୍ରେନର ମାରିଆ ହୋରିଏଲୋଭା (୬.୫୦ ମିଟର) ତୃତୀୟ ସ୍ଥାନ ସହ ବ୍ରୋଞ୍ଜ ଜିତିଥିଲେ। ଭାରତ ଚାମ୍ପିୟନଶିପ୍‌ରେ ୨ ରୌପ୍ୟ ଓ ୧ ବ୍ରୋଞ୍ଜ ପଦକ ସହ ଏହାର ଅଭିଯାନ ଶେଷ କରିଛି। ପୂର୍ବ ଦୁଇଟି ସଂସ୍କରଣରେ ଅଲିମ୍ପିକ ଚାମ୍ପିୟନ ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା (୨୦୧୬) ଓ କ୍ୱାର୍ଟରମାଇଲର ହୀମା ଦାସ (୨୦୧୮) ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଜିତିବାରେ ସଫଳ ହୋଇଥିଲେ।

୧୭ ବର୍ଷୀୟା ଶୈଳୀ ଏକ ସାକ୍ଷାତ୍କାରରେ କହିଛନ୍ତି, କଲମ୍ବିଆର କାଲିଠାରେ ହେବାକୁଥିବା ପରବର୍ତ୍ତୀ ୨୦ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ସେ ସ୍ୱର୍ଣ୍ଣ ଜିତିବା ପାଇଁ ଚାହୁଁଛନ୍ତି। ଆସନ୍ତାବର୍ଷ

**୨୦ ବର୍ଷରୁ କମ୍ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍**

ହେବାକୁ ଥିବା ଏସିଆନ ଗେମ୍ସ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମଧ୍ୟ ସେ ଭଲ ପ୍ରଦର୍ଶନ କରିବାକୁ ଚାହୁଁଛନ୍ତି। ସେ ତାଙ୍କ ଆଥ୍‌ଲେଟିକ୍ସ କ୍ୟାରିୟର କିପରି ଆରମ୍ଭ କଲେ ବୋଲି ତାଙ୍କୁ ପଚରାଯିବାରେ ଶୈଳୀ କହିଥିଲେ ସେ ସ୍କୁଲରେ ଦୌଡୁଥିଲେ। ଆଥ୍‌ଲେଟିକ୍ସ ପ୍ରତି ଆଗ୍ରହଥିବା ଜାଣିବା ପରେ ତାଙ୍କ ମା' ୨୦୧୭ରେ ଲକ୍ଷ୍ନୌସ୍ଥିତ ଏକ ହଷ୍ଟେଲରେ ଆଡ୍‌ମିଶନ କରିଦେଇଥିଲେ। ୨୦୧୮ରେ ସେ କ୍ୟାମ୍ପରେ ଯୋଗ ଦେଇଥିଲେ।



ଲଙ୍ଗ୍‌ଜମ୍ପରେ ରୌପ୍ୟ ବିଜୟିନୀ ଶୈଳୀ ସିଂ।

କୋଚ୍ ରବର୍ଟ ବବି ଜର୍ଜ କହିଛନ୍ତି, ଲ୍ୟାଣ୍ଡିଂ ବେଳେ ବୈଷୟିକ ତ୍ରୁଟି ଥିଲା, ନ ହେଲେ ଶୈଳୀ ନିଶ୍ଚିତ ସ୍ୱର୍ଣ୍ଣ ଜିତିପାରିଥାନ୍ତେ। ଇଭେଣ୍ଟ ପରେ ଶୈଳୀ ଯେତେବେଳେ ଜାଣିବାକୁ ପାଇଲେ ଯେ, ସେ ସ୍ୱର୍ଣ୍ଣ ଜିତିପାରିଥାନ୍ତେ କାନ୍ଦି ପକାଇଥିଲେ। ବୈଷୟିକ ସମସ୍ୟା ନ ଥିଲେ ସେ ୬.୬୫ ଏପରିକି ୬.୭୦ ମିଟର କ୍ଲିୟର କରିପାରିଥାନ୍ତେ। ଶୈଳୀ ପ୍ରଥମ ଥର କୌଣସି ଏକ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିପାରିଲେ ନାହିଁ। ନୀରଜ ଚୋପ୍ରାଙ୍କ ପରେ ସେ ଦେଶର ଦ୍ୱିତୀୟ ଉଚ୍ଚ ପ୍ରତିଭାସମ୍ପନ୍ନ ଆଥ୍‌ଲେଟ। ଆସନ୍ତା କିଛି ବର୍ଷ ମଧ୍ୟରେ ସେ ଜାତୀୟ ସ୍ତରରେ ଏବଂ ଏହାପରେ ଅନ୍ତର୍ଜାତୀୟସ୍ତରରେ ଆଧିପତ୍ୟ ବିସ୍ତାର କରିବେ ବୋଲି ଜର୍ଜ ଆଶା ପ୍ରକାଶ କରି କହିଛନ୍ତି। ଅନ୍ୟପକ୍ଷରେ ପୁରୁଷ ଟ୍ରିପଲ ଜମ୍ପରେ ଭାରତର ଡୋନାଲ୍ଡ ମାକିମୈରାଜ (୧୫.୮୨ ମିଟର) ମାତ୍ର ୩ ସେଣ୍ଟିମିଟର ବ୍ୟବଧାନରେ ବ୍ରୋଞ୍ଜ ହାତଛଡ଼ା କରିଛନ୍ତି। ସେ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ସାଇଡେନ୍‌ର ଗାବ୍ରିଏଲ ୧୬. ୪୩ ମିଟର ଜମ୍ପ କରି ସ୍ୱର୍ଣ୍ଣ ଜିତିଥିଲେ। ଜାମାଇକାର ଜେଡନ୍ ହିବର୍ଟ (୧୬.୦୫ମିଟର) ଓ ଫ୍ରାନ୍ସର ସିମୋନ୍ ଗୋରେ (୧୫.୮୫ ମିଟର) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ଜିତିଥିଲେ। ପାୟଲ ଭୋରା, ସୁମି ରଜିଆ କୁଞ୍ଜୁ ଓ ପ୍ରିୟା ମୋହନଙ୍କୁ ନେଇ ଭାରତୀୟ ମହିଳା ୪x୪୦୦ ମିଟର ରିଲେ ଟିମ୍ ସିଜନର ଶ୍ରେଷ୍ଠ ପ୍ରଦର୍ଶନ ସହ ୩:୪୦.୪୫ ଟାଇମିଂ ସହ ଚତୁର୍ଥ ସ୍ଥାନ ଅଧିକାର କରିଛି।


ଜନ୍ମଦିନର ଶୁଭେଚ୍ଛା
ଶ୍ରୀ ରବିପ୍ରସାଦ ନାୟକ
Advocate Odisha High Court & Bhubaneswar Dist Court
ପ୍ରିୟ ରବିବାବୁ, ଆପଣ ଜଣେ ଖାଲି ଓକିଲ ନୁହନ୍ତି, ଜଣେ ଶିକ୍ଷାବିତ୍ କଳାଜଗତର ଜଣେ ଆଗଧାଡ଼ିର ନିର୍ଦ୍ଦେଶକ ଓ ଅଭିନେତା ଓ ଓଡ଼ିଶାର ରାଜେଶ୍ ଖାନ୍ନା ନାମରେ ଆପଣଙ୍କୁ ପ୍ରାୟ ବହୁତ ଲୋକ ଆପଣଙ୍କୁ ଜାଣନ୍ତି।
ଜନ୍ମ ଦିନର ଶୁଭେଚ୍ଛା ସହ
ତପନ ପଣ୍ଡା, ମାରୁତୀ, ସଂଗୀତା, ମାଧବୀ (Advocates)
ଧ-୭୧୪୦୬

ଜନ୍ମଦିନର ଶୁଭେଚ୍ଛା
ଶ୍ରୀ ରବିପ୍ରସାଦ ନାୟକ
Chairman & Director ଓଡ଼ିଶା Film & TV Institute, Indian School of Drama
Producer - Director Ravi Nayak Film, Ravi Nayak Bhakti TV
Chief Editor ସତ୍ୟଯୁଗ News
ହେ ମହାନ ଗୁରୁ ଆପଣ ଚଳଚ୍ଚିତ୍ର ଦୂରଦର୍ଶନ, ଯାତ୍ରା ଓ ନାଟକ ଜଗତରେ ଜଣେ ଆଗଧାଡ଼ିର ନିର୍ଦ୍ଦେଶକ, ଶିକ୍ଷାବିତ ଓ ଗୁରୁ, ଦିର୍ଘ ୩୦ବର୍ଷ ଧରି ଅନେକ ଅନୁଷ୍ଠାନ ନିଜେ ଗଢ଼ି ବହୁତ ହିରୋ, ହିରୋଇନ, କମେଡିଆନ, ନିର୍ଦ୍ଦେଶକ ଆଦି ସୃଷ୍ଟି କରି କଳାଜଗତକୁ ଋଦ୍ଧିମନ୍ତ କରିଛନ୍ତି। ଆଜି ଆପଣଙ୍କ ପବିତ୍ର ଜନ୍ମ ଦିନରେ ଆମେ ଆପଣଙ୍କୁ ଶୁଭେଚ୍ଛା ଜଣାଉଛୁ।
ଅଚ୍ୟୁତାନନ୍ଦ, ପ୍ରିଅ, ସତ୍ୟ, ଅଜିତ ଓ ସୋନାଲି ଓଡ଼ିଶା Film & TV Institute ର Student ମାନେ
ଧ-୭୧୪୦୪

ଜନ୍ମଦିନର ଶୁଭେଚ୍ଛା
ଶ୍ରୀ ରବିପ୍ରସାଦ ନାୟକ
Chairman RN B.Ed College & RN Pharmacy & Alternative Medicine ମେଡ଼ିକାଲ କଲେଜ ଭୀମଟାଙ୍ଗୀ ଭୁବନେଶ୍ୱର
ସାର ଆପଣ ଉପରୋକ୍ତ କଲେଜ ସ୍ଥାପନାକରି ଆମ୍ଭମାନଙ୍କୁ ତଥା ଏଠାରୁ ପାସ୍ କରିଥିବା ବହୁ ଶିକ୍ଷକ / ଶିକ୍ଷୟିତ୍ରୀ (Medical) ଟେକନିସିଆନ୍ ମାନଙ୍କୁ କର୍ମସଂସ୍ଥାନ ଯୋଗାଇଛନ୍ତି।
-: ଶୁଭେଚ୍ଛା ସହ :-
Sunita Singh
ରଚନା, ନିଲୁ ସେନାପତି ଓ ରାନି ଭୂମିଜ୍
ଧ-୭୧୪୦୫


# ରାଉରକେଲା, ସମ୍ବଲପୁର, ମୟୂରଭଞ୍ଜ ବିଜୟୀ



କ୍ରିସ୍ ଯାଦବ



ଆଦର୍ଶ ରାୟଗୁରୁ



ଲୋକନାଥ ପୃଷ୍ଟି

**ଭୁବନେଶ୍ୱର,୨୨।୮ (ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଭୁବନେଶ୍ୱରର ବିଭିନ୍ନ ଗ୍ରାଉଣ୍ଡରେ ଚାଲିଥିବା ୧୬ ବର୍ଷରୁ କମ୍ ଆନ୍ତଃ ଜିଲା କ୍ରିକେଟ ଟୁର୍ନାମେଣ୍ଟରେ ରବିବାର ଖେଳାଯାଇଥିବା ମ୍ୟାଚ୍‌ଗୁଡ଼ିକରେ ରାଉରକେଲା, ସମ୍ବଲପୁର ଓ ମୟୂରଭଞ୍ଜ ବିଜୟ ହାସଲ କରିଛି।

**ରାୟଗଡ଼ାର ଆତ୍ମସମର୍ପଣ**

ସିଭି ରମଣ ଗ୍ରାଉଣ୍ଡରେ ରାଉରକେଲା ୨୨୦ ରନରେ ରାୟଗଡ଼ାକୁ ହରାଇଛି। ଟସ୍ ଜିତି ରାଉରକେଲା ପ୍ରଥମେ ବ୍ୟାଟିଂ କରି ୪୧.୫ ଓଭରରେ ୨୪୨ ରନକରି ଅଲ୍‌ଆଉଟ ହୋଇଥିଲା। ଦଳ ତରଫରୁ ଆଦର୍ଶ ରାୟଗୁରୁ ସର୍ବାଧିକ ୮୩, ସୌରଭ କୁଣ୍ଡୁ ୩୧ ଓ ମୋହିତ ଟୋପ୍ପୋ ୨୬ ରନ ସଂଗ୍ରହ କରିଥିଲେ। ରାୟଗଡ଼ାର ଦୀପଙ୍କର ପରିଚ୍ଛା ୪, ଅର୍ପିତ ଦାସ ୩, ରାକେଶ ବେହେରା ୨ଟି ଉଇକେଟ ନେଇଥିଲେ। ଜବାବରେ ରାୟଗଡ଼ା ୧୮.୩ ଓଭରରେ ମାତ୍ର ୨୨ ରନକରି ଆଉଟ ହୋଇ ଆତ୍ମସମର୍ପଣ କରିଥିଲା। ରାଉରକେଲାର ମୋହିତ ଟପ୍ପୋ ୪, ରେହାନ ଖାଁ ଓ ମହମ୍ମଦ ନକିବ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**କୋରାପୁଟ ୧୦ ଉଇକେଟରେ ହାରିଲା**

**୧୬ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ**

ସେଞ୍ଚୁରିୟନ ଗ୍ରାଉଣ୍ଡରେ କୋରାପୁଟ ୧୦ ଉଇକେଟରେ ସମ୍ବଲପୁରଠାରୁ ପରାସ୍ତ ହୋଇଛି। ଟସ୍ ଜିତି କୋରାପୁଟ ପ୍ରଥମେ ବ୍ୟାଟିଂ କରି ୨୨.୫ ଓଭରରେ ୫୩ ରନକରି ଅଲଆଉଟ ହୋଇଥିଲା। ଜବାବରେ ସମ୍ବଲପୁର ୪.୫ ଓଭରରେ ବିନାକ୍ଷତିରେ ୫୬ ରନକରି ବିଜୟୀ ହୋଇଛି। ସମ୍ବଲପୁର ତରଫରୁ ଅମରନାଥ ଭୋଇ ସର୍ବାଧିକ ୩୬, ହର୍ଷଦୀପ ସିଂ ଓ କ୍ରିସ୍ ଯାଦବ ୩ଟି ଲେଖାଏ, ସେଖ ତନବୀର ୨ ଉଇକେଟ ଅକ୍ତିଆର କରିଥିଲେ।

**ଜଗତ୍‌ସିଂହପୁର ୫୩ ରନରେ ପରାସ୍ତ**

ଖୋର୍ଦ୍ଧା ଗ୍ରାଉଣ୍ଡରେ ମୟୂରଭଞ୍ଜ ୫୩ ରନରେ ଜଗତ୍‌ସିଂହପୁରକୁ ପରାସ୍ତ କରିଛି। ଟସ୍ ଜିତି ମୟୂରଭଞ୍ଜ ପ୍ରଥମେ ବ୍ୟାଟିଂ କରି ୩୭.୧ ଓଭରରେ ୧୪୧ ରନକରି ଅଲଆଉଟ ହୋଇଥିଲା। ଦଳ ତରଫରୁ ମୋହିତ ପ୍ରହରାଜ ସର୍ବାଧିକ ୪୧ ରନ କରିଥିବା ବେଳେ ଜଗତ୍‌ସିଂହପୁରର ଜାହିଦ ଖାଁ ୪, ସୟଦ ତଣ୍ୱିର ଅଲୀ ଓ ଜଗନ୍ନାଥ ଦାସ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଜଗତ୍‌ସିଂହପୁର ୨୪.୩ ଓଭରରେ ୮୮ ରନକରି ଅଲଆଉଟ ହୋଇ ପରାସ୍ତ ହୋଇଛି। ମୟୂରଭଞ୍ଜର ଲୋକନାଥ ପୃଷ୍ଟି ସର୍ବାଧିକ ୪, ସୁରାଇ ହେମ୍ବ୍ରମ ୩ ଓ ନରେନ୍ଦ୍ର ବେହେରା ୨ ଉଇକେଟ ଅକ୍ତିଆର କରିଥିଲେ।

# କାରୁସୋ ଜିତିଲେ ୯ମ ଷ୍ଟେଜ୍




ଡାମିଆନୋ କାରୁସୋ

**ପୁଏର୍ତ୍ତୋ ଲୁମ୍ବ୍ରେରାସ୍ (ସ୍ପେନ), ୨୨।୮**

ଇଟାଲୀର ଡାମିଆନୋ କାରୁସୋ ଭୁଏଲ୍‌ଟା ଏ ଇସ୍ପାନାର ୯ମ ଷ୍ଟେଜ୍ ବିଜେତା ହୋଇଛନ୍ତି। ଏଥିସହ ସେ ଚଳିତବର୍ଷ ଦୁଇଟି ପୃଥକ୍ ଗ୍ରାଣ୍ଡ୍ ଟୁର୍‌ରେ ଏକ ମାଉଣ୍ଟେନ ଷ୍ଟେଜ୍ ଜିତିବାରେ ପ୍ରଥମ ରାଇଡର ହୋଇଛନ୍ତି। ମେ' ମାସରେ ଗିରୋ ଡି' ଇଟାଲିଆରେ ଦ୍ୱିତୀୟ ହୋଇଥିବା ଏହି ବାହାରିନ୍-ଭିକେଟୋରିଅସ୍ ରାଇଡର ୫ ଘଣ୍ଟା ୩ ମିନିଟ୍ ଓ ୧୪ ସେକେଣ୍ଡ ଟାଇମିଂରେ ରେସ୍ ଶେଷ କରିଥିଲେ। ଗତଥରର ଚାମ୍ପିୟନ ସ୍ଲୋଭେନିଆର ପ୍ରିମୋଜ୍ ରଗଲିକ୍ ଦ୍ୱିତୀୟ ସ୍ଥାନ ଅଧିକାର କରି ଜେନେରାଲ କ୍ଲାସିଫିକେଶନ ଷ୍ଟାଣ୍ଡିଂରେ ତାଙ୍କ ଅଗ୍ରଣୀ ବ୍ୟବଧାନ ବୃଦ୍ଧି କରିଥିଲେ। ସ୍ପେନର ଏନରିକ ମାସ୍ ରେସ୍‌ରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଜେନେରାଲ କ୍ଲାସିଫିକେଶନରେ ସେ ରଗଲିକ୍‌ଙ୍କଠାରୁ ମାତ୍ର ୨୮ ସେକେଣ୍ଡ ପଛରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ୯ମ ଷ୍ଟେଜ୍‌ରେ ଚତୁର୍ଥରୁ ଦଶମ ସ୍ଥାନ ଯଥାକ୍ରମେ ଜ୍ୟାକ୍ ହେଗ୍, ମିଗୁଏଲ ଆଞ୍ଜେଲ ଲୋପେଜ, ଆଡାମ ୟେଟ୍ସ, ଜିନୋ ମ୍ୟାଡର, ଜିଉଲିଓ ସିକୋନ୍, ଇଗାନ ବର୍ନାଲ ଓ ଡେଭିଡ ଡି' ଲା କ୍ରୁଜ୍ ପ୍ରମୁଖ ରହିଥିଲେ।

# ୧୦୦ ମିଟର ଜିତିଲେ ଥମ୍ପସନ ହେରା

**ୟୁଜିନ୍, ୨୨।୮ (ଏପି)**

ଜାମାଇକାର ଇଲେନ୍ ଥମ୍ପସନ ହେରା ଏଠାରେ ଚାଲିଥିବା ୟୁଜିନ୍ ଡାଇମଣ୍ଡ ଲିଗ୍ /ପ୍ରିଫୋଣ୍ଟେନ କ୍ଲାସିକ୍ ମହିଳା ୧୦୦ମିଟର ରେସ୍ ଜିତିଥିବାବେଳେ ବିବାଦୀୟ ଶା'କାରି ରିଚାର୍ଡସନ ଟ୍ରାକ୍‌କୁ ତାଙ୍କ ପ୍ରତ୍ୟାବର୍ତ୍ତନରେ ଅନ୍ତିମ ସ୍ଥାନ ଅଧିକାର କରିଛନ୍ତି। ଶନିବାର ୧୦.୫୪ ସେକେଣ୍ଡ ଟାଇମିଂ ସହ ସେ ୧୦୦ ମିଟର ରେସ୍ ଶେଷ କରିଥିଲେ। ଚଳିତବର୍ଷ ବିଶ୍ୱରେ ଏହାଥିଲା ଶ୍ରେଷ୍ଠ ଟାଇମିଂ। ଏପରିକି ଟୋକିଓ ଅଲିମ୍ପିକ୍ସରେ ଯେଉଁ ଟାଇମିଂ (୧୦.୬୧ସେକେଣ୍ଡ)ରେ ସେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ, ତାହାକୁ ସେ ଅତିକ୍ରମ କରିଯାଇଥିଲେ। ୧୦୦ ମିଟରରେ ଏହା ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ରହିଥିବାବେଳେ ମିଟ୍ ରେକର୍ଡ ମଧ୍ୟ। କେବଳ ସେତିକି ନୁହେଁ ୧୯୮୮ରେ ମହିଳା ୧୦୦ ମିଟରକୁ ୧୦.୪୯ ସେକେଣ୍ଡରେ ଶେଷ କରି ବିଶ୍ୱରେକର୍ଡର ଅଧିକାରିଣୀ ହୋଇଥିବା ଫ୍ଲୋରେନ୍ସ ଗ୍ରିଫିଥ୍ ଜୋଏନରଙ୍କ ନିକଟତର ହୋଇପାରିଛନ୍ତି। ଫଳରେ ସେ ୧୦୦ ମିଟରରେ ସର୍ବକାଳୀନ ଦ୍ୱିତୀୟ ଦ୍ରୁତତମ ମହିଳା ବିବେଚିତ ହୋଇଛନ୍ତି। ଥମ୍ପସନ ହେରାଙ୍କ ଦେଶର ଅନ୍ୟ ଦୁଇ ସାଥି ଧାବିକା ଶେଲି ଆନ୍ ଫ୍ରେଜର ପ୍ରାଇସ୍ ଓ ଶେରିକା ଜ୍ୟାକ୍‌ସନ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିବା ସହ ଟୋକିଓ ପୋଡିୟମର ପୁନରାବୃତ୍ତି କରିଥିଲେ।




ଇଲେନ୍ ଥମ୍ପସନ ହେରା

# ବିଶ୍ୱାମିତ୍ରଙ୍କ ସମେତ ୪ ଭାରତୀୟ ସେମିଫାଇନାଲରେ

**ନୂଆଦିଲ୍ଲୀ, ୨୨।୮ (ପି.ଟି.)**

ଭାରତର ବିଶ୍ୱାମିତ୍ର ଚୋଙ୍ଗଥାମ୍ (୫୧କେଜି)ଙ୍କ ସମେତ ୪ ବକ୍ସର ଦୁବାଇରେ ଚାଲିଥିବା ଏଏସ୍‌ବିସି ୟୁଥ୍ ଆଣ୍ଡ୍ ଜୁନିୟର ବକ୍ସିଂ ଚାମ୍ପିୟନଶିପ୍‌ରେ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଏଥିସହିତ ସେମାନେ ଅତିକମ୍‌ରେ ବ୍ରୋଞ୍ଜ ପଦକ ପକ୍କା କରିଛନ୍ତି। ୱାର୍ଲ୍ଡ ୟୁଥ୍ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜେତା ବିଶ୍ୱାମିତ୍ର କ୍ଷିପ୍ରଗତି ଓ ଉନ୍ନତ କୌଶଳ ଜରିଆରେ କାଜାଖସ୍ତାନର କେନ୍‌ଝି ମୁରାଡୁଲଙ୍କୁ ଅତି ସହଜରେ ୫-୦ରେ ପରାସ୍ତ କରିଥିଲେ। ସେମିଫାଇନାଲରେ ପ୍ରବେଶ କରିଥିବା ଅନ୍ୟ ୩

**ଏସିଆନ ୟୁଥ୍ ଓ ଜୁନିୟର ବକ୍ସିଂ**

ଭାରତୀୟ ହେଲେ ଅଭିମନ୍ୟୁ ଲୋରା (୯୨କେଜି), ଦୀପକ (୭୫କେଜି) ଓ ପ୍ରୀତି (୫୭କେଜି)। ଦୀପକ ମିଡଲୱେଟ୍ କ୍ୱାର୍ଟରଫାଇନାଲରେ ଇରାକର ଧୁରଘାମ୍ କରିମ୍‌ଙ୍କୁ ହରାଇ ଦେଇଥିଲେ। ତୃତୀୟ ରାଉଣ୍ଡରେ ସେ ପଞ୍ଚ୍ ପରେ ପଞ୍ଚ୍ ମାରି ଚାଲିଥିଲେ। ରେଫରି ବାଧ୍ୟ ହୋଇ ଲଢେଇକୁ ଆଗୁଆ ସ୍ଥଗିତ ରଖିଥିଲେ। ରବିବାର ଏକତରଫା ମୁକାବିଲାରେ ଜାତୀୟ ଚାମ୍ପିୟନ ତଥା ହରିୟାଣାର ଅଭିମନ୍ୟୁ କିରଗିଜସ୍ତାନର ଟେନିବେକୋଭ ସଞ୍ଜାରଙ୍କୁ ପରାସ୍ତ କରିଥିଲେ। ବାଉଟର ଦ୍ୱିତୀୟ ରାଉଣ୍ଡରେ ରେଫରି ଲଢେଇକୁ ସ୍ଥଗିତ ରଖିବା ସହ ଭାରତୀୟ ବକ୍ସରଙ୍କୁ ବିଜୟୀ ଘୋଷଣା କରିଥିଲେ। ମହିଳା ବିଭାଗରେ ପ୍ରୀତି ମଙ୍ଗୋଲିଆର ଟସ୍ୱଜାରଗାଲ୍ ନୋମିନଙ୍କ ବିପକ୍ଷରେ ସହଜ ବିଜୟ ସହ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସୋମବାର ୬ ଭାରତୀୟ ବକ୍ସରଙ୍କ ଆକ୍ସନ ଦେଖିବାକୁ ମିଳିବ। ଗୌରବ ସଇନୀ (୭୦କେଜି) ସେମିଫାଇନାଲରେ ଭାଗ ନେବେ।

# ଉଗାସ୍‌ଙ୍କଠାରୁ ହାରିଲେ ପାକ୍ୱିଓ

**ଲାସ୍‌ଭେଗାସ, ୨୨।୮**

ଫିଲିପାଇନ୍ସର ବକ୍ସିଂ ଆଇକନ ମାନି ପାକ୍ୱିଓଙ୍କୁ ପରାସ୍ତ କରି କ୍ୟୁବାର ୟର୍ଡେନିସ ଉଗାସ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ଟି-ମୋବିଲେ ଆରେନାରେ ୧୨ ରାଉଣ୍ଡ ବିଶିଷ୍ଟ ଲଢେଇରେ ସର୍ବସମ୍ମତି ପଏଣ୍ଟଭିତ୍ତିରେ ସେ ବିଜୟ ଲାଭ କରିଥିଲେ। ରିଙ୍ଗ୍‌ରୁ ୨ ବର୍ଷ ଅନୁପସ୍ଥିତ ରହିବା ପରେ ପାକ୍ୱିଓଙ୍କ ଏହା ଥିଲା ପ୍ରଥମ ବାଉଟ୍। ଏଥିରେ ପରାଜୟ ଦ୍ୱାରା ସେ ହତାଶ ହୋଇପଡ଼ିଥିଲେ। ୮ ଡିଭିଜନ ବିଶ୍ୱ ଚାମ୍ପିୟନଙ୍କ ୨୬ ବର୍ଷର କ୍ୟାରିୟର ହୁଏତ ଶନିବାର ଶେଷ ହୋଇଛି। ହେଲେ ସେ ଭବିଷ୍ୟତ ନିଷ୍ପତ୍ତି ସମ୍ପର୍କରେ କୌଣସି ସୂଚନା ଦେଇନାହାନ୍ତି। ୪୨ବର୍ଷୀୟ ପାକ୍ୱିଓ ଫିଲିପାଇନ୍ସର ଜଣେ ସିନେଟର। ତାଙ୍କଠାରୁ ୭ବର୍ଷ ସାନ ଉଗାସ୍ ଏହି ବାଉଟ୍‌ରେ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ତାଙ୍କ ଡବ୍ଲ୍ୟୁବିଏ ୱେଲଟରୱେଟ୍ ବେଲ୍ଟ ବଜାୟ ରଖିଥିଲେ। ଜଣେ ଜଜ୍ ତାଙ୍କୁ ୧୧୫-୧୧୩ ସ୍କୋର ଦେଇଥିବାବେଳେ ଅନ୍ୟ ଦୁଇଜଣ ତାଙ୍କୁ ୧୧୬-୧୧୨ ସ୍କୋର ଦେଇଥିଲେ।

# ଅଲିମ୍ପିଆନ ହାକିମଙ୍କ ପରଲୋକ

**ନୂଆଦିଲ୍ଲୀ,୨୨।୮(ପି.ଟି.):** ୧୯୬୦ ରୋମ୍ ଅଲିମ୍ପିକ୍ସରେ ଭାରତୀୟ ଦଳ ତରଫରୁ ପ୍ରତିନିଧିତ୍ୱ କରିଥିବା ପୂର୍ବତନ ଭାରତୀୟ ଫୁଟ୍‌ବଲର ସୟଦ ଶହିଦ ହାକିମଙ୍କର ୮୨ ବର୍ଷ ବୟସରେ ରବିବାର କର୍ଣ୍ଣାଟକସ୍ଥିତ ଗୁଲବର୍ଗାର ଏକ ହସ୍ପିଟାଲରେ ଦେହାନ୍ତ ହୋଇଛି। ହୃଦ୍‌ଘାତର ଶିକାର ହେବା ପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଭାରତୀୟ ଫୁଟ୍‌ବଲ ସହିତ ସେ ୫ ଦଶନ୍ଧି ଧରି ଜଡ଼ିତ ରହିଥିଲେ। ଦ୍ରୋଣାଚାର୍ଯ୍ୟ ପୁରସ୍କାର ହାସଲ କରିଥିବା ହାକିମ ୧୯୮୨ ଦିଲ୍ଲୀ ଏସିଆନ ଗେମ୍ସରେ ସ୍ୱର୍ଗତ ପି.କେ. ବନାର୍ଜୀଙ୍କର ଆସିଷ୍ଟାଣ୍ଟ କୋଚ ରହିଥିଲେ। ଏହାପରେ ସେ ଭାରତୀୟ ଦଳର କୋଚ୍ ଭାବେ ଦାୟିତ୍ୱ ତୁଲାଇଥିଲେ।

ଘରୋଇ ଫୁଟବଲରେ କୋଚ୍ ଭାବେ ମଧ୍ୟ ସେ ବେଶ୍ ସଫଳ ରହିଥିଲେ। ତାଙ୍କ ତତ୍ତ୍ୱାବଧାନରେ ୧୯୯୮ରେ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଶକ୍ତିଶାଳୀ ଇଷ୍ଟ ବେଙ୍ଗଲକୁ ହରାଇ ଡୁରାଣ୍ଡ କପ୍ ଟାଇଟଲ ହାସଲ କରିଥିଲା। ସେ ମଧ୍ୟ ସାଲଗାଇକାର ଓ ହିନ୍ଦୁସ୍ଥାନ ଏଫ୍‌ସିର କୋଚ୍ ଭାବେ ସଫଳତାର ସହ ଦାୟିତ୍ୱ ତୁଲାଇଥିଲେ। ୨୦୦୪-୦୫ରେ ସେ ବେଙ୍ଗଲ ମୁମ୍ବାଇର କୋଚ୍ ମଧ୍ୟ ରହିଥିଲେ। ୧୯୮୮ ଏଏଫସି ଏସିଆନ କପ୍ ମ୍ୟାଚ୍ ମଧ୍ୟ ସେ ପରିଚାଳନା କରିବାର ସୁଯୋଗ ପାଇଥିଲେ। ତାଙ୍କୁ ସମ୍ମାନଜନକ ଧ୍ୟାନଚାନ୍ଦ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା।

ଭାରତୀୟ ବାୟୁସେନାରେ ସେ ସ୍କ୍ୱାଡ୍ରନ ଲିଡର ଥିଲେ। ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ର ସେ ରିଜିଓନାଲ ଡାଇରେକ୍ଟର ଥିଲେ। ୨୦୧୭ ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ୍ ପାଇଁ ସେ ସ୍କାଉଟିଂ ଚାର୍ଜରେ ଥିଲେ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE
Pvt. Finance Secured /Unsecured 10Cr to 100Cr. against property at low Interest.
9008185706
9588088806

ବାବା ମୁବାରକ୍ ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9990655786
8800979262

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ଅମନ ବଙ୍ଗାଲୀ
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୂଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
8750699637

BIJAY FINANCE
ମାର୍କସିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ମାଛଚାଷ ଓ ଗାଈ ପାଳନ ଇତ୍ୟାଦି ସମସ୍ତ ପ୍ରକାର ଋଣ ପାଇ ପାରିବେ ୧୦ଦିନ ମଧ୍ୟରେ।
ସୁଧ = 2%
M: 8280679220
M: 8280198227

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ

୰ନକୁଳ ଚରଣ ପାତ୍ର
କେନାଲ କଲୋନୀ, ବିଜେବି ନଗର, ଭୁବନେଶ୍ୱର
ଆବିର୍ଭାବ: ୦୩.୦୩.୧୯୪୭
ତିରୋଧାନ: ୧୩.୦୮.୨୦୨୧
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ : ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୨୧୪୨୩

ଦଶାହ ଉପଲକ୍ଷେ

ଆମର ପରମ ପୂଜ୍ୟ ପିତା ୰ଶ୍ୟାମସୁନ୍ଦର ପଟ୍ଟନାୟକ, ଆମକୁ ଶୋକସାଗରରେ ଭସାଇ ତା ୧୪।୦୮।୨୧ ଶ୍ରାବଣ ଶୁକ୍ଳ ଷଷ୍ଠୀ ତିଥି ସନ୍ଧ୍ୟା ୭.୫୦ ଘଟିକାରେ ପରଲୋକ ଗମନ କଲେ। ବାପା! ତୁମେ ଚାଲିଗଲ; ଆମର 'ବାପା' ଡାକ ହଜିଗଲା। ତୁମେ ଆମପାଇଁ ପ୍ରେରଣାର ଉତ୍ସ ଥିଲ, ଆଜିଯାଏଁ ଆମର ପଥ ପ୍ରଦର୍ଶକ, ପରାମର୍ଶଦାତା ଥିଲ। କିନ୍ତୁ, ଆଜି ତୁମର ଆଶୀର୍ବାଦ କେବଳ ଆମର ପାଥେୟ। ପ୍ରଭୁ ଜଗନ୍ନାଥଙ୍କ ଚରଣରେ ତୁମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା।
ଇତି:- ଶୋକସନ୍ତପ୍ତ ପରିବାରବର୍ଗ, ଦାଣ୍ଡିମାଳସାହି, ବଡ଼ଦାଣ୍ଡ, ପୁରୀ
ଧ-୬୮୭୯

ସପ୍ତମ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ନାରାୟଣ ଜେନା (ଟିକି ସାର)
ନହରକଣ୍ଟା, ଭୁବନେଶ୍ୱର, ଖୋର୍ଦ୍ଧା
ଆବିର୍ଭାବ: ୦୫।୦୬।୧୯୩୩
ତିରୋଧାନ: ୨୨।୦୮।୨୦୧୪
ଆଜି ଆପଣଙ୍କ ସପ୍ତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଆପଣଙ୍କ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଓ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ଜେନା ପରିବାରବର୍ଗ ଓ ବନ୍ଧୁବର୍ଗ।
ଧ-୨୧୩୯୬

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ହିମାଂଶୁ ଦାସ (ଟୁକୁନା)
ବେଣ୍ଟକାର, ୪୨ମୌଜା, କଟକ
ଆବିର୍ଭାବ: ୦୫।୦୬।୧୯୬୫
ତିରୋଧାନ:୦୩।୦୮।୨୦୨୦ (ଭାଦ୍ରବ କୃଷ୍ଣପକ୍ଷ ପ୍ରତିପଦ)
ଆମ୍ଭମାନଙ୍କୁ ଶୋକ ସାଗରରେ ଭସାଇ ଆରପାରିକୁ ଚାଲିଗଲ। ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଆଦର୍ଶ, କର୍ତ୍ତବ୍ୟପରାୟଣତା ଚିର ସ୍ମରଣୀୟ ରହିବ। ତୁମର ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୪୫୮୧

# ହାଇଟେକ୍ ବ୍ରେସ୍‌ଲେଟ୍

ଆଜିକାଲି ଚିକିତ୍ସା ବିଜ୍ଞାନରେ ଦିନକୁ ଦିନ ନୂଆ ନୂଆ କଥା ଆବିଷ୍କାର ହେଉଛି। ସେହି ଅନୁସାରେ ରୋଗର ନିଦାନ ପ୍ରଣାଳୀ ମଧ୍ୟ ସହଜ ଏବଂ ସରଳ ହୋଇପାରୁଛି। ନିକଟରେ ଜର୍ମାନୀର ବୈଜ୍ଞାନିକମାନେ ଏକ ହାଇଟେକ୍ ବ୍ରେସ୍‌ଲେଟ୍ ତିଆରି କରିଛନ୍ତି। ଏହାଦ୍ୱାରା ବ୍ଲଡପ୍ରେସର, ରକ୍ତରେ ସୁଗାର ପରିମାଣକୁ ସହଜରେ ମାପିହେବ। ତା' ସହ ଶରୀରର ତାପମାତ୍ରା (ଟେମ୍ପରେଚର) ବିଷୟରେ ମଧ୍ୟ ଜାଣିହେବ। ଏହାକୁ ବାହୁରେ ପିନ୍ଧିବା ପରେ ତାହା ଟଚ୍ ସ୍କ୍ରିନ୍ ପରି କାମ କରିଥାଏ। ପରୀକ୍ଷାମୂଳକ ଭାବରେ ବ୍ୟବହାର କରି ଏଥିରୁ ସଫଳତା ମିଳିଛି ବୋଲି ପ୍ରସ୍ତୁତକାରୀ ବୈଜ୍ଞାନିକମାନେ ରିପୋର୍ଟରେ ଉଲ୍ଲେଖ କରିଛନ୍ତି।



# ଉପକାରୀ ପାଚିଲା କଦଳୀ



କଦଳୀ କଞ୍ଚା ହେଉ କି ପାଚିଲା, ଏଥିରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ପାଚିଲା କଦଳୀ ଖାଇଲେ ତାହା ପାଚନ କ୍ରିୟାକୁ ଆହୁରି ସକ୍ରିୟ କରାଇଥାଏ। ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ, ଯଦି ଜଣେ ଉଚ୍ଚ ରକ୍ତଚାପ ରୋଗୀ ନିୟମିତ ଦୁଇଟି ପାଚିଲା କଦଳୀ ଖାଆନ୍ତି, ତେବେ ତାଙ୍କର ରକ୍ତଚାପ ସନ୍ତୁଳିତ ରହିଥାଏ। ଆଉ ଏକ ଖାସ୍ କଥା ହେଲା ୟୁନିଭର୍ସିଟି ଅଫ୍ ଟୋକିଓର ପୁଷ୍ଟିବିଜ୍ଞାନୀମାନେ ଜାଣିପାରିଛନ୍ତି ଯେ ପାଚିଲା କଦଳୀ ଖାଇଲେ ତାହା ଅବସାଦଠାରୁ କେତେକାଂଶରେ ଦୂରେଇ ରଖିଥାଏ। କ୍ୟାଲସିୟମର ଅନ୍ୟତମ ପ୍ରମୁଖ ଉତ୍ସ ହେଲା ପାଚିଲା କଦଳୀ। ଏହା ମଧ୍ୟ ଶରୀରକୁ ସୁସ୍ଥ ରଖିବାରେ ଅନେକାଂଶରେ ସାହାଯ୍ୟ କରିଥାଏ। କେବଳ ସେତିକି ନୁହେଁ, ହୃତ୍‌ପିଣ୍ଡର କାର୍ଯ୍ୟଧାରାକୁ ଆହୁରି ସକ୍ରିୟ କରେ। ଆନିମିଆ ସହ ଲଢ଼ିବା ଶକ୍ତି ମଧ୍ୟ ପାଚିଲା କଦଳୀ ପାଖରେ ରହିଛି। ଶରୀରରେ ଅମ୍ଳଜାନଜନିତ ପ୍ରଦାହ ସୃଷ୍ଟି କରିବାକୁ ଦେଇ ନ ଥାଏ ପାଚିଲା କଦଳୀ। ଏହା ମଧ୍ୟ କୋଷ୍ଠକାଠିନ୍ୟ ସମସ୍ୟାକୁ ଦୂର କରେ।

# କ୍ୟାନ୍‌ସର ଚିହ୍ନଟ କରିବ 'ଡି-୩'

କଥାରେ ଅଛି 'କ୍ୟାନ୍‌ସର ନୋ ଆନ୍‌ସର'। ହେଲେ ଏବେ ଏହି ରୋଗକୁ ପ୍ରାରମ୍ଭିକ ଅବସ୍ଥାରେ ଚିହ୍ନଟ କରି ଉପଯୁକ୍ତ ଚିକିତ୍ସା କରାଇପାରିଲେ ସେଥିରୁ ଆରୋଗ୍ୟ ମିଳିପାରୁଛି। ଏଥିରେ ବିଳମ୍ବ ହେଲେ ତାହା ଗୁରୁତର ଆକାର ଧାରଣ କରିବା ସହ ଅକାଳ ମୃତ୍ୟୁର କାରଣ ସାଜିଥାଏ। ନିକଟରେ ସିଡ୍‌ନୀ ୟୁନିଭର୍ସିଟିର ବିଶେଷଜ୍ଞମାନେ କ୍ୟାନ୍‌ସରକୁ ଚିହ୍ନଟ କରିବାର ଏକ ନୂଆ ଉପାୟ ବାହାର କରିଛନ୍ତି। ଏହି ପ୍ରଣାଳୀକୁ ସେମାନେ 'ଡି-୩' ନାମରେ ନାମିତ କରିଛନ୍ତି। 'ଡି-୩' ହେଉଛି ଏକ ଉପକରଣରେ ସଂଯୁକ୍ତ ହୋଇଥିବା କ୍ୟାମେରା, ଯାହା ଶରୀର ଭିତରୁ କୋଷ(ସେଲ୍)ର ଫଟୋ ଉଠାଇ ପଠାଇଥାଏ। ପରବର୍ତ୍ତୀ ସମୟରେ ଏହି ଫଟୋକୁ ବିଶ୍ଳେଷଣ କରି ତାହା କ୍ୟାନ୍‌ସର ଆକ୍ରାନ୍ତ ହୋଇଛି କି ନାହିଁ ତାହାକୁ ଚିହ୍ନଟ କରାଯାଇଥାଏ।



# ମ୍ୟାଲେରିଆ : କାରଣ, ପ୍ରତିକାର



ଡା. ବସନ୍ତ କୁମାର ଷଡ଼ଙ୍ଗୀ



ମ୍ୟାଲେରିଆ ଜ୍ୱର 'ମାଇଏନ୍‌ଫିଲିସ ମଶା' କାମୁଡ଼ିବା ଦ୍ୱାରା ହୋଇଥାଏ। ସର୍ବପ୍ରଥମେ ୧୯୩୪ରେ ରୋନାଲ୍ଡ ରସ୍ ନାମକ ଜଣେ ବୈଜ୍ଞାନିକ ମ୍ୟାଲେରିଆ ପାରାସାଇଟର ବ୍ୟତୀତ ଆଣ୍ଟି ମ୍ୟାଲେରିଆ ଔଷଧ 'କ୍ଲୋରୋକୁଇନ୍' ମଧ୍ୟ ଆବିଷ୍କାର କରିଥିଲେ। ସମଗ୍ର ବିଶ୍ୱରେ ମ୍ୟାଲେରିଆ ପାରାସାଇଟ ୪ ପ୍ରକାର (ପ୍ଲାଜମୋଡିୟମ ଫଲସିଫରମ, ପ୍ଲାଜମୋଡିୟମ ଭାଇବେକ୍ସ, ପି.ଓଭେଲା ଏବଂ ପି.ମେଲେରିଆ)ର ଦେଖାଯାଏ। ଏଗୁଡ଼ିକ ମଧ୍ୟରୁ 'ପ୍ଲାଜମୋୟମ ଫଲସିଫରମ' ମ୍ୟାଲେରିଆ ଜୀବାଣୁ ଅତି ମାରାତ୍ମକ। ଏଥିରେ ବିଶ୍ୱରେ ଅଧିକ ଲୋକ ସଂକ୍ରମିତ ହୋଇ ମୃତ୍ୟୁମୁଖରେ ପଡ଼ିଥା'ନ୍ତି। ତେଣୁ ଲକ୍ଷଣ ଦେଖାଦେବା ମାତ୍ରେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ରକ୍ତନମୁନା ପରୀକ୍ଷା କରାଇ ଔଷଧ ସେବନ କରିବା ଦରକାର।

**ମ୍ୟାଲେରିଆ କ'ଣ :** ମ୍ୟାଲେରିଆ ଏକ ଜ୍ୱର ଅଟେ। ଏହି ଜ୍ୱର ମ୍ୟାଲେରିଆ ପାରାସାଇଟ (ମ୍ୟାଲେରିଆ ପରଜୀବୀ)ର ସଂକ୍ରମଣରୁ ଶରୀରରେ ଦେଖାଯାଏ। ସୁସ୍ଥ ମନୁଷ୍ୟ ସାଧାରଣତଃ ମଶା ଦ୍ୱାରା ହିଁ ମ୍ୟାଲେରିଆରେ ସଂକ୍ରମିତ ହୋଇଥା'ନ୍ତି।

ମାଇଏନ୍‌ଫିଲିସ ନାମକ ଏକ ମଶାର ଲାଳ ଗ୍ରନ୍ଥିରେ ମ୍ୟାଲେରିଆ ଜୀବାଣୁ ରଖିଥାଏ।

''ସମଗ୍ର ବିଶ୍ୱରେ ମ୍ୟାଲେରିଆ ପାରାସାଇଟ ୪ ପ୍ରକାର (ପ୍ଲାଜ୍‌ମୋଡିୟମ ଫଲ୍‌ସିଫରମ, ପ୍ଲାଜ୍‌ମୋଡିୟମ ଭାଇବେକ୍ସ, ପି. ଓଭେଲା ଏବଂ ପି.ମେଲେରିଆ)ର ଦେଖାଯାଏ। ଏଗୁଡ଼ିକ ମଧ୍ୟରୁ 'ପ୍ଲାଜ୍‌ମୋୟମ ଫଲ୍‌ସିଫରମ' ମ୍ୟାଲେରିଆ ଜୀବାଣୁ ଅତି ମାରାତ୍ମକ। ଏଥିରେ ବିଶ୍ୱରେ ଅଧିକ ଲୋକ ସଂକ୍ରମିତ ହୋଇ ମୃତ୍ୟୁମୁଖରେ ପଡ଼ିଥା'ନ୍ତି।''

ଏହି ମ୍ୟାଲେରିଆ ଜୀବାଣୁଯୁକ୍ତ ମଶା କାମୁଡ଼ିଲେ ହିଁ ଜଣେ ସୁସ୍ଥ ବ୍ୟକ୍ତି ମ୍ୟାଲେରିଆ ଜ୍ୱରରେ ଆକ୍ରାନ୍ତ ହୋଇଥା'ନ୍ତି। ଏହି ପରଜୀବୀ ନିଜ ଜୀବନ ଚକ୍ରରେ କିଛି ଅଂଶ ମଣିଷ ଦେହରେ ଏବଂ ବାକି ମଶା ଦେହରେ ବିତାଇଥାଏ। ମାଇ ଏନ୍‌ଫିଲିସ ମଶା ମ୍ୟାଲେରିଆରେ ଆକ୍ରାନ୍ତ ରୋଗୀକୁ କାମୁଡ଼ିବା ଦ୍ୱାରା ମଶାଦେହକୁ ମ୍ୟାଲେରିଆ ପରଜୀବୀ ପ୍ରବେଶ କରିଥାଏ। ତା'ପରେ ପରଜୀବୀ ମଶାର ଖାଦ୍ୟନଳୀରେ ପହଞ୍ଚି ମଶାକୁ ସଂକ୍ରମିତ କରାଏ। ଏହି ସଂକ୍ରମିତ ମଶା ଯେତେବେଳେ ସୁସ୍ଥ ମନୁଷ୍ୟକୁ କାମୁଡ଼େ, ସେତେବେଳେ ମ୍ୟାଲେରିଆ ପରଜୀବୀ ମନୁଷ୍ୟର ରକ୍ତ ଭିତରକୁ ପ୍ରବେଶ କରେ। ସୁସ୍ଥ ବ୍ୟକ୍ତିଙ୍କୁ ମଶା କାମୁଡ଼ିବାର ୧୪ ରୁ ୨୧ ଦିନ ଭିତରେ ଜ୍ୱର ହୁଏ। ଜଣେ ମ୍ୟାଲେରିଆ ସଂକ୍ରମିତ ରୋଗୀଙ୍କଠାରୁ ମଶା ଦ୍ୱାରା ଅନେକ ବ୍ୟକ୍ତିଙ୍କୁ ଏହି ରୋଗ ବ୍ୟାପିଥାଏ।

**ଲକ୍ଷଣ :** ମ୍ୟାଲେରିଆ ଜ୍ୱର ଆରମ୍ଭ ହେଲେ ଶରୀରରେ ଥଣ୍ଡା ଅନୁଭୂତ ହେବା ସହ କମ୍ପ ଲାଗେ। ମୁଣ୍ଡ ବ୍ୟଥା, ପ୍ରବଳ ଶୀତ ହେତୁ ରୋଗୀ ରେଜେଇ କିମ୍ବା କମ୍ବଳ ରେ ଘୋଡ଼ାଇ ହୋଇଥାଏ। ହାତର ଆଙ୍ଗୁଠି, ଟିପ, ଓଠ ଆଦି ନୀଳବର୍ଣ୍ଣ ଦିଶେ। ଚର୍ମ ଶୁଷ୍କ ଲାଗିବା ସହ ଲୋମ ଠିଆ ହୋଇଯିବା ଆଦି ଲକ୍ଷଣ ଦେଖାଯାଏ। ମ୍ୟାଲେରିଆ ହେଲେ ରୋଗୀ ଶରୀରରେ ତାପମାତ୍ରା ପ୍ରବଳ ବୃଦ୍ଧି ପାଇ ଜ୍ୱର ଖୁବ ବଢ଼ିଥାଏ। ରୋଗୀର ଭୀଷଣ ମୁଣ୍ଡବ୍ୟଥା ସାଙ୍ଗକୁ ବାନ୍ତି ଲାଗିବା, ଶୋଷ ଲାଗିବା, ଅରୁଚି ଆଦି ସହ ଦେହ ଜଳିଗଲା ପରି ଲକ୍ଷଣ ଅନୁଭୂତ ହୋଇଥାଏ।

**ପ୍ରତିକାର :** ମ୍ୟାଲେରିଆ ଜ୍ୱର ଓ ଡେଙ୍ଗୁ ଜ୍ୱର ମୁଖ୍ୟତଃ ବର୍ଷାଋତୁରେ ବହୁଳ ଭାବେ ଦେଖାଦେଇଥାଏ। ମ୍ୟାଲେରିଆ ଜ୍ୱରର ବାହକ ମାଇଏନ୍‌ଫିଲିସ ମଶା ହୋଇଥିବା ବେଳେ ଏହି ମଶା ମନୁଷ୍ୟକୁ ରାତିରେ କାମୁଡ଼ିଥାଏ। ଏହି ମଶା ସ୍ଥିର, ସ୍ୱଚ୍ଛ ଓ ମାଟି ଉପରେ ଜମିଥିବା ପାଣିରେ ବଂଶ ବିସ୍ତାର କରିଥାଏ। ସମ୍ପୃକ୍ତ ମଶା ୧ ରୁ ୨ କିଲୋମିଟର ପରିସୀମା ଭିତରେ ଉଡ଼ି ସୁସ୍ଥ ବ୍ୟକ୍ତିଙ୍କୁ କାମୁଡ଼ିଥାଏ। ଉକ୍ତ ମଶା କାମୁଡ଼ାରୁ ରକ୍ଷା ପାଇବା ନିମନ୍ତେ ଘରେ ଝୁଣାଧୂପ ଦେବା ସହ ଶୋଇବା ବେଳେ ମଶାରି ଟାଙ୍ଗି ଶୋଇବା ଉଚିତ।

**ଆୟୁର୍ବେଦୀୟ ଚିକିତ୍ସା ପଦ୍ଧତି :** ଆୟୁର୍ବେଦୀୟ ଚିକିତ୍ସା ପଦ୍ଧତି ଅନୁଯାୟୀ ମ୍ୟାଲେରିଆ ଜ୍ୱରରେ ଆକ୍ରାନ୍ତ ରୋଗୀକୁ ସୁଦର୍ଶନ ଘନବଟିକା ଗୋଟିଏ ଲେଖାଏଁ ଦିନରେ ଦୁଇ ବେଳା କିଛି ଖାଦ୍ୟ ପରେ ଜଳ ସହ (ଗରମ ପାଣି ଥଣ୍ଡା କରି) ଖାଇବା ଉଚିତ। ଅମୃତାରିଷ୍ଟ ୧୦-୧୫ ଏମ୍.ଏଲ୍. ଦିନରେ ଦୁଇ ବେଳା ଖାଦ୍ୟ ପରେ ଗରମ ପାଣି ଥଣ୍ଡା କରି ମିଶାଇ ଖାଇବା ଉଚିତ। ଗଙ୍ଗଶିଉଳି ଗଛର ପତ୍ରର ରସ ଦୁଇ ଚାମଚ ଲେଖାଏଁ ଖାଲିପେଟରେ ଦୁଇବେଳା ସେବନ କରିବା ଉଚିତ। ଏହି ଔଷଧଗୁଡ଼ିକ ମ୍ୟାଲେରିଆ ଜ୍ୱର ଉପଶମ ନିମନ୍ତେ ଅମୃତ ତୁଲ୍ୟ କାମ କରିଥାଏ।

ବର୍ଷା ଦିନେ ବିଭିନ୍ନ ପ୍ରକାର ମଶା ଉପଦ୍ରବରୁ ରକ୍ଷା ପାଇବା ନିମନ୍ତେ ବାସଗୃହର ଚାରି ପାଖ ପରିଷ୍କାର ପରିଚ୍ଛନ୍ନ ରଖିବା ସହ ପାଣି ଜମିବାକୁ ଦିଅନ୍ତୁ ନାହିଁ। ବାରମ୍ବାର ବ୍ଲିଚିଂ ପାଉଡର ସିଞ୍ଚନ କରିବା ଏବଂ ଡି.ଡି.ଟି. ସିଞ୍ଚନ କରିବା ଆବଶ୍ୟକ।

*-ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର*
*ଚନ୍ଦାହାଣ୍ଡି, ନବରଙ୍ଗପୁର*
*ମୋ : ୭୮୯୪୧୧୨୪୮୭*





# ଆଇନ୍‌ଷ୍ଟାଇନ୍‌ଙ୍କ ସହ ବାର୍ତ୍ତାଳାପ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

''ୟୁନି-କ୍ୟୁ ଦ୍ୱାରା ଡିଜିଟାଲ ମଣିଷ ବ୍ୟବହାରକାରୀକୁ ଦେଖିପାରିବ ଏବଂ ଶୁଣିପାରିବ। ଏପରିକି ସେ ଉଚ୍ଚାରଣ କରୁଥିବା ଶବ୍ଦଗୁଡ଼ିକର ଅର୍ଥ ମଧ୍ୟ ବୁଝିପାରିବ ଏବଂ ତଦନୁଯାୟୀ ନିଜର ସ୍ୱରକୁ ସମନ୍ୱିତ କରି କଥୋପକଥନ କରିବା ସଂଗେ ସଂଗେ ମଣିଷସୁଲଭ ଅଙ୍ଗଭଙ୍ଗୀ ମଧ୍ୟ ପ୍ରଦର୍ଶନ କରିପାରିବ।''

ଯୁଗସ୍ରଷ୍ଟା ବୈଜ୍ଞାନିକ ଆଇନ୍‌ଷ୍ଟାଇନ୍‌ଙ୍କ ମୃତ୍ୟୁ ଘଟି ସାରିଲାଣି ଆଜକୁ ପ୍ରାୟ ୬୬ବର୍ଷ ପୂର୍ବେ। ତା'ହେଲେ ତାଙ୍କ ସହିତ ବାର୍ତ୍ତାଳାପ କରିବା କିପରି? ତେବେ, ତାହା ହୋଇପାରନ୍ତା ଯଦି ଯୁଗ ଯୁଗ ଧରି ଚଳିଆସିଥିବା ଆମର ଗୋଟିଏ ବିଶ୍ୱାସ (ବରଂ, ଅନ୍ଧବିଶ୍ୱାସ) ସତ ହୋଇପାରନ୍ତା- ତାହା ହେଲା ଆମ ତାନ୍ତ୍ରିକମାନଙ୍କ ଦାବି ଯେ ସେମାନେ ମୃତ ବ୍ୟକ୍ତିମାନଙ୍କ ଆତ୍ମାକୁ ଆହ୍ୱାନ କରି ଆମ ସମ୍ମୁଖକୁ ଆଣିପାରିବେ ଏବଂ ତାଙ୍କ ସହିତ ବାର୍ତ୍ତାଳାପ କରାଇ ପାରିବେ।

ଏ କଥାକୁ ଆମେ କେଉଁ ଅନାଦି କାଳରୁ ବିଶ୍ୱାସ କରିଆସିଛୁ। କିନ୍ତୁ, ବିଜ୍ଞାନର ପ୍ରଗତି ସଙ୍ଗେ ସଙ୍ଗେ ଏହାର ଅସାରତାକୁ ଅଧିକରୁ ଅଧିକ ଲୋକ ଗ୍ରହଣ କରିବାକୁ ଲାଗିଲେଣି। ଆତ୍ମାର ସତ୍ତା ସମ୍ପର୍କରେ ରହିଆସିଥିବା ପୌରାଣିକ ତଥା ଆଧ୍ୟାତ୍ମିକ ଆଖ୍ୟାନକୁ ନେଇ ସେମାନେ ଉଠାଇଲେଣି ବିବିଧ ବିଜ୍ଞାନଭିତ୍ତିକ ପ୍ରଶ୍ନ। ଏସବୁର ଜବାବ ହୋଇଛି। ଏହି ଅବସରରେ ସେମାନେ ଏହାକୁ ତିଆରି କରିଛନ୍ତି।

ୟୁନି-କ୍ୟୁ ଦ୍ୱାରା ଡିଜିଟାଲ ମଣିଷ ବ୍ୟବହାରକାରୀକୁ ଦେଖିପାରିବ ଏବଂ ଶୁଣିପାରିବ। ଏପରିକି ସେ ଉଚ୍ଚାରଣ କରୁଥିବା ଶବ୍ଦଗୁଡ଼ିକର ଅର୍ଥ ମଧ୍ୟ ବୁଝିପାରିବ ଏବଂ ତଦନୁଯାୟୀ ନିଜର ସ୍ୱରକୁ ସମନ୍ୱିତ କରି କଥୋପକଥନ କରିବା ସଙ୍ଗେ ସଙ୍ଗେ ମଣିଷସୁଲଭ ଅଙ୍ଗଭଙ୍ଗୀ ମଧ୍ୟ ପ୍ରଦର୍ଶନ କରିପାରିବ। କେହି ତାଙ୍କ ସହିତ ବାର୍ତ୍ତାଳାପ କରିବାକୁ ଚାହିଁଲେ ସେ ଦିନର ଯେ କୌଣସି ସମୟରେ ତାହା କରିପାରିବ। ଏପରିକି ଏହି ଡିଜିଟାଲ ରୂପଟି ଆଇନ୍‌ଷ୍ଟାଇନ୍‌ଙ୍କ ଭଳି ବିଭିନ୍ନ ପ୍ରଶ୍ନ ମାଧ୍ୟମରେ ଜଣେ ଲୋକର ବୁଦ୍ଧି ପରୀକ୍ଷା କରିପାରିବ।

ୱେବସାଇଟ୍‌ର ସୂଚନା ଅନୁସାରେ ଡିଜିଟାଲ ଆଇନ୍‌ଷ୍ଟାଇନ୍ ତିଆରି କରିବା ମୂଳରେ ଥିବା ମୁଖ୍ୟ କାରଣଟି ହେଲା ବିଜ୍ଞାନରେ ରୁଚି ରଖୁଥିବା ଲୋକଙ୍କୁ ତାଙ୍କ ସହିତ ପ୍ରତ୍ୟକ୍ଷ ଭାବେ ବାର୍ତ୍ତାଳାପ କଲାଭଳି ଅନୁଭବ କରିବାର ସୁଯୋଗ



ତାନ୍ତ୍ରିକ ଅଥବା ଆତ୍ମାରେ ବିଶ୍ୱାସ କରୁଥିବା ଲୋକଙ୍କ ନିକଟରେ ନାହିଁ। ତଥାପି ଆମ ମନ ଭିତରେ ଆମ ମୃତ ପୂର୍ବପୁରୁଷ କିମ୍ବା କୌଣସି ମହାନ୍ ବ୍ୟକ୍ତିଙ୍କ ଆତ୍ମା ସହିତ ବାର୍ତ୍ତାଳାପ କରିବାର ଇଚ୍ଛା ମରିନାହିଁ। ଏକ ଭିନ୍ନ ବାଟରେ ଏହାକୁ ପୂରଣ କରିବା ଲାଗି ଏବେ ଆଗେଇ ଆସିଛି ନ୍ୟୁଜିଲାଣ୍ଡର ୟୁନି-କ୍ୟୁ ନାମକ ଏକ କମ୍ପାନୀ। ଏହାର ପ୍ରଯୁକ୍ତି ବିଜ୍ଞାନୀମାନେ ଡିଜିଟାଲ ମଣିଷ ତିଆରି କ୍ଷେତ୍ରରେ ସଫଳତା ହାସଲ କରିଛନ୍ତି ଏବଂ ଏହାର ପ୍ରାଥମିକ ତଥା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ତିଆରି କରିଛନ୍ତି ଆଇନ୍‌ଷ୍ଟାଇନ୍‌ଙ୍କର ଏକ କୃତ୍ରିମ ମେଧା ବା 'ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ' ରୂପ। ଆଇନ୍‌ଷ୍ଟାଇନ୍ ନୋବେଲ ପୁରସ୍କାର ଲାଭ କରିବାର ଚଳିତ ବର୍ଷ ୧୦୦ ବର୍ଷ ପୂରଣ ପ୍ରଦାନ କରିବା। ପୁନଶ୍ଚ କୋଭିଡ୍-୧୯ ସମୟରେ ବିଜ୍ଞାନ ଛାତ୍ରୀଛାତ୍ର ଏବଂ ଅନ୍ୟମାନେ ଏହାଦ୍ୱାରା ବିଶେଷ ଉପକୃତ ହୋଇପାରିବେ। ଡିଜିଟାଲ ଆଇନ୍‌ଷ୍ଟାଇନ୍ ବାର୍ତ୍ତାଳାପ, ମାନବସୁଲଭ ଅଙ୍ଗଭଙ୍ଗୀ ଏବଂ ଭାବପ୍ରବଣ ପ୍ରତିକ୍ରିୟା ମାଧ୍ୟମରେ ପ୍ରତିଦିନ ଲୋକଙ୍କ ସହିତ ଯୋଗାଯୋଗ ଏବଂ ଭାବର ଆଦାନପ୍ରଦାନ କରିପାରିବ। ଆପଣ ଚାହିଁଲେ ବ୍ୟକ୍ତିଗତ ଭାବେ ଆଇନ୍‌ଷ୍ଟାଇନ୍ ଡିଜିଟାଲ ମଣିଷଟିଏ ପାଇପାରିବେ। ଏଥିପାଇଁ କମ୍ପାନୀର ୱେବ୍‌ସାଇଟ୍‌ରେ ମିଳୁଥିବା ଏକ ଫର୍ମ ପୂରଣ କରିବାକୁ ହେବ ଏବଂ ଆବଶ୍ୟକ ପରିମାଣରେ ଅର୍ଥ ଅନ୍‌ଲାଇନରେ ଦେବାକୁ ପଡ଼ିବ।

*-ଉଷା ନିବାସ, ୧୨୪/୨୪୪୫,*
*ଖଣ୍ଡଗିରି ବିହାର, ଭୁବନେଶ୍ୱର-୩୦*
*ମୋ: ୯୯୩୭୯୮୫୭୬୭*

## ସ୍ୱାସ୍ଥ୍ୟ ସୂଚନା

- ଯଦି ଆପଣଙ୍କ ବୟସ ୫୦ ଟପିଗଲାଣି, ତେବେ ନିଜ ସ୍ୱାସ୍ଥ୍ୟ ପ୍ରତି ଅଧିକ ସଚେତନ ରୁହନ୍ତୁ। କାରଣ ବୟସ ବଢ଼ିବା ସହ ସ୍ୱାସ୍ଥ୍ୟଜନିତ ସମସ୍ୟା ଦେଖାଯିବାର ଆଶଙ୍କା ଥାଏ।
- ବିଳମ୍ବିତ ରାତିରେ ରାତ୍ରଭୋଜନ କରିବା କେତେକଙ୍କର ଅଭ୍ୟାସ। ଏପରି ଅଭ୍ୟାସ ବଦଳାଇବାକୁ ଚେଷ୍ଟା କରନ୍ତୁ। ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ।
- କୌଣସି ଫୁଡ୍ ସପ୍ଲିମେଣ୍ଟ ଖାଇବା ପୂର୍ବରୁ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।
- ଯଦି ଆପଣ କୌଣସି ରୋଗ ବିଷୟରେ ଡାକ୍ତରଙ୍କ ସହ ଆଲୋଚନା କରୁଛନ୍ତି, ତେବେ ନିଜର ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ବିଶଦ ଭାବରେ ତାଙ୍କୁ କୁହନ୍ତୁ। ଏହାଦ୍ୱାରା ରୋଗ ବିଷୟରେ ସେ କେତେକ ତଥ୍ୟ ଜାଣିପାରିବେ।
- ଯଦି ଆପଣଙ୍କର ଦୃଷ୍ଟିଶକ୍ତିଜନିତ ସମସ୍ୟା ରହିଛି, ତେବେ ବର୍ଷକୁ ଅତିକମ୍‌ରେ ଥରେ କିମ୍ବା ଦୁଇ ଥର ଆଖି ପରୀକ୍ଷା କରାଇ ନିଅନ୍ତୁ। ଯଦି କିଛି ସମସ୍ୟା ଦେଖାଦେଲା, ଚକ୍ଷୁ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।



# କଫ ସମସ୍ୟାର ଘରୋଇ ଉପଚାର

ଏବେ ତ ବର୍ଷାଦିନ। ତେଣୁ ଥଣ୍ଡା, ଜ୍ୱର, କାଶ, କଫ ଆଦି ସମସ୍ୟା ଦେଖାଯିବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ଏହି ଋତୁ ପ୍ରତି ଅଧିକ ସଚେତନ ରହିବାକୁ ପଡ଼ିଥାଏ। ଯଦି ଆପଣ କଫଜନିତ ସମସ୍ୟା ସହ ଜଡ଼ିତ, ତେବେ ଡାକ୍ତରଙ୍କ ସହ ପରାମର୍ଶ କରି ଔଷଧ ଖାଇବାକୁ ଭୁଲନ୍ତୁ ନାହିଁ। ତା'ସହ ଏପରି କେତେକ ଘରୋଇ ଉପଚାର ରହିଛି, ଯାହାକୁ ଅନୁସରଣ କଲେ ଆପଣ କେତେକାଂଶରେ ଏଥିରୁ ଉପଶମ ପାଇପାରିବେ। ଅଧା କପ୍ ଉଷୁମ ପାଣିରେ ଅଧା ଚାମଚ ହଳଦୀଗୁଣ୍ଡ, ଏକ ଚାମଚ ମହୁ ମିଶାଇ ଦିଅନ୍ତୁ। ଏହି ମିଶ୍ରଣକୁ ଉଷୁମ କରି ସେବନ କଲେ କଫରୁ ଉପଶମ ମିଳିଥାଏ। ଅଦାକୁ ଭଲ ଭାବରେ ଛେଚି ପାଣିରେ ପକାଇ ଉଷୁମ କରି ଦିନକୁ ୩-୪ ଥର ପିଇଲେ କଫରୁ ଆରାମ ମିଳିଥାଏ। ଦୁଇ ଚାମଚ ଲେମ୍ବୁ ରସରେ ଏକ ଚାମଚ ମହୁ ମିଶାଇ ଉଷୁମ କରି ପିଇପାରିବେ।

# ଟିଟି, ପାୱାରଲିଫ୍ଟିଙ୍ଗ୍, ଟାଏକୋଣ୍ଡୋ ଉପରେ ନଜର

**ନୂଆଦିଲ୍ଲୀ,୨୨।୮(ପି.ଟି.)**



ଅଗଷ୍ଟ ୨୫ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଟୋକିଓ ପାରାଲିମ୍ପିକ୍ସରେ ଭାରତୀୟ ଖେଳାଳିମାନେ ଏଥର ଟେବୁଲ ଟେନିସ(ଟିଟି), ପାୱାରଲିଫ୍ଟିଙ୍ଗ୍ ଓ ଟାଏକୋଣ୍ଡୋରେ ସଫଳତା ହାସଲ କରିବା ଲକ୍ଷ୍ୟରେ ରହିଛନ୍ତି। ଗୁଜରାଟ ଯୋଡି ଭବିନା ପଟେଲ ଓ ସୋନାଲବେନ ପଟେଲ ଟିଟିରେ ଭାରତର ନେତୃତ୍ୱ ନେବେ। ମହିଳା ସିଙ୍ଗଲ୍ସରେ ଭବିନା ହ୍ୱିଲଚେୟାର କ୍ଲାସ୍ ୪ ବର୍ଗରେ ଓ ସୋନାଲବେନ ହ୍ୱିଲଚେୟାର କ୍ଲାସ ୩ ବର୍ଗରେ ଅଂଶଗ୍ରହଣ କରିବେ। ମହିଳା ଡବଲ୍ସ ଇଭେଣ୍ଟରେ ଏହି ଦୁଇ ଖେଳାଳି ଏକାଠି ହୋଇ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ। ଉଦ୍‌ଘାଟନୀ ଦିବସରେ ଭବିନା ଓ ସୋନାଲବେନ ଇଭେଣ୍ଟ କ୍ୱାଲିଫିକେଶ ରାଉଣ୍ଡରେ ଭାଗ ନେବେ। କ୍ୱାଲିଫିକେଶ ରାଉଣ୍ଡ ମ୍ୟାଚ୍‌ଗୁଡିକ ଅଗଷ୍ଟ ୨୫, ୨୬ ଓ ୨୭ରେ ଖେଳାଯିବ। ସେହିପରି ଅଗଷ୍ଟ ୨୮ ଓ ୨୯ରେ ଯଥାକ୍ରମେ ସେମିଫାଇନାଲ ଓ ଫାଇନାଲ ଆୟୋଜନ ହେବ। ଭବିନା ଏବେ ବିଶ୍ୱ ର୍ୟାଙ୍କିଙ୍ଗର ନବମ ସ୍ଥାନରେ ଓ ସୋନାଲବେନ ୧୯ତମ ସ୍ଥାନରେ ରହିଛନ୍ତି। ଏହି ଯୋଡି ଏସିଆନ ଗେମ୍ସରେ ପଦକ ହାସଲ କରିଥିଲେ ଓ ଏବେ କୋଚ୍ ଲାଲନ ଦୋଷୀଙ୍କ ତତ୍ତ୍ୱାବଧାନରେ ଅହମ୍ମଦାବାଦର ବ୍ଲାଇଣ୍ଡ ପିପୁଲ ଆସୋସିଏଶନରେ ପ୍ରଶିକ୍ଷଣ ନେଉଛନ୍ତି।

**ଟୋକିଓ ପାରାଲିମ୍ପିକ୍ସ**

ସେହିପରି ପାରା ଟାଏକୋଣ୍ଡୋରେ ଭାରତ ପାଇଁ ୨୧ ବର୍ଷୀୟ ଅରୁଣା ତନୱାର ପ୍ରତିନିଧିତ୍ୱ କରିବେ। ହରିୟାଣାର ଏହି ଆଥ୍‌ଲେଟ ମହିଳା ୪୯ କେ.ଜି.ରୁ କମ୍ କେ୪୪ ବର୍ଗ ଇଭେଣ୍ଟରେ ଅଂଶଗ୍ରହଣ କରିବେ। ସେପ୍ଟେମ୍ବର ୨ରୁ ରାଉଣ୍ଡ ଅଫ୍ ୧୬ରୁ ସେ ଅଭିଯାନ ଆରମ୍ଭ କରିବେ। ଅରୁଣା ଏବେ କେ୪୪ ବର୍ଗ ର୍ୟାଙ୍କିଙ୍ଗ୍‌ର ୩୦ତମ ସ୍ଥାନରେ ରହିଛନ୍ତି। ୨୦୧୮ରେ ଭିଏତନାମରେ ଅନୁଷ୍ଠିତ ଏସିଆନ ପାରା ଟାଏକୋଣ୍ଡୋ ଚାମ୍ପିୟନଶିପ୍‌ରେ ଅରୁଣା ରୌପ୍ୟ ପଦକ ହାସଲ କରିଥିଲେ। ୨୦୧୯ରେ ତୁର୍କୀରେ ଅନୁଷ୍ଠିତ ବିଶ୍ୱ ପାରା ଟାଏକୋଣ୍ଡୋ ଚାମ୍ପିୟନଶିପ୍‌ରେ ମଧ୍ୟ ସେ ବ୍ରୋଞ୍ଜ ପଦକ ଜିତିଥିଲେ।

ସେହିପରି ପାରା ପାୱାରଲିଫ୍ଟିଙ୍ଗ୍‌ରେ ଭାରତ ଜୟଦୀପ ଓ ସକିନା ଖାତୁନଙ୍କୁ ଟୋକିଓ ପଠାଇଛି। ପଶ୍ଚିମବଙ୍ଗରେ ଜନ୍ମଗ୍ରହଣ କରିଥିବା ସକିନା ବେଙ୍ଗାଲୁରୁସ୍ଥିତ ସାଇ ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ଟ୍ରେନିଂ ନେଉଛନ୍ତି। ହରିୟାଣାର ଜୟଦୀପ ରୋହତକର ରାଜୀବ ଗାନ୍ଧୀ ଷ୍ଟାଡିୟମରେ ଟ୍ରେନିଂ ନେଉଛନ୍ତି। ସକିନା ୫୦ କେ.ଜି. ବର୍ଗ ଇଭେଣ୍ଟରେ ଅଂଶଗ୍ରହଣ କରିବେ। ସେ ଏକମାତ୍ର ଭାରତୀୟ ମହିଳା ପାରା ଅଲିମ୍ପିୟାନ ଭାବେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ପଦକ ହାସଲ କରିଥିଲେ। ସେ ୨୦୧୪ରେ ଗ୍ଲାସ୍‌ଗୋରେ ବ୍ରୋଞ୍ଜ ପଦକ ଜିତିଥିଲେ। ସେ ମଧ୍ୟ ୨୦୧୮ ପାରା ଏସିଆନ ଗେମ୍ସରେ ରୌପ୍ୟ ପଦକ ଜିତିଥିଲେ।

ପିଲାବେଳେ ପୋଲିଓ ଦ୍ୱାରା ଆକ୍ରାନ୍ତ ହୋଇଥିବା ସକିନା ୨୦୧୦ ପାୱାରଲିଫ୍ଟିଙ୍ଗ୍ ଟ୍ରେନିଂ ଆରମ୍ଭ କରିଥିଲେ। ଏଥିପାଇଁ ଦିଲୀପ ମଜୁମ୍‌ଦାର ଓ କୋଚ୍ ଫର୍ମାନ ବାଶା ତାଙ୍କୁ ଆର୍ଥିକ ଭାବେ ସହାୟତା ପ୍ରଦାନ କରିଥିଲେ। ସେହିପରି ପୁରୁଷ ୬୫ କେ.ଜି. ବର୍ଗରେ ଅଂଶଗ୍ରହଣ କରୁଥିବା ଜୟଦୀପ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ରେ ଆସିଷ୍ଟାଣ୍ଟ କୋଚ ରହିଛନ୍ତି। ଅଗଷ୍ଟ ୨୭ରେ ସକିନା ଓ ଜୟଦୀପ ସେମାନଙ୍କ ଫାଇନାଲ ରାଉଣ୍ଡରେ ଅଂଶଗ୍ରହଣ କରିବେ।

## ଉଦ୍‌ଘାଟନୀରେ ଭାଗନେବେ ୫ ଆଥ୍‌ଲେଟ, ୬ ଅଫିସିଆଲ

**ଟୋକିଓ, ୨୨।୮(ପି.ଟି.)**

ମଙ୍ଗଳବାର ହେବାକୁଥିବା ଟୋକିଓ ପାରାଲିମ୍ପିକ୍ସ ଉଦ୍‌ଘାଟନୀ ଉତ୍ସବରେ ଭାରତୀୟ ଦଳର ମାତ୍ର ୬ଜଣ ଅଫିସିଆଲଙ୍କୁ ଅଂଶଗ୍ରହଣ ଲାଗି ଅନୁମତି ରହିଥିବା ଭାରତୀୟ ଦଳର ଚିଫ୍ ଡି' ମିଶନ ରବିବାର ସୂଚନା ଦେଇଛନ୍ତି। ଆଥ୍‌ଲେଟଙ୍କ ସଂଖ୍ୟା ଉପରେ କୌଣସି କଟକଣା ନାହିଁ। ଉଦ୍‌ଘାଟନୀ ଉତ୍ସବ ବେଳକୁ ଟୋକିଓରେ ୭ଜଣ ଆଥ୍‌ଲେଟ ପହଞ୍ଚି ସାରିଥିବେ। ହେଲେ ସେମାନଙ୍କ ମଧ୍ୟରୁ ୫ଜଣ ଅଂଶଗ୍ରହଣ କରିବେ। କାରଣ ଅନ୍ୟ ଦୁଇଜଣ ଟେବୁଲ ଟେନିସ ଖେଳାଳି ସୋନାଲ ପଟେଲ ଓ ଭାବନା ପଟେଲଙ୍କର ପରଦିନ ଅର୍ଥାତ୍ ବୁଧବାର ପ୍ରତିଯୋଗିତା ରହିଛି। ଜାପାନିଜ୍ ସମ୍ରାଟ ନାରୁହିତୋ ଗେମ୍ସର ଉଦ୍‌ଘାଟନ ଘୋଷଣା କରିବେ। ଉଦ୍‌ଘାଟନୀ ଉତ୍ସବରେ ଭାଗ ନେବାକୁଥିବା ୫ ଆଥଲେଟଙ୍କ ମଧ୍ୟରେ ଅଛନ୍ତି ପତାକାଧାରୀ ମାରିୟାପ୍ପାନ ଥାଙ୍ଗାଭେଲୁ, ଡିସ୍କସ୍ ଥ୍ରୋୟର ବିନୋଦ କୁମାର, ଜାଭେଲିନ୍ ଥ୍ରୋୟର ଟେକ୍ ଚାନ୍ଦ୍ ଏବଂ ଦୁଇ ପାୱାରଲିଫ୍ଟର ଜୟଦୀପ ଓ ସାକିନା ଖାତୁନ। ଉଦ୍‌ଘାଟନୀ ଉତ୍ସବରେ ଭାଗ ନେବାକୁ ଥିବା ୬ ଅଫିସିଆଲଙ୍କ ମଧ୍ୟରେ ୪ଜଣଙ୍କ ନାମ ଚୂଡ଼ାନ୍ତ ହୋଇ ସାରିଛି। ସେମାନଙ୍କ ମଧ୍ୟରେ ରହିଛନ୍ତି ଚିଫ୍ ଡି' ମିଶନ, ଡେପୁଟି ଚିଫ୍ ଡି' ମିଶନ ଆରହଣ ବାଗାତି, କୋଭିଡ୍ ଚିଫ୍ ଲିଆସନ ଅଫିସର ଭି.କେ. ଡାବାସ ଓ ମାରିୟାପ୍ପାନଙ୍କ କୋଚ୍ ଏବଂ ପାରା ଆଥ୍‌ଲେଟିକ୍ସ ଚେୟାରମ୍ୟାନ ସତ୍ୟନାରାୟଣ। ଭାରତର ତୃତୀୟ ପର୍ଯ୍ୟାୟ ଆଥଲେଟ ଦଳ ସୋମବାର ପ୍ରସ୍ଥାନ କରିବେ। ଟ୍ରେନିଂ ଆରମ୍ଭ କରିବା ପୂର୍ବରୁ ସେମାନଙ୍କୁ ପ୍ରଥମେ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପଡ଼ିବ। ସେପ୍ଟେମ୍ବର ୮ରେ ଶେଷ ହେବାକୁଥିବା ପାରାଲିମ୍ପିକ୍ସ ଲାଗି ଭାରତରୁ ଏଥର ସର୍ବାଧିକ ୫୪ ଆଥଲେଟ ପ୍ରତିନିଧିତ୍ୱ କରୁଛନ୍ତି।

# ସୁନ୍ଦରଗଡ଼, କଟକ-ଏ, ଓଡ଼ିଶା ବ୍ଲୁ, ଗ୍ରୀନ୍, ରେଡ୍, ଭାଓଲେଟ ବିଜୟୀ



ଅମିତ ଦାସ



ଅଭିଷେକ ରାଉତ



ପ୍ରୟାସ ସିଂ



ଶାନ୍ତନୁ ମିଶ୍ର



ଶ୍ରେଷ୍ଠ ସିଂ

**ଭୁବନେଶ୍ୱର,୨୨।୮(ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କଟକର ବିଭିନ୍ନ ଗ୍ରାଉଣ୍ଡରେ ଚାଲିଥିବା ଆନ୍ତଃଜିଲା କଳାହାଣ୍ଡି କପ୍ ସୁପର ଲିଗ୍ ଟୁର୍ନାମେଣ୍ଟରେ ରବିବାର ଖେଳାଯାଇଥିବା ମ୍ୟାଚ୍‌ଗୁଡିକରେ ସୁନ୍ଦରଗଡ଼, କଟକ-ଏ, ଓଡ଼ିଶା ବ୍ଲୁ, ଗ୍ରୀନ୍, ରେଡ୍, ଭାଓଲେଟ ବିଜୟ ହାସଲ କରିଛନ୍ତି।

ନିମପୁର ଗ୍ରାଉଣ୍ଡରେ ସୁନ୍ଦରଗଡ଼ ୧୩ ରନରେ ଇକୋର୍ସାକୁ ହରାଇଛି। ଟସ୍ ଜିତି ସୁନ୍ଦରଗଡ଼ ପ୍ରଥମେ ବ୍ୟାଟିଂ କରି ୩୩.୫ ଓଭରରେ ୮୧ ରନକରି ଅଲ୍‌ଆଉଟ ହୋଇଥିଲା। ବ୍ୟାଟିଂରେ କେହି ସଫଳତା ପାଇ ନ ଥିବା ବେଳେ ବୋଲିଂରେ ଇକୋର୍ସା ତରଫରୁ ଜୟନ୍ତ ବେହେରା ଓ ରାଜେଶ ମହାନ୍ତ ୪ଟି ଲେଖାଏ, ଅଙ୍କିତ ଯାଦବ ୨ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଇକୋର୍ସା ୨୧.୧ ଓଭରରେ ୬୮ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ସେହିପରି ସୁନ୍ଦରଗଡ଼ ତରଫରୁ ଅମିତ କୁମାର ଦାସ ଓ ଗୋବିନ୍ଦ ପୋଦ୍ଦାର ୪ଟି ଲେଖାଏ, ସୌଭାଗ୍ୟ ରାଉତ ୨ ଉଇକେଟ ଅକ୍ତିଆର କରିଥିଲେ।

**ଖୋର୍ଦ୍ଧା ୫୭ ରନରେ ପରାସ୍ତ**

ସନ୍‌ସାଇନ ଗ୍ରାଉଣ୍ଡରେ ଓଡ଼ିଶା ବ୍ଲୁ ୫୭ ରନରେ ଖୋର୍ଦ୍ଧାକୁ ହରାଇଛି। ଟସ ହାରି ପ୍ରଥମେ ବ୍ୟାଟିଂ କରିଥିବା ବ୍ଲୁ ୫୦ ଓଭରରେ ୭ ଉଇକେଟ ହରାଇ ୨୬୮ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ନରେନ୍ଦ୍ର ଦାସ ୬୫, ସୌରଭ କାନୋଜିଆ ୫୫, ସନ୍ଦୀପ ପଟ୍ଟନାୟକ ୫୨, ସୁକେଶ ହିରୋ ୩୩ ରନ ସଂଗ୍ରହ କରିଥିଲେ। ବୋଲିଂରେ ଖୋର୍ଦ୍ଧା ତରଫରୁ ଓମ୍ ନାରାୟଣ ୩ ଉଇକେଟ ନେଇଥିଲେ। ଜବାବରେ ଖୋର୍ଦ୍ଧା ୪୬ ଓଭରରେ ୨୧୧ ରନକରି ଅଲଆଉଟ ହୋଇଥିଲା। ଦଳ ତରଫରୁ ଆର୍ଯ୍ୟଶ୍ରୀ ଭଞ୍ଜ ୮୧, ରାକେଶ ପଟ୍ଟନାୟକ ୬୦ ରନ ସଂଗ୍ରହ କରିଥିଲେ। ବ୍ଲୁ ତରଫରୁ ଶ୍ରେଷ୍ଠ ସିଂ ୪ ଉଇକେଟ ଅକ୍ତିଆର କରିଥିଲେ।

**ୟେଲୋର ବୃହତ୍ ପରାଜୟ**

ଏସ୍‌ସିବି ମେଡିକାଲ ଗ୍ରାଉଣ୍ଡରେ ଓଡ଼ିଶା ଗ୍ରୀନ୍ ୧୫୨ ରନରେ ଓଡ଼ିଶା ୟେଲୋକୁ ହରାଇଛି। ଟସ୍ ଜିତି ଗ୍ରୀନ୍ ୫୦ ଓଭରରେ ୭ ଉଇକେଟ ହରାଇ ୨୩୧ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପ୍ରୟାସ ସିଂ ସର୍ବାଧିକ ୭୦ ରନ ସଂଗ୍ରହ କରିଥିଲେ। ଜବାବରେ ୟେଲୋ ୩୬.୨ ଓଭରରେ ୭୯ ରନକରି ଅଲ୍‌ଆଉଟ ହୋଇଛି। ଗ୍ରୀନ୍‌ର ହର୍ଷିତ ରାଠୋର ସର୍ବାଧିକ ୪, ପୟାସ ସିଂ ୩ ଉଇକେଟ ନେଇଥିଲେ।

**କଳାହାଣ୍ଡି କପ୍ ସୁପର ଲିଗ୍**

**ଝାରସୁଗୁଡ଼ା ୭୬ ରନରେ ପରାସ୍ତ**

ରେଭେନ୍ସା ଗ୍ରାଉଣ୍ଡରେ କଟକ-ଏ ୭୬ ରନରେ ଝାରସୁଗୁଡାକୁ ହରାଇଛି। ଟସ୍ ଜିତି କଟକ ପ୍ରଥମେ ବ୍ୟାଟିଂ କରି ୪୯.୧ ଓଭରରେ ୧୮୦ ରନକରି ଅଲଆଉଟ ହୋଇଥିଲା। ଜବାବରେ ଝାରସୁଗୁଡା ୪୫.୧ ଓଭରରେ ୧୦୪ ରନ କରି ଆଉଟ ହୋଇଥିଲା।

**ରାଉରକେଲା ୬ ଉଇକେଟରେ ପରାସ୍ତ**

ରେଭେନ୍ସା ଗ୍ରାଉଣ୍ଡ-୨ରେ ଓଡ଼ିଶା-ରେଡ୍ ୬ ଉଇକେଟରେ ରାଉରକେଲାକୁ ହରାଇଛି। ଟସ୍ ଜିତି ରାଉରକେଲା ପ୍ରଥମେ ବ୍ୟାଟିଂ କରି ୪୭.୨ ଓଭରରେ ୧୧୩ ରନକରି ଆଉଟ ହୋଇଥିଲା। ଦଳ ତରଫରୁ ଆଶୀର୍ବାଦ ସ୍ୱାଇଁ ସର୍ବାଧିକ ୪୭ ରନକରି ଥିଲେ। ରେଡ୍ ତରଫରୁ ମିଳନ ସାମଲ ୪ ଉଇକେଟ ନେଇଥିଲେ। ଜବାବରେ ରେଡ୍ ୨୯.୧ ଓଭରରେ ୪ ଉଇକେଟ ହରାଇ ୧୧୪ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ରେଡ୍ ତରଫରୁ ଦେବେନ୍ଦ୍ର କୁଅଁର ଅପରାଜିତ ୫୨ ରନ ସଂଗ୍ରହ କରିଥିଲେ।

**ଓଡ଼ିଶା ପିଙ୍କ୍ ୯ ଉଇକେଟରେ ହାରିଲା**

ବିଡ଼ାନାସୀ ଗ୍ରାଉଣ୍ଡରେ ଓଡ଼ିଶା ଭାଓଲେଟ ୯ ଉଇକେଟରେ ଓଡ଼ିଶା ପିଙ୍କ୍‌କୁ ହରାଇଛି। ଟସ୍ ଜିତି ପିଙ୍କ୍ ପ୍ରଥମେ ବ୍ୟାଟିଂ କରି ୩୨ ଓଭରରେ ୧୧୭ ରନକରି ଅଲ୍‌ଆଉଟ ହୋଇଥିଲା। ଭାଓଲେଟର ପପୁ ରାଏ ସର୍ବାଧିକ ୪ ଉଇକେଟ ନେଇଥିଲେ। ଜବାବରେ ଭାଓଲେଟ ୨୫.୩ ଓଭରରେ ୧ ଉଇକେଟ ହରାଇ ୧୧୮ ରନକରି ବିଜୟୀ ହୋଇଥିଲା। ଦଳ ତରଫରୁ ଶାନ୍ତନୁ ମିଶ୍ର ସର୍ବାଧିକ ୬୩ ରନ ସଂଗ୍ରହ କରିଥିଲେ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ଯୁବକଙ୍କ ମୃତଦେହ ଜବତ

ସାଲେପୁର,(ଡି. ଏନ୍.ଏ): ସାଲେପୁର ଥାନା ଅଧୀନ ଶିଶୁଆ ପଞ୍ଚାୟତ ସପନପୁର ( କଣ୍ଡାସାହି) ଗ୍ରାମର ଜଣେ ଯୁବକଙ୍କ ମୃତଦେହ ରବିବାର ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇଛି। ସେ ହେଲେ ଗ୍ରାମର ସ୍ୱର୍ଗତ ମୀନକେତନ ଦାଶଙ୍କ ପୁଅ ଚନ୍ଦନ (୩୧)। ଘର ଭିତରେ ଥିବା ଏକ ପଙ୍ଖାରୁ ତାଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ମୃତ୍ୟୁ କାରଣ ଅସ୍ପଷ୍ଟ ରହିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# ରାଜସ୍ୱ ହରାଉଛି ସିଏମ୍‌ସି

## କମ୍ ମୂଲ୍ୟରେ ଦିଆଯାଇଛି ଦୋକାନ ଭଡ଼ା

କଟକ ଅଫିସ, ୨୨।୮

କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଦୋକାନଗୃହ ନିର୍ମାଣ କରି ବ୍ୟବସାୟୀଙ୍କୁ ଭଡା ସୂତ୍ରରେ ଦିଆଯାଇଛି। ରାଜସ୍ୱ ବୃଦ୍ଧି ପାଇଁ ଏଭଳି ବ୍ୟବସ୍ଥା କରାଯାଇଥିବାବେଳେ ବହୁତ କମ୍ ମୂଲ୍ୟରେ ଦୋକାନ ଗୃହ ଭଡା ସୂତ୍ରରେ ଦିଆଯାଇଥିବା ଅଭିଯୋଗ ହୋଇଛି। ଏଥିଯୋଗୁ ସିଏମ୍‌ସି ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଛି।

କଟକ ମହାନଗର ନିଗମ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସିଏମ୍‌ସି ପକ୍ଷରୁ କଟକ ପିଲିଗ୍ରୀମରୋଡ୍‌ଠାରେ ୧୨୦ଟି ଦୋକାନ ଗୃହ ନିର୍ମାଣ କରାଯାଇଛି। ସେଥିମଧ୍ୟରୁ ୭୧ଟି ଘରକୁ ୭୦ ଟଙ୍କା ଭଡାରେ ଦିଆଯାଇଥିବାବେଳେ ୭ଟିକୁ ୮୫ ଟଙ୍କା, ୧୬ଟିକୁ ୨୫୬ ଟଙ୍କା, ୧୩ଟିକୁ ୧୨୮ ଟଙ୍କା, ୧୨ଟିକୁ ୧୯୨ ଟଙ୍କା ଓ ଗୋଟିଏ ଘରକୁ ୩୦୦ ଟଙ୍କାରେ ଭଡା ଦିଆଯାଇଛି। ସେହିପରି କଲେଜଛକ ସ୍ଥିତ ନେତାଜୀ ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତି ନିକଟରେ ନିର୍ମିତ ୩୩ ଦୋକାନ ଗୃହ ମଧ୍ୟରୁ ୨ଟିକୁ ୭୦୦ ଟଙ୍କା ଓ ୩୧ଟିକୁ ୫୦୦ ଟଙ୍କାରେ ଭଡା ଦିଆଯାଇଛି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ମୁଖ୍ୟଗେଟ୍ ପାର୍ଶ୍ୱ ପାଚେରି ନିକଟରେ ନିର୍ମିତ ୬୪ ଦୋକାନ ଗୃହକୁ ସିଏମ୍‌ସି ପକ୍ଷରୁ ମାତ୍ର ୪୫ ଟଙ୍କା ଭଡା ସୂତ୍ରରେ ଦିଆଯାଇଛି। ହେଲେ ଏହାର ଅପରପାର୍ଶ୍ୱରେ ଦୋକାନ ପାଇଁ ସିଏମ୍‌ସି ନୂତନ ଭାବେ ୨୮ଟି ଟିଣ କ୍ୟାବିନ୍ ନିର୍ମାଣ କରିଥିବାବେଳେ ଦୋକାନୀଠାରୁ ଭଡା ବାବଦକୁ ୪୫୦ ଟଙ୍କା ଆଦାୟ କରାଯାଉଛି। ଏପରିକି ପ୍ରତି କ୍ୟାବିନ୍ ପାଇଁ ସିକ୍ୟୁରିଟି ଅର୍ଥ ବାବଦକୁ ୫ ହଜାର ଟଙ୍କା ଲେଖାଏ ରଖାଯାଇଥିବା ଜଣାପଡିଛି। ଏହି ସ୍ଥାନରେ ଏବେ ଘରୋଇ ଦୋକାନଘର ଭଡା ୪ରୁ ୫ ହଜାର ଟଙ୍କା ଯାଏଁ ଆଦାୟ ହେଉଛି।

ପିଲିଗ୍ରୀମରୋଡ୍ ଅଞ୍ଚଳରେ ସିଏମ୍‌ସିର ୧୨୦ ଦୋକାନକୁ ଛାଡିଦେଲେ ଏହା ନିକଟରେ ଥିବା ୮ଟି ଦୋକାନ ବେଆଇନ ଭାବେ ଚାଲିଛି। ସେହିପରି ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ମୁଖ୍ୟଗେଟ୍ ପାଚେରି ନିକଟରେ ୬୪ଟି ଦୋକାନ ଘର ଥିବାବେଳେ ଏହା ପାର୍ଶ୍ୱରେ ୧୪ଟି ଦୋକାନ ବେଆଇନ ଭାବେ ନିର୍ମାଣ କରାଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସେହିପରି ସୁଭାଷ ବୋଷ ପ୍ରତିମୂର୍ତ୍ତି ନିକଟରେ ଥିବା ୩୩ଟି ଦୋକାନକୁ ଲାଗି ଆଉ ୧୦ଟି ଦୋକାନ ନିର୍ମାଣ କରାଯାଇଥିବା ଜଣାପଡିଛି। ପିଲିଗ୍ରୀମରୋଡ୍ ଓ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ମୁଖ୍ୟଗେଟ୍ ପାର୍ଶ୍ୱ ଡ୍ରେନ୍ ଉପରେ ସିଏମ୍‌ସିର ଉକ୍ତ ଦୋକାନଗୁଡିକ ରହିଛି। ଏଥିଯୋଗୁ ଡ୍ରେନ୍ ସଫା ହୋଇପାରୁନାହିଁ। ଫଳରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଥିବାରୁ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବର୍ଷା ହେଲେ ଉକ୍ତ ଅଞ୍ଚଳର ଅବସ୍ଥା ସଙ୍ଗିନ ହୋଇପଡୁଥିବା ସ୍ଥାନୀୟ ବ୍ୟବସାୟୀମାନେ ମତପ୍ରକାଶ କରିଛନ୍ତି।

“ସିଏମ୍‌ସି କାହିଁକି ଏଠି ଦୋକାନଗୁଡିକୁ କମ୍ ମୂଲ୍ୟରେ ଭଡା ଦେଇଛି, ତାହା ଭଗବାନଙ୍କୁ ଜଣା। ସିଏମ୍‌ସିଠାରୁ କେତେଜଣ ଲୋକ ଭଡା ସୂତ୍ରରେ ଦୋକାନ ଘର ନେଇଛନ୍ତି। ପରେ ତାହାକୁ ଅନ୍ୟ ଲୋକଙ୍କୁ ମାସିକ ପ୍ରାୟ ୪ ହଜାର ଟଙ୍କାରେ ଭଡା ସୂତ୍ରରେ ଦେଇଛନ୍ତି। ସେହିପରି ଆଉ କିଛି ଲୋକ ମୌଖିକ ଭାବେ ଲକ୍ଷାଧିକ ଟଙ୍କାରେ ଅନ୍ୟ ଲୋକଙ୍କୁ ଦୋକାନ ଘର ବିକ୍ରି କରିଦେଇଛନ୍ତି। ଏସବୁ ହେବା ପଛରେ ସିଏମ୍‌ସିର କେତେଜଣ ଅସାଧୁ କର୍ମଚାରୀଙ୍କର ପ୍ରଚ୍ଛନ୍ନ ହାତ ରହିଥିବା ସନ୍ଦେହ କରାଯାଉଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ସତ ଲୋକଲୋଚନକୁ ଆସିପାରିବ।

**- ସୁବାସ ସାହୁ, ବ୍ୟବସାୟୀ, ପିଲିଗ୍ରୀମ୍‌ରୋଡ୍**

“ଆମେ ଟିଣ କ୍ୟାବିନରେ ଦୋକାନ କରି ପ୍ରତି ମାସରେ ଭଡା ବାବଦ ଅର୍ଥ ୪୫୦ ଟଙ୍କା ସିଏମସିକୁ ଦେଉଛି। ହେଲେ ଆମ ଦୋକାନ ସମ୍ମୁଖରେ ସିଏମ୍‌ସିଠାରୁ କୋଠାଘର ନେଇ ଦୋକାନ କରିଥିବା ବ୍ୟବସାୟୀଙ୍କଠାରୁ ଭଡା ୪୫ ଟଙ୍କା ଆଦାୟ କରାଯାଉଛି। ଏହା ଅତ୍ୟନ୍ତ ଅନ୍ୟାୟ । ଅନ୍ୟପକ୍ଷରେ କମ୍ ମୂଲ୍ୟରେ ଭଡା ଦେବା ଦ୍ୱାରା ସିଏମ୍‌ସି ରାଜସ୍ୱ ହରାଉଛି।

**- ବିଦ୍ୟାଧର ଦାଶ, ବ୍ୟବସାୟୀ, କଲେଜ ଛକ**

“ଦୋକାନ ଭଡା ଚୁକ୍ତିପତ୍ର ଅନୁଯାୟୀ ପ୍ରତ୍ୟେକ ୩ ବର୍ଷରେ ୧୦ ପ୍ରତିଶତ ବୃଦ୍ଧି ହେବା କଥା। ମାତ୍ର ତାହା ବହୁ ବର୍ଷ ହେବ ହୋଇପାରିନାହିଁ। ଏବେ ଏମାନଙ୍କର ଭଡା ବୃଦ୍ଧି ପାଇଁ ସିଏମ୍‌ସି ନିର୍ବାହୀ ଅଧିକାରୀଙ୍କୁ ପ୍ରସ୍ତାବ ଦେଇଛି। ଅତିଶୀଘ୍ର ଏହା ଲାଗୁ ହେବାକୁ ଯାଉଛି। ତେବେ ବେଆଇନ ଭାବେ ନିର୍ମାଣ ହୋଇଥିବା ଦୋକାନ ସମ୍ବନ୍ଧରେ ଏବେ ଜାଣିବାକୁ ପାଇଲି। ଖୁବ୍‌ଶୀଘ୍ର ଏକ ସର୍ଭେ ଟିମ୍ ଉକ୍ତ ଅଞ୍ଚଳକୁ ଯାଇ ତଦନ୍ତ କରିବ।

**- ଲତାଶ୍ରୀ ବାଗ୍, ସଚିବ, ସିଏମ୍‌ସି**

## ‘ଆନ୍ଥ୍ରୋପୋସିନକୁ ବୁଝିଲେ ବିନାଶକାରୀ ପରିସ୍ଥିତି ସୁଧୁରିବ’



କାର୍ଯ୍ୟକ୍ରମରେ ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦଙ୍କୁ ସମ୍ମାନିତ କରାଯାଉଛି।

କଟକ ଅଫିସ,୨୨।୮

ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଶିକ୍ଷା ବିଭାଗ ପକ୍ଷରୁ ଶନିବାର ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ନ୍ୟାଶନାଲ ରେଲ୍ ଟ୍ରାନ୍ସପୋର୍ଟ ଇନ୍‌ଷ୍ଟିଚ୍ୟୁଟ୍‌ର ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦ ଯୋଗଦେଇ କହିଥିଲେ, ବର୍ତ୍ତମାନ ଆନ୍ଥ୍ରୋପୋସିନ୍ ଯୁଗରେ ମାନବଜାତି ନିଜର ସଚେତନତା ଓ ସାମର୍ଥ୍ୟ ଦ୍ୱାରା ମାନବ ସଭ୍ୟତା ସହ ପ୍ରାକୃତିକ ଜୀବଜଗତର ସୁରକ୍ଷା କରିପାରିବ। ମହାମାରୀ, ପ୍ରାକୃତିକ ବିପର୍ଯ୍ୟୟ ଆଦି ସଙ୍କଟର ମୁକାବିଲା ପାଇଁ ଉଭୟ ମାନବୀୟ ବିଜ୍ଞାନ ଏବଂ ପ୍ରାକୃତିକ ବିଜ୍ଞାନ ମିଳିତ ଭାବରେ କାର୍ଯ୍ୟ କରିବାର ସମୟ ଆସିଛି। ଆନ୍ଥ୍ରୋପୋସିନ୍ ଏବଂ ବିଶ୍ୱ ପ୍ରଣାଳୀ ବିଜ୍ଞାନକୁ ବୁଝିପାରିଲେ ହିଁ ବିନାଶକାରୀ ପରିସ୍ଥିତିର ସୁଧାର ଆସିପାରିବ। ଆନ୍ଥ୍ରୋପୋସିନ୍‌କୁ ପାଠ୍ୟକ୍ରମରେ ସାମିଲ କଲେ ଆଗାମୀ ପିଢି ସଚେତନ ଓ ସୁରକ୍ଷିତ ରହିପାରିବେ ବୋଲି ନନ୍ଦ କହିଥିଲେ। ଏଥିରେ ଶିକ୍ଷା, ଇତିହାସ ବିଭାଗ ପ୍ରାଧ୍ୟାପକ ଓ ଗବେଷକମାନେ ଯୋଗଦେଇଥିଲେ। ଏହି ଅବସରରେ ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷା ବିଭାଗର ପ୍ରାଧ୍ୟାପକ ଡ. ସୁଦର୍ଶନ ମିଶ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଡ. ଶରତ କୁମାର ରାଉତ ଅତିଥି ପରିଚୟ ପ୍ରଦାନ, ଡ. ବିକଳି ଚରଣ ଦାସ କାର୍ଯ୍ୟକ୍ରମ ସଞ୍ଚାଳନ ଓ ଡ. ଅଶୋକ ଦଂଶାନା ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଭାଙ୍ଗିଲେ ଦୁର୍ବୃତ୍ତ

ବାରଙ୍ଗ,୨୨।୮(ଡି.ଏନ୍.ଏ.): ଗୋଡ଼ିସାହି ଫାଣ୍ଡି ଅଧୀନ ସାନମୁଣ୍ଡଳି ଗ୍ରାମ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ କେହି ଦୁର୍ବୃତ୍ତ ଭାଙ୍ଗି ଦେଇଥିବା ନେଇ ରବିବାର ଅଭିଯୋଗ ହୋଇଛି। ସୂଚନା ମୁତାବକ, ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ଦ୍ୱାରା ସ୍ୱାଧୀନତା ଦିବସରେ ବିଦ୍ୟାଳୟ ପରିସରରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଅନାବରଣ କରାଯାଇଥିଲା। ଶନିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଏହି ପ୍ରତିମୂର୍ତ୍ତିକୁ ଭାଙ୍ଗି ଦେଇଥିଲେ। ଏହା ଜଣାପଡ଼ିବା ପରେ ପ୍ରାଥମିକ ଉଚ୍ଚ ବିଦ୍ୟାଳୟ ଓ ଗ୍ରାମ କମିଟିର ସଦସ୍ୟଙ୍କ ପକ୍ଷରୁ ଫାଣ୍ଡିରେ ଅଭିଯୋଗ କରାଯାଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଛି।

### ଲୁଟ୍ ଘଟଣା: ୩ ଗିରଫ

ନିଆଳି, ୨୨।୮ (ଡି.ଏନ.ଏ.): ଲୁଟ୍ ଅଭିଯୋଗରେ ନିଆଳି ପୋଲିସ ୩ ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ବାଲିପାଟଣା ଥାନା ଅଧୀନ ନରିଶୋ ଗ୍ରାମର ଦେବେନ୍ଦ୍ର କୁମାର ଭୋଇ, ନିଆଳି ଥାନା ପୋଖରୀଗାଁର ଅନ୍ୟାନ ରାଉତ ଓ ପହଙ୍ଗା ତରଡପଡା ଗ୍ରାମର ବିଶ୍ୱଜିତ୍ ଲେଙ୍କା। ସେମାନଙ୍କଠାରୁ ଲୁଟ୍‌ରେ ବ୍ୟବହୃତ ଏକ ବାଇକ୍, ୧୦ ହଜାର ଟଙ୍କା ଓ ଭ୍ୟାନିଟ୍ ବ୍ୟାଗ ଜବତ କରାଯାଇଛି। ଅଭିଯୋଗ ଅନୁଯାୟୀ, ଶନିବାର ସନ୍ଧ୍ୟାରେ ନିଆଳି ଥାନା ବନମାଳିପୁର ଗ୍ରାମର କୈଳାସ ଚନ୍ଦ୍ର ଦାସ ନିଜ ସ୍କୁଟିରେ ବୋହୂ ଓ ନାତିକୁ ନେଇ ନିଆଳି ଆସୁଥିଲେ। ଉକ୍ତ ରାସ୍ତାର ହଳଦୀବସନ୍ତଠାରେ ୪ ଜଣ ଦୁର୍ବୃତ୍ତ ୨ଟି ବାଇକ୍‌ରେ ଆସି ସ୍କୁଟିକୁ ଗୋଇଠା ମାରିଥିଲେ। ଫଳରେ ଭାରସାମ୍ୟ ହରାଇ ସ୍କୁଟି ଆରୋହୀ ତଳେ ପଡି ଯାଇଥିଲେ। ପରେ ଦୁର୍ବୃତ୍ତମାନେ କୈଳାସଙ୍କ ବୋହୂଙ୍କ ବେକରୁ ଚେନ୍ ଓ ଭ୍ୟାନିଟ୍ ବ୍ୟାଗ ଲୁଟ୍ କରି ଫେରାର ହୋଇଯାଇଥିଲେ। ଏନେଇ କୈଳାସ ନିଆଳି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୨୫/୨୧) ରୁଜୁ କରିଥିଲା। ଏହି ଘଟଣାରେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି।

### ପ୍ରକୃତି, ଗୋପୂଜନ କାର୍ଯ୍ୟକ୍ରମ

ନିଶ୍ଚିନ୍ତକୋଇଲି, ୨୨।୮(ସ୍ୱ.ପ୍ର.): ପବିତ୍ର ଗହ୍ମା ପୂର୍ଣ୍ଣିମା ଅବସରରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଏକ ନିଆରା ଢଙ୍ଗରେ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ସୁନିଲ କୁମାର ମିଶ୍ରଙ୍କ ମାର୍ଗ ଦର୍ଶନରେ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଗୋପୂଜନ, ପ୍ରକୃତି ପୂଜନ, ପଞ୍ଚଭୂତ ପୂଜାର୍ଚ୍ଚନା କରାଯାଇଛି। ବରିଷ୍ଠ ନାଗରିକ, ସେନା କର୍ମଚାରୀ ଓ ଚାଷୀଙ୍କ ହାତରେ ରାଖୀ ବାନ୍ଧିଛନ୍ତି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସୁଶୀଲ କୁମାର ବିଶୋଇ ଓ ମାନସୀ ପରିଜା ବିଭିନ୍ନ ସ୍ଥାନରେ ସ୍ଥାନୀୟ ଲୋକଙ୍କୁ ସାମିଲ କରି ଗଛର ଉପକାରିତା ଓ ପ୍ରକୃତିର ଆବଶ୍ୟକତା ସମ୍ପର୍କରେ ସଚେତନତା କରାଇବା ସହ ଗଛରେ ରାଖୀ ବାନ୍ଧିଥିଲେ। ଏହି କାର୍ଯ୍ୟକ୍ରମରେ ରବୀନ୍ଦ୍ର ସାଥୁଆ, ସତ୍ୟାନନ୍ଦ ସାହୁ, ପ୍ରସନ୍ନ ମହାନ୍ତି, ନମିତା ସ୍ୱାଇଁ, ଶୁଭସ୍ମିତା ପଣ୍ଡାଙ୍କ ସମେତ ବିଦ୍ୟାଳୟର ଗୁରୁମାଗୁରଜୀ ଓ ସେବିକା ଯୋଗଦେଇଥିଲେ।

### ଜଗନ୍ନାଥପୁରରେ କଳତନ୍ତ ଉଦ୍‌ଘାଟିତ

ବାଙ୍କୀ,୨୨।୮(ସ୍ୱ.ପ୍ର.): ବାଙ୍କୀ ବ୍ଲକ ଜଗନ୍ନାଥପୁର ପଞ୍ଚାୟତର ଜଗନ୍ନାଥପୁର ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ରବିବାର ମା'ମଙ୍ଗଳା ଉତ୍ପାଦକ ଗୋଷ୍ଠୀ ଆନୁକୂଲ୍ୟରେ କଳତନ୍ତ ପ୍ରକଳ୍ପକୁ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ ମା'ମଙ୍ଗଳା ଉତ୍ପାଦକ ଗୋଷ୍ଠୀ, ଓରମାସ ଏବଂ ଓଡିଶା ଜୀବିକା ମିଶନକୁ ପ୍ରଶଂସା କରିଥିଲେ। ଓରମାସ ସହାୟତାରେ ଜଗନ୍ନାଥପୁରରେ କଳତନ୍ତ ପ୍ରକଳ୍ପ କରାଯିବା ଦ୍ୱାରା ତନ୍ତ ଶାଢୀ ଖୁବଶୀଘ୍ର ମେଶିନ ସାହାଯ୍ୟରେ ଉତ୍ପାଦନ ହୋଇପାରିବ। ଏହାଦ୍ୱାର ମହିଳାମାନେ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଓରମାସର ଯୁଗ୍ମ ମୁଖ୍ୟ ନିର୍ଦ୍ଦେଶକ ବିପିନ ବିହାରି ରାଉତ, ବାଙ୍କୀ ବ୍ଲକ ଉପାଧକ୍ଷ ମଦନ ମୋହନ ନାୟକ, ବଳଭଦ୍ରପୁର ସରପଞ୍ଚ ବିଜନ ବାବୁ, ଅନନ୍ତ ଚରଣ ଦାସ ପ୍ରମୁଖ ଯୋଗଦେଇଥିଲେ।

## ଗଛରେ ରାଖୀ ବାନ୍ଧି ପରିବେଶ ସୁରକ୍ଷା ବାର୍ତ୍ତା ଦେଲେ



କଟକ ତୁଳସୀପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀମାନେ ଗଛରେ ରାଖୀ ବାନ୍ଧୁଛନ୍ତି।

କଟକ ଅଫିସ, ୨୨।୮

କଟକ ସହରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ ରବିବାର ପାଳିତ ହୋଇଛି। ତୁଳସୀପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ନାରାୟଣ ପ୍ରସାଦ ଷଡଙ୍ଗୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଉତ୍ସବରେ ସମସ୍ତ ଆଚାର୍ଯ୍ୟାଆଚାର୍ଯ୍ୟ ଯୋଗଦେଇ ଗୋପୂଜନ କରିଥିଲେ। ଏଥିସହ ଛାତ୍ରୀମାନେ ପରିବେଶ ସୁରକ୍ଷା ବାର୍ତ୍ତା ଦେଇ ଗଛରେ ରାଖୀ ବାନ୍ଧିଥିଲେ। ଆଚାର୍ଯ୍ୟ ସ୍ମୃତିରଞ୍ଜନ ମହାନ୍ତି, ନୀଳମଣି ବିଶ୍ୱାଳ ଓ ସୁଜାତା ପରିଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିଭଳି ଜୟ ଜଗନ୍ନାଥ ସେବା ସମିତି ପକ୍ଷରୁ କଟକ ବଡ ମେଡ଼ିକାଲର ଆମ୍ବୁଲାନ୍ସ ଓ ବ୍ୟାଟେରି ଗାଡି ଚାଳକ, ସିକ୍ୟୁରିଟି ଗାର୍ଡ, ସଫେଇ କର୍ମଚାରୀଙ୍କ ହାତରେ ରାଖୀ ବନ୍ଧା ଯାଇଥିଲା। ସଭାପତି ମନୋଜ ପଣ୍ଡା, ଚିନ୍ମୟୀ ଦାସ, ପ୍ରଜ୍ଞା ପରିମିତା ନାୟକ, ମହେଶ୍ୱତା ସାହୁ, ବିଶ୍ୱରୂପା ସାହୁ ପ୍ରମୁଖ କାର୍ଯ୍ୟ ପରିଚାଳନା କରିଥିଲେ। ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମଙ୍କୁ ତାଙ୍କ ଆବାସିକ କାର୍ଯ୍ୟାଳୟରେ ସହରର ବିଭିନ୍ନ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା ରାଖୀ ବାନ୍ଧିଥିଲେ।

## କାଠଯୋଡ଼ି ନଦୀରୁ ଯୁବତୀଙ୍କୁ ଉଦ୍ଧାର କରିଥିବା ୨ ଯୁବକ ସମ୍ବର୍ଦ୍ଧିତ

କଟକ ଅଫିସ,୨୨।୮

କାଠଯୋଡ଼ି ନଦୀରୁ ଜଣେ ଯୁବତୀଙ୍କୁ ବଞ୍ଚାଇଥିବା ୨ ଯୁବକ ସନାତନ ଲୁହାର ଓ ରାକେଶ କୁମାର ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମଧୁପାଟଣା ଥାନା ଅନ୍ତର୍ଗତ ଜୟ ଜଗନ୍ନାଥ କ୍ଲବ ପକ୍ଷରୁ ରବିବାର ଏକ କାର୍ଯ୍ୟକ୍ରମରେ ଉଭୟଙ୍କୁ ଅଙ୍ଗବସ୍ତ୍ର ଓ ଫୁଲହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ କ୍ଲବ ଉପଦେଷ୍ଟା ନୀଲୁମୋହନ ମଲ୍ଲିକ, ସଭାପତି ସନ୍ତୋଷ ମଲ୍ଲିକ, ଉପସଭାପତି ସୁବାସ ମହାରଣା, ସନ୍ତୋଷ ବେହେରା, ସାଧାରଣ ସମ୍ପାଦକ ବାଦଲ ସାହୁଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗତ ୨୦ ତାରିଖ ରାତି ୮ଟାବେଳେ କାଠଯୋଡି ପୋଲ ଉପରୁ ଜଣେ ଯୁବତୀ ଆତ୍ମହତ୍ୟା କରିବାକୁ ନଦୀକୁ ଡେଇଁ ପଡିଥିଲେ। ଏହା ଦେଖି ସେଠାରେ ଥିବା ଲୋକମାନେ ଚିତ୍କାର କରଥିଲେ। ଚିତ୍କାର ଶୁଣି ସ୍ଥାନୀୟ ପଞ୍ଚମୁଖୀ ହନୁମାନ ମନ୍ଦିରରେ ବସିଥିବା ସନାତନ ଓ ରାକେଶ ପହଞ୍ଚି ନଦୀରୁ ଯୁବତୀକୁ ଉଦ୍ଧାର କରିଥିଲେ। ଏହି ସାହସିକତା କାର୍ଯ୍ୟ ପାଇଁ ଉଭୟଙ୍କୁ ପ୍ରଶଂସା କରାଯାଇଥିଲା।

## ଓଡ଼ିଆ ସାହିତ୍ୟ ପ୍ରତି ଗଙ୍ଗାଧରଙ୍କ ଅବଦାନ ଅତୁଳନୀୟ



ଟାଙ୍ଗୀଠାରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳନ କରାଯାଉଛି।

କଟକ ଅଫିସ/ଟାଙ୍ଗୀ (କଟକ) ୨୨।୮(ଡି.ଏନ୍.ଏ.)

ଉତ୍କଳ ସାହିତ୍ୟ ସମାଜ ଅନୁଷ୍ଠାନ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସବ ଅନୁଷ୍ଠାନ ପରିସରରେ ରବିବାର ପାଳିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ତରୁଣ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ଉପସଭାପତି ସଞ୍ଜିତ୍ କୁମାର ପଟ୍ଟନାୟକ, ଆଦିତ୍ୟ ପ୍ରତାପ ଧଳ, କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ସୁନାମଣି ରାଉତ, ବ୍ରହ୍ମାନନ୍ଦ ମହାନ୍ତି, ଦେବ ପ୍ରସାଦ ମିଶ୍ର, କମଳ ମାହୁନ୍ତ ପ୍ରମୁଖ ଯୋଗଦେଇ ମେହେରଙ୍କ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନ ପରିସରରେ ଥିବା ଗଙ୍ଗାଧର ମେହେର ଓ ଅନ୍ୟ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ବ୍ରହ୍ମାନନ୍ଦ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ସେହିପରି ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଟାଙ୍ଗୀ ବିଦ୍ୟାପୀଠ ପୁରାତନ ଛାତ୍ର ପାଠାଗାର ପକ୍ଷରୁ ରବିବାର ସ୍ୱଭାବ କବିଙ୍କ ଜୟନ୍ତୀ ପାଳିତ ହୋଇଥିଲା। ପାଠାଗାର ସଭାପତି ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉତ୍କଳ ପୂଜନ ପରିଷଦ ସଭାପତି କୈଳାସ ଚନ୍ଦ୍ର ବରାଳ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ଓଡ଼ିଆ ସାହିତ୍ୟ ପ୍ରତି ଗଙ୍ଗାଧରଙ୍କ ଅବଦାନ ଅତୁଳନୀୟ। କବି ଲକ୍ଷ୍ମୀଧର ମହାରଣା କବିତା ପାଠ କରିଥିଲେ। ଏଥିରେ କୃଷ୍ଣଚନ୍ଦ୍ର ସାହୁ, ଲକ୍ଷ୍ମୀନାରାୟଣ ଦାସ, ବାବାଜୀ ମହାନ୍ତି, ବନମାଳୀ ସାହୁ, ଅଶୋକ ପୃଷ୍ଟି, ହେମନ୍ତ ମହାରଣା, ଅକ୍ଷୟ ବେହେରା, ବିନୋଦ ବେହେରା, କ୍ଷେତ୍ରବାସୀ ବରାଳ ପ୍ରମୁଖ ଯୋଗଦେଇ ମେହେରଙ୍କ ସାହିତ୍ୟକୃତି ଉପରେ ଆଲୋକପାତ କରିଥିଲେ। ପାଠାଗାର ସମ୍ପାଦକ ଅଜୟ କୁମାର ପୃଷ୍ଟି ଧନ୍ୟବାଦ ଦେଇଥିଲେ।

## ସଙ୍ଗଠନକୁ ତୃଣମୂଳ ସ୍ତରରୁ ସୁଦୃଢ଼ କର

ସାଲେପୁର,୨୨।୮(ଡି. ଏନ.ଏ)

ସାଲେପୁର ବିଜୁଜନତା ଦଳ ପକ୍ଷରୁ ୪୪ ନମ୍ବର ଜୋନ୍‌ସ୍ତରୀୟ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବହୁଗ୍ରାମ ପଞ୍ଚାୟତସ୍ଥିତ ସୋୟା ମଣ୍ଡପ ପରିସରରେ ଆୟୋଜିତ ବୈଠକରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ସଙ୍ଗଠନକୁ ତୃଣମୂଳସ୍ତରରୁ ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଜିଲା ପରିଷଦ ସଭ୍ୟ ଶୁବାଶିଷ ପ୍ରଧାନ ପୌରୋହିତ୍ୟ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଯୁବ ବିଜେଡି ସମ୍ପାଦକ ତଥା ସାମାଜିକ କର୍ମୀ ବିଶ୍ୱଜିତ୍ ଚାଟାର୍ଜୀ, ପଞ୍ଚାୟତ ବିଜେଡି ସଭାପତି ବିଜୟ କୁମାର ରାୟ, ସତ୍ୟ ଦାଶ, କୃଷ୍ଣ ଚନ୍ଦ୍ର ଲେଙ୍କା, ମିଲି ରାଣୀ ବୋଷ ଓ ତୃପ୍ତି ରେଖା ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ।

## କାର୍ଯ୍ୟକ୍ଷମ ହେଲାନି ଟ୍ରାନ୍ସଫର୍ମର

କଟକ ସଦର, ୨୨।୮ (ଡି.ଏନ.ଏ.)

### ଚୋରି ହୋଇଗଲା ଯନ୍ତ୍ରାଂଶ



ଅଚଳ ଅବସ୍ଥାରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର।

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ପଞ୍ଚାୟତ ଅଥଙ୍ଗା ସେତୁ ନିକଟରେ ୨୦୧୯ରେ ଏକ ୨୫ କେଭିଏ ବିଦ୍ୟୁତ୍ ଟ୍ରାନ୍ସଫର୍ମର ସ୍ଥାପନ କରାଯାଇଥିଲା। ଏହା କାର୍ଯ୍ୟକ୍ଷମ ହୋଇଥିଲେ ସେତୁ ନିକଟରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଆଲୋକିତ ହେବା ସହ ଅଥଙ୍ଗା-ମୀର୍ଜାଇପୁର ସେତୁକୁ ବିଦ୍ୟୁତୀକରଣ କରାଯାଇଥାନ୍ତା। ଇତିମଧ୍ୟରେ ୨ ବର୍ଷ ବିତିଯାଇଥିଲେ ସୁଦ୍ଧା ଟ୍ରାନ୍ସଫର୍ମର କାର୍ଯ୍ୟକ୍ଷମ ନ ହୋଇପାରିବାରୁ ଦୁର୍ବୃତ୍ତମାନେ ଏହାର ମୂଲ୍ୟବାନ ଯନ୍ତ୍ରାଂଶ ଚୋରି କରି ନେଇଯାଇଛନ୍ତି। ଫଳରେ ଉଦ୍ଦିଷ୍ଟ ଲକ୍ଷ୍ୟ ପୂରଣ ହୋଇପାରିଲା ନାହିଁ ବୋଲି କନ୍ଦରପୁର ସରପଞ୍ଚ ପ୍ରଫୁଲ୍ଲ କୁମାର ଭୋଇ କହିଛନ୍ତି। ଏହାକୁ ତୁରନ୍ତ ସଜାଡ଼ିବା ବ୍ୟବସ୍ଥା କରିବାକୁ ସେ ଦାବି କରିଛନ୍ତି। ୨୦୧୮ରେ କଟକ ସଦର ବିଧାୟକ ଚନ୍ଦ୍ରସାରଥୀ ବେହେରା ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ୩ଲକ୍ଷ ୫୦ ହଜାର ଟଙ୍କା ମଞ୍ଜୁର କରିଥିଲେ। ଏହି ଅର୍ଥରେ ଟ୍ରାନ୍ସଫର୍ମର ସ୍ଥାପନ ସହ ହାଇମାଷ୍ଟ ଲାଇଟ୍ ଲଗାଇବା ପାଇଁ କଟକ ସଦର ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବ୍ଲକ କର୍ତ୍ତୃପକ୍ଷ ବିଭାଗୀୟ ତତ୍ତ୍ୱାବଧାନରେ ଟ୍ରାନ୍ସଫର୍ମର ବସାଇ ବିଲ୍ କରିଛନ୍ତି। ମାତ୍ର ଏହାକୁ ସେସୁକୁ ହସ୍ତାନ୍ତର କରାଯାଇ ନ ଥିଲା। ଏ ସମ୍ପର୍କରେ ବିଡିଓ ରାଜୀବ ଲୋଚନ ପରିଡ଼ାଙ୍କୁ ପଚାରିବାରୁ ସେ କିଛି ଜାଣି ନାହାନ୍ତି ବୋଲି କହିଥିଲେ।

## ପେଣ୍ଟାଗନ୍, ନଶା ବାର୍ ସିଲ୍

ଭୁବନେଶ୍ୱର,୨୨।୮(ବ୍ୟୁରୋ)




ପେଣ୍ଟାଗନ୍ ବାର୍ ଆଣ୍ଡ ହୋଟେଲକୁ ସିଲ୍ କରାଯାଉଛି।

### ହାଇପ୍ରୋଫାଇଲ୍ ଜୁଆ ଆଡ୍ଡା, ମଦ ଆସର ଘଟଣା

- ୩ ମହିଳାଙ୍କ ସମେତ ୧୩ ଜେଲ ଗଲେ
- ନେପାଳର ୨ ଓ ପଶ୍ଚିମବଙ୍ଗର ଜଣେ ମହିଳା

ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ କଟକ ରୋଡ୍‌ର ଲକ୍ଷ୍ମୀସାଗର ଛକ ନିକଟରେ ଥିବା ପେଣ୍ଟାଗନ୍ ବାର୍ ଆଣ୍ଡ ହୋଟେଲ ଓ ନଶା ବାର୍‌କୁ ରବିବାର ବିଏମ୍‌ସି ପକ୍ଷରୁ ସିଲ୍ କରାଯାଇଛି। ସପ୍ତାହାନ୍ତ ଶଟ୍‌ଡାଉନ୍‌ରେ ପେଣ୍ଟାଗନ୍ ବାର୍‌ରେ ଜୁଆ ଆଡ୍ଡା ଚାଲିଥିଲା। ସେହିଭଳି ନଶା ବାର୍‌ରେ ମଦ କାରବାର ଚାଲିଥିବାରୁ ଏଭଳି ପଦକ୍ଷେପ ନିଆଯାଇଛି। ସିଲ୍‌ବେଳେ ବିଏମ୍‌ସିର ଆସିଷ୍ଟାଣ୍ଟ କମିଶନର (ଏନ୍‌ଫୋର୍ସମେଣ୍ଟ) ଲିଳନ ପ୍ରସାଦ ସାହୁ, ଜୋନାଲ ଡେପୁଟି କମିଶନର ଅଂଶୁମାନ ରଥ ଓ ଲକ୍ଷ୍ମୀସାଗର ଆଇଆଇସି ଓମ୍ ପ୍ରକାଶ ମହାନ୍ତି ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଶନିବାର ରାତିରେ ପେଣ୍ଟାଗନ୍ ବାର୍‌ରେ ପୋଲିସ ଚଢ଼ାଉବେଳେ ଗିରଫ ହୋଇଥିବା ୩ ଅଣଓଡ଼ିଆ ମହିଳାଙ୍କ ସମେତ ୧୩ଜଣଙ୍କୁ ମଧ୍ୟ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏମାନେ ହେଲେ ଲକ୍ଷ୍ମୀସାଗର ଅଞ୍ଚଳର ବିଭୂଦତ୍ତ ପାତ୍ର, ମଞ୍ଚେଶ୍ୱର ଥାନାଞ୍ଚଳର ମନୋରଞ୍ଜନ ନାୟକ, ପୂର୍ଣ୍ଣଚନ୍ଦ୍ର ସାହୁ, ନୟାପଲ୍ଲୀର ନାରାୟଣ ମହାପାତ୍ର, ବାଲିଅନ୍ତାର ଅରବିନ୍ଦ ମଶ୍ର, ଏୟାରପୋର୍ଟ ଥାନାଞ୍ଚଳର ଅଭିରାମ ସୁବୁଦ୍ଧି, କଟକ ଲାଲବାଗ୍ ଅଞ୍ଚଳର ମହମ୍ମଦ ଅବ୍‌ଦୁଲ, କଟକ ସଦରର ସୌମେନ୍ ସାଙ୍ଗାନାରାଇ, ଯାଜପୁର ବଡଚଣା ଥାନାଞ୍ଚଳର ପବିତ୍ର ମୋହନ ବିଶ୍ୱାଳ, ନେପାଳ ଲୁମ୍ବିନି ଜିଲାର ଶ୍ରଦ୍ଧା ପତ୍ରୀ, କାଠମାଣ୍ଡୁର ସଞ୍ଜିତା ଲାଇଟେଲ୍ ଓ ପଶ୍ଚିମବଙ୍ଗ ନୋଇଡାର ପିଙ୍କି ଚାଟାର୍ଜି। ଏନେଇ ପୋଲିସ ମାମଲା (ନଂ.୨୬୯/୨୧) ରୁଜୁ କରିଛି। ହୋଟେଲ ମାଲିକଙ୍କ ଜାଣତରେ ଏସବୁ ଚାଲିଥିଲା କି ନାହିଁ ସେନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ପେଣ୍ଟାଗନ ବାର୍ ସମେତ କଟକ ରୋଡ୍‌ରେ ଥିବା ବିଭିନ୍ନ ହୋଟେଲ ଓ ବାର୍‌ରେ ହାଇ ପ୍ରୋଫାଇଲ ଜୁଆ ଖେଳ ଚାଲୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରି ଆସୁଥିଲେ ମଧ୍ୟ ପୋଲିସ ସେପରି ପଦକ୍ଷେପ ନେଇ ନ ଥିଲା। ତେବେ ଶନିବାର ଶଟ୍‌ଡାଉନ୍‌ରେ ସେଠାରେ ସେକ୍ସ ର୍‍ୟାକେଟ ଚାଲିଥିବା ନେଇ ଲକ୍ଷ୍ମୀସାଗର ପୋଲିସକୁ ଖବର ମିଳିବା ପରେ ରାତି ପ୍ରାୟ ୮ଟା ୩୦ରେ ପୋଲିସ ଟିମ୍ ଓ ସ୍ପେଶାଲ ସ୍କ୍ୱାଡ୍ ସେଠାରେ ଅତର୍କିତ ଚଢ଼ାଉ କରିଥିଲା। ରୁମ୍ ନଂ.୪୧୦, ୪୧୧ ଓ ୪୧୨କୁ ଭଡ଼ାରେ ନିଆଯାଇ ଜୁଆ ଆଡ୍ଡା ଚାଲିଥିଲା। ଯୁବତୀଙ୍କ ଉପସ୍ଥିତିରେ ମଦର ଆସର ବି ଜମିଥିଲା। ଏହାପରେ ପୋଲିସ ସେଠାରୁ ୧୩ଜଣଙ୍କୁ ଗିରଫ କରିବା ସହ ଘଟଣାସ୍ଥଳରୁ ୨ଲକ୍ଷ ୫୬ ହଜାର ଟଙ୍କା ଓ ଜୁଆ ଖେଳ ସାମଗ୍ରୀ ଜବତ କରିଥିଲା।

## ସଂକ୍ଷେପରେ

### ଝୁଲଣ ଉତ୍ସବ ଉଦ୍‌ଯାପିତ



ଜଟଣୀ,୨୨।୮(ଡି.ଏନ୍‌.ଏ.): ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ବଡନୂଆଗାଁ ଅଞ୍ଚଳରେ ୫ଦିନ ଧରି ଚାଲିଥିବା ଝୁଲଣ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଗୋପାଳଜୀ ମଠ ମହନ୍ତ ପ୍ରେମାନନ୍ଦ ଦାଶଙ୍କ ତତ୍ତ୍ୱାବଧାନରେ ଝୁଲଣ ଉତ୍ସବ ଆୟୋଜିତ ହୋଇଥିଲା। ରବିବାର ସନ୍ଧ୍ୟାରେ ପାରମ୍ପରିକ ନୀତିକାନ୍ତି ସହ ଭଜନ କୀର୍ତ୍ତନ କରାଯାଇଥିଲା। ଭକ୍ତ ନାରାୟଣ ଜେନା, ପଦ୍ମଚରଣ ଜେନା, ହରେକୃଷ୍ଣ ଜେନା, ଲକ୍ଷ୍ମଣ ଦାସ ପ୍ରମୁଖ ଉତ୍ସବରେ ସହଯୋଗ କରିଥିଲେ। ସ୍ଥାନୀୟ ଅଞ୍ଚଳର ଅନେକ ଭକ୍ତ ଯୋଗଦେଇ କରୋନା ମହାମାରୀ ଦୂରୀଭୂତ ନିମନ୍ତେ ପ୍ରାର୍ଥନା କରିଥିବା ଦେଖିବାକୁ ମିଳିଥିଲା।

### ପେଣ୍ଟାଗନ୍, ନଶା ବାର୍ ସିଲ୍, ୧୩ ଗିରଫ

ଭୁବନେଶ୍ୱର,୨୨।୮(ବ୍ୟୁରୋ): ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ କଟକ ରୋଡ୍‌ର ଲକ୍ଷ୍ମୀସାଗର ଛକ ନିକଟରେ ଥିବା ପେଣ୍ଟାଗନ୍ ବାର୍ ଆଣ୍ଡ୍ ହୋଟେଲ ଓ ନଶା ବାର୍‌କୁ ରବିବାର ବିଏମ୍‌ସି ପକ୍ଷରୁ ସିଲ୍ କରାଯାଇଛି। ସପ୍ତାହାନ୍ତ ଶଟ୍‌ଡାଉନ୍‌ରେ ପେଣ୍ଟାଗନ୍ ବାର୍‌ରେ ଜୁଆ ଆଡ୍ଡା ଚାଲିଥିଲା। ସେହିଭଳି ନଶା ବାର୍‌ରେ ମଦ କାରବାର ଚାଲିଥିବାରୁ ଏଭଳି ପଦକ୍ଷେପ ନିଆଯାଇଛି। ସିଲ୍‌ବେଳେ ବିଏମ୍‌ସିର ଆସିଷ୍ଟାଣ୍ଟ କମିଶନର (ଏନ୍‌ଫୋର୍ସମେଣ୍ଟ) ଲିଲନ ପ୍ରସାଦ ସାହୁ, ଜୋନାଲ ଡେପୁଟି କମିଶନର ଅଂଶୁମାନ ରଥ ଓ ଲକ୍ଷ୍ମୀସାଗର ଆଇଆଇସି ଓମ୍ ପ୍ରକାଶ ମହାନ୍ତି ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଶନିବାର ରାତିରେ ପେଣ୍ଟାଗନ୍ ବାର୍‌ରେ ପୋଲିସ ଚଢ଼ାଉବେଳେ ଗିରଫ ହୋଇଥିବା ୩ ଅଣଓଡ଼ିଆ ମହିଳାଙ୍କ ସମେତ ୧୩ଜଣଙ୍କୁ ମଧ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏମାନେ ହେଲେ ଲକ୍ଷ୍ମୀସାଗର ଅଞ୍ଚଳର ବିଭୂଦତ୍ତ ପାତ୍ର, ମଞ୍ଚେଶ୍ୱର ଥାନାଞ୍ଚଳର ମନୋରଞ୍ଜନ ନାୟକ, ପୂର୍ଣ୍ଣଚନ୍ଦ୍ର ସାହୁ, ନୟାପଲ୍ଲୀର ନାରାୟଣ ମହାପାତ୍ର, ବାଲିଅନ୍ତାର ଅରବିନ୍ଦ ମଶ୍ର, ଏୟାରପୋର୍ଟ ଥାନାଞ୍ଚଳର ଅଭିରାମ ସୁବୁଦ୍ଧି, କଟକ ଲାଲବାଗ୍ ଅଞ୍ଚଳର ମହମ୍ମଦ ଅବ୍‌ଦୁଲ, କଟକ ସଦରର ସୌମେନ୍ ସାଙ୍ଗାନାରାଇ, ଯାଜପୁର ବଡଚଣା ଥାନାଞ୍ଚଳର ପବିତ୍ର ମୋହନ ବିଶ୍ୱାଳ, ନେପାଳ ଲୁମ୍ବିନି ଜିଲାର ଶ୍ରଦ୍ଧା ପତ୍ରୀ, କାଠମାଣ୍ଡୁର ସଞ୍ଜିତା ଲାଇଟେଲ୍ ଓ ପଶ୍ଚିମବଙ୍ଗ ନୋଇଡାର ପିଙ୍କି ଚାଟାର୍ଜୀ। ଏନେଇ ପୋଲିସ ମାମଲା (ନଂ.୨୬୯/୨୧) ରୁଜୁକରି ତଦନ୍ତ ଜାରି ରଖିଛି।

### ଅଟୋରୁ ପର୍ସ ଲୁଟ୍ କରି ୨ ଗିରଫ

ଭୁବନେଶ୍ୱର,୨୧।୮(ବ୍ୟୁରୋ): ଅଟୋରୁ ପର୍ସ ଲୁଟ୍ ଅଭିଯୋଗରେ ବଡଗଡ ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସ୍ଥାନୀୟ ଥାନା ମଇଁଷାଖାଲ ବସ୍ତିର ଚନ୍ଦନ ଦାସଓ ରଘୁନାଥ ଦାସ। ଶୁକ୍ରବାର ମୁରଲି କୁମାର ଦେଇ ବିଜେବି ନଗର ରାସ୍ତାରେ ତାଙ୍କ ଅଟୋ ପାର୍କିଙ୍ଗ କରି ରାସ୍ତାରେ ଠିଆ ହୋଇଥିଲେ। ଏହି ସମୟରେ ଅଭିଯୁକ୍ତଦ୍ୱୟ ଏକ ସ୍କୁଟିରେ ଆସି ଅଟୋ ଭିତରେଥିବା ତାଙ୍କ ପର୍ସକୁ ନେଇ ଚମ୍ପଟ ମାରିଥିଲେ। ଅଭିଯୋଗକ୍ରମେ ପୋଲିସ ମାମଲା (ନଂ.୨୮୫/୨୧)ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

### ଶ୍ରୀଚୈତନ୍ୟ ବିହାରରେ ବଳଭଦ୍ର ଜନ୍ମୋତ୍ସବ

ଖୋର୍ଦ୍ଧା ଅଫିସ,୨୨।୮: ଖୋର୍ଦ୍ଧା ଉପକଣ୍ଠସ୍ଥ ଶ୍ରୀଚୈତନ୍ୟ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଶ୍ରୀଚୈତନ୍ୟ ବିହାରରେ ରବିବାର ଶ୍ରୀବଳଭଦ୍ରଙ୍କ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ନାମ ସଂକୀର୍ତ୍ତନ, ଭାଗବତ ପାଠ, ପାରାୟଣ କରାଯାଇଥିଲା। ପ୍ରଭୁ ବଳରାମ ତ୍ରେତୟାରେ ଲକ୍ଷ୍ମଣ, ଦ୍ୱାପରରେ ବଳରାମ, ଶ୍ରୀକ୍ଷେତ୍ରରେ ବଳଭଦ୍ର ଭାବେ ମାନବୀୟ ଲୀଳା କରୁଛନ୍ତି ବୋଲି ପଣ୍ଡିତ ଗୋପବନ୍ଧୁ ପଣ୍ଡା କହିଥିଲେ। ବୌଧାୟନ ମହାରାଜ, ଅନନ୍ତ ହରିଦାସ, ବ୍ରଜ ବାବା, ଯୋଗେଶ୍ୱର ସିଂ, ଗବେଷକ ଜାନକୀବଲ୍ଲଭ ପଟ୍ଟନାୟକ, ଅଶୋକ ରଣା ଓ ଶିକ୍ଷାବିତ ଜଗଦୀଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ସମ୍ପାଦକ ଜୟ ନାରାୟଣ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭାରତୀୟ ସଂସ୍କୃତିର ପ୍ରତୀକ ଗୋବଂଶ

- ଗୋସୁରକ୍ଷା ପାଇଁ ସଂକଳ୍ପ ପାଠ
- ଗୋମାତା ପୂଜନ, ଉତ୍ପାଦ ଉଦ୍‌ଘାଟନ

ଖୋର୍ଦ୍ଧା ଅଫିସ,୨୨।୮



ଉତ୍ସବରେ ଉପସ୍ଥିତ ଅତିଥିମାନେ।

ଭାରତୀୟ ସଂସ୍କୃତିର ପ୍ରତୀକ ଗୋବଂଶ। ଦେଶର ଗ୍ରାମୀଣ ଆର୍ଥିକ ବ୍ୟବସ୍ଥାର ବିକାଶ ଗୋବଂଶକୁ ପାଥେୟ କରି କରାଯାଇପାରିବ। ଆଜି ଏହି ଗୋବଂଶ ବିଲୁପ୍ତ ହେବାକୁ ବସିଛି। ଗାଈର ଗୋବର, ମୂତ୍ର, ଦୁଗ୍ଧ, ଘୃତକୁ ବ୍ୟବହାରକରି ଜୈବିକ କୃଷି ଓ ପଞ୍ଚଗବ୍ୟ ଔଷଧି ନିର୍ମାଣ ସହ କୁଟୀର ଉଦ୍ୟୋଗ ସ୍ଥାପନ କରାଯାଇପାରିବ। ଗୋବଂଶର ସୁରକ୍ଷା, ସମ୍ବର୍ଦ୍ଧନା ଓ ବିକାଶ ଜରୁରୀ ବୋଲି ରବିବାର ରାଖୀପୂର୍ଣ୍ଣିମାରେ ବିଶ୍ୱହିନ୍ଦୁ ପରିଷଦ ଖୋର୍ଦ୍ଧା ପ୍ରଖଣ୍ଡ ପକ୍ଷରୁ ଗୀତା ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମଳିପଡା ବଡ଼ ମଠ ମହନ୍ତ ଅନନ୍ତ ନାରାୟଣ ଦେବାଚାର୍ଯ୍ୟ ଯୋଗଦେଇ ଏହା କହିଛନ୍ତି। କାର୍ଯ୍ୟକ୍ରମରେ ଭିଏଚ୍‌ପି ଜିଲା ସଭାପତି ଉଦୟନାଥ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଅନନ୍ତ ମହାରାଜ ଆହୁରି କହିଥିଲେ, ଭାରତ ଏକ କୃଷି ବହୁଳ ରାଷ୍ଟ୍ର। ଦେଶର ଆତ୍ମା ଗ୍ରାମ ଓ ଗ୍ରାମର ଆତ୍ମା କୃଷକ। କୃଷକର ଆତ୍ମା ହେଉଛି ଗୋବଂଶ। ଗୋବଂଶ ସୁରକ୍ଷାରେ ଦେଶର ପ୍ରଗତି ସମ୍ଭବ। ଗୋବରରେ ମହାଲକ୍ଷ୍ମୀ ନିବାସ କରନ୍ତି। ଗୋଦୁଗ୍ଧକୁ ଅମୃତ ବୋଲି କୁହାଯାଏ। ଗୋମାତା ଶରୀରରେ ୩୩କୋଟି ଦେବଦେବୀ ବାସ କରନ୍ତି। ଗୋମାତା ପୂଜନରେ ଦେବଦେବୀ ସନ୍ତୋଷ ଲାଭ କରନ୍ତି। ଗୋଶାଳା ନିର୍ମାଣ ପାଇଁ ଜମି ଯୋଗାଇଦେବାକୁ ମହନ୍ତ ଅନନ୍ତ ନାରାୟଣ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗୀତାଭବନ ସମ୍ପାଦକ ଶକ୍ତିଶଙ୍କର ମିଶ୍ର ଯୋଗଦେଇ କହିଥିଲେ ଗୋମାତା ହେଉଛନ୍ତି ବିଶ୍ୱର ଜନନୀ। ଗୋମାତା ପୂଜନ, ନିତ୍ୟ ଦର୍ଶନ ଦ୍ୱାରା ଆତ୍ମତୃପ୍ତି, କାର୍ଯ୍ୟସିଦ୍ଧି, ଶ୍ରୀବୃଦ୍ଧି, ଐଶ୍ୱର୍ଯ୍ୟ ପ୍ରାପ୍ତି ହୋଇଥାଏ। ମୁଖ୍ୟବକ୍ତା ଭାବେ ମହନ୍ତ ଅଦ୍ୱୈତାନନ୍ଦ ମହାରାଜ କହିଲେ, ସନାତନ ସଂସ୍କୃତିରେ ଗୋବଂଶର ବିଶେଷ ମହତ୍ତ୍ୱ ରହିଛି। ପୂର୍ବରୁ ଲୋକେ ଘରେ ଗୋରୁ ରଖୁଥିଲେ। ଏବେ ସଂସ୍କୃତି ବଦଳି ଯାଇଛି। ଗୋମାତାଙ୍କ ସ୍ଥାନ କୁକୁର ନେଇଛି। ଏଭଳି ମାନସିକତାର ପରିବର୍ତ୍ତନ ହେବା ଜରୁରୀ। କାର୍ଯ୍ୟକ୍ରମରେ ମହନ୍ତ ବିଶ୍ୱ ଚୈତନ୍ୟ ମହାରାଜ, ଆର୍‌ଏସ୍‌ଏସ୍ ଜିଲା ସଂଘଚାଳକ ଲଳିତ ମୋହନ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଭିଏଚ୍‌ପି ଜିଲା ସମ୍ପାଦକ ପିଙ୍କୁ ବିଦ୍ୟାଧର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଗୋସୁରକ୍ଷା ପାଇଁ ପ୍ରଖଣ୍ଡ ସଭାପତି ବସନ୍ତ ଦାଶ ସଂକଳ୍ପ ପାଠ କରାଇଥିଲେ। ପ୍ରାତଃରୁ ବେଦପାଠ, ଚାରାରୋପଣ, ଗୋ ଉତ୍ପାଦ ଉଦ୍‌ଘାଟନ ସହ ସାମୂହିକ ଗୋଚାଳିଶା ପାଠ, ଗୋମାତା ପୂଜନ, ଆଳତି ଉତ୍ସବ ହୋଇଥିଲା। ଶେଷରେ ସାମୂହିକ ରକ୍ଷାବନ୍ଧନ ଓ ଗହ୍ମାଡ଼ିଆ ପର୍ବ ପାଳିତ ହୋଇଥିଲା।



ବାଲ୍ୟ ବିବାହ ଉଚ୍ଛେଦ ଦାବିରେ ରବିବାର ବୈଦ୍ୟେଶ୍ୱର ଥାନା କଡ଼ାମଲ୍ଲ ଗାଁ ଅଙ୍ଗନୱାଡ଼ି କେନ୍ଦ୍ର ଆନୁକୂଲ୍ୟରେ ବାହାରିଥିବା ଶୋଭାଯାତ୍ରା।

## ପରିଚୟ ବହନ କରିବ ଖୋର୍ଦ୍ଧା ଐତିହ୍ୟ ପରିଷଦ

ଖୋର୍ଦ୍ଧା ଅଫିସ,୨୨।୮

ଖୋର୍ଦ୍ଧା ଏକ ବୀର ମାଟି। ଏହାର ପ୍ରତିଟି ରେଣୁରେ ଐତିହ୍ୟ କୀର୍ତ୍ତିରାଜି ରହିଛି। ଏହାର ଗୌରବ ମଣ୍ଡିତ ପ୍ରାଚୀନ ସଂସ୍କୃତି ତଥା ଉତ୍କଳ ଗଜପତି ସମ୍ରାଟମାନଙ୍କ ରାଜଧାନୀ ଭାବେ ଖୋର୍ଦ୍ଧାର ସ୍ୱତନ୍ତ୍ର ପରିଚୟ ରହିଛି। ବ୍ରିଟିଶ କବଳରୁ ଉତ୍କଳକୁ ରକ୍ଷା ଲାଗି ଏହି ମାଟିର ବୀର ପାଇକମାନେ ବଳିଦାନ ଦେଇଥିଲେ। ଖୋର୍ଦ୍ଧା ମାଟିର ଐତିହ୍ୟ, ସଂସ୍କୃତି ଏବଂ ପରମ୍ପରା ଉଜ୍ଜୀବିତ ରଖିବା ଉଦ୍ଦେଶ୍ୟରେ ରବିବାର ଖୋର୍ଦ୍ଧା ଐତିହ୍ୟ ପରିଷଦ ଗଠନ କରାଯାଇଛି। ଜାଗୁଳିପାଟଣାସ୍ଥିତ ଶ୍ରୀଅନନ୍ତ ପୁରୁଷୋତ୍ତମଙ୍କ ପୀଠରେ ବରିଷ୍ଠ ସ୍ତମ୍ଭକାର ଉମାଶଙ୍କର ପ୍ରସାଦଙ୍କ ଆବାହକତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଖୋର୍ଦ୍ଧା ମାଟିର ସଂସ୍କୃତି, ପରମ୍ପରା ଓ ଐତିହ୍ୟ ସମେତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ଖୋର୍ଦ୍ଧା ଐତିହ୍ୟ ପରିଷଦ ଗଠନ କରାଯାଇଥିଲା। ପରିଷଦର ଉପଦେଷ୍ଟା ଭାବେ ବରିଷ୍ଠ ଖବରଦାତା ପ୍ରଭାତ ମିଶ୍ର ରହିଥିବା ବେଳେ ସଦସ୍ୟ ଭାବେ ପ୍ରଦୀପ ବେହେରା, ରଞ୍ଜିତ ସାମନ୍ତରାୟ, ରାକେଶ ସାହୁ ଏବଂ ପ୍ରଭାତ ପାଣିଗ୍ରାହୀ ପ୍ରମୁଖ ରହିଛନ୍ତି। ଏହି ଅନୁଷ୍ଠାନ ଖୋର୍ଦ୍ଧାର ବରପୁତ୍ରଙ୍କ ଅବଦାନ, ସଂସ୍କୃତି, ଐତିହ୍ୟ କୀର୍ତ୍ତିରାଜିର ସୁରକ୍ଷା, ପୁନରୁଦ୍ଧାର, ଶିକ୍ଷାୟତନ ଓ ସାହିତ୍ୟ ସମ୍ପର୍କରେ ଆଲୋଚନା, ବିଭିନ୍ନ ଧାର୍ମିକ ଅନୁଷ୍ଠାନ ଏବଂ ମହାପ୍ରଭୁଙ୍କ ଲୀଳାକ୍ଷେତ୍ର ସମ୍ପର୍କରେ ତଥ୍ୟ ସଂଗ୍ରହ ସହ ପୁସ୍ତକ ପ୍ରକାଶନ ଆଦି ବିଭିନ୍ନ କାର୍ଯ୍ୟ କରିବ ବୋଲି ଅନୁଷ୍ଠାନ ପକ୍ଷରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି।

## ‘ନିଜ ଶକ୍ତି, ସାମର୍ଥ୍ୟର ଉପଯୋଗ କର’



ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପିଲାମାନଙ୍କ ସହ କେକ୍ କାଟୁଛନ୍ତି।

**ରାଜ୍ୟପାଳଙ୍କୁ ରାଖୀ ବାନ୍ଧିଲେ ଶିଶୁସଦନ ଅନ୍ତେବାସୀ**

ଭୁବନେଶ୍ୱର, ୨୨।୮(ବ୍ୟୁରୋ)

ସମସ୍ତେ ପରମାତ୍ମାଙ୍କ ଅଂଶବିଶେଷ। ତେଣୁ କେହି ନିଜକୁ ଅସହାୟ ମନେ କରିବାର କୌଣସି କାରଣ ନାହିଁ। ଈଶ୍ୱର ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ଆମକୁ ପୃଥିବୀକୁ ପଠାଇଛନ୍ତି। ସେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ସଦାସର୍ବଦା ପରିଚାଳିତ କରୁଥାଆନ୍ତି। ଇଚ୍ଛା ପୂରଣ ପାଇଁ ସେ ଅନେକ ସମୟରେ ମାଧ୍ୟମ ଉପଲବ୍ଧ କରାନ୍ତି ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ରବିବାର ରାଜ୍ୟପାଳ ଖୋର୍ଦ୍ଧା ଭଗବତୀପୁରସ୍ଥିତ ‘ଆଦୃତା ଶିଶୁ ସଦନ’ ପରିଦର୍ଶନ କରି ଅନ୍ତେବାସୀଙ୍କ ସହ ଭାବବିନିମୟ କରିଥିଲେ। ନିଜେ ହିଁ ନିଜର ଆଲୋକ। ନିଜର ଶକ୍ତି ଓ ସାମର୍ଥ୍ୟର ଉପଯୋଗ କରିବାକୁ ସେ ପରାମର୍ଶ ଦେଇଥିଲେ। ଆୟୋଜିତ ସାମୂହିକ ଜନ୍ମଦିନ ପାଳନ ପର୍ବରେ ରାଜ୍ୟପାଳ ଯୋଗଦେଇ ସମସ୍ତଙ୍କୁ ଜନ୍ମଦିନର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ପରେ ପିଲାମାନେ ରାଜ୍ୟପାଳଙ୍କ ହାତରେ ରକ୍ଷୀ ବାନ୍ଧିଥିଲେ। ଅଧ୍ୟକ୍ଷ ପ୍ରଫେସର ଆଦିତ୍ୟ କୁମାର ମହାନ୍ତି ଶିଶୁ ସଦନ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ତେବାସୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ରାଜ୍ୟପାଳ ଶିଶୁ ସଦନକୁ ୧ ଲକ୍ଷ ଟଙ୍କାର ଉପହାର ରାଶି ପ୍ରଦାନ କରିଥିଲେ।

## ଶ୍ରାବଣୀ ଉପକର୍ମ ପାଳିତ

ନିରାକାରପୁର,୨୨।୮(ଡି.ଏନ୍‌.ଏ.)

ପବିତ୍ର ରାଖୀ ପୂର୍ଣ୍ଣମୀ ଅବସରରେ ରବିବାର ଶ୍ରୀଦେଶୁୟକା ବେଦପାଠଶାଳା ଦ୍ୱାରା ଶ୍ରାବଣୀ ଉପକର୍ମ ରାମେଶ୍ୱର ଠାରେ ପାଳିତ ହୋଇଯାଇଛି। ରାମେଶ୍ୱରସ୍ଥିତ ମନ୍ଦାକିନୀ ନଦୀ କୂଳରେ ଆଚାର୍ଯ୍ୟ ଡ.କୃପାସିନ୍ଧୁ ପଣ୍ଡାଙ୍କ ଦ୍ୱାରା ଧରିତ୍ରୀ ପୂଜା, ଗୋ ପୂଜା, ଗୁରୁ ପୂଜା, ଋଷି ପୂଜା, ଦେବଦେବୀଙ୍କୁ ଆବାହନ ପୂଜନ, ସଂସ୍କାର କର୍ମ ପାରମ୍ପରିକ ରୀତିରେ କରାଯାଇଥିଲା। ସେଠାରୁ ଆଚାର୍ଯ୍ୟ ଓ ଶିଷ୍ୟମାନେ ଶୋଭାଯାତ୍ରାରେ ଆସି ମା’ବନଦୁର୍ଗାଙ୍କ ମନ୍ଦିରରେ ଯଜ୍ଞାଦି କର୍ମ କରାଯାଇଥିଲା। ଏହି ଉତ୍ସବରେ ପଣ୍ଡିତ ତପନ ମହାପାତ୍ର, ବିଷ୍ଣୁପ୍ରିୟା ପଟ୍ଟଯୋଶୀ, ସୁଜିତ ପଣ୍ଡାଙ୍କ ସମେତ ରାମେଶ୍ୱର ଗ୍ରାମର ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।

## ବଳରାମ ଦେବଙ୍କ ଜନ୍ମ ଦିବସ

ଟାଙ୍ଗୀ (ଖୋର୍ଦ୍ଧା),୨୨।୮(ଡି.ଏନ୍‌.ଏ.)

ଟାଙ୍ଗୀସ୍ଥିତ ବଳରାମ ଦେବ ପୀଠ ଠାରେ ପ୍ରଭୁ ବଳରାମଙ୍କ ଜନ୍ମ ଦିବସ ପାଳିତ ହୋଇଯାଇଛି। ମନ୍ଦିର ପରିସର ସାଜସଜ୍ଜା, ଠାକୁରଙ୍କୁ ନୂତନ ବସ୍ତ୍ର ପରିଧାନ ସହ ହୋମ ଯଜ୍ଞ ଅନୁଷ୍ଠିତ ହୋଇଥିଲା। କର୍ତ୍ତା ଭାବେ ମହେଶ୍ୱର ପ୍ରଧାନ କାର୍ଯ୍ୟ ନିର୍ବାହ କରିଥିଲେ। ଯଜ୍ଞ କମିଟି ସମ୍ପାଦକ ବିଜୟ ରାଉତ, କୋଷାଧ୍ୟକ୍ଷ ଭଗବାନ ଚମ୍ପତି, ରମେଶ ହରିଚନ୍ଦନ, କିଶୋର ବେହେରା, ବିବେକାନନ୍ଦ ଦାସ, ବସନ୍ତ ମହାନ୍ତି, ଦେବଦତ୍ତ ମହାନ୍ତି, ପ୍ରସନ୍ନ ଶ୍ରୀଚନ୍ଦନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା ବିଏଡ୍ ଶିକ୍ଷକ ମହାସଂଘ

ଭୁବନେଶ୍ୱର, ୨୨।୮ (ବ୍ୟୁରୋ)

ଓଡ଼ିଶା ପ୍ରାଥମିକ ବିଏଡ୍ ଶିକ୍ଷକ ମହାସଂଘର ଏକ ପ୍ରତିନିଧି ମଣ୍ଡଳୀ ରବିବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛି। ଏହି ଅବସରରେ ଓଡ଼ିଶାର ଶିକ୍ଷା ଓ ଶିକ୍ଷକଙ୍କ ସମସ୍ୟାର ସମାଧାନ ପାଇଁ ସଂଘର କାର୍ଯ୍ୟକାରୀ ସଭାପତି ସରୋଜ କୁମାର ପଣ୍ଡା, ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ନାୟକ ଓ ବନବିହାରୀ ପ୍ରତିହାରୀ ପ୍ରମୁଖ କେନ୍ଦ୍ରମନ୍ତ୍ରୀଙ୍କ ସହ କଥା ହୋଇଛନ୍ତି। ଆଲୋଚନା ସମୟରେ ମହାସଂଘ ତରଫରୁ ବିଭିନ୍ନ ଦାବି ଉପସ୍ଥାପନ କରାଯିବା ସହ ତା’ର ସମାଧାନ ପାଇଁ କେନ୍ଦ୍ରମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ରାଜ୍ୟରେ ତୁରନ୍ତ ନୂତନ ଜାତୀୟ ଶିକ୍ଷାନୀତି ୨୦୨୦କୁ କାର୍ଯ୍ୟକାରୀ କରାଯିବା ସହ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଥିବା ସମସ୍ୟା, ସେଗୁଡ଼ିକ କିପରି କେନ୍ଦ୍ରୀୟ ଅନୁଦାନ ମାଧ୍ୟମରେ ସମାଧାନ ହୋଇପାରିବ ଏବଂ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମିକୁ ସଜଡ଼ା ଯାଇପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା। ରାଜ୍ୟ ସରକାର ଓଟିଇଟି ପରୀକ୍ଷା କରାଇ ବିଏଡ୍ ଶିକ୍ଷକଙ୍କୁ ନିଯୁକ୍ତି ଦେଇଥିଲେ ମଧ୍ୟ ସେମାନଙ୍କ ପାଇଁ ସ୍ୱତନ୍ତ୍ର କ୍ୟାଡର ବ୍ୟବସ୍ଥା ନ କରି ସମସ୍ତଙ୍କୁ ଗୋଟିଏ ପ୍ରକାରର ମାଟ୍ରିକ୍ ସିଟି ହାରରେ ଦରମା ଦେଉଛନ୍ତି। ସମଗ୍ର ଶିକ୍ଷା ଯୋଜନାରେ କନିଷ୍ଠ ଶିକ୍ଷକଙ୍କୁ ନିଯୁକ୍ତି ଦେଉଥିଲେ ମଧ୍ୟ କେନ୍ଦ୍ର ଦେଉଥିବା ଅନୁଦାନ ଅନୁସାରେ ଶିକ୍ଷକଙ୍କୁ ଦରମା ନ ଦେଇ ୬ବର୍ଷ ଗୋଟି ଶ୍ରମିକ ଭାବେ ଖଟାଉଛନ୍ତି। ଏଥିସହ ମୂଳ ଚାକିରୀରେ ଗଣନା ମଧ୍ୟ କରୁ ନ ଥିବା ଭଳି ବିଭିନ୍ନ ସମସ୍ୟା ସମ୍ପର୍କରେ ସଂଘ ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ ଅବଗତ କରାଯାଇଛି। ଓଡ଼ିଶାର ଶିକ୍ଷକଙ୍କୁ ଯଥୋଚିତ ନ୍ୟାୟ ପ୍ରଦାନ କରିବାକୁ ମହାସଂଘ ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ ହସ୍ତକ୍ଷେପ ପାଇଁ ଅନୁରୋଧ କରାଯାଇଛି।

## ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଭାଙ୍ଗିଲେ ଦୁର୍ବୃତ୍ତ

ବାରଙ୍ଗ,୨୨।୮(ଡି.ଏନ୍‌.ଏ.)

ଗୋଡ଼ିସାହି ଫାଣ୍ଡି ଅଧୀନ ସାନମୁଣ୍ଡଳି ଗ୍ରାମ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ କେହି ଦୁର୍ବୃତ୍ତ ଭାଙ୍ଗି ଦେଇଥିବା ନେଇ ରବିବାର ଅଭିଯୋଗ ହୋଇଛି। ସୂଚନା ମୁତାବକ, ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ଦ୍ୱାରା ସ୍ୱାଧୀନତା ଦିବସରେ ବିଦ୍ୟାଳୟ ପରିସରରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଅନାବରଣ କରାଯାଇଥିଲା। ଶନିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଏହି ପ୍ରତିମୂର୍ତ୍ତିକୁ ଭାଙ୍ଗି ଦେଇଥିଲେ। ଏହା ଜଣାପଡ଼ିବା ପରେ ପ୍ରାଥମିକ ଉଚ୍ଚ ବିଦ୍ୟାଳୟ ଓ ଗ୍ରାମ କମିଟିର ସଦସ୍ୟଙ୍କ ପକ୍ଷରୁ ଫାଣ୍ଡିରେ ଅଭିଯୋଗ କରାଯାଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଛି।

## ଅଟୋ ଧକ୍କାରେ ଭାଙ୍ଗିଲା ରେଳ ଫାଟକ

**ଫାଟକ ଟେକି ଗଳାବେଳେ ୨ ଆହତ**

ନିରାକାରପୁର,୨୨।୮(ଡି.ଏନ୍‌.ଏ.)

ଖୋର୍ଦ୍ଧା ଜିଲା ନିରାକାରପୁର ସ୍ଥିତ ନୂଆ ଜଗନ୍ନାଥ ସଡକରେ ରହିଥିବା ରେଲୱେ ଫାଟକର ଉପର ପାର୍ଶ୍ୱ ରବିବାର ଏକ ଅଟୋ ଧକ୍କାରେ ଭାଙ୍ଗି ଯାଇଥିଲା। ଫଳରେ ଉଭୟ ପାର୍ଶ୍ୱରେ ପ୍ରାୟ ଏକ କିଲୋମିଟର ପର୍ଯ୍ୟନ୍ତ ଯାନବାହନ ଅଟକି ରହିଥିଲା। ତେବେ ଦୀର୍ଘ ସମୟ ଧରି ଗେଟ ନ ଖୋଲିବାରୁ କେତେଜଣ ଗାଡିରୁ ଓହ୍ଲାଇ ଭାଙ୍ଗି ଯାଇଥିବା ଗେଟକୁ ଟେକି ରେଳଧାରଣା ଅତିକ୍ରମ କରୁଥିଲେ। ହଠାତ୍ ଗେଟଟି ଖସିଯିବାରୁ ଗେଟକୁ ଧରିଥିବା ଜଣେ ଲୋକ ଓ ଜଣେ ମହିଳା ପଥଚାରୀ ଫାଟକର ଭଙ୍ଗାଅଂଶ ବାଜି ଆହତ ହୋଇଥିଲେ। ଖବରପାଇ ଜଟଣୀ ରେଳ ସୁରକ୍ଷା ବଳ ପହଞ୍ଚି ଟ୍ରାଫିକ ନିୟନ୍ତ୍ରଣ କରିଥିଲେ। ପରେ ରେଲୱେ ଯାନ୍ତ୍ରିକ ବିଭାଗର କର୍ମଚାରୀମାନେ ପହଞ୍ଚି ଫାଟକକୁ ତିଆରି କରିବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଚଳିତ ବର୍ଷ ଗାଡି ଧକ୍କାରେ ଏହି ଗେଟ ପ୍ରାୟ ୫ଥର ଭାଙ୍ଗିଥିବା ଜଣାପଡ଼ିଛି। ଏଠାରେ ଓଭର ବ୍ରିଜ ପାଇଁ ସାଧାରଣରେ ଦାବି ହେଉଛି।



ଭାଙ୍ଗିଥିବା ଫାଟକକୁ ଟେକି ଲୋକେ ଯାତାୟାତ କରୁଛନ୍ତି।

# କରୋନା ଯୋଦ୍ଧା, ଅସହାୟଙ୍କୁ ରାଖୀ ବାନ୍ଧିଲେ

ଖୋର୍ଦ୍ଧା ଅଫିସ/ ଜଟଣୀ, ୨୨।୮ (ଡି.ଏନ.ଏ.)



ସୁରକ୍ଷା କର୍ମୀଙ୍କ ହାତରେ ଜଣେ ଯୁବତୀ ରାଖୀ ବାନ୍ଧି ଆଶୀର୍ବାଦ ନେଉଛନ୍ତି।



ସିଗ୍‌ମା ସ୍କୁଲର ଛାତ୍ରୀମାନେ ରାଖୀ ବାନ୍ଧୁଛନ୍ତି।

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଖୋର୍ଦ୍ଧା ନଗର ପକ୍ଷରୁ ରକ୍ଷାବନ୍ଧନ ଉତ୍ସବକୁ ନିଆରା ଢଙ୍ଗରେ ପାଳନ କରାଯାଇଛି। ପରିଷଦ କର୍ମକର୍ତ୍ତାମାନେ କରୋନା ଯୋଦ୍ଧା ପୋଲିସ, ଡାକ୍ତର, ନର୍ସ, ସ୍ୱାସ୍ଥ୍ୟକର୍ମୀ, ଗଣମାଧ୍ୟମ ପ୍ରତିନିଧିଙ୍କ ସମେତ ସିକ୍ୟୁରିଟି ଗାର୍ଡ, ଆମ୍ବୁଲାନ୍ସ ଡ୍ରାଇଭର, ସଫେଇ କର୍ମଚାରୀଙ୍କ ହାତରେ ରାଖୀ ବାନ୍ଧିଛନ୍ତି। ଏଥିସହ ବିଏସ୍‌ଏଫ ଏବଂ ଆଇଟିବିପି ଯବାନ, ଶିକ୍ଷାବିତ, ବୁଦ୍ଧିଜିବୀଙ୍କୁ ରାଖୀ ବାନ୍ଧି ଏକତା ଭାବର ପରିଚୟ ଦେଇଥିଲେ। ଏବିଭିପିର ଜିଲା ସଂଯୋଜକ ଗୋପବନ୍ଧୁ ଜେନାଙ୍କ ନେତୃତ୍ୱରେ ଦୀପ୍ତିମୟୀ ପ୍ରତିହାରୀ, ସୋନାଲି ମିଶ୍ର, ହର୍ଷିତା ମହାନ୍ତି, ଶୁଭଶ୍ରୀ ସାହୁ, ଅନ୍ନପୂର୍ଣ୍ଣା ସ୍ୱାଇଁ, ପ୍ରଦୀପ ସ୍ୱାଇଁ, ଜୀବନଜ୍ୟୋତି କୁଅଁର ଓ ଚନ୍ଦନ ପାଟଶାଣୀ ପ୍ରମୁଖ ସାମିଲ ଥିଲେ। ସେହିପରି ଅଣ୍ଡା ଗ୍ରାମ ଜନସେବା କେନ୍ଦ୍ରର ସଦସ୍ୟମାନେ ଗଛଗୁଡ଼ିକରେ ରାଖୀ ବାନ୍ଧି ଚାରାରୋପଣ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ପଦ୍ମନାଭ ସାହୁ, ଫକିର ମୋହନ ରାଉତରାୟ, ଗଣେଶ ବେହେରା ପ୍ରମୁଖ ଯୋଗଦେଇଥିଲେ। ପବିତ୍ର ବରାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଖୋର୍ଦ୍ଧା ବିଡିଏ କଲୋନୀସ୍ଥିତ ସିଗ୍‌ମା ପବ୍ଲିକ୍ ସ୍କୁଲରେ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଛି। ଅଧ୍ୟକ୍ଷା ମମତାଞ୍ଜଳି ପଟ୍ଟନାୟକ ଏବଂ ପରିଚାଳନା ନିର୍ଦ୍ଦେଶକ ଶୁଭ୍ରାଂଶୁ ସାମନ୍ତରାୟ ରକ୍ଷାବନ୍ଧନ ଉତ୍ସବର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ଶିକ୍ଷୟିତ୍ରୀ ସୁମିତା ତ୍ରିପାଠୀ, ଶୁଭଦର୍ଶିନୀ ଦାସ, ସନ୍ଧ୍ୟାରାଣୀ ବିଶ୍ୱାଳ, ଶିକ୍ଷକ ଜ୍ୟୋତି ପ୍ରକାଶ ସାହୁ ଓ ତୁଷାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜଟଣୀ ସହର ଓ ଆଖପାଖ ଅଞ୍ଚଳରେ ପବିତ୍ର ରକ୍ଷାବନ୍ଧନ ଓ ପ୍ରଭୁ ବଳଭଦ୍ରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଖୁଦୁପୁର ମୌଜାର ପାତ୍ରପଡାସ୍ଥ ଶ୍ରୀମାଧବ ଗୋଶାଳା ପକ୍ଷରୁ ବଳଭଦ୍ରଙ୍କ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ଗୋମାତାଙ୍କ ସୁରକ୍ଷା ଓ ସେବା ଲାଗି ସେମାନଙ୍କ ବେକରେ ରାଖୀ ବାନ୍ଧି ପୂଜାର୍ଚ୍ଚନା କରି ମିଷ୍ଟାନ୍ନ ଖୁଆଇଥିଲେ। ଗୋଶାଳା ପ୍ରତିଷ୍ଠାତା ଇଂ. ପ୍ରତାପ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ରକ୍ଷାବନ୍ଧନ ଉତ୍ସବରେ ଜଟଣୀ ଗୋସୁରକ୍ଷା ସମିତି ସଭାପତି ଚିତ୍ତରଞ୍ଜନ ପ୍ରଧାନ, ତରୁଣ ସିହ୍ନା, ଜଗନ୍ନାଥ ସ୍ୱାଇଁ, ରୋଶନ ସାହୁ, ଲକ୍ଷ୍ମୀଧର ବିଶ୍ୱାଳ, ଅଭିମନ୍ୟୁ ସ୍ୱାଇଁ ଯୋଗଦେଇଥିଲେ। ଉଦ୍‌ଭବ ଫାଉଣ୍ଡେଶନ୍ ପକ୍ଷରୁ ଜଟଣୀ ବିଏସ୍‌ଏଫ୍ ବାଟାଲିଆନ କ୍ୟାମ୍ପରେ ସୁରକ୍ଷା କର୍ମୀ ଏବଂ ଜଟଣୀ ଥାନାରେ ପୋଲିସ କର୍ମଚାରୀଙ୍କ ହାତରେ ରାଖୀ ବନ୍ଧାଯାଇଥିଲା। ଜଟଣୀ ଅଞ୍ଚଳର ଦୁଇ ଭଉଣୀ ମାନେଶ୍ୱରୀ ଓ ମାହେଶ୍ୱରୀ କାଦମ୍ବିନୀ ନିଆରା ଢଙ୍ଗରେ ରାଖୀ ପୂର୍ଣ୍ଣିମା ପାଳିଥିଲେ। ସମାଜରେ ଅଲୋଡ଼ା ହୋଇ ରହିଥିବା କେତେଜଣ ରାସ୍ତାକଡ଼ର ମଣିଷ ଏବଂ ବୃଦ୍ଧାଶ୍ରମ ଅନ୍ତେବାସୀଙ୍କୁ ରାଖୀ ବାନ୍ଧି ମିଠା ଖୁଆଇଥିଲେ। ଦୁଇ ଭଉଣୀଙ୍କ କାର୍ଯ୍ୟ ଅନେକଙ୍କୁ ପ୍ରେରଣା ଯୋଗାଇବ।

## ବଟି ମାଗି ଯୁବକ ଗିରଫ

ପୁରୀ ଅଫିସ: ବଟି ମାଗିବା ଅଭିଯୋଗରେ ଟାଉନ ଥାନା ପୋଲିସ ରବିବାର ମାର୍କଣ୍ଡେଶ୍ୱର ସାହି ଯମୁନା ଲେନ୍‌ର ରାଜେନ ମହାନ୍ତି ଓରଫ ବବୁଲ(୩୬)ଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ନିକଟରୁ ଏକ ଛୁରୀ ଜବତ ହୋଇଛି। ଏ ନେଇ କେସ ନଂ ୨୩୯/୨୧ ରୁଜୁ କରାଯାଇଛି। ସୂଚନା ଅନୁଯାୟୀ, ପୂର୍ବାହ୍ନ ପ୍ରାୟ ୧୧ଟାରେ ବାଣୁଆ ସାହିର ଶୈଳବାଳା ପୃଷ୍ଟି ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ ଯେ, ଜଣେ ଅସାମାଜିକ ବ୍ୟକ୍ତି ତାଙ୍କ ଘର ନିକଟକୁ ଆସି ଗାଳି ଗୁଲଜ କରିବା ସହ ୨ଲକ୍ଷ ଟଙ୍କା ଦାଦାବଟି ମାଗିଥିଲେ। ଟଙ୍କା ନ ଦେଲେ ତାଙ୍କୁ ଭୟଙ୍କର ପରିସ୍ଥିତି ଭୋଗିବାକୁ ପଡ଼ିବ ବୋଲି ଧମକ ଦେଇଥିଲେ। ଏହାପରେ ପୋଲିସ ବବୁଲଙ୍କୁ ଗିରଫ କରିଛି।



ଶ୍ରୀମନ୍ଦିର ହୁଣ୍ଡିରୁ ଆୟ
୨୨।୦୮।୨୦୨୧
୨୪୨୯ ଟଙ୍କା

# ୭ ମାସରେ ୭୪୨ ଯକ୍ଷ୍ମା ପୀଡ଼ିତ

ପୁରୀ ଅଫିସ,୨୨।୮:

ଯକ୍ଷ୍ମା ସଂକ୍ରମିତ ଚିହ୍ନଟ କ୍ଷେତ୍ରରେ ରାଜ୍ୟରେ ପୁରୀ ଜିଲା ୩ନମ୍ବର ସ୍ଥାନରେ ରହିଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ଏହାକୁ ସଫଳତା କହୁଥିବାବେଳେ ଜିଲାରେ ଯକ୍ଷ୍ମା ସ୍ଥିତି ସଙ୍ଗିନ ଥିବା ସାଧାରଣରେ ଅଭିଯୋଗ ହେଉଛି। ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରୁ ମିଳିଥିବା ତଥ୍ୟ ଅନୁଯାୟୀ, ଗତ ଜାନୁୟାରୀରୁ ଜୁଲାଇ ଶେଷ ସୁଦ୍ଧା ୧୦ହଜାର ୬ଜଣଙ୍କ କଫ ସଂଗ୍ରହ କରାଯାଇ ପରୀକ୍ଷା କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୭୪୨ ଜଣ ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ଅର୍ଥାତ୍ ଜିଲାରେ ପ୍ରତି ଶହେ ଜଣରେ ୭ଜଣ ଯକ୍ଷ୍ମା ସଂକ୍ରମଣର ଶିକାର ହେଉଛନ୍ତି। ଏହା ବର୍ତ୍ତମାନ ସମୟରେ କରୋନା ସଂକ୍ରମଣ ହାରଠାରୁ ଅଧିକ। କରୋନା ଓ ଯକ୍ଷ୍ମା ସଂକ୍ରମଣର ମାଧ୍ୟମ ପ୍ରାୟତଃ ଏକାପ୍ରକାର ହୋଇଥିଲେ ମଧ୍ୟ ଯକ୍ଷ୍ମା ରୋଗୀଙ୍କୁ ଅବହେଳା କରାଯାଉଛି।



ସେହିଭଳି ଗତ ୨୦୨୦ ଜାନୁୟାରୀରୁ ଡିସେମ୍ବର ମଧ୍ୟରେ ଜିଲାରେ ୪୦ ଜଣ ଯକ୍ଷ୍ମା ସଂକ୍ରମଣରେ ପ୍ରାଣ ହରାଇଛନ୍ତି। ଏମାନଙ୍କ ମଧ୍ୟରେ ୩୮ ପୁରୁଷ, ଜଣେ ମହିଳା ଓ ଜଣେ ଶିଶୁ ଥିବା ସୂଚନା ମିଳିଛି।

୨୦୧୯ରେ ଦୈନିକ ରୋଗୀ ସଂଖ୍ୟା ୫୦ ଛୁଉଁଥିଲା। ମାତ୍ର ଏବେ ପ୍ରତ୍ୟହ ଅତିବେଶିରେ ୫ରୁ ୭ଜଣ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିବା ଦେଖିବାକୁ ମିଳିଛି। ଯକ୍ଷ୍ମା ହସ୍ପିଟାଲରେ ଆଇସିୟୁ ସୁବିଧା ନାହିଁ। ଫଳରେ ରୋଗୀଙ୍କୁ ଆଇସିୟୁ ସୁବିଧା ଦରକାର ପଡ଼ିଲେ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ୍ ହସ୍ପିଟାଲ୍ କିମ୍ବା ଅନ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରିବାକୁ ପଡୁଛି। ପୁରୀ ଜିଲାରେ ଯକ୍ଷ୍ମା ଚିହ୍ନଟରେ ଏତେ ଭଲ ପ୍ରଦର୍ଶନ ସତ୍ତ୍ୱେ କ'ଣ ପାଇଁ ହସ୍ପିଟାଲ୍‌ରେ କମ୍‌ସଂଖ୍ୟକ ରୋଗୀ ଭର୍ତ୍ତି ହେଉଛନ୍ତି ଓ ଯକ୍ଷ୍ମାରୋଗୀଙ୍କ ପାଇଁ କାହିଁକି ଆଇସିୟୁ ସୁବିଧା ନାହିଁ ବୋଲି ସୂଚନା ଅଧିକାର କର୍ମୀ ବିଶ୍ୱଜିତ ମହାନ୍ତି ପ୍ରଶ୍ନ କରିଛନ୍ତି। ତେବେ ଚିହ୍ନଟ ଓ ସଂକ୍ରମଣ ରୋକିବା ପାଇଁ ସବୁ ପ୍ରକାର ପଦକ୍ଷେପ ନିଆଯାଉଥିବା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଲଲାଟେନ୍ଦୁ ମିଶ୍ର କହିଛନ୍ତି। କମ୍ୟୁନିଟି ମିଟିଂ, ବିଭିନ୍ନ ଏନ୍‌ଜିଓ ସହ ବୈଠକ, ବ୍ଲକ ସ୍ତରରେ ଯକ୍ଷ୍ମାରୋଗୀଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧିତ ସୂଚନା ରଖିବା, ପୋଷଣ ଯୋଜନାରେ ମାସକୁ ୫ଶହ ହିସାବରେ ୬ମାସକୁ ୩ହଜାର ଟଙ୍କା ଦେବା, ରୋଗୀଙ୍କ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ରଖାଯିବା, ଅଙ୍ଗନୱାଡି କର୍ମୀଙ୍କୁ ୧ ହଜାର ଟଙ୍କା ଲେଖାଏ ପ୍ରଦାନ ଭଳି ସମସ୍ତ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଛି ବୋଲି ମିଶ୍ର କହିଛନ୍ତି। ଅନ୍ୟପକ୍ଷରେ ଅଭିଯୋଗ ଅନୁଯାୟୀ, ରୋଗୀଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଉନାହିଁ। ଫଳରେ ସଂକ୍ରମିତଙ୍କ ସଂଖ୍ୟା ସରକାରୀ ତାଲିକାକୁ ଉଠିପାରୁନାହିଁ। ପୁରୀ ଆଇଡିଏଚ୍‌ର ୮ ଡାକ୍ତରଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଦେଖିବାକୁ ମିଳୁନାହିଁ। ଡାକ୍ତରମାନେ ପାଳି କରି ଡ୍ୟୁଟି କରୁଥିବା ଏବଂ ଅଧିକାଂଶ ଦିନ ଅନୁପସ୍ଥିତ ରହୁଥିବା ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ମାତ୍ର ଏହି ଅଭିଯୋଗକୁ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ପ୍ରଣବ ପ୍ରକାଶ ଦାସ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ଏଭଳି ଅଭିଯୋଗ ପୂର୍ବରୁ ଆସି ନାହିଁ। ଡ୍ୟୁଟି ଚାର୍ଟ ଦେଖିବା ପରେ ଘଟଣା ତଦନ୍ତ ପରିସରଭୁକ୍ତ ହେବ।

**ପୁରୀ ଜିଲାରେ ସଂକ୍ରମଣର ଚିତ୍ର**
- ଆଇଡିଏଚ୍‌ରେ ନାହିଁ ଆଇସିୟୁ
- ନିୟମିତ ଆସୁନାହାନ୍ତି ଡାକ୍ତର



ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ବ୍ୟବସ୍ଥା ପାଇଁ ପ୍ରଶାସନ ପକ୍ଷରୁ ସିଂହଦ୍ୱାର ସମ୍ମୁଖ ବଡ଼ଦାଣ୍ଡରେ ନିର୍ମିତ ବ୍ୟାରିକେଡ୍ ।




ପୁରୀର ଶିଳ୍ପୀ ରାକେଶ ପୃଷ୍ଟିଙ୍କ ଦ୍ୱାରା ଅଙ୍କିତ ଡିଜିଟାଲ୍ ଚିତ୍ର ।

## ସଂକ୍ଷେପରେ

### ଅଲାରନାଥଙ୍କ ଗହ୍ମା ପୂର୍ଣ୍ଣିମା ନୀତି ସମ୍ପନ୍ନ

ବ୍ରହ୍ମଗିରି,୨୨।୮(ଡି.ଏନ୍.ଏ.): ପ୍ରଭୁ ଅଲାରନାଥଙ୍କ ନିକଟରେ ରବିବାର ନୀତିକାନ୍ତି ସହ ବଳଭଦ୍ର ଜନ୍ମ ଓ ଗହ୍ମା ପୂର୍ଣ୍ଣିମା ନୀତି ସମ୍ପନ୍ନ ହୋଇଛି। ସକାଳୁ ମନ୍ଦିର ଦ୍ୱାର ଫିଟାଯାଇ ସମସ୍ତ ନୀତିକାନ୍ତି ସରିବା ପରେ ବଳଭଦ୍ରଙ୍କ ଜନ୍ମ ଉତ୍ସବ ପାଳନ ହୋଇ ମହାପ୍ରଭୁଙ୍କୁ ରାଖୀ ଲାଗି କରାଯାଇଥିଲା। ଠାକୁରଙ୍କ ଏହି ନୀତି ଦେଖିବାକୁ ଭକ୍ତଙ୍କ ସମାବେଶ ହୋଇଥିଲା।

### ୪ ବର୍ଷ ପରେ ଆଉ ଜଣେ ଅଭିଯୁକ୍ତ ଗିରଫ

ବଲଙ୍ଗା,୨୨।୮(ଡି.ଏନ୍.ଏ.): ବଲଙ୍ଗା ଥାନା ଅଧୀନ ସାହାଡ଼ାପଡା ଗ୍ରାମର ପ୍ରଶାନ୍ତ ମହାନ୍ତିଙ୍କ ଘରୁ ୨୦୧୭ ନଭେମ୍ବର ୧ରେ ଡକାୟତି ହୋଇଥିଲା। ତତ୍‌କାଳୀନ ଥାନା ଅଧିକାରୀ ଏହି ଘଟଣାର ୩ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ୨ଜଣ ଫେରାର ଥିଲେ। ଦୀର୍ଘ ୪ବର୍ଷ ପରେ ଏହି ଘଟଣାରେ ସମ୍ପୃକ୍ତ ଆଉ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଏହି ଥାନା ଅଧୀନ ନରୁଡା ଗ୍ରାମର ବୀରେନ୍ଦ୍ର ପ୍ରଧାନ। ଏ ନେଇ ପୋଲିସ ଏକ ମାମଲା (ନଂ. ୧୩୮/୨୧) ରୁଜୁକରି ନିମାପଡ଼ା କୋର୍ଟରେ ହାଜର କରିଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ନିମାପଡ଼ା ଉପ-କାରାଗାରକୁ ପଠାଇ ଦିଆଯାଇଛି।

### ନିଶାଦ୍ରବ୍ୟ ଜବତ: ୪ ଗିରଫ

ପୁରୀ ଅଫିସ, ୨୨।୮: କୋରେକ୍ସ ବିକିବା ଅଭିଯୋଗରେ ତାଳବଣିଆ ଥାନା ପୋଲିସ ବଲିଆପଣ୍ଡା ମଙ୍ଗଳା ସାହିର ଭାଗିରଥି ବେହେରାଙ୍କୁ ଗିରଫ କରିଛି। ତାଙ୍କଠାରୁ ୨୨ଟି କୋରେକ୍ସ ବୋତଲ ଜବତ ହୋଇଛି। ସେହିପରି ବେଆଇନ ଭାବେ ମଦ ବିକ୍ରି ଅଭିଯୋଗରେ ଅବକାରୀ ବିଭାଗ ସମୁଦ୍ରକୂଳ ଥାନା ଅଧୀନ ପେଣ୍ଠକଟା ଅଞ୍ଚଳର କେ. ସିମାଦ୍ରୀଙ୍କୁ ଗିରଫ କରିଛି। ତାଙ୍କଠାରୁ ୨୫ ଲିଟର ମଦ ଓ ସ୍କୁଟି ଜବତ ହୋଇଛି। ଟାଉନ ଥାନା ପୋଲିସ ବାଲିସାହିର ବାବୁନା ସାହୁଙ୍କୁ ଗିରଫ କରିଛି। ତାଙ୍କଠାରୁ ୯୨ ବୋତଲ ବିଦେଶୀ ମଦ ଜବତ ହୋଇଛି। ଶୁଖିଲା ଭାଙ୍ଗ ବିକ୍ରି ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୋଲିସ ରାମଚଣ୍ଡୀ ସାହି ଅଞ୍ଚଳର ମାନସ ରଣସିଂହଙ୍କୁ ଗିରଫ କରିଛି। ତାଙ୍କଠାରୁ ୩୧ କେଜି ଶୁଖିଲା ଭାଙ୍ଗ ସହ ଗୋଟିଏ ଆଲୁମିନିୟମ ଟ୍ରଙ୍କ ଜବତ ହୋଇଛି।

### ଗୋସୁରକ୍ଷା ସଚେତନତା

କୋଣାର୍କ,୨୨।୮(ଡି.ଏନ୍.ଏ.): ଗୋବିଜ୍ଞାନ କୋଣାର୍କ ଶାଖା ଆନୁକୂଲ୍ୟରେ ରବିବାର ଗୋସୁରକ୍ଷା ସଚେତନତା ଓ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋବିଜ୍ଞାନ ଜିଲା ସଂଯୋଜକ ପ୍ରଦୀପ୍ତ କୁମାର ଛାଟୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଯୋଜକ ଭାଗୀରଥି ସ୍ୱାଇଁ ଯୋଗଦେଇଥିଲେ। ଗୋ ସମ୍ପଦର ସଦ୍‌ବିନିଯୋଗ ସହ ଜୈବିକ ପ୍ରକ୍ରିୟାରେ କାର୍ଯ୍ୟ ସମ୍ପାଦନ ପାଇଁ ସମସ୍ତେ ଗୋମାତା ସୁରକ୍ଷା ଲାଗି ସଂକଳ୍ପବଦ୍ଧ ହେବା ଉଚିତ ବୋଲି ସ୍ୱାଇଁ କହିଥିଲେ। କାର୍ଯ୍ୟକ୍ରମରେ ଗୋପ୍ରେମୀଙ୍କୁ ସଚେତନତା କରାଯିବା ସହ ସେମାନଙ୍କ ହାତରେ ରାଖୀ ପିନ୍ଧାଯାଇଥିଲା। କପିଳ ନାୟକ, ବେଣୁଧର ପରିଡା, ସୌଭାଗ୍ୟ ସ୍ୱାଇଁ, ଅଜିତ ସ୍ୱାଇଁ, ବ୍ରଜବନ୍ଧୁ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବାଳାଶ୍ରମରେ ରକ୍ଷାବନ୍ଧନ

କଣାସ,୨୨।୮(ଡି.ଏନ୍.ଏ.): ନୀଳାଚଳ ସେବା ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ ଶିଶୁଯତ୍ନ ଅନୁଷ୍ଠାନରେ ରବିବାର ରକ୍ଷାବନ୍ଧନ ପାଳିତ ହୋଇଯାଇଛି। ବାଳିକାମାନେ ବାଳକଙ୍କ ହାତରେ ରାଖୀ ବାନ୍ଧିବା ସହ ମିଠା ଖୁଆଇଥିଲେ। ଏହି ପର୍ବ ସମ୍ପର୍କରେ ଅଭିମନ୍ୟୁ ସୁନ୍ଦରାୟ ପିଲାମାନଙ୍କୁ ବୁଝାଇଥିଲେ। ସନ୍ତୋଷ ପଣ୍ଡା, ପୁଷ୍ପାଞ୍ଜଳି ସାହୁ, ସିପ୍ରା ସ୍ୱାଇଁ, ଲିନା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ନିମ୍ବ ଚାରାରୋପଣ କାର୍ଯ୍ୟକ୍ରମ

କାକଟପୁର,୨୨।୮(ଡି.ଏନ୍.ଏ.): ଉମାଶଙ୍କର ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ନିମ୍ବ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେଣ୍ଟର ଫର ଆକ୍ସନ, ପୁରୀ ପକ୍ଷରୁ ଦଇତାପତି ବିନାୟକ ଦାସ ମହାପାତ୍ର ଓ ରାଜକିଶୋର ମହାପାତ୍ରଙ୍କ ନେତୃତ୍ୱରେ ସଙ୍ଗଠନର କର୍ମକର୍ତ୍ତାମାନେ ୫୦ଟି ଚାରାରୋପଣ କରିଛନ୍ତି। କାର୍ଯ୍ୟକ୍ରମରେ ଶିକ୍ଷାବିତ ଲକ୍ଷ୍ମୀଧର ଖୁଣ୍ଟିଆ, ପ୍ରଧାନ ଶିକ୍ଷକ ଲିଙ୍ଗରାଜ ପ୍ରଧାନ, ଶିକ୍ଷକ ଉମାକାନ୍ତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର, ବିଭିନ୍ନ ମଠରେ ଝୁଲଣ ଯାତ୍ରା

ପୁରୀ ଅଫିସ, ୨୨।୮:

ଶ୍ରୀମନ୍ଦିର ସମେତ ବିଭିନ୍ନ ମଠ, ମନ୍ଦିରରେ ଝୁଲଣ ଯାତ୍ରା ଚାଲିଛି। ତେବେ କରୋନା କଟକଣା ଯୋଗୁ ଲୋକେ ଝୁଲଣଯାତ୍ରା ଦେଖିବାରୁ ବଞ୍ଚିତ ହୋଇଛନ୍ତି। ପ୍ରତିଦିନ ଶ୍ରୀମନ୍ଦିରରେ ସନ୍ଧ୍ୟା ଆଳତି ପରେ ଭୂଦେବୀ ଓ ଶ୍ରୀଦେବୀଙ୍କ ସହ ପ୍ରଭୁ ମଦନମୋହନ ଝୁଲଣକୁଞ୍ଜରେ ବିରାଜମାନ କରି ରାସ କରୁଛନ୍ତି। ସେହିପରି ବିଭିନ୍ନ ମଠ, ମନ୍ଦିର ଓ କେତେକ ପରିବାର ପକ୍ଷରୁ ଝୁଲଣ ଯାତ୍ରା ପାଳନ କରାଯାଉଛି। ଝୁଲଣ କୁଞ୍ଜରେ ବିରାଜିତ ଠାକୁରଙ୍କ ପାଖରେ ପିଠାପଣା ସହ ଫଳମୂଳ ଲାଗିକରାଯାଉଛି। ପ୍ରାୟ ଏକମାସ ପୂର୍ବରୁ କାରିଗରମାନେ ଶୁଦ୍ଧପୂତ ଭାବେ ଝୁଲଣ ନିର୍ମାଣରେ ଲାଗିଥାନ୍ତି। କୁଞ୍ଜକୁ ଆକର୍ଷଣୀୟ କରିବା ପାଇଁ ଜରି, ଜମ୍ଫୁରା, ସୋଲ, ରଙ୍ଗ ଓ ନୂଆକନା ବ୍ୟବହାର କରାଯାଇଥାଏ। ଏହି କୁଞ୍ଜରେ ଦେବାଦେବୀ, ସଖୀ, ପଶୁ, ପକ୍ଷୀ ତଥା ଗଛଲତା ସହ ସୁବାସିତ ଫୁଲ ଓ ଫଳ ସ୍ଥାନ ପାଇଥାଏ। ପ୍ରତିବର୍ଷ ଝୁଲଣ କୁଞ୍ଜ ସମ୍ମୁଖରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥାଏ। ମାତ୍ର ଚଳିତବର୍ଷ କୋଭିଡ୍ କଟକଣା ପାଇଁ ଏହା ବନ୍ଦ ରହିଛି।

## ମନମୋହିଲା ବଂଶୀ ବାଦନ, ଓଡ଼ିଶୀ ନୃତ୍ୟ

କୋଣାର୍କ,୨୨।୮(ଡି.ଏନ୍.ଏ.):





**ଝୁଲଣ ଉତ୍ସବ ଉଦ୍‌ଯାପିତ**

କୋଣାର୍କ ନାଟ୍ୟ ମଣ୍ଡପରେ ଝୁଲଣ ଉତ୍ସବ ଉପଲକ୍ଷେ ଚାଲିଥିବା ଅନ୍‌ଲାଇନ ସାଂସ୍କୃତିକ କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଯାଇଛି। ରାଧାକୃଷ୍ଣଙ୍କ ରାସଲୀଳାର ଝୁଲଣ ଝାଙ୍କିର ପ୍ରଦର୍ଶନ ପରେ ବୟୋଜ୍ୟେଷ୍ଠ ଗୋଟିପୁଅ ଗୁରୁ ଜୟକୃଷ୍ଣ ନାୟକ ଶ୍ରୀକୃଷ୍ଣଙ୍କୁ ଝୁଲଣ ଗୀତ ଓ ଭଜନ ଗାୟନ ଜରିଆରେ ଭକ୍ତି ଅର୍ଘ୍ୟ ଅର୍ପଣ କରି ଏହି ସାଂସ୍କୃତିକ ସନ୍ଧ୍ୟାର ଶୁଭାରମ୍ଭ କରିଥିଲେ। କୋଲକାତାର ସୋହିନୀ ଘୋଷ ପ୍ରଥମେ ରାଗ ପୂରବୀ ଓ ପରେ ମୀରା ଭଜନ ପରିବେଷଣ କରିଥିଲେ। ଦ୍ୱିତୀୟ ପ୍ରସ୍ତୁତିରେ ଭୁବନେଶ୍ୱରର ସମୀର ପାଣିଗ୍ରାହୀ ଓଡ଼ିଶୀ ନୃତ୍ୟରେ ପଲ୍ଲବୀରେ 'ବିଲାହାରୀ' ଓ ଅଭିନୟରେ 'ଯୋଶାବରରେ ଯଥାର୍ଥରେ ଜାଣ ମୁଁ ତୋରରେ' ଉପସ୍ଥାପନା କରିଥିଲେ। ତୃତୀୟ ତଥା ଅନ୍ତିମ ଚରଣରେ ଭୁବନେଶ୍ୱରର ବଂଶୀ ବାଦକ ଅଜିତ ତ୍ରିପାଠୀ ଅହିଁ ଭୈରବୀ ରାଗରେ ଧୂନ ତୋଳି ଓ ପରବର୍ତ୍ତୀ ପ୍ରସ୍ତୁତିରେ 'ବୈଷ୍ଣବ ଜନତୋ ତେନେ କହିୟେ ଯେ' ପରିବେଷଣ କରିଥିଲେ। ତବଲାରେ ଗୁରୁ କୁଳମଣି ସାହୁ ସହଯୋଗ କରିଥିଲେ। କୋଣାର୍କ ନାଟ୍ୟ ମଣ୍ଡପର ଯୁଗ୍ମ ସମ୍ପାଦକ ଗୁରୁପଦ ବଳିୟାରସିଂହଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଓଡ଼ିଆରେ ଅଧ୍ୟାପକ ଡ.ମୃତ୍ୟୁଞ୍ଜୟ ରଥ ସଂଯୋଜନା କରିଥିଲେ। ବୟୋଜ୍ୟେଷ୍ଠ ଓଡ଼ିଶୀ–ଗୋଟିପୁଅ ଗୁରୁ ଗୋବିନ୍ଦ ଚନ୍ଦ୍ର ପାଲ, ଗୁରୁ ମନୋରଞ୍ଜନ ପ୍ରଧାନ, ଗୁରୁ ଲିଙ୍ଗରାଜ ସ୍ୱାଇଁ, କୋଣାର୍କ ନାଟ୍ୟ ମଣ୍ଡପର ସଭାପତି ଖଗେଶ୍ୱର ଖଣ୍ଡାୟତରାୟ, କାର୍ଯ୍ୟ ନିର୍ବାହୀ ସଭାପତି ଡ.ରମଣୀ ରଞ୍ଜନ ଜେନା, ଉପସଭାପତି ପ୍ରସନ୍ନ ବେଉରିଆ, ସମ୍ପାଦକ ଶିବାଶିଷ ପ୍ରଧାନ ଓ ଗୁରୁ ଗଙ୍ଗାଧର ପ୍ରଧାନଙ୍କ ସହଧର୍ମିଣୀ ସୁଲୋଚନା ପ୍ରଧାନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ଗୁଆମାଳ ରାଖୀ ପିନ୍ଧିଲେ ସାକ୍ଷୀଗୋପାଳ

ସାକ୍ଷୀଗୋପାଳ,୨୨।୮ (ଡି.ଏନ୍.ଏ./ସ୍ୱ.ପ୍ର):

ସାକ୍ଷୀଗୋପାଳ ମନ୍ଦିରରେ ରବିବାର ପରମ୍ପରା ଅନୁଯାୟୀ ଗହ୍ମାପୂର୍ଣ୍ଣିମା ପର୍ବ ଓ ଝୁଲଣ ଯାତ୍ରା ପାଳିତ ହୋଇଯାଇଛି। ଦୈନନ୍ଦିନ ନୀତି ସହ ଦ୍ୱିପ୍ରହର ଧୂପରେ ଠାକୁରଙ୍କୁ ନୂତନ ବସ୍ତ୍ର ଲାଗି, ଆଳତି, ଉପଚାର, ଜାତ ଭୋଗରେ ଗହମ ଓ ନଡ଼ିଆପୁରରେ ପ୍ରସ୍ତୁତ ମଣ୍ଡାପିଠା ଲାଗି କରାଯାଇଥିଲା। ଏହି ଅବସରରେ ସାକ୍ଷୀଗୋପାଳ ଓ ଶ୍ରୀରାଧା ଗୁଆମାଳ ରାଖୀ ପରିଧାନ କରିଥିଲେ। ସନ୍ଧ୍ୟାରେ ଠାକୁରଙ୍କ ପ୍ରତିମା ଗହ୍ମାବେଦିକୁ ବିଜେ କରିଥିଲେ। ଝୁଲଣ କୁଞ୍ଜରେ ଠାକୁରଙ୍କୁ ଝୁଲାଇବା ସହ ଗୋଟିପୁଅ ନୃତ୍ୟ ଦେଖିବାକୁ ଭକ୍ତଙ୍କ ଭିଡ଼ ଜମିଥିଲା। ସେହିପରି ବିଭିନ୍ନ ଛକ ଓ ମନ୍ଦିର ନିକଟରେ ଏକ ଅନନ୍ୟ ପରମ୍ପରା ନଡ଼ିଆ ଲଢେଇ ପ୍ରତିଯୋଗିତାରେ ଯୁବପିଢି ସାମିଲ ହୋଇଥିଲେ।

## ଆଦିତ୍ୟବାହିନୀ, ଆନନ୍ଦବାହିନୀର କାର୍ଯ୍ୟକର୍ତ୍ତା ଚୟନ

ପୁରୀ ଅଫିସ,୨୨।୮:

ପ୍ରଭୁ ବଳଭଦ୍ରଙ୍କ ଜୟନ୍ତୀ ଅବସରରେ ରବିବାର ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ପୀଠ ପରିଷଦ ଅନ୍ତର୍ଗତ ଆଦିତ୍ୟବାହିନୀ ଓ ଆନନ୍ଦବାହିନୀର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗଦ୍‌ଗୁରୁ ନୂତନ କାର୍ଯ୍ୟକର୍ତ୍ତା ଚୟନ କରିଛନ୍ତି। ପୀଠ ପରିଷଦର ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ଦିଲ୍ଲୀର ଅଶୋକ ମଲ୍ଲିକ୍, ପ୍ରାନ୍ତୀୟ ଅଧ୍ୟକ୍ଷ ପଣ୍ଡିତ ପ୍ରଫୁଲ୍ଲ ରଥ, ପୁରୀ ଜିଲା ଅଧ୍ୟକ୍ଷ ଗୋବିନ୍ଦ ପ୍ରସାଦ ମହାନ୍ତି ଏବଂ ସଚିବ ଭାବେ ବିଚିତ୍ରାନନ୍ଦ ମହାନ୍ତିଙ୍କୁ ଦାୟିତ୍ୱ ମିଳିଛି। ସେହିପରି ଆଦିତ୍ୟ ବାହିନୀର ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ କୋଲକାତାର ପ୍ରେମଚନ୍ଦ୍ର ଝା, ରାଷ୍ଟ୍ରୀୟ ମହାସଚିବ ଓଡ଼ିଶାର ମାତୃପ୍ରସାଦ ମିଶ୍ର, ପ୍ରାନ୍ତୀୟ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ପ୍ରାନ୍ତୀୟ ସଚିବ ଶୁଭେନ୍ଦୁ ମିଶ୍ର, ପୁରୀ ଜିଲା ତଥା କେନ୍ଦ୍ରୀୟ କାର୍ଯ୍ୟାଳୟର ଅଧ୍ୟକ୍ଷ ଗଣେଶ୍ୱର ମହାସୁଆର ଏବଂ ସଚିବ ଭାବେ ଦେବାଶିଷ ମିଶ୍ରଙ୍କୁ ଦାୟିତ୍ୱ ଦିଆଯାଇଛି। ଆନନ୍ଦବାହିନୀର ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ଡ. ଇନ୍ଦିରା ଝା, ରାଷ୍ଟ୍ରୀୟ ମହାସଚିବ ଭାବେ ସୀମା ତିୱାରୀ, ଜିଲା ଅଧ୍ୟକ୍ଷା ସରିତା ଦାଶ, ସଚିବ ଚିନ୍ମୟୀ ଦେଓ ଏବଂ ସହସଚିବ ଭାବେ ବନ୍ଦନା ବାଗଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ନବନିଯୁକ୍ତ ପଦାଧିକାରୀମାନେ ଆସନ୍ତା ୩ ବର୍ଷ ପାଇଁ ଦାୟିତ୍ୱ ଭାର ସମ୍ଭାଳିବେ ବୋଲି ଗୋବର୍ଦ୍ଧନ ପୀଠ ପକ୍ଷରୁ ସୂଚନା ଦିଆଯାଇଛି।

## ମନପସନ୍ଦର ଶ୍ରୀକ୍ଷେତ୍ର ଖଜା

**ନିଆରା ଖାଦ୍ୟ**

ପୁରୀ ଅଫିସ, ୨୨।୮:

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଇଁ ଶ୍ରୀକ୍ଷେତ୍ର ଯେପରି ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି, ସେହିପରି ସୂର୍ଯ୍ୟାଭ ବେଳାଭୂମି ଏବଂ ଖାଦ୍ୟ ପାଇଁ ମଧ୍ୟ ଦେଶରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି। ପୁରୀ ଏକ ଧାର୍ମିକ ତଥା ପର୍ଯ୍ୟଟନସ୍ଥଳୀ ହୋଇଥିବାରୁ ଦେଶ ଓ ଦେଶ ବାହାରୁ ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକ ପୁରୀକୁ ବୁଲିବାକୁ ଆସିଥାନ୍ତି। ସେଥିପାଇଁ ପର୍ଯ୍ୟଟକଙ୍କ ରୁଚିକୁ ଦେଖି ପୁରୀ ସହରରେ ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ ମିଳିଥାଏ। ଏହି ଖାଦ୍ୟ ମଧ୍ୟରେ ଶ୍ରୀକ୍ଷେତ୍ର ଖଜା ଅନ୍ୟତମ। ଖଜାକୁ କେହି କେହି ଫେଣି ମଧ୍ୟ କହିଥାନ୍ତି। ଶ୍ରୀକ୍ଷେତ୍ର ଖଜା ତାର ସ୍ୱାଦ ପାଇଁ ଦେଶ ବିଦେଶରେ ପ୍ରସିଦ୍ଧ ଲାଭ କରିଛି। କେହି ପୁରୀ ଆସିଲେ ସେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ମହାପ୍ରସାଦ ପାଇଥାନ୍ତି। ଘରକୁ ବାହୁଡ଼ିବା ବେଳେ ସାଙ୍ଗରେ ମହାପ୍ରସାଦ ଓ ଖଜା ନେଇଥାନ୍ତି। ପୁରୀ ବାସିନ୍ଦା ମଧ୍ୟ ଶୁଭକାର୍ଯ୍ୟ ଓ ବିବାହ ଭାରରେ ଖଜା ପଠାଇଥାନ୍ତି। ବନ୍ଧୁ ଘରକୁ ଗଲେ ସାଙ୍ଗରେ ଖଜାପୁଡ଼ିଆ ନେଇଥାନ୍ତି। ତାଳପତ୍ର ଭୋଗେଇରେ ସିଲ୍ କରାଯାଇ ଖଜାଗୁଡ଼ିକୁ ପଠାଯାଇଥାଏ। ସେହିପରି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦୈନନ୍ଦିନ ଲାଗିହେଉଥିବା ଶୁଖୁଲି ମହାପ୍ରସାଦରେ ଖଜା ବା ଫେଣି ଲାଗିହୋଇଥାଏ। ମହାପ୍ରଭୁଙ୍କ ୫୬ ପଉଟି ଭୋଗରେ ସାମିଲ ଥିବା ଖଜା ପ୍ରସ୍ତୁତି ଶୈଳୀ ସ୍ୱତନ୍ତ୍ର। ଖଜା ତିଆରି ପାଇଁ ମଇଦା, ଭଲ ଘିଅ, ଚିନି ଓ ତେଲ ଆବଶ୍ୟକ ପଡ଼େ। ଏହା ଦେଖିବାକୁ ଲମ୍ବା ଓ ପରସ୍ତ ପରସ୍ତ ହୋଇଥାଏ। ପ୍ରଥମେ ମଇଦାରେ ତେଲ କିମ୍ବା ଘିଅ ମିଶାଇ ଭଲ ଭାବେ ମିଶାଯାଏ। ପରେ ସେଗୁଡ଼ିକୁ ଛୋଟ ଛୋଟ ରୁଟି ଗୁଳା ପରି ଗୋଲ କରାଯାଏ। ଏହାକୁ ବେଲି ଗୋଲ ମୋଟା ରୁଟି ପରି ଗଢ଼ାଯାଏ। ଏହାକୁ ପୁଣି ପରସ୍ତ ପରସ୍ତ କରି ବେଲାଯାଇ ଲମ୍ବା ଲମ୍ବା ଖଜା ଆକାର ଦିଆଯାଇଥାଏ।

ପରେ ଧିମା ଆଞ୍ଚରେ ତେଲ କିମ୍ବା ଘିଅରେ ଛଣାଯାଇଥାଏ। ଖଜା ଛଣା ହୋଇ ଥଣ୍ଡା ହେବା ପାଇଁ ରଖାଯାଏ। ପରେ ଚିନିରେ ଶିରା ତିଆରି କରାଯାଇ ଏହି ଛଣା ଖଜାକୁ ଏଥିରେ କିଛି ସମୟ ପକାଯାଇ ବାହାରକୁ କାଢ଼ି ଆଣି ଥଣ୍ଡା କରାଯାଇଥାଏ। ଏଭଳି ଖଜା ପ୍ରସ୍ତୁତ ହୋଇଥାଏ। ଖଜାର ଆକୃତି ଓ ସ୍ୱାଦ ଦୃଷ୍ଟିରୁ ଏହାକୁ ବିଭିନ୍ନ ପ୍ରକାରରେ ବିଭକ୍ତ କରାଯାଇଛି। ଗେଡି ଖଜା, ମିଡିୟମ ଖଜା, ସୋ ଖଜା, ପେଟି ଖଜା, ବଡ ଖଜା ଓ ଚାଲୁ ଖଜା। ସେହିପରି ଚାହିଦା ଅନୁଯାୟୀ ମସଲା ଖଜା, ଖାସ୍ତା ଖଜା, ଭଲ ଘିଅ ଖଜା, ଲୁଣି ଖଜା ପ୍ରଭୃତି ଦୋକାନରେ ଉପଲବ୍ଧ ହୋଇଥାଏ। ୯୦ ଟଙ୍କାରୁ ୫୦୦ ଟଙ୍କା ପର୍ଯ୍ୟନ୍ତ ଖଜାର ମୂଲ୍ୟ ରହିଛି। ଏହି ବ୍ୟବସାୟରେ ପ୍ରାୟ ୧ହଜାର ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜଡ଼ିତ। ଶ୍ରୀମନ୍ଦିର ଚାରିପାଖେ ବହୁ ଖଜା ଦୋକାନ ଖୋଲିଛି। ପୂର୍ବରୁ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ଖଜାପଟି ରହିଥିଲା।



ତେବେ ମେଘନାଦ ପାଚେରିଠାରୁ ୭୫ ମିଟର ଉଚ୍ଛେଦ ହେବା କାରଣରୁ ଖଜାପଟିକୁ ଉଚ୍ଛେଦ କରାଯାଇଛି। ଫଳରେ ଏବେ ଶ୍ରୀମନ୍ଦିର ଚାରିପାଖ ସହିତ ସହରର ବିଭିନ୍ନ ସ୍ଥାନରେ ଖଜା ଦୋକାନ ଖୋଲିଛି। ନୃସିଂହ ସୁଇଟ୍ସ, ନରସିଂହ ସୁଇଟ୍ସ, ଟେଷ୍ଟ ଆଣ୍ଡ ଟ୍ୱିଷ୍ଟ, ମା'ଦକ୍ଷିଣ କାଳୀ ସୁଇଟ୍ସ, ଲକ୍ଷ୍ମୀ ନୃସିଂହ ଖଜା ଦୋକାନ, ଭଗବତୀ, ଜଗନ୍ନାଥ ଏବଂ ଜଗାବଳିଆ ପରି ବଡ଼ ବଡ଼ ଖଜା ଦୋକାନ ରହିଛି। ଖଜା ବ୍ୟବସାୟ ଭଲ ହେଉଥିଲେ ମଧ୍ୟ ବର୍ତ୍ତମାନ କରୋନା କଟକଣା, ଲକ୍‌ଡାଉନ, ଶଟ୍‌ଡାଉନ ଯୋଗୁ ବ୍ୟବସାୟୀ କ୍ଷତି ସହୁଛନ୍ତି। ତେବେ କରୋନା ପ୍ରଭାବ କମୁଥିବାରୁ ପୁରୀକୁ ଭକ୍ତ ଓ ପର୍ଯ୍ୟଟକଙ୍କ ଆଗମନ ଯୋଗୁ ବ୍ୟବସାୟ ଭଲ ହେବ ବୋଲି ବ୍ୟବସାୟୀମାନେ ଆଶା ବାନ୍ଧିଛନ୍ତି।

## ଗୋବଂଶ ସୁରକ୍ଷା ଉପରେ ଗୁରୁତ୍ୱ

ପୁରୀ ଅଫିସ/ଗୋପ,୨୨।୮(ଡି.ଏନ୍.ଏ.):

ଗୋବଂଶର ସୁରକ୍ଷା ପ୍ରତି ଗୁରୁତ୍ୱ ଦେବାର ସମୟ ଏବେ ଆସିଛି। ନଚେତ ଆଗାମୀ ଦିନରେ ଗୋବଂଶ ଲୋପ ପାଇଯିବ ବୋଲି ରବିବାର ଗୋପ ବ୍ଲକ ଅଧୀନ ପଲ୍ଲିଛକସ୍ଥିତ ସ୍ୱସ୍ତିସେବା ସମିତିରେ ଗୋପୂଜନ ଉତ୍ସବରେ ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପରିଡା ଯୋଗଦେଇ ଏହା କହିଛନ୍ତି। ସମିତି ସମ୍ପାଦକ ସମ୍ପଦ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ କମଳାକାନ୍ତ କୁଅଁର, ଆଲୋକ ମିଶ୍ର, ଶଶିକାନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ। କାଳିଆବୋଦା ଗାଦିରେ ମାଗଣା ଗୋସେବା ସହ ଔଷଧ ବଣ୍ଟାଯାଇଥିଲା। ସମିତି ସଦସ୍ୟମାନେ ବିଭିନ୍ନ ଗ୍ରାମକୁ ଯାଇ ରାଖୀ ବାନ୍ଧିଥିଲେ।

ସେହିପରି ପୁରୀ ସହରସ୍ଥ ଶ୍ରୀରାମ ସୁନ୍ଦରକାଣ୍ଡ ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ପରିଚାଳିତ ଗୋବିନ୍ଦ ଗୋଧାମ ଗୋଶାଳା ପରିସରରେ ଟ୍ରଷ୍ଟ ପ୍ରତିଷ୍ଠାତା ଓ ସମ୍ପାଦକ ପଣ୍ଡିତ ବିଷ୍ଣୁଚରଣ ପଣ୍ଡାଜୀ ମହାରାଜଙ୍କ ନେତୃତ୍ୱରେ ରବିବାର ଗୋମାତା ପୂଜନ ଓ ରକ୍ଷା ବନ୍ଧନ ପାଳିତ ହୋଇଛି। ଗୋମାତାଙ୍କୁ ପୂଜନ କରିବା ସହିତ ଉପସ୍ଥିତ ଅତିଥିମାନେ ଗୋମାତାଙ୍କୁ ଖିରି, ପିଠା, ଚାରା, ଲଡୁ ଖୁଆଇଥିଲେ। କାର୍ଯ୍ୟକ୍ରମରେ ନିରଞ୍ଜନ ପତି, ରାମଚନ୍ଦ୍ର ଦାସମହାପାତ୍ର, କମଲ ଅଗ୍ରୱାଲ, ଅଭିମନ୍ୟୁ ଗୁରୁ, କୃଷ୍ଣଚନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀକ୍ଷେତ୍ର ଉରଦ୍ୱାର ମହାବୀର ହୋମ୍ କମିଟି ପକ୍ଷରୁ ଗୋପୂଜନ ଉତ୍ସବ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବିମଳେନ୍ଦୁ ମହାନ୍ତି, ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ଦୀପକ ସାହୁ, ଆଲୋକ ପଣ୍ଡା, ଶ୍ରୀଧର ପାଢ଼ୀ, ମଦନମୋହନ ହୋତା, କିଶନ ପଣ୍ଡା, ରଞ୍ଜିତ ମହାନ୍ତି, ଜଗନ୍ନାଥ ମିଶ୍ର, କାହ୍ନୁଚରଣ ସାହୁ ଓ ସୁବାସ ପାତ୍ର ଉପସ୍ଥିତ ଥିଲେ। ଉତ୍କଳ ବାଳାଶ୍ରମରେ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଛି। ରୋଟାରୀ କ୍ଲବ ପକ୍ଷରୁ ରାଖୀ, ମିଠା ପ୍ରଭୃତି ଯୋଗାଇ ଦିଆଯାଇଥିଲା।

## ମଦ ଦୋକାନକୁ ବିରୋଧ, ୨ ସ୍ଥାନରେ ବିକ୍ଷୋଭ

ନିମାପଡ଼ା/ଅସ୍ତରଙ୍ଗ, ୨୨।୮(ଡି.ଏନ୍.ଏ.):

ନିମାପଡ଼ା ବ୍ଲକ ଅନ୍ତର୍ଗତ ଚାରିଛକ ବଜାରରେ ଖୋଲାଯାଇଥିବା ନୂତନ ବିଦେଶୀ ମଦ ଦୋକାନ ବନ୍ଦ ଦାବିରେ ରବିବାର ଦଳିତ ଅଧିକାର ସଙ୍ଗଠନ ଓ ଚାରିଛକ ନିଶାମୁକ୍ତ ଅଭିଯାନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଚାରିଛକ ବଜାରସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ବିକ୍ଷୋଭ ସହ ନାରାବାଜି ଦେଇଥିଲେ। ଏଠାରେ ବିଭିନ୍ନ ସ୍କୁଲ, ମହିଳା କଲେଜ, ସ୍ୱାସ୍ଥ୍ୟକେନ୍ଦ୍ର, ଶୈବପୀଠ ରହିଥିବାରୁ ମଦ ଦୋକାନ ଖୋଲିବା ସମୀଚୀନ ନୁହେଁ ବୋଲି କର୍ମକର୍ତ୍ତାମାନେ କହିଥିଲେ। ଏନେଇ ଦଳିତ ଅଧିକାର ସଙ୍ଗଠନ ଓ ନିଶାମୁକ୍ତ ଅଭିଯାନ ପକ୍ଷରୁ ବିଧାୟକ ତଥା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଜିଲାପାଳ, ଅବକାରୀ ଏସ୍‌ପି, ନିମାପଡ଼ା ଏସଡିପିଓ ଏବଂ ଆଇଆଇସିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଅଶୋକ ରାଉତ, ବ୍ରହ୍ମାନନ୍ଦ ଭୋଇ, ସୁମନ୍ତ ଭୋଇ, ସୁନୀଲ କାଣ୍ଡି, ବାନାମ୍ବର ରାଉତ, ମଣ୍ଟୁ ବାରିକ, ଦିଲ୍ଲୀପ ଭୋଇ, ହରିହର ଭୋଇଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଅନ୍ୟପଟେ ସରକାରୀ ନିୟମାନୁସାରେ ଏଠାରେ ମଦ ଦୋକାନ ଖୋଲାଯାଇଛି ବୋଲି ଦୋକାନ ମାଲିକ କହିଛନ୍ତି।

ସେହିପରି ଅସ୍ତରଙ୍ଗ ବଜାରରେ ଖୋଲିଥିବା ନୂତନ ବିଦେଶୀ ମଦ ଦୋକାନକୁ ସ୍ଥାନାନ୍ତର ଦାବି ଜୋର ଧରିଛି। ରବିବାର ସାମାଜିକ କର୍ମୀ ଦୁଷ୍ମନ୍ତ ପରିଡାଙ୍କ ନେତୃତ୍ୱରେ ମହିଳା ମହାସଂଘର ଶତାଧିକ ମହିଳା ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରିବା ସହ ମଦ ଦୋକାନ ଆଗରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଠାରେ ଦୁଇଟି ମନ୍ଦିର, ବସ୍‌ଷ୍ଟାଣ୍ଡ, ବ୍ୟାଙ୍କ ଓ ବ୍ୟବସାୟ ପ୍ରତିଷ୍ଠାନ ରହିଛି। ଫଳରେ ଲୋକେ ପ୍ରଭାବିତ ହେବା ଆଶଙ୍କା ଥିବାରୁ ସ୍ଥାନାନ୍ତର କରାଯାଉ ବୋଲି ମହିଳାମାନେ କହିଥିଲେ। ଏଠାରୁ ଦୋକାନ ସ୍ଥାନାନ୍ତର ନ ହେବା ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଜାରିରହିବ ବୋଲି ମହିଳାମାନେ କହିଛନ୍ତି। ବିକ୍ଷୋଭରେ ସମ୍ପାଦିକା କୁନି ନାୟକ, ଉଷାରାଣୀ ବହିଆ, ଝୁନୁ ଲତା ବେହେରା, ମୋତି ମହାରଣା, ବିଷ୍ଣୁପ୍ରିୟା ପଣ୍ଡା, କଳ୍ପନା ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



ଦଳିତ ଅଧିକାର ସଙ୍ଗଠନ ଓ ଚାରିଛକ ନିଶାମୁକ୍ତ ଅଭିଯାନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ।